ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁଲାଇ ୨୧/୨୦୧୯ (୨୦ ପୃଷ୍ଠା) Bhubaneswar, Sunday, July 21/2019 (ଛୁଟିଦିନ ସହ) ★★★★★★
୪୫ଶ ଭାଗ ୨୩୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



**ବଲିଉଡରେ ଜାହ୍ନବୀଙ୍କ ବର୍ଷପୂର୍ତ୍ତି**

ଅଭିନେତ୍ରୀ ଜାହ୍ନବୀ କପୁର ବଲିଉଡରେ ଅଭିନୟ ଜୀବନର ବର୍ଷେ ପୂରଣ କରିଥିବାରୁ ସୋସିଆଲ୍ ମିଡିଆରେ ଭାବାବେଗପୂର୍ଣ୍ଣ ଲେଖା ପୋଷ୍ଟ କରିଛନ୍ତି।

୦୨ ୧୮

**ଶିବ ଥାପ୍ପାଙ୍କୁ ସ୍ୱର୍ଣ୍ଣ**

ଶିବ ଥାପ୍ପା ପ୍ରଥମ ଭାରତୀୟ ବକ୍ସର ଭାବେ କାଜାଖସ୍ତାନର ଅଷ୍ଟାନାଠାରେ ଚାଲିଥିବା ପ୍ରେସିଡେଣ୍ଟ୍ସ କପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।



**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

**ଭାରତର ଚନ୍ଦ୍ର ଅଭିଯାନ**

**ଆଜିର ମନ୍ତବ୍ୟ**

“ କଶ୍ମୀର ପ୍ରସଙ୍ଗର ସମାଧାନକୁ ବିଶ୍ୱର କୌଣସି ଶକ୍ତି ରୋକି ପାରିବ ନାହିଁ।

–ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ

NECC NATIONAL EGG CO-ORDINATION COMMITTEE 20.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 60 | 106 | 116 |
| CTC | 61 | 107 | 117 |
| DKL | 60 | 106 | 116 |
| BDK | 59 | 105 | 115 |
| BLS | 59 | 105 | 115 |
| ANG | 59 | 105 | 115 |
| BHM | 60 | 106 | 116 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers

■ ଦୁର୍ନୀତିରେ ଉବୁଟୁବୁ ଖଦି ବୋର୍ଡ

# ଖାଇଗଲେ ମହୁଚାଷୀଙ୍କ ଟଙ୍କା

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଦୁର୍ନୀତିରେ ଉବୁଟୁବୁ। ମହୁଚାଷୀଙ୍କୁ ତାଲିମ ଦେବା, ମହୁବାକ୍ସ କିଣିବାନେଇ କୋଟି କୋଟି ଟଙ୍କା ହଡ଼ପ ହୋଇଛି। ଏହି ମହାଦୁର୍ନୀତିକୁ ଜାଣିଶୁଣି ଚାପି ଦିଆଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ଏଥିପାଇଁ କୋଟି କୋଟି ଟଙ୍କା ଅନୁଦାନ ଦେଉଥିବାବେଳେ ଏହାର ଫାଇଦା ଚାଷୀଙ୍କୁ ମିଳୁନାହିଁ। ସଂସ୍ଥା ଦାୟିତ୍ୱରେ ଥିବା ଅଫିସର ଓ ଏହାର ଅଧ୍ୟକ୍ଷ ଏ ସମସ୍ତ ଅର୍ଥକୁ ହଡ଼ପ କରୁଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରାଯାଉ। ଏ ନେଇ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଉତ୍ତର ରଖନ୍ତୁ। ଭାଜପା ସଦସ୍ୟମାନେ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡରେ ହୋଇଥିବା ମହାଦୁର୍ନୀତିକୁ ନେଇ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରାଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଥିବା ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟରେ ମଧ୍ୟ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି। ଗତ ୨୦ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟକୁ ଦିଆଯାଇଥିବା ଅନୁଦାନର କୌଣସି ହିସାବ ନାହିଁ। ଶହ ଶହ କୋଟି ଟଙ୍କା ହଡ଼ପ କରାଯାଇଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ସଦସ୍ୟମାନେ ବିଧାନସଭା ହୁଲ୍ସ୍ଥୂଲ୍ କରିଛନ୍ତି। ଫଳରେ ଶୂନ୍ୟକାଳ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ପ୍ରବଳ ହୋହଲ୍ଲା ଯୋଗୁ ବିଧାନସଭାକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ଏହି ଦୁର୍ନୀତିର ତଦନ୍ତ ପାଇଁ ପଦକ୍ଷେପ ନେବାଲାଗି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ, କଂଗ୍ରେସ ଦଳ ନେତା ନରସିଂହ ମିଶ୍ର, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ନିଜ ଚାମ୍ବରକୁ ଡାକି ଆଲୋଚନା କରିଛନ୍ତି।

**ବିଧାନସଭାରେ ବିରୋଧୀଙ୍କ ହଙ୍ଗାମା**

- ■ ଭିଜିଲାନ୍ସ ତଦନ୍ତ ଦାବି କଲା ଭାଜପା
- ■ ବିଶ୍ୱବିଦ୍ୟାଳୟ ଅନୁଦାନ ଦୁର୍ନୀତିକୁ ନେଇ ସରକାରଙ୍କୁ ଘେରିଲା କଂଗ୍ରେସ
- ■ ସର୍ବଦଳୀୟ ବୈଠକ ଡାକିଲେ ବାଚସ୍ପତି



ଶନିବାର ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡରେ ବ୍ୟାପକ ଦୁର୍ନୀତି ହୋଇଥିବା କଥା ଉଠାଇଥିଲେ। ସେ କହିଥିଲେ ଯେ, ରାଜ୍ୟ ଓ କେନ୍ଦ୍ର ସରକାର ୨୦୧୪ରୁ ୨୦୧୭ ମଧ୍ୟରେ ଏହି ବୋର୍ଡକୁ ୮୬ କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ରାଜ୍ୟ ସରକାର ୩୯ କୋଟି ୯୪ ଲକ୍ଷ ଟଙ୍କା ଅନୁଦାନ ଦେଇଥିବାବେଳେ କେନ୍ଦ୍ର ସରକାର ୪୬.୨୮ କୋଟି ଟଙ୍କା ଦେଇଛନ୍ତି। ମହୁ ଚାଷ ଓ ଖଦିର ଉନ୍ନତି ପାଇଁ ଦିଆଯାଇଥିବା ଏହି ଅର୍ଥକୁ ହରିଲୁଟ କରାଯାଇଛି। ଏହି ଅର୍ଥରେ ୧୨ଶହ ମହୁଚାଷୀଙ୍କୁ ତାଲିମ ଦିଆଯାଇଥିବାବେଳେ ୪୮୦ ଚାଷୀଙ୍କୁ ୨୪୦୦ ମହୁବାକ୍ସ ପ୍ରଦାନ କରାଯାଇଥିବା କୁହାଯାଉଛି। ତେବେ ଯେଉଁ ବାକ୍ସ ପ୍ରଦାନ କରାଯାଇଛି ସେଗୁଡ଼ିକର ମୂଲ୍ୟ ବାକ୍ସ ପିଛା ୧ ହଜାର ଟଙ୍କା ହେବା କଥା। ମାତ୍ର ଏହାକୁ ୩୦ ହଜାର ଟଙ୍କାରେ କିଣାଯାଇଥିବା ଦର୍ଶାଯାଇଛି। ତାଲିମ ଦେବା ନାଁରେ ମିଛ ଚାଷୀଙ୍କ ନାମରେ ବିଲ୍ କରାଯାଇଛି। ଏହାଛଡ଼ା ବୋର୍ଡରେ କଡା ଆଦି ଜିନିଷପତ୍ର ଗତ ୩ ବର୍ଷରେ ୩ କୋଟି ୫୮ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ୮୬ କୋଟି ଟଙ୍କା ଅନୁଦାନ ପାଇଥିବାବେଳେ ମାତ୍ର ୩ .୫୮ କୋଟି ଟଙ୍କାର ବିକ୍ରି ହୋଇଛି। ଏଥିରୁ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଛି ବୋଲି ପ୍ରଦୀପ୍ତ କହିଥିଲେ। କେବଳ ସେତିକି ନୁହେଁ, କିଛି ବେନାମୀ ବିଜ୍ଞାପନ ସଂସ୍ଥା ଏବଂ କନସଲଟାନ୍ସି କମ୍ପାନୀ ନାଁରେ ବିଲ୍ କରାଯାଇ କୋଟି କୋଟି ଟଙ୍କା ହଡ଼ପ କରାଯାଇଛି। ରାଜ୍ୟ ସରକାର ଯେଉଁ ରାଜନେତାମାନଙ୍କୁ ବୋର୍ଡରେ ଥଇଥାନ କରିଛନ୍ତି ସେମାନେ ଚାଷୀଙ୍କୁ ସହାୟତା ଦେବା ବଦଳରେ କୋଟି କୋଟି ଟଙ୍କା ହଡ଼ପ କରୁଛନ୍ତି। ମହୁବାକ୍ସ କେଉଁଠୁ କିଣାଗଲା, କେଉଁ ଜିଲାର କେଉଁ ଚାଷୀଙ୍କୁ ଦିଆଯାଇଛି ସେଗୁଡିକର ତାଲିକା ଗୃହରେ ଉପସ୍ଥାପନ କରାଯାଉ। ☞ ପୃଷ୍ଠା–୪



**ଶୀଳା ଦୀକ୍ଷିତଙ୍କ ପରଲୋକ**

୭

**ଇରାନ କବ୍‌ଜାରେ ବ୍ରିଟିଶ ତୈଳବାହୀ ଜାହାଜ: ଫସିଛନ୍ତି ୧୮ ଭାରତୀୟ**

୭

## ପାଟକୁରାରେ ୭୩.୨% ମତଦାନ



ପାଟକୁରାସ୍ଥିତ ଏକ ମତଦାନ କେନ୍ଦ୍ରରେ ମହିଳାମାନେ ଭୋଟଦେବା ପାଇଁ ଠିଆ ହୋଇଛନ୍ତି।

**ଭୁବନେଶ୍ୱର/କେନ୍ଦ୍ରାପଡ଼ା ଅଫିସ, ୨୦।୭(ବ୍ୟୁରୋ)**

କେନ୍ଦ୍ରାପଡ଼ା ଜିଲା ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଶନିବାର ମତଦାନ ଶେଷ ହୋଇଛି। ୨,୪୪,୭୪୭ ଭୋଟରଙ୍କ ମଧ୍ୟରୁ ୭୩.୨% ମତାଧିକାର ସାବ୍ୟସ୍ତ କରିଛନ୍ତି। ଏଥିସହ ବିଜେଡିର ସାବିତ୍ରୀ ଅଗ୍ରୱାଲ, ଭାଜପାର ବିଜୟ ମହାପାତ୍ର ଓ କଂଗ୍ରେସର ଜୟନ୍ତ ମହାନ୍ତିଙ୍କ ସମେତ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ହୋଇଯାଇଛି। ଇଭିଏମ୍ ଏବଂ ଭିଭିପିଏଟି ମେଶିନରେ ତ୍ରୁଟି ଯୋଗୁ ୭ ସ୍ଥାନରେ ବିଳମ୍ବରେ ଭୋଟଦାନ ହୋଇଥିଲା। ଡେରାବିଶ ବ୍ଲକର କୁଶିଆପାଳ, ପାଟକୁରା ଓ ଅନ୍ୟ କିଛି ବୁଥ୍‌ରେ ରାଜନୈତିକ ଅସନ୍ତୋଷକୁ ନେଇ ବଚସା ହୋଇଥିଲେ ମଧ୍ୟ ଶୃଙ୍ଖଳିତ ଭାବେ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର କହିଛନ୍ତି। ପ୍ରକାଶ ଯେ, ଗତ ନିର୍ବାଚନରେ ଭୋଟ ହାର ୭୦% ଥିଲା।

**୨୪କୁ ଅପେକ୍ଷା**

ମତଦାତାମାନେ କାହା ସପକ୍ଷରେ ରାୟ ଦେଇଛନ୍ତି ତାହା ୨୪ରେ ଭୋଟ ଗଣତି ପରେ ସ୍ପଷ୍ଟ ହୋଇଯିବ।





ସୋନଭଦ୍ର ଯିବା ଲାଗି କାହାରିକୁ ଛଡ଼ାଯାଉନାହିଁ। ନିଜର ଦୁର୍ବଳତା ଲୁଚାଇବା ଲାଗି ଉତ୍ତରପ୍ରଦେଶରେ ଭାଜପା ସରକାର ୧୪୪ ଧାରା ଲଗାଇଛି।
-ମାୟାବତୀ,
ବିଏସ୍‌ପି ମୁଖ୍ୟ



## ଇରାନ କବ୍‌ଜାରେ ବ୍ରିଟିଶ ତୈଳବାହୀ ଜାହାଜ

# ଫସିଛନ୍ତି ୧୮ ଭାରତୀୟ କର୍ମଚାରୀ




- ଅନ୍ତର୍ଜାତୀୟ ସାମୁଦ୍ରିକ ନିୟମ ଉଲ୍ଲଂଘନ ଅଭିଯୋଗରେ ଜବତ କରିଛି ତେହେରାନ
- ଭାରତୀୟଙ୍କ ମୁକ୍ତି ଲାଗି ନୂଆଦିଲ୍ଲୀର ଉଦ୍ୟମ

ନୂଆଦିଲ୍ଲୀ/ଲଣ୍ଡନ,୨୦।୭(ପି.ଟି.)

ବ୍ରିଟେନ୍‌ର ଏକ ତୈଳବାହୀ ଜାହାଜକୁ ଇରାନ ଜବତ କରିଛି। ଏଥିରେ ୧୮ ଭାରତୀୟଙ୍କ ସମେତ ୨୩ ଜଣ କର୍ମଚାରୀ ଥିଲେ। ଭାରତୀୟମାନଙ୍କ ନିରାପଦ ମୁକ୍ତି ଓ ସ୍ୱଦେଶ ଫେରାଇଆଣିବା ଲାଗି ନୂଆଦିଲ୍ଲୀ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଭାରତର ବହିର୍ବ୍ୟାପାର ବିଭାଗ ତେହେରାନ କର୍ତ୍ତୃପକ୍ଷଙ୍କ ସହ ଏନେଇ ଯୋଗାଯୋଗ କରିଛି।

ଅନ୍ତର୍ଜାତୀୟ ସାମୁଦ୍ରିକ ନିୟମ ଉଲ୍ଲଂଘନ କରି ଇରାନର ଏକ ମାଛଧରା ବୋଟ୍‌କୁ ଧକ୍କା ଦେବା ଅଭିଯୋଗରେ ବ୍ରିଟିଶ୍ ତୈଳ ଟ୍ୟାଙ୍କର ଷ୍ଟେନା ଇମ୍ପେରୋକୁ ଜବତ କରାଯାଇଥିବା ସେଠାର ସରକାରୀ ଗଣମାଧ୍ୟମ ଆଇଆର୍‌ଏନ୍‌ଏ ପକ୍ଷରୁ କୁହାଯାଇଛି। ସେଥିରେ ଥିବା ୧୮ ଭାରତୀୟଙ୍କ ତ୍ୱରିତ୍ ମୁକ୍ତି ଲାଗି ଇରାନ ସରକାରଙ୍କ ସହ ଯୋଗାଯୋଗ କରାଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରବୀଶ୍ କୁମାର କହିଛନ୍ତି। ଜାହାଜର କ୍ୟାପ୍‌ଟେନ ଥିଲେ ଭାରତୀୟ। ଏହା ବ୍ୟତୀତ ରୁଷିଆ, ଫିଲିପାଇନ୍ସ, ଲାଟଭିଆ ଓ ଅନ୍ୟ ଦେଶର ୫ ଜଣ କର୍ମଚାରୀ ଥିଲେ। ଇରାନ ସୈନ୍ୟବାହିନୀ ଶୁକ୍ରବାର ଉକ୍ତ ଜାହାଜକୁ ହର୍ମୁଜ ପ୍ରଣାଳୀରେ ଜବତ କରିଥିଲା।

ସ୍ୱିଡେନ୍‌ର ଏକ କମ୍ପାନୀ ଷ୍ଟେନା ବଲ୍କ ମାଲିକାନାରେ ଥିବା ଏହି ଜାହାଜ ସହ କୌଣସି ଯୋଗାଯୋଗ ସମ୍ଭବ ହେଉ ନ ଥିବା ଏହାର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଏରିକ ହାନେଲ୍ କହିଛନ୍ତି। ଏହା ହର୍ମୁଜା ପ୍ରଣାଳୀର ଅନ୍ତର୍ଜାତୀୟ ଜଳରାଶିରେ ପ୍ରବେଶ କରିବା କ୍ଷଣି ଇରାନ ନୌସେନାର କ୍ଷୁଦ୍ର ବିମାନ ଓ ହେଲିକପ୍ଟର ଏହା ନିକଟ ଦେଇ ଚକ୍କର କାଟିଥିଲେ। ଫଳରେ ଜାହାଜଟି ବାଟ ଭୁଲିଯାଇ ଜୁବେଲ୍ ଯିବା ପରିବର୍ତ୍ତେ ଉତ୍ତର ଦିଗରେ ଇରାନ ଆଡକୁ ଅଗ୍ରସର ହୋଇଥିଲା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ନୌଚଳାଚଳ ଓ ସମସ୍ତ ଅନ୍ତର୍ଜାତୀୟ ନିୟମାବଳୀ ପାଳନ କରିଥିଲା। ସମସ୍ୟାର ସମାଧାନ ଲାଗି ବ୍ରିଟେନ ଓ ସ୍ୱିଡେନ ସରକାରଙ୍କ ସହ ଯୋଗାଯୋଗ କରାଯାଉଛି ବୋଲି ଏରିକ୍ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୪ ତାରିଖରେ ଜିବ୍ରାଲ୍‌ଟର ଜଳରାଶିରୁ ସ୍ଥାନୀୟ ପୋଲିସ ଓ ବ୍ରିଟିଶ୍ ମେରାଇନ ଇରାନର ଏକ ତୈଳ ଟ୍ୟାଙ୍କରକୁ ଜବତ କରିଥିଲେ। ୟୁରୋପୀୟ ସଂଘ (ଇୟୁ) କଟକଣାକୁ ଉଲ୍ଲଂଘନ କରି ଉକ୍ତ ଜାହାଜରେ ସିରିଆକୁ ଅଶୋଧିତ ତୈଳ ପଠାଯାଉଥିବା ଜିବ୍ରାଲ୍‌ଟର ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଉପସାଗରୀୟ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଉପସାଗରୀୟ ଅଞ୍ଚଳରେ ଇରାନ ଦୁଇଟି ଜାହାଜକୁ ଜବତ କଲାଣି। ଏହା ଗ୍ରହଣୀୟ ନୁହେଁ ବୋଲି ବ୍ରିଟିଶ୍ ବହିର୍ବ୍ୟାପାର ସଚିବ ଜେରେମୀ ହଣ୍ଟ କହିବା ସହ ଘଟଣାକୁ ଦୃଢ଼ନିନ୍ଦା କରିଛନ୍ତି।

## ବଦଳିଲେ ୬ ରାଜ୍ୟପାଳ


ଆନନ୍ଦୀବେନ୍ ପଟେଲ


ଲାଲ୍‌ଜୀ ଟଣ୍ଡନ

- ଆନନ୍ଦିବେନ୍‌ଙ୍କୁ ୟୁପି ଦାୟିତ୍ୱ
- ଜଗଦୀପ୍ ପଶ୍ଚିମବଙ୍ଗ ରାଜ୍ୟପାଳ

ନୂଆଦିଲ୍ଲୀ,୨୦।୭(ପି.ଟି.)

କେନ୍ଦ୍ର ସରକାର ଶନିବାର ୪ ରାଜ୍ୟ ପାଇଁ ନୂଆ ରାଜ୍ୟପାଳ ନିଯୁକ୍ତ କରିଥିବାବେଳେ ଦୁଇଜଣ ରାଜ୍ୟପାଳଙ୍କୁ ବଦଳି କରିଛନ୍ତି। ମଧ୍ୟପ୍ରଦେଶ ରାଜ୍ୟପାଳ ଥିବା ଆନନ୍ଦିବେନ୍ ପଟେଲଙ୍କୁ ଉତ୍ତରପ୍ରଦେଶ ରାଜ୍ୟପାଳ କରାଯାଇଥିବାବେଳେ ବିହାର ଦାୟିତ୍ୱରେ ଥିବା ଲାଲ୍‌ଜୀ ଟଣ୍ଡନଙ୍କୁ ମଧ୍ୟପ୍ରଦେଶ ରାଜ୍ୟପାଳ ଭାବେ ବଦଳି କରାଯାଇଛି। ଫଗୁ ଚୌହାନଙ୍କୁ ବିହାର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିବାବେଳେ ରମେଶ ବୈଶ୍ ତ୍ରିପୁରା ରାଜ୍ୟପାଳ ହୋଇଛନ୍ତି। ପୂର୍ବତନ ଏମ୍‌ପି ତଥା ସୁପ୍ରିମକୋର୍ଟର ଜଣାଶୁଣା ଆଇନଜୀବୀ ଜଗଦୀପ୍ ଧାଙ୍କରଙ୍କୁ ପଶ୍ଚିମବଙ୍ଗ ରାଜ୍ୟପାଳ ନିଯୁକ୍ତ କରାଯାଇଛି। ସେ ୧୯୯୦-୯୧ରେ କେନ୍ଦ୍ର ସରକାରରେ ସଂସଦୀୟ ବ୍ୟାପାର ଉପମନ୍ତ୍ରୀ ଥିଲେ। ୨୦୦୩ରେ କଂଗ୍ରେସ ଛାଡ଼ି ସେ ଭାଜପାରେ ସାମିଲ ହୋଇଥିଲେ। କେଶରୀନାଥ ତ୍ରିପାଠୀଙ୍କ କାର୍ଯ୍ୟକାଳ ଆସନ୍ତା ସପ୍ତାହରେ ଶେଷ ହେବାକୁ ଥିବାବେଳେ ତାଙ୍କ ସ୍ଥାନରେ ଜଗଦୀପ୍‌ଙ୍କୁ ନିଯୁକ୍ତି ମିଳିଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ଅବସରପ୍ରାପ୍ତ ସ୍ୱତନ୍ତ୍ର ନିର୍ଦ୍ଦେଶକ ଏନ୍. ରବିଙ୍କୁ ନାଗାଲାଣ୍ଡ ରାଜ୍ୟପାଳ ନିଯୁକ୍ତ କରାଯାଇଛି। ୧୯୭୬ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲଙ୍କ ସହ କାର୍ଯ୍ୟ କରିବା ସହିତ ନାଗା ସଂଗଠନ ସହ ଆଲୋଚନାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ୍ୟସ୍ଥତା କରୁଥିଲେ।

## ସଡ଼କ ଦୁର୍ଘଟଣାରେ ୯ ଛାତ୍ର ମୃତ

ପୁଣେ, ୨୦।୭(ପି.ଟି.) :ପୁଣେ-ସୋଲାପୁର ରାଜପଥରେ ଏକ କାର ଦୁର୍ଘଟଣାଗ୍ରସ୍ତ ହେବାରୁ ୯ ଜଣ ଛାତ୍ର ପ୍ରାଣ ହରାଇଛନ୍ତି। ପୁଣେ ଜିଲାର କଦମ୍‌ୱାକ୍ ୱସ୍ତିଠାରେ ଏଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମୃତ ଛାତ୍ରମାନଙ୍କ ବୟସ ୧୯ରୁ ୨୩ ମଧ୍ୟରେ ଓ ସେମାନଙ୍କ ଘର ପୁଣେର ୟଭାତ୍‌ରେ। ସେମାନେ ରାୟଗଡ଼୍‌ରୁ ନିଜ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଡ୍ରାଇଭର ଭାରସାମ୍ୟ ହରାଇ କାର୍‌ଟିକୁ ପ୍ରଥମେ ଡିଭାଇଡ଼ର୍‌ରେ ପିଟିବା ପରେ ରାସ୍ତାର ଆରପଟେ ଥିବା ଏକ ଟ୍ରକ ସହ ଧକ୍କା ଦେଇଥିଲା। ଦୁର୍ଘଟଣାସ୍ଥଳରେ ୮ ଜଣ ପ୍ରାଣ ହରାଇଥିବାବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ହସ୍ପିଟାଲକୁ ଚିକିତ୍ସା ଲାଗି ନିଆଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମସ୍ତ ମୃତ ଶରୀରକୁ ପୋଷ୍ଟମର୍ଟମ ଲାଗି ପଠାଯାଇଥିବାବେଳେ ତଦନ୍ତ ଜାରି ରହିଥିବା ବରିଷ୍ଠ ପୋଲିସ ଇନ୍‌ସ୍ପେକ୍ଟର ସୁରଜ୍ ବନ୍ଦଗାର ପ୍ରକାଶ କରିଛନ୍ତି।

# ଭିଡ଼ହିଂସା ବିରୋଧରେ ଆଇନ ଆଣିବେ ସରକାର

ନୂଆଦିଲ୍ଲୀ,୨୦।୭(ଆଇଏଏନ୍‌ଏସ୍)

ଦେଶରେ ଭିଡ଼ହିଂସା ବଢ଼ିଚାଲିଥିବାରୁ ଏହାକୁ ରୋକିବା ଲାଗି କେନ୍ଦ୍ର ସରକାର ଆଇନ ଆଣିବାକୁ ଯାଉଛନ୍ତି। ପାର୍ଲାମେଣ୍ଟର ଚଳିତ ଅଧିବେଶନରେ ଏନେଇ ସରକାର ବିଲ୍ ଆଣିପାରନ୍ତି ବୋଲି କେତେକ ସୂତ୍ରରୁ ଜଣାପଡ଼ିଛି। ଭିଡ଼ହିଂସା ବିରୋଧରେ ଆଇନ ଆଣିବା ଲାଗି ସୁପ୍ରିମକୋର୍ଟ ବର୍ଷକ ପୂର୍ବରୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଦେଶରେ ସୋସିଆଲ ମିଡିଆ ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ୨୦ କୋଟି ଟପିଲାଣି। ଏଥିରେ ବିଭିନ୍ନ ସମୟରେ ପ୍ରସାରିତ ଗୁଜବକୁ ନେଇ ଭିଡ଼ହିଂସା ଘଟୁଛି। ସେଗୁଡିକ ଭଲଭାବେ ଯାଞ୍ଚ କରି ଠିଠା ଆଇନ ପ୍ରସ୍ତୁତ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଇନ ମନ୍ତ୍ରଣାଳୟକୁ କହିଥିବା ଜଣାପଡିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାର ଆଇନ ଆଣିବାରେ କ'ଣ ପାଇଁ ବିଳମ୍ବ କରୁଛନ୍ତି ବୋଲି ଶୁକ୍ରବାର ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଆସୁଦୁଦ୍ଦିନ ଓୱାଇସି ଲୋକ ସଭାରେ ପ୍ରଶ୍ନ କରିଥିଲେ। ଗତ ଦୁଇ ବର୍ଷ ମଧ୍ୟରେ କେବଳ ରାଜସ୍ଥାନରେ ୧୨ରୁ ଅଧିକ ଭିଡ଼ହିଂସା ଘଟିଛି। ତେଣୁ ଏହାକୁ ରୋକିବା ଦିଗରେ ଆଇନ ଆଣିବା ପାଇଁ ରାଜସ୍ଥାନ ସରକାର ଏକ ଯୋଜନା ପ୍ରସ୍ତୁତ କରିଛନ୍ତି। ଉତ୍ତରପ୍ରଦେଶର ଆଇନ କମିଶନ ମଧ୍ୟ ଏକ ଠିଠା ବିଲ୍ ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ଭିଡ଼ହିଂସା ଘଟାଉଥିବା ଅପରାଧୀଙ୍କ ବିରୋଧରେ ଆଜୀବନ ଜେଲ୍‌ଦଣ୍ଡ ପାଇଁ ସୁପାରିସ୍ କରାଯାଇଛି। ଆଇନ କାର୍ଯ୍ୟକାରୀ ହେଲେ ପୋଲିସ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ।




## ମୟୂର ଚୋରି ସନ୍ଦେହରେ ପିଟି ମାରିଦେଲେ

**ଭୋପାଳ, ୨୦।୭(ପି.ଟି.) :** ମଧ୍ୟପ୍ରଦେଶର ନୀମୁଚ୍ ଜିଲାରେ ଶନିବାର ଜଣେ ବ୍ୟକ୍ତିଙ୍କୁ ମୟୂର ଚୋରି ଅଭିଯୋଗରେ ଲୋକମାନେ ପିଟିପିଟି ମାରିଦେଇଛନ୍ତି। ଏହି ଘଟଣାରେ ପୋଲିସ ୯ ଜଣଙ୍କୁ ଗିରଫ କରିଛି। ପୋଲିସ ଶୁକ୍ରବାର ରାତିରେ ଲସୁରିୟା ଆଟ୍ରି ଗ୍ରାମରୁ ୪ଟି ମୟୂରର ମୃତଦେହ ଉଦ୍ଧାର କରିଥିଲା। ସ୍ଥାନୀୟ ଲୋକେ ଏହି ଘଟଣାରେ ୩ ଜଣଙ୍କୁ ସନ୍ଦେହରେ ମାଡ଼ ମାରିଥିବାବେଳେ ଜଣଙ୍କର ମୃତ୍ୟୁ ଘଟିଥିଲା। ହୀରାଲାଲ୍‌ଙ୍କୁ ହସ୍ପିଟାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ମାଡ଼ ଖାଇଥିବା ୩ ଜଣଙ୍କଠାରୁ ମୃତ ମୟୂର ଜବତ କରାଯାଇଥିଲା। ପ୍ରକାଶଥାଉ କି, ଗତ କିଛିଦିନ ତଳେ ନୀମୁଚ୍‌ରେ ଛେଳି ଚୋରି କରିଥିବା ସନ୍ଦେହରେ ୩ ଜଣଙ୍କୁ ଲୋକେ ମାଡ଼ ମାରିବା ସହ ସେମାନଙ୍କ ମୋଟରସାଇକେଲ ପୋଡ଼ିଦେଇଥିଲେ। ଏହି ଘଟଣାରେ ପୋଲିସ ୮ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ଭିଡ଼ହିଂସା ରାଜ୍ୟରେ ବଢୁଥିବାରୁ ମୁଖ୍ୟମନ୍ତ୍ରୀ କମଳନାଥ ଏନେଇ ଭିଡ଼ହିଂସା ନିରୋଧ ଆଇନ(ଆଣ୍ଟିଂ ଲିଞ୍ଚିଂ ଲ) ଆଣିବା ଲାଗି ଚିନ୍ତା କରିଥିବା ଶନିବାର ପ୍ରକାଶ କରିଛନ୍ତି।


କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବାରାଣସୀର କାଶୀବିଶ୍ୱନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ଫେରୁଛନ୍ତି।

## ସୋନଭଦ୍ରର ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟିଲେ ପ୍ରିୟଙ୍କା

ନୂଆଦିଲ୍ଲୀ,୨୦।୭(ପି.ଟି.)

ଉତ୍ତରପ୍ରଦେଶର ସୋନଭଦ୍ର ଗୁଳିକାଣ୍ଡ ଘଟଣାରେ ମୃତକମାନଙ୍କ ପରିବାର ସଦସ୍ୟଙ୍କୁ ଭେଟିବାକୁ ଯାଉଥିବା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଉତ୍ତରପ୍ରଦେଶ ପୋଲିସ ଶୁକ୍ରବାର ଅଟକ ରଖିଥିଲା। ଏହାକୁ ନେଇ କଂଗ୍ରେସ ନେତ୍ରୀ ଓ ୟୁପି ସରକାରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ମୁହାଁମୁହିଁ ପରିସ୍ଥିତିର ଅବସାନ ଘଟିଛି। ଶନିବାର ପ୍ରିୟଙ୍କା ନୂଆଦିଲ୍ଲୀ ଫେରିଛନ୍ତି। ଏହା ପୂର୍ବରୁ ସେ ଚୁନାର ଗେଷ୍ଟହାଉସ୍‌ରେ ସୋନଭଦ୍ରରୁ ଆସିଥିବା ମୃତକଙ୍କ ପରିବାର ସଦସ୍ୟ ଓ ଅନ୍ୟମାନଙ୍କୁ ଭେଟିଥିଲେ। ବ୍ୟକ୍ତିଗତ ବଣ୍ଡ ଦାଖଲ କରି ଚାଲିଯିବା ଲାଗି ସ୍ଥାନୀୟ ପ୍ରଶାସନ କହିଥିଲେ ମଧ୍ୟ ପ୍ରିୟଙ୍କା ତାହା ଗ୍ରହଣ ନ କରି ଗେଷ୍ଟହାଉସ୍‌ରେ ରାତି କଟାଇଥିଲେ।

ସେ ତାଙ୍କ ଲକ୍ଷ୍ୟ ହାସଲ କରିଛନ୍ତି ଓ ମୃତକଙ୍କ ପରିବାର ସଦସ୍ୟମାନଙ୍କୁ ଭେଟିଛନ୍ତି। ପୁଣି ଥରେ ସୋନଭଦ୍ର ଆସିବେ ବୋଲି ପ୍ରିୟଙ୍କା କଂଗ୍ରେସ କର୍ମୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଜମି ବିବାଦକୁ ନେଇ ସୋନଭଦ୍ରର ଉଭା ଗ୍ରାମରେ ବୁଧବାର ଗୁଳିକାଣ୍ଡ ଘଟିଥିଲା। ଗାଁ ମୁଖିଆ ଓ ତାଙ୍କ ସମର୍ଥକମାନଙ୍କ ଗୁଳିରେ ଆଦିବାସୀ ସମ୍ପ୍ରଦାୟର ୧୦ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୨୮ ଜଣ ଆହତ ହୋଇଥିଲେ। ଶନିବାର ପ୍ରିୟଙ୍କା ମିର୍ଜାପୁରରୁ ବାରାଣସୀ ଯାଇ କାଶୀ ବିଶ୍ୱନାଥ ଓ କାଳ ଭୈରବ ମନ୍ଦିର ଦର୍ଶନ କରିଥିଲେ। ତାଙ୍କର ଅଟକକୁ କଂଗ୍ରେସ ନେତାମାନେ ବେଆଇନ ଗିରଫଦାରି କହିବା ସହ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଆସାମରେ ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଆତଙ୍କ

# ମୃତ୍ୟୁସଂଖ୍ୟା ୧୦୦ ଟପିଲା

**ଗୁଆହାଟୀ, ୨୦।୭(ପି.ଟି.) :** ଆସାମ୍‌ରେ ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଆତଙ୍କ ଖେଳାଇଛି। ଶନିବାର ଏଥିରେ ପୁଣି ୪ ଜଣଙ୍କ ଜୀବନ ଯାଇଥିବାବେଳେ ମୃତ୍ୟୁସଂଖ୍ୟା ୧୦୧ରେ ପହଞ୍ଚିଛି। ଉଦଲ୍‌ଗୁଡ଼ି, ବାକ୍‌ସା, ଗୋଲାଘାଟ୍ ଓ କର୍ବି ଆଙ୍ଗଲଙ୍ଗ୍‌ରେ ଜଣେ ଲେଖାଏ ମୃତ୍ୟୁବରଣ କରିଥିବା ଏନ୍‌ଏଚ୍‌ଏମ୍(ଜାତୀୟ ସ୍ୱାସ୍ଥ୍ୟ ମିଶନ) ବୁଲେଟିନ୍‌ରେ କୁହାଯାଇଛି। ଜାପାନିଜ୍ ଏନ୍‌ସେଫାଲାଇଟିସ୍ ପଜିଟିଭ୍ ମାମଲା ଏବେ ୪୩୯ରେ ପହଞ୍ଚିଛି। ରାଜ୍ୟରେ ଏଇଏସ୍(ଆକ୍ୟୁଟ୍ ଏନ୍‌ସେଫାଲାଇଟିସ୍) ଓ ଜେଇ(ଜାପାନିଜ୍ ଏନ୍‌ସେଫାଲାଇଟିସ୍) ରୋଗକୁ ମିଶାଇ ଗତ ଜାନୁୟାରୀ ମାସରୁ ଏପର୍ଯ୍ୟନ୍ତ ୨୨୨ ଲୋକଙ୍କ ଜୀବନ ଯାଇଥିବା ଏନ୍‌ଏଚ୍‌ଏମ୍ ଦର୍ଶାଇଛି।

## ଡି. ରାଜା ହେବେ ସିପିଆଇ ସାଧାରଣ ସମ୍ପାଦକ

ନୂଆଦିଲ୍ଲୀ, ୨୦।୭(ପି.ଟି.)



ରାଜ୍ୟ ସଭା ଏମ୍‌ପି ଡି. ରାଜା ସିପିଆଇର ସାଧାରଣ ସମ୍ପାଦକ ପଦ ଅଳଙ୍କୃତ କରିବାକୁ ଯାଉଛନ୍ତି। ଏହି ପଦରେ ଥିବା ଏସ୍. ସୁଧାକର ରେଡ୍ଡୀ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇଥିଲେ। ସେ ୨୦୧୨ରୁ ଦଳର ଜାତୀୟ ସାଧାରଣ ସମ୍ପାଦକ ରହିଆସିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପରେ ଏଭଳି ନେତୃତ୍ୱ ପରିବର୍ତ୍ତନ କରାଯାଇଥିବା କୁହାଯାଉଛି। ସିପିଆଇ ଜାତୀୟ ପରିଷଦ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ଅନୁଷ୍ଠିତ ବୈଠକରେ ରାଜାଙ୍କ ନାମ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଦିଆଯାଇଥିଲା। ଦଳର ଜାତୀୟ ପରିଷଦ ବୈଠକରେ ଏହା ଉପରେ ଆଲୋଚନା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ପ୍ରକାଶଥାଉ କି, ୭୦ ବର୍ଷୀୟ ରାଜା ତାମିଲନାଡୁରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି।

# ବଲିଉଡରେ ବର୍ଷେ ପୂରିଲା

ମୁମ୍ବାଇ: ବଲିଉଡରେ ଅଭିନୟ ଜୀବନର ୧ବର୍ଷ ପୂରଣ କରିଛନ୍ତି ଅଭିନେତ୍ରୀ ଜାହ୍ନବୀ କପୁର ଏବଂ ଅଭିନେତା ଇଶାନ ଖଟ୍ଟର। ଦୁହେଁ ଅଭିନୟ କରିଥିବା ଧଡକ ଫିଲ୍ମର ରିଲିଜକୁ ବର୍ଷେ ସମ୍ପୂର୍ଣ୍ଣ ହୋଇଛି। ସୋସିଆଲ୍ ମିଡିଆରେ ଏ ସମ୍ପର୍କରେ ସେମାନେ ଭାବାବେଗପୂର୍ଣ୍ଣ ଲେଖା ପୋଷ୍ଟ କରିଛନ୍ତି। ଶଶାଙ୍କ ଖଡିଆନ୍‌ଙ୍କ ନିର୍ଦ୍ଦେଶିତ ଧଡକ ମରାଠୀ ଫିଲ୍ମ 'ସଇରାତ୍'ର ରୂପାନ୍ତର। କରନ୍ ଜୋହରଙ୍କ ଦ୍ୱାରା ଏହା ପ୍ରସ୍ତୁତ। ଜାହ୍ନବୀ ଉକ୍ତ ଫିଲ୍ମରେ ଅଭିନୟ ପାଇଁ କରନଙ୍କ ମାର୍ଗଦର୍ଶନକୁ ଧନ୍ୟବାଦ ଜଣାଇଛନ୍ତି। ସେ ମଧ୍ୟ ଶଶାଙ୍କ ଓ ଇଶାନ୍‌ଙ୍କୁ ପ୍ରଶଂସା କରିଛନ୍ତି। ସେହିପରି ଧଡକରେ ଅଭିନୟ କରିବା ପୂର୍ବରୁ ଇଶାନ୍ ମଜିଦ୍ ମଜିଦିଙ୍କ ଇଣ୍ଟରନ୍ୟାଶନାଲ ପ୍ରୋଜେକ୍ଟ 'ବିୟଣ୍ଡ ଦି କ୍ଲାଉଡ୍ସ'ରେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ସେ ମଧ୍ୟ କରନ୍, ଶଶାଙ୍କ ଏବଂ ଜାହ୍ନବୀଙ୍କୁ ଧନ୍ୟବାଦ ଜଣାଇବା ସହ ଅତୀତର ସ୍ମୃତିଚାରଣ କରିଛନ୍ତି। ଫିଲ୍ମ ନିର୍ମାଣରେ ସମସ୍ତଙ୍କର ଗଠନମୂଳକ ସହଯୋଗକୁ ସେ ପ୍ରଶଂସା କରିବା ସହିତ ସେମାନଙ୍କ ବିନା ଫିଲ୍ମର ହୃଦ୍‌ଯନ୍ତ୍ର ସ୍ପନ୍ଦିତ ହୋଇପାରିବ ନାହିଁ ବୋଲି ଉଲ୍ଲେଖ କରିଛନ୍ତି।




## ୪ ଦିନରେ ୬ ଅମରନାଥ ଯାତ୍ରୀ ମୃତ

ଶ୍ରୀନଗର, ୨୦।୭(ପି.ଟି.)

ଚଳିତବର୍ଷ ଦକ୍ଷିଣ କଶ୍ମୀରର ପବିତ୍ର ଅମରନାଥ ଗୁମ୍ଫାକୁ ଯାତ୍ରା ଜାରି ରହିଛି। ଗତ ୪ ଦିନ ମଧ୍ୟରେ ୬ ଜଣ ଯାତ୍ରୀ ବିଭିନ୍ନ କାରଣରୁ ପ୍ରାଣ ହରାଇଛନ୍ତି। ଏଥିସହ ଅମରନାଥ ଯାତ୍ରୀରେ ମୃତ୍ୟୁସଂଖ୍ୟା ଏପର୍ଯ୍ୟନ୍ତ ୨୨ରେ ପହଞ୍ଚିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ୧୮ଜଣ ତୀର୍ଥଯାତ୍ରୀ ଥିବାବେଳେ, ୨ ସ୍ୱେଚ୍ଛାସେବୀ ଓ ୨ କର୍ତ୍ତବ୍ୟରତ ସୁରକ୍ଷାକର୍ମୀ ଅଛନ୍ତି। ଏଥିସହ ପଥର ଆଘାତରେ ୩୦ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଅମ୍ଳଯାନ ଅଭାବରୁ ଅମରନାଥ ବୋର୍ଡ ପକ୍ଷରୁ ବାରମ୍ବାର ସ୍ୱାସ୍ଥ୍ୟ ସତର୍କତା ଜାରି କରାଯାଉଛି। ଜୁଲାଇ ପହିଲାରୁ ଏହି ଯାତ୍ରା ଆରମ୍ଭ ହୋଇଥିବାବେଳେ ଅଗଷ୍ଟ ୧୫ରେ ଶେଷ ହେବ।

**ମୃତ୍ୟୁସଂଖ୍ୟା ୨୨କୁ ବୃଦ୍ଧି**

# ସିନ୍ଥେଟିକ କ୍ଷୀର ର୍‌ୟାକେଟ୍‌ର ପର୍ଦ୍ଦାଫାଶ

ଭୋପାଳ, ୨୦।୭(ପି.ଟି.)



**ମଧ୍ୟପ୍ରଦେଶରେ ୬୨ ଗିରଫ**

ମଧ୍ୟପ୍ରଦେଶ ପୋଲିସ ସିନ୍ଥେଟିକ୍ କ୍ଷୀର ପ୍ରସ୍ତୁତକରି ଏହାକୁ ବିଭିନ୍ନ ରାଜ୍ୟର ବ୍ରାଣ୍ଡେଡ୍ ଆଉଟ୍‌ଲେଟ୍‌ରେ ବିକ୍ରି କରୁଥିବା ଏକ ର୍‌ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଶନିବାର ଏନେଇ ୬୨ଜଣଙ୍କୁ ପୋଲିସ ଗିରଫ କରି ଜେରା ଜାରିରଖିଛି। ଏସ୍‌ଟିଏଫ୍ (ସ୍ପେଶାଲ ଟାସ୍କ ଫୋର୍ସ) ପକ୍ଷରୁ ଶୁକ୍ରବାର ମୋରେନା ଜିଲାର ଅମ୍ବାହ ଓ ଭିଣ୍ଡ୍ ଜିଲାର ଲହରଠାରେ ଥିବା କାରଖାନା ଉପରେ ଚଢାଉ କରାଯାଇଥିଲା। ଏଠାରୁ ବହୁ ପରିମାଣର କେମିକାଲ, ୧୦ ହଜାର ଲିଟର ସିନ୍ଥେଟିକ୍ କ୍ଷୀର, ୫୦୦ କେଜି ଜାଲି ମାୱା(ଘନତଭୂତ କ୍ଷୀର), ୨୦୦ କେଜି ସିନ୍ଥେଟିକ୍ ପନିର ଆଦି ଜବତ କରାଯାଇଥିବା ଏସ୍‌ପି ରାଜେଶ ଭଦୋରିୟା ପ୍ରକାଶ କରିଛନ୍ତି। ଏହି ଅତ୍ୟଧିକ ବିଷାକ୍ତ ସିନ୍ଥେଟିକ୍ କ୍ଷୀର ଓ କ୍ଷୀରଜାତୀୟ ପଦାର୍ଥକୁ ବିକ୍ରି କରୁଥିବା ୬୨ ଲୋକଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଏମାନେ ଦିଲ୍ଲୀ, ମଧ୍ୟପ୍ରଦେଶ, ରାଜସ୍ଥାନ, ହରିୟାଣା ଆଦି ସ୍ଥାନରେ ଥିବା ବଡ଼ ବଡ଼ ଆଉଟ୍‌ଲେଟ୍‌ରେ ଏଗୁଡ଼ିକୁ ବିକ୍ରି କରୁଥିଲେ। ପାଖାପାଖି ୨୦ ଟ୍ୟାଙ୍କର ଓ ୧୧ ପିକ୍‌ଅପ୍ ଭ୍ୟାନ୍‌ରେ ନିଆଯାଉଥିବା ଏହି ବିଷାକ୍ତ ପଦାର୍ଥକୁ ଜବତ କରାଯାଇଛି। ଚଢାଉ ବେଳେ ବିପୁଳ ପରିମାଣର ଲିକୁଇଡ୍ ସାମ୍ପୁ, ଡିଟର୍‌ଜେଣ୍ଟ, ରିଫାଇନ୍ ଅଏଲ୍, ସୋଡିୟମ୍ ଥିଓସଲ୍‌ଫେଟ୍ ଓ ଅନ୍ୟ କେମିକାଲଗୁଡ଼ିକୁ ଜବତ କରାଯାଇଥିବା ଏସ୍‌ପି କହିଛନ୍ତି।



ଚନ୍ଦ୍ରୟାନ-୨ର ଲଞ୍ଚ୍ ଭେଇକିଲ୍ ଜିଏସ୍ଏଲ୍ଭି ମାର୍କ-୩ର ରିହର୍ସାଲ୍ ପ୍ରକ୍ରିୟା ଶନିବାର ସମ୍ପୂର୍ଣ୍ଣ ହୋଇଥିବା ଇସ୍ରୋ ପକ୍ଷରୁ ସୂଚନା ମିଳିଛି। ଜୁଲାଇ ୧୫ରେ ଚନ୍ଦ୍ରୟାନ-୨ ମହାକାଶକୁ ଛଡାଯିବାର ୫୬ ମିନିଟ ପୂର୍ବରୁ ଏଥିରେ ତ୍ରୁଟି ପରିଲକ୍ଷିତ ହେବାରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଏହାକୁ ଆଗାମୀ ୨୨ରେ ଲଞ୍ଚ୍ କରାଯିବ।

## ସଂକ୍ଷେପରେ

■ ଶୀଲା ଦୀକ୍ଷିତଙ୍କ ବିୟୋଗ

### ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୋକ

**ଭୁବନେଶ୍ୱର,୨୦।୭(ବ୍ୟୁରୋ):** ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଗଭୀର ଶୋକପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶୀଲା ଦୀକ୍ଷିତ ଜଣେ ସୁପ୍ରଶାସିକା ଓ ବର୍ଷୀୟାନ ନେତ୍ରୀ। ଦଳମତ ନିର୍ବିଶେଷରେ ସେ ଥିଲେ ଲୋକପ୍ରିୟ। ଦିଲ୍ଲୀରେ ହୋଇଥିବା ବିକାଶ ପାଇଁ ସେ ଚିରକାଳ ଲାଗି ସ୍ମରଣୀୟ ହୋଇ ରହିବେ ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ତାଙ୍କ ପରିବାର ପ୍ରତି ସମବେଦନା ବ୍ୟକ୍ତ କରିଛନ୍ତି। ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ ଶୀଲାଙ୍କ ବିୟୋଗରେ ଦୁଃଖପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବରିଷ୍ଠ ନେତ୍ରୀ ଶୀଲା ଦୀକ୍ଷିତଙ୍କ ବିୟୋଗ କଂଗ୍ରେସ ପାଇଁ ଅପୂରଣୀୟ କ୍ଷତି। ଦିଲ୍ଲୀର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କ ଅବଦାନ ଅତୁଳନୀୟ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବିଧାୟକ ସୁରେଶ କୁମାର ରାଉତରାୟ ଓ ତାରାପ୍ରସାଦ ବାହିନୀପତି ପ୍ରମୁଖ ଶୀଲାଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି।

### କ୍ଷିତିଭୂଷଣ ଦାସ ହେଲେ ଇଗ୍ନୋର ପ୍ରୋ-ଭାଇସ ଚାନ୍ସେଲର



ଭୁବନେଶ୍ୱର, ୨୦।୭(ବ୍ୟୁରୋ): କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ପ୍ରଫେସର କ୍ଷିତିଭୂଷଣ ଦାସଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ନୂଆଦିଲ୍ଲୀର ପ୍ରୋ-ଭାଇସ ଚାନ୍ସେଲର ଭାବେ ନିଯୁକ୍ତି ଦିଆଯାଇଛି। ପ୍ରଫେସର ଦାସ ବର୍ତ୍ତମାନ ଇଣ୍ଡିଆନ୍ କାଉନସିଲ ଅଫ୍ ସୋସିଆଲ ସାଇନ୍ସ ରସର୍ଚ୍ଚ(ଆଇସିଏସ୍ଏସ୍ଆର୍)ର ନ୍ୟାଶନାଲ ଫେଲୋ ଅଛନ୍ତି। ଏଥିସହିତ ନ୍ୟାଶନାଲ କାଉନସିଲ୍ ଫର୍ ଟିଚର ଏଜୁକେଶନ(ଏନ୍ସିଟିଇ)ର ଇଷ୍ଟର୍ନ ରିଜିଓନାଲ କମିଟିର ଅଧ୍ୟକ୍ଷ ମଧ ଅଛନ୍ତି। ସେ ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ପ୍ରାଧ୍ୟାପକ, ବିଭାଗୀୟ ମୁଖ୍ୟ ଥିଲେ। ସେହିପରି କୁଳସଚିବ, ନିର୍ଦ୍ଦେଶକ ଭାବେ ମଧ ବିଭିନ୍ନ ପ୍ରଶାସନିକ ଦାୟିତ୍ୱ ତୁଲାଇଛନ୍ତି। ପ୍ରଫେସର ଦାସ ୟୁନିଭର୍ସିଟି ଅଫ୍ ମରିଶସ୍‌ରେ ଅତିଥି ପ୍ରାଧାପକ ଭାବେ କାର୍ଯ୍ୟ କରିବା ସହିତ ଜାପାନ, ୟୁକେ, ଫ୍ରାନ୍ସରେ ନିମନ୍ତ୍ରିତ ବକ୍ତା ଭାବେ ଯୋଗଦେଇଛନ୍ତି। ଜଣେ ଗବେଷକ ଭାବେ ତାଙ୍କର ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରପତ୍ରିକାରେ ଅନେକ ପ୍ରବନ୍ଧ ପ୍ରକାଶିତ ହୋଇଛି।




# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ମହିଳାଙ୍କ ମୃତ୍ୟୁ

■ ଖାଦ୍ୟ ନଳୀ କାଟି ଦିଆଯାଇଥିବା ଅଭିଯୋଗ

■ ଡାକ୍ତରଖାନା ଆଗରେ ମୃତଦେହ ରଖି ବିକ୍ଷୋଭ

**ଔପଦା, ୨୦।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ରାଏରାମଚନ୍ଦ୍ରପୁର ପଞ୍ଚାୟତ ସୋରିଷପାଳ ଗ୍ରାମର ଅନ୍ନପୂର୍ଣ୍ଣା ପାଢ଼ୀ (୧୮) ନାମ୍ନୀ ମହିଳା ପରିବାର ନିୟୋଜନ ଅସ୍ତ୍ରୋପଚାର କରିବାକୁ ଯାଇ ପ୍ରାଣ ହରାଇଛନ୍ତି। ଅସ୍ତ୍ରୋପଚାର ସମୟରେ ମହିଳାଙ୍କର ଖାଦ୍ୟ ନଳୀ କାଟି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଗିରଫ କରିବାକୁ ପରିବାର ଲୋକେ ଅଡିବସିଥିଲେ। ପରିବାର ଲୋକଙ୍କ ସହ ଗ୍ରାମବାସୀ ଔପଦା ଡାକ୍ତରଖାନା ଆଗରେ ଧାରଣାରେ ବସି ୧୦ଲକ୍ଷ ଟଙ୍କା ସରକାରୀ ସହାୟତା ପ୍ରଦାନ ଏବଂ ତାଙ୍କ ଦୁଇ କନ୍ୟା ସନ୍ତାନଙ୍କ ଦାୟିତ୍ୱ ସରକାର ବହନ କରିବା ଲାଗି ଦାବି କରିଥିଲେ। ଏହାକୁ ନେଇ ଔପଦା ବଜାରରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଜିଲା ପରିବାର ନିୟୋଜନ ଅଧିକାରୀ ପରେଶ ଚନ୍ଦ୍ର ମହାନ୍ତି, ଡିପିଏଚ୍ଓ ନରେଶ ଚନ୍ଦ୍ର ଦାସ, ଜିଲା ଯକ୍ଷ୍ମାଧିକାରୀ ଗିରିଶ ଚନ୍ଦ୍ର ପତି ଓ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. କୈଳାସ ଚନ୍ଦ୍ର ବେହେରା, ଔପଦା ତହସିଲଦାର ତଥା ବିଡ଼ିଓ ପିତାମ୍ବର ଭୋଇ, ଔପଦା ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା ସହାୟତା ଓ ରେଡକ୍ରସ ପକ୍ଷରୁ ୧୦ ହଜାର ଦେବା ଲାଗି ପ୍ରତିଶ୍ରୁତି ଦେବା ପରେ ଲୋକେ ଧାରଣାରୁ ହଟିଥିଲେ। ଅନ୍ନପୂର୍ଣ୍ଣା ପରିବାର ନିୟୋଜନ ଅସ୍ତ୍ରୋପଚାର ଲାଗି ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍ସି)ରେ ଭର୍ତ୍ତି ହୋଇଥିଲେ। ଗତ ୧୫ ତାରିଖରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଏହାପରେ ସେ ଘରକୁ ଫେରିଥିଲେ। ଘରେ ତାଙ୍କର ବାରମ୍ବାର ବାନ୍ତି ହେବାରୁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅନ୍ନପୂର୍ଣ୍ଣାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଇସିୟୁରେ ଥିବା ବେଳେ ଶୁକ୍ରବାର ରାତି ୨ଟା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ଜାଣିବା ପରେ ତାଙ୍କ ସ୍ୱାମୀ ଗଜେନ୍ଦ୍ର ଘରେ ୨ ଝିଅର ଭବିଷ୍ୟତ ନେଇ ଭାଙ୍ଗି ପଡ଼ିଛନ୍ତି।

■ ପାଟକୁରା ବିଧାନସଭା ନିର୍ବାଚନ

# ଇଭିଏମ୍‌ରେ ୧୦ ପ୍ରାର୍ଥୀଙ୍କ ଭାଗ୍ୟ

**କେନ୍ଦ୍ରାପଡା ଅଫିସ, ୨୦।୭**

କେନ୍ଦ୍ରାପଡା ଜିଲାର ପାଟକୁରା ବିଧାନସଭା ଆସନ ପାଇଁ ଶନିବାର ମତଦାନ ଶେଷ ହୋଇଛି। ଏଥିସହିତ ଇଭିଏମ୍‌ରେ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଯାଇଛି। ୨୦୧୯ ସାଧାରଣ ନିର୍ବାଚନ ଆରମ୍ଭରୁ ଏହି ବିଧାନସଭା ଆସନ ଚର୍ଚ୍ଚାରେ ରହିଛି। ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ମୃତ୍ୟୁ ଯୋଗୁ ଗତ ଏପ୍ରିଲ ୨୯ରେ ଏହି ଆସନରେ ନିର୍ବାଚନ ବନ୍ଦ ହୋଇଥିଲା। ପରବର୍ତ୍ତୀ ସମୟରେ ସାମୁଦ୍ରିକ ଝଡ ଫନୀ ପାଇଁ ମେ ୧୯ ତାରିଖରେ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ଶନିବାର ଅନୁଷ୍ଠିତ ନିର୍ବାଚନରେ ଭାଜପାର ହେଭିୱେଟ୍ ନେତା ବିଜୟ ମହାପାତ୍ର ଓ ବିଜେଡିରୁ ବେଦପ୍ରକାଶଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଛି। ଏବେ ଫଳାଫଳକୁ ନେଇ ଅଙ୍କକଷା ଆରମ୍ଭ ହୋଇଛି। ଅପରପକ୍ଷେ ୩୦୯ରୁ ସର୍ବାଧିକ ୧୩୮ ବୁଥକୁ ସମ୍ବେଦନଶୀଳ ଚିହ୍ନଟ କରାଯିବା ଏହି ନିର୍ବାଚନର ଗୁରୁତ୍ୱ ବଢ଼ାଇଦେଇଥିଲା। ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ କରିବା ନିମନ୍ତେ ୬୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସୂଚନାଯୋଗ୍ୟଯେ, ପାଟକୁରାରେ ଗତ ଏପ୍ରିଲ ୨୯ରେ ଲୋକ ସଭା ପାଇଁ ଭୋଟ ହୋଇଥିଲା। ସେତେବେଳେ ୭୧ ପ୍ରତିଶତ ମତଦାନ ହୋଇଥିଲା। ଏହି ନିର୍ବାଚନମଣ୍ଡଳୀର ଭୋଟର ହୋଇ ନ ଥିବାରୁ ଶନିବାର କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତି ଓ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ଭୋଟ ଦେଇ ପାରିନାହାନ୍ତି। ମାତ୍ର ଏହି ୨ ପ୍ରାର୍ଥୀ ନିଜର ବିଜୟ ନିଶ୍ଚିତ ବୋଲି ଗଣମାଧ୍ୟମକୁ ସୂଚନା ଦେଉଥିବାବେଳେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ଭାଜପା ପ୍ରାର୍ଥୀ ବିଜୟ ନିର୍ବାଚନ ଫଳାଫଳ ସମ୍ପର୍କରେ ଭିନ୍ନମତ ଦେଇଛନ୍ତି।



ତଳକୁସୁମା ଉ.ପ୍ରା. ସ୍କୁଲ କେନ୍ଦ୍ରରେ ମତଦାନ କରିଛନ୍ତି ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର।

## ଇଭିଏମ୍ ବଦଳ ଅଭିଯୋଗ: ପୁଲିଂ ଅଫିସରଙ୍କୁ ମାଡ଼

**କେନ୍ଦ୍ରାପଡ଼ା ଅଫିସ, ୨୦।୭**

କେନ୍ଦ୍ରାପଡ଼ା ଜିଲା ପାଟକୁରା ବିଧାନସଭା ନିର୍ବାଚନ ଶେଷ ହୋଇଛି। ଏହି ନିର୍ବାଚନରେ ବ୍ୟବହୃତ ଏକ ଇଭିଏମ୍ ବଦଳ ନେଇ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ହୋଇଥିବା ସଂଗ୍ରହ କେନ୍ଦ୍ରରେ ଉତ୍ତେଜନା ସୃଷ୍ଟି ହୋଇଛି। ଇଭିଏମ୍ ମେଶିନ୍ ବଦଳ କରିଥିବା ଅଭିଯୋଗ କରି ପୁଲିଂ ଅଫିସରଙ୍କୁ ମାଡ଼ ହୋଇଛି। ଉପସ୍ଥିତ ପୋଲିସ ଅଧିକାରୀମାନେ ପୁଲିଂ ଅଫିସରଙ୍କୁ ଉଦ୍ଧାର କରିଥିଲେ।

ସୂଚନାଅନୁଯାୟୀ, ମତଦାନ ଗ୍ରହଣ ପରେ ଗରଦପୁର ବ୍ଲକ ପାଟକୁରା ୟୁପି ସ୍କୁଲରେ ହୋଇଥିବା ୯୪ ନଂ ବୁଥ୍‌ରୁ ଇଭିଏମ୍ ଏବଂ ଭିଭିପିଏଟି ମେଶିନକୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରସ୍ଥିତ ସଂଗ୍ରହ କେନ୍ଦ୍ରକୁ ନିଆଯାଇଥିଲା। ମାତ୍ର କେନ୍ଦ୍ରରୁ ୨୦୦ ମିଟର ଦୂରରେ ଥିବା ଏକ ଅନ୍ଧାରିଆ ସ୍ଥାନରେ ପୋଲିଂ ଅଫିସର ସନ୍ଧ୍ୟା ୮ଟାରେ ଇଭିଏମ୍ ମେଶିନ୍ ଖୋଲିଥିଲେ। ସେଠାରେ ଉପସ୍ଥିତ ଥିବା ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଏହାକୁ ବିରୋଧ କରିବାସହ ତାଙ୍କୁ ମାଡ଼ ମାରିଥିଲେ। ଏଥିପାଇଁ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏସମ୍ପର୍କରେ ପୋଲିଂ ଅଫିସର ଚିତ୍ତରଞ୍ଜନ ସାହୁ କୁହନ୍ତି, ବୁଥ୍‌ର ପ୍ରିଜାଇଡିଂ ଅଫିସର ଇଭିଏମ୍ ମେଶିନ୍‌ରେ ବ୍ୟାଟେରି ପୁରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିଯୋଗୁ ମେଶିନ କଭର ଖୋଲି ବ୍ୟାଟେରି ପୁରାଇବା ସମୟରେ କେତେଜଣ ବ୍ୟକ୍ତି ମତେ ମାଡ଼ ମାରିଛନ୍ତି। ଏହି ବିଷୟରେ ରିଟର୍ନିଂ ଅଫିସର ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କହିଛନ୍ତି, ଘଟଣା ନଜରକୁ ଆସିବା ପରେ ପୋଲିଂ ଅଫିସର ଓ ମେଶିନକୁ ଉଦ୍ଧାର କରାଯାଇ ପ୍ରଶାସନିକ ହେପାଜତକୁ ନିଆଯାଇଛି। ସମସ୍ତ ଇଭିଏମ୍ ସଂଗ୍ରହ ପରେ ଏନେଇ ତଦନ୍ତ ହେବ। ସୂଚନାଯୋଗ୍ୟ ଯେ, ଚିତ୍ତରଞ୍ଜନ ସାହୁ ରାଜନଗର ବ୍ଲକ ହାବଳଗଣ୍ଡ ୟୁପି ସ୍କୁଲର ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି।

## ସଞ୍ଜୀବ ଅରୋରା ଆଇବି ଡିଆଇଜି



**ସମ୍ବଲପୁର,୨୦।୭(ବ୍ୟୁରୋ)**

ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରା ଗୋଇନ୍ଦା ବ୍ୟୁରୋ ଡିଆଇଜି ଭାବେ ଯୋଗ ଦେବେ। ସୋମବାର ସେ ତାଙ୍କ ଦାୟିତ୍ୱ ହସ୍ତାନ୍ତର କରିବେ। ହେଲେ କାହାକୁ ଦାୟିତ୍ୱ ଦେବେ ସେ ନେଇ ଗୃହ ବିଭାଗରୁ ନିର୍ଦ୍ଦେଶ ଆସିନାହିଁ। ଅବଶ୍ୟ ଜଣେ ଅତିରିକ୍ତ ଏସ୍‌ପିଙ୍କୁ ସେ ତାଙ୍କ ଦାୟିତ୍ୱ ପ୍ରଦାନ କରିବେ ବୋଲି ଏସ୍‌ପି ଅରୋରା କହିଛନ୍ତି। ସୂଚନାଯୋଗ୍ୟ, ଏସ୍‌ପି ଅରୋରାଙ୍କ ବହୁଦିନରୁ ପଦୋନ୍ନତି ସହ ବଦଳି ହୋଇଛି। ହେଲେ ସେ କେଉଁ ସ୍ଥାନରେ ଯୋଗ ଦେବେ ସେ ନେଇ କୌଣସି ନିର୍ଦ୍ଦେଶ ଦିଆଯାଇ ନ ଥିଲା। ଏବେ ଦିଲ୍ଲୀରେ ଆଇବି ଡିଆଇଜି ଭାବେ ଯୋଗ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଆସିଛି।

# ରାଜ୍ୟର ପ୍ରଥମ ବିଦେଶ ଡାକଘର ଉଦ୍‌ଘାଟିତ

■ ଏଣିକି ବିଦେଶରେ ଶୀଘ୍ର ପହଞ୍ଚିବ ଚିଠି, ପାର୍ସଲ

■ ରପ୍ତାନିକାରୀଙ୍କୁ ସ୍ୱାଗତ, କମ୍ ମୂଲ୍ୟରେ ମିଳିବ ସେବା

■ ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ଆସିବ ଉନ୍ନତି

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ଓଡ଼ିଶାରୁ ବିଦେଶକୁ ପଠାଯାଉଥିବା ଚିଠି ଓ ପାର୍ସଲ କୋଲକାତାସ୍ଥିତ ଫରେନ ପୋଷ୍ଟ ଅଫିସ୍‌ର କଷ୍ଟମ ବିଭାଗରେ ଯାଞ୍ଚ ହୁଏ। ଏହାଦ୍ୱାରା ଚିଠି ପହଞ୍ଚିବାରେ ବହୁତ ବିଳମ୍ବ ହୁଏ। ହେଲେ ଏବେ ଆଉ ବିଳମ୍ବ ହେବ ନାହିଁ। ଏହି ସମସ୍ୟା ଦୂର କରିବାକୁ ଭାରତୀୟ ଡ଼ାକ ଓ କଷ୍ଟମ ବିଭାଗ ପକ୍ଷରୁ ଓଡ଼ିଶାରେ ପ୍ରଥମ ଫରେନ ପୋଷ୍ଟ ଅଫିସ (ବିଦେଶ ଡାକଘର)ର ଶୁଭାରମ୍ଭ ହୋଇଛି। ଶନିବାର ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ପୋଷ୍ଟାଲ ପ୍ରିଣ୍ଟିଂ ପ୍ରେସ୍‌ଠାରେ ଏହାକୁ ଭାରତୀୟ ଡାକ ବିଭାଗର ସଚିବ ଅନନ୍ତନାରାୟଣ ନନ୍ଦ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ପରିମଣ୍ଡଳ ମୁଖ୍ୟ ଡ଼ାକପାଳ ଡ. ସନ୍ତୋଷ କୁମାର କମିଲା, ଡାକ ନିର୍ଦ୍ଦେଶାଳୟ ନୂଆଦିଲ୍ଲୀର ନିର୍ଦ୍ଦେଶକ ପଦ୍ମଗନ୍ଧା ମିଶ୍ର, ଡ଼ାକସେବା ମୁଖ୍ୟାଳୟ ଭୁବନେଶ୍ୱରର ଜି. ଗୁରୁନାଥନ, ସଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ପରିମଣ୍ଡଳ ମୁଖ୍ୟ ଡ଼ାକପାଳ ଡ. କମିଳା ସୂଚନା ଦେଇ କହିଛନ୍ତି ଯେ, ଏଠାରେ ବିଦେଶ ପଠାଯାଉଥିବା ଚିଠି ଓ ପାର୍ସଲଗୁଡ଼ିକର କଷ୍ଟମ ଯାଞ୍ଚ ହେବା ସହ ବୁକିଂ କାଉଣ୍ଟର କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଏକ୍ସପୋର୍ଟ ଫାସିଲିଟେଶନ ସେଣ୍ଟର ଭାବେ କାର୍ଯ୍ୟ କରିବ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଅଧିକ ବିଦେଶୀ ରାଷ୍ଟ୍ରକୁ ବିମାନ ସେବା ଉପଲବ୍ଧ ହେବା ପରେ ଅନ୍ୟାନ୍ୟ ବୈଦେଶିକ ଡ଼ାକସେବା ମଧ ଏଠାରେ ଉପଲବ୍ଧ ହେବ। ଏହା ମାଧ୍ୟମରେ ଓଡ଼ିଶାର କଳା ଓ ସଂସ୍କୃତିକୁ ସମଗ୍ର ବିଶ୍ୱରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାର ହସ୍ତତନ୍ତ, ଓଡ଼ିଶୀ ନୃତ୍ୟର ଆଭୂଷଣ, ପିତ୍ତଳ ମୂର୍ତ୍ତିର ଚାହିଦା ବିଦେଶରେ ଭଲ ଥିବାରୁ ଏଣିକି ସହଜରେ ପଠାଯାଇପାରିବ। ଏହାଦ୍ୱାରା ଓଡ଼ିଶାର ଅର୍ଥନୈତିକ ବିକାଶ ହେବା ସହ କାରିଗରମାନେ ମଧ ଆହୁରି ଉତ୍ସାହିତ ହେବେ। ବିଦେଶକୁ ଚିଠି ପ୍ରେରଣ ଅଧିକ ହେଲେ ଏହି ସେବାକୁ ଆହୁରି ବ୍ୟାପକ କରାଯିବ। ଯେଉଁମାନେ ଡ଼ାକ ମାଧ୍ୟମରେ ରପ୍ତାନି କରିବାକୁ ଚାହୁଁଛନ୍ତି ସେମାନଙ୍କୁ ତ୍ୱରିତ ସେବା ମିଳିବ। ଅନ୍ୟ ମାଧ୍ୟମ ଅପେକ୍ଷା ଡ଼ାକ ଦ୍ୱାରା କମ୍ ମୂଲ୍ୟରେ ରପ୍ତାନି ସେବା ମିଳିପାରିବ। ଓଡ଼ିଶାର ୧୨୧୦ଟି ଡ଼ାକଘର ମାଧ୍ୟମରେ ବିଦେଶକୁ ବୁକିଂ କରାଯାଉଥିବା ସମସ୍ତ ଚିଠି ଏବଂ ପାର୍ସଲ ଏବେ ଏଠି ପ୍ରୋସେସିଂ କରାଯିବ। ବର୍ତ୍ତମାନ ଦୈନିକ ୩୦ରୁ ୪୦ ଚିଠି ଓ ପାର୍ସଲ ବିଦେଶ ଡ଼ାକଘରେ ପ୍ରୋସେସିଂ କରାଯିବାର ଲକ୍ଷ୍ୟ ରଖାଯାଇଛି। ପରବର୍ତ୍ତୀ ସମୟରେ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ଓଡ଼ିଶାରେ ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ନିଶ୍ଚୟ ଉନ୍ନତି ଆସିବ ବୋଲି ଡ. କମିଳା କହିଛନ୍ତି।



ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ବିଭାଗୀୟ ଅଧିକାରୀ।

## ବିଶ୍ୱଭୂଷଣଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଥିବା ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବାସଭବନରେ ଭେଟି ଅଭିନନ୍ଦନ ଜଣାଇଛନ୍ତି। ବିଶ୍ୱଭୂଷଣଙ୍କୁ ଭେଟିବା ପରେ ଧର୍ମେନ୍ଦ୍ର ନିଜ ଟୁଇଟରରେ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ବିଶ୍ୱଭୂଷଣ ବାବୁ ସବୁବେଳେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ସ୍ୱାଭିମାନର ପ୍ରତୀକ ଭାବରେ ସାଲିସବିହୀନ ସଂଗ୍ରାମ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଚନ୍ଦ୍ରପୃଷ୍ଠରେ ପଦାର୍ପଣକୁ ୫୦ବର୍ଷ



୧୯୬୯ ଜୁଲାଇ ୨୦ରେ ଆପୋଲୋ ୧୧ ମିଶନ୍‌ର ମହାକାଶଚାରୀ ବଜ୍ ଆଲଡ୍ରିନ୍ ଆମେରିକୀୟ ପତାକା ନିକଟରେ ପୋଜ୍ ଦେଉଛନ୍ତି।

**ୱାଶିଂଟନ୍,୨୦।୭(ଏଏଫ୍‌ପି)**

୫୦ବର୍ଷ ତଳେ ଆମେରିକୀୟ ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ ଏବଂ ବଜ୍ ଆଲଡ୍ରିନ୍ ଚନ୍ଦ୍ରପୃଷ୍ଠରେ ପ୍ରଥମକରି ପାଦ ଥାପିଥିଲେ। ଏହି ଦୃଶ୍ୟକୁ ବିଶ୍ୱର ପାଖାପାଖି ୫୦କୋଟି ଲୋକ ଟେଲିଭିଜନରେ ଦେଖିବାର ସୁଯୋଗ ପାଇଥିଲେ। ସେମାନଙ୍କର 'ଇଗଲ୍' ନାମକ ଚନ୍ଦ୍ରଯାନ ୧୯୬୯ ଜୁଲାଇ ୨୦ ଅପରାହ୍ନ ୪ଟା ୧୮ରେ ଚନ୍ଦ୍ରପୃଷ୍ଠକୁ ସ୍ପର୍ଶ କରିଥିଲା। ଯୋଗକୁ ସେଦିନ ଥିଲା ଶନିବାର। ୫୦ବର୍ଷ ପୂର୍ତ୍ତି ଦିବସରେ ଆଜି ବି ଶନିବାର। ଅବତରଣର ୬ଘଣ୍ଟା ପରେ ଆର୍ମଷ୍ଟ୍ରଙ୍ଗ୍ ତାଙ୍କର ବାମ ପାଦ ଚନ୍ଦ୍ରପୃଷ୍ଠରେ ଥାପି ଘୋଷଣା କରିଥିଲେ, 'ଏହା ଏକ ଛୋଟ ପଦକ୍ଷେପ ହୋଇପାରେ; କିନ୍ତୁ ମାନବ ଜଗତ ପାଇଁ ଏକ ବୃହତ୍ ଲମ୍ଫ।' ଏହି ୩ଜଣଙ୍କ ମଧ୍ୟରୁ ଦୁଇଜଣ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲେ ହେଁ ଅନ୍ୟତମ ମହାକାଶଚାରୀ ଆପୋଲୋ ୧୧ ସ୍ପେସ୍‌କ୍ରାଫ୍ଟର ପାଇଲଟ୍ ଭାବେ ଚନ୍ଦ୍ର ପରିକ୍ରମା କରୁଥିଲେ।

ଚନ୍ଦ୍ରପୃଷ୍ଠରେ ମଣିଷ ପ୍ରଥମ ପାଦ ଥାପିବାର ୫୦ତମ ବାର୍ଷିକୀ ପାଳନ ପାଇଁ ଆମେରିକାର ମହାକାଶ ଗବେଷଣା କେନ୍ଦ୍ର 'ନାସା' କିଛି ସପ୍ତାହ ହେବ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଛି। ବିଶେଷକରି ଫ୍ଲୋରିଡାର କେପ୍ କାନାଭେରାଲସ୍ଥିତ କେନେଡି ସ୍ପେସ୍ ସେଣ୍ଟର ଏବଂ ଟେକ୍ସାସ୍‌ର ହ୍ୟୁଷ୍ଟନ୍‌ସ୍ଥିତ ଜନସନ୍ ସ୍ପେସ୍ ସେଣ୍ଟରରେ ବିଭିନ୍ନ ବିଜ୍ଞାନ ପ୍ରଦର୍ଶନୀ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇଆସୁଛି। ଶନିବାର ଉପରାଷ୍ଟ୍ରପତି ମାଇକ୍ ପେନ୍ସ କେନେଡି ସ୍ପେସ୍ ସେଣ୍ଟରରୁ ବକ୍ତୃତା ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସ୍ପେସ୍ ସେଣ୍ଟରରୁ ଆର୍ମଷ୍ଟ୍ରଙ୍ଗ, ଆଲଡ୍ରିନ୍ ଏବଂ ମାଇକେଲ କଲିନ୍ସ ମହାକାଶକୁ ଯାତ୍ରା ଆରମ୍ଭ କରିଥିଲେ। ଏହି ୩ ମହାକାଶଚାରୀ ୧୯୩୦ରେ ଜନ୍ମଗ୍ରହଣ କରିଥିଲେ।









ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଜମ୍ମୁ-କଶ୍ମୀରର ସୀମାଞ୍ଚଳରେ ଶନିବାର ଦୁଇଟି ବ୍ରିଜ ଉଦ୍‌ଘାଟନ କରିଛନ୍ତି। କଶ୍ମୀର ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ କରାଯିବା ସହ ଆତଙ୍କବାଦ ଶେଷ କରାଯିବ ବୋଲି କଠୁଆରେ ଖବରଦାତାଙ୍କୁ ଭେଟି ସେ କହିଛନ୍ତି। ଏଥିଲାଗି ବିଶ୍ୱ ସମୁଦାୟ ଭାରତ ସହ ହାତ ମିଳାଇଥିବା ସେ ପ୍ରକାଶ କରିଛନ୍ତି। ଏହାସହ ଡ୍ରାସ ସେକ୍ଟରରେ କାର୍‌ଗିଲ ମେମୋରିଆଲ ଯାଇ ସେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ଆରବ ମହାପାତ୍ର
ପରିବାରବର୍ଗ



ରିକୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୦ ବର୍ଷରେ ବିଜ୍ଞାନ ପ୍ରଦର୍ଶନୀ ପାଇଁ ୩୨ ଲକ୍ଷ ଖର୍ଚ୍ଚ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ରାଜ୍ୟ ସରକାର ଗତ ୧୦ ବର୍ଷରେ ବିଜ୍ଞାନ କର୍ମଶାଳା ଓ ପ୍ରଦର୍ଶନୀ କରିବା ପାଇଁ ୩୧ ଲକ୍ଷ ୯୦ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ଜିଲାସ୍ତରରେ ସିମ୍ପୋସିୟମ କରିବାକୁ ୮୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ରାଜ୍ୟସ୍ତରରେ ୧ ଲକ୍ଷ ଏବଂ ଆନ୍ତର୍ଜାତୀୟ ସିମ୍ପୋସିୟମ ପାଇଁ ୧.୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ। ଯିଏ ଆବେଦନ କରନ୍ତି ସେମାନଙ୍କୁ ଅର୍ଥ ଦିଆଯାଇଥାଏ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ବିଧାନସଭାରେ ଏହା କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜିର ଏକାଦଶସ୍ଥ ଚନ୍ଦ୍ର ଆପଣଙ୍କ ସମସ୍ତ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣ ସୃଷ୍ଟିକରିବ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ, କିନ୍ତୁ କିଛିଟା ପ୍ରତିରୋଧର ସାମ୍ନା କରିବାକୁ ପଡ଼ିପାରେ। ବ୍ୟବସାୟିକ ଦିଗଟି ବେଶ୍ ଭଲ ରହିବ, କିନ୍ତୁ ବକେୟା ଋଣ ପରିଶୋଧ କରି ପାରିବେନି। ଆର୍ଥିକ ସ୍ଥିତି ଓ ପାରିବାରିକ ପରିସ୍ଥିତି ପୂର୍ବପରି ବଳବତ୍ତର ରହିବ।

**ବୃଷ**

ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଲେ ମଧ୍ୟ ସତର୍କ ରହିବା କାରଣରୁ ବିଶେଷ କିଛି ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି। ମୂଲ୍ୟବାନ୍ ଜିନିଷ କ୍ରୟକରିବା ସକାଶେ ହଠାତ୍ ମୋଟା ଅଙ୍କର ଆବଶ୍ୟକତା ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମିଥୁନ**

ବିବାଦୀୟ ପରିସ୍ଥିତି ଲାଗି ରହିବା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଫାଇଦା ହାସଲ ପାଇଁ ନିକଟ ସମ୍ପର୍କୀୟମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ବନ୍ଧୁଙ୍କ ପ୍ରାୟୋଜିତ କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବାକୁ ପଡ଼ିପାରେ। ନିର୍ମାଣମୂଳକ କାର୍ଯ୍ୟ ସୁବିଧାରେ ହାସଲ କରିବା ପାଇଁ କଷ୍ଟକର ହୋଇପଡ଼ିବ।

**କର୍କଟ**

ଆଜି ପାଇବେ ଯେତିକି ତାହାଠାରୁ ଅଧିକ କିଛି ହରାଇବାକୁ ପଡ଼ିପାରେ। କଠୋର ପରିଶ୍ରମଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇପାରେ। ଆଜିର ସକାଳୁଆ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପରିବାରର ଆର୍ଥିକ ଅବନତିର ସମୀକ୍ଷାକରି ଚିନ୍ତିତ ରହିପାରନ୍ତି।

**ସିଂହ**

ପୂର୍ବ ପରିକଳ୍ପିତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ତତ୍ପରତା ପ୍ରକାଶ କରିପାରନ୍ତି। ଉଦ୍ଦେଶ୍ୟ ପ୍ରଣୋଦିତ ବନ୍ଧୁମାନଙ୍କର ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝି ପାରିବେନି। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇଲେ ମଧ୍ୟ ଆବଶ୍ୟକତା ଅପୂରଣ ରହିବ ନାହିଁ। କଚେରି ମାମଲା କିମ୍ବା ଜମିଜମା କ୍ଷେତ୍ରରେ ମାନସିକ ଅବସାଦ ଲାଗି ରହିବ।

**କନ୍ୟା**

ଆଜିର ପ୍ରତ୍ୟୁଷ ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ। ବ୍ୟବସାୟ କ୍ଷେତ୍ରରେ ଲାଭ କିଛି କମ୍ ନ ହେଲେ ମଧ୍ୟ ବନ୍ଧୁଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପଡ଼ୋଶୀଙ୍କ ମୂଲ୍ୟହୀନ କଥାରେ ମୁଣ୍ଡ ପୂରାଇ ଶତ୍ରୁତାକୁ ନିମନ୍ତ୍ରଣ କରିପାରନ୍ତି। ପ୍ରଶାସନିକ ସ୍ତରରେ ସମସ୍ୟାର ଅନ୍ତ ଘଟିବା ସକାଶେ ଚେଷ୍ଟାକଲେ ଅବଶ୍ୟ ଉପକୃତ ହେବେ।

**ତୁଳା**

ଆଜି ଆପଣଙ୍କ ସକାଶେ କୌଣସି କାମ ଅସାଧ୍ୟ ରହିବ ନାହିଁ। କିନ୍ତୁ ଭୁଲ୍ ବୁଝାମଣାଜନିତ ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ପରିବାରରେ ମନାନ୍ତର ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତା କାରଣରୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଈର୍ଷାପରାୟଣ ହୋଇ ନିକଟରେ ରହୁଥିବା ବ୍ୟକ୍ତିମାନେ ଶତ୍ରୁତା ଆଚରଣ କରିପାରନ୍ତି।

**ବିଛା**

ଆକସ୍ମିକ ସମସ୍ୟା ଦେଖାଦେବା କାରଣରୁ ଚେଷ୍ଟା କରୁଥିବା କାର୍ଯ୍ୟରେ ଗତି ମନ୍ଥର ହୋଇପାରେ। ପରିବାରରେ ଅସାବଧାନତା ହେତୁ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସଭାସମିତି, ପ୍ରଶାସନ, ପ୍ରକାଶନ, ଆଇନ ଓ ଅଦାଲତ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ସାମୟିକ ମନକୁ ଭାରାକ୍ରାନ୍ତ କରିପାରେ।

**ଧନୁ**

ପ୍ରତ୍ୟେକ କ୍ଷେତ୍ରରେ ଆପଣ ଅଧୈର୍ଯ୍ୟ ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ଉପକୃତ ହେବେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର**

ପାରସ୍ପରିକ ସୁସମ୍ପର୍କ ଅଭାବରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଗୃହସୀମା, ନିର୍ମାଣ, ଜମିଜମା କାରବାରରେ ସମସ୍ୟାମୁକ୍ତ ରହିବେ। ଆର୍ଥିକ ପରିସ୍ଥିତି ପୂର୍ବପରି ରହିବା ହେତୁ ମାନସିକ ସ୍ଥିତି ବିଗିଡ଼ିଯିବ।

**କୁମ୍ଭ**

ପାରିବାରିକ କ୍ଷେତ୍ରରେ ଅସ୍ଥିରତା ଜନିତ ମାନସିକ ସ୍ଥିରତା ରକ୍ଷାକରିବା କଷ୍ଟକର ହୋଇପାରେ। ବିଭିନ୍ନ ପୁରାତନ ସମସ୍ୟାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। ଅଫିସ୍‌ରେ ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ତର୍କର ସମ୍ଭାବନା ରହିଛି।

**ମୀନ**

ସାମାନ୍ୟ ପ୍ରତିବନ୍ଧକ ଦେଖାଦେଲେ ମଧ୍ୟ କର୍ମକ୍ଷେତ୍ରରେ ଚେଷ୍ଟା ନିଷ୍ଫଳ ହେବନାହିଁ। ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଅଂଶୀଦାର ବ୍ୟବସାୟୀଙ୍କ ସହ ତର୍କବିତର୍କ ହେତୁକ ମନ ସାମୟିକ ଭଲ ରହି ନ ପାରେ। ପରିବାରର ଆବଶ୍ୟକତା ଉପଲବ୍ଧି କରି ଅଳଙ୍କାର, ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ଶ୍ରାବଣ କୃଷ୍ଣ ଚତୁର୍ଥୀଯୁକ୍ତ ୫ମୀ ରବିବାର, ଜୁଲାଇ ୨୧ ତାରିଖ, ରାଶି ନକ୍ଷତ୍ର, ଦିବା ଘ୮।୦୮ମି. ପରେ ପୂର୍ବଭାଦ୍ରପଦ/କୁମ୍ଭ, ଧନୁ ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ୫ମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ୬।୫୦ମି. ମଧ୍ୟେ ଘ୪।୫୪ମି. ଗତେ ଘ୬।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୭ମି. ଗତେ ଘ୧୦।୦୪ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ୪।୪୬ମି. ଗତେ ଘ୬।୨୫ମି. ମଧ୍ୟେ ରାହୁକାଳ।

# ମିସେସ୍ ଇଣ୍ଡିଆ ଭୁବନେଶ୍ୱର ଅଡିଶନ ଆଜି

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

ମିସେସ୍ ଇଣ୍ଡିଆ-୨୦୧୯ ପ୍ରତିଯୋଗିତା ପାଇଁ ଭୁବନେଶ୍ୱରରେ ଚୟନ ପ୍ରକ୍ରିୟା ରବିବାର ୨୧ ତାରିଖରେ ସ୍ଥାନୀୟ ହୋଟେଲ ହିନ୍ଦୁସ୍ଥାନ ଇଣ୍ଟରନ୍ୟାଶନାଲଠାରେ ଅନୁଷ୍ଠିତ ହେବ। ଅପରାହ୍ଣ ୧୨ଟା ୩୦ରୁ ୪ଟା ମଧ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତା ଏ ଆର୍ ଏଣ୍ଟରଟେନମେଣ୍ଟ ଗ୍ରୁପ୍ ଦ୍ୱାରା ପରିଚାଳିତ ହେବ। ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଯେ କୌଣସି ବିବାହିତା ମହିଳା http:/armrsindia.comରେ ରେଜିଷ୍ଟ୍ରେଶନ କରିପାରିବେ। ଏଥିରେ ଜାତୀୟ ପୁରସ୍କାରପ୍ରାପ୍ତ ବଲିଉଡ ଟେଲିଭିଜନ ଅଭିନେତ୍ରୀ ପ୍ରକୃତି ମିଶ୍ର, ଟେଲିଭିଜନ କଳାକାର ରେହାନ ରାୟ, ସିନ୍ ଦାସ, ସିୱାନି ଚକ୍ରବର୍ତ୍ତୀ ଏବଂ ଆଲୋକ ନରୁଲା ଚୟନ କର୍ତ୍ତା ଭାବେ ଯୋଗଦେବେ। ଏହି ଚୟନ ପ୍ରକ୍ରିୟାର ପ୍ରଥମ ରାଉଣ୍ଡରେ ପ୍ରତିଯୋଗୀମାନେ ରାମ୍ପ ସହ ନିଜ ପରିଚୟ ପ୍ରଦାନ କରିବେ। ଦ୍ୱିତୀୟ ରାଉଣ୍ଡରେ ପ୍ରତିଯୋଗୀମାନେ ନିଜର ସଙ୍ଗୀତ, ନୃତ୍ୟ ଓ ଅଭିନୟ ଆଦି କଳା ପ୍ରଦର୍ଶନ କରିବେ। ଶେଷ ତଥା ତୃତୀୟ ରାଉଣ୍ଡରେ ପ୍ରତିଯୋଗୀମାନେ ଚୟନ କର୍ତ୍ତାଙ୍କ ପ୍ରଶ୍ନର ଉତ୍ତର ଦେବେ। ଦକ୍ଷତା ସମ୍ପନ୍ନ ସୁନ୍ଦରୀ ଓ ଆଶାବାଦୀ ମହିଳାମାନଙ୍କ ଭବିଷ୍ୟତ ପାଇଁ ଏକ ପ୍ଲାଟଫର୍ମ ଯୋଗାଇଦେବ ବୋଲି ଆୟୋଜକ ଆଶିଷ ରାୟ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ପ୍ରତିଯୋଗିତାର ଅଡିଶନ ଲକ୍ଷ୍ନୌ, ପୁଣେ, ଦିଲ୍ଲୀ, କଲିକତା, ଗୁଆହାଟୀ, ଜୟପୁର, ଚଣ୍ଡିଗଡ଼, ଗୁରୁଗ୍ରାମ, ଡେରାଡୁନ, ଉଦୟପୁର, ମୁମ୍ବାଇ, ବାଙ୍ଗାଲୁରୁ, ହାଇଦ୍ରାବାଦ, ଅହମ୍ମଦାବାଦ, ପାଟନା ଓ ରାଞ୍ଚିରେ ଅନୁଷ୍ଠିତ ହୋଇସାରିଛି।

# ଏମ୍‌ଏସ୍‌ଏମ୍‌ଇ ବିଭାଗ ଦୟାରେ ହସ୍ତଶିଳ୍ପୀ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

- ଜିଲାସ୍ତରରେ ପୃଥକ୍ ହୋଇପାରୁନି କାର୍ଯ୍ୟଧାରା
- ସରକାରୀ ଯୋଜନାର ସୁଫଳ ପାଉନାହାନ୍ତି କାରିଗର



ଉତ୍କର୍ଷ କଳାର ରାଜ୍ୟ ଉତ୍କଳ ଧୀରେ ଧୀରେ ନିଜର ପୂର୍ବ ଗରିମାକୁ ହରାଉଛି। ଉତ୍କୃଷ୍ଟ କଳା ଓ ନିଖୁଣ କାରିଗରି ପାଇଁ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଥିବା ଓଡ଼ିଶାର କଳା ଓ କାରିଗର କ୍ରମଶଃ ବିପଦମୁହଁକୁ ଠେଲି ହୋଇଯାଉଛି। ରାଜ୍ୟରେ ହସ୍ତଶିଳ୍ପ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ୧୫ଲକ୍ଷରୁ ଉର୍ଦ୍ଧ୍ୱ କାରିଗର ସରକାରୀ ଅବହେଳାରୁ ଏବେ ବେଉସା ଛାଡ଼ିବାକୁ ବସିଲେଣି। ସରକାର କାରିଗରଙ୍କ ପାଇଁ ମାଲମାଲ ଯୋଜନା କରୁଥିଲେ ମଧ୍ୟ ଜିଲା ତଥା କ୍ଷେତ୍ରୀୟସ୍ତରରେ ତାହାର ସୁଫଳ ହିତାଧିକାରୀମାନେ ପାଇପାରୁ ନାହାନ୍ତି। କାରଣ ଏହି କାରିଗରମାନେ ଏବେବି ଏମ୍‌ଏସ୍‌ଏମ୍‌ଇ(ଅତି କ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ) ବିଭାଗ ଦୟାରେ ରହିଛନ୍ତି। ବିଭାଗର ଅଧିକାରୀମାନେ ଜିଲାସ୍ତରରେ ହସ୍ତଶିଳ୍ପ ଯୋଜନାର କାର୍ଯ୍ୟକାରିତା ଉପରେ ସେତେଟା ଗୁରୁତ୍ୱ ଦେଉ ନ ଥିବାରୁ କାରିଗରଙ୍କ ସାମାଜିକ, ପାରିବାରିକ ତଥା ଆର୍ଥିକ ସ୍ଥିତି ଦୋହଲିଯାଉଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟରୁ ଏହା ଜଣାପଡ଼ିଛି। ହସ୍ତଶିଳ୍ପୀ ଓ କାରିଗରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୨୦୧୨-୧୩ ଆର୍ଥିକ ବର୍ଷରେ ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ଏବଂ ଏହା ଅଧୀନରେ ଥିବା ସମସ୍ତ ସଂସ୍ଥାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନକୁ ଅଣାଯାଇଥିଲା। ମାତ୍ର କ୍ଷେତ୍ରୀୟସ୍ତରରେ ଥିବା କାର୍ଯ୍ୟଧାରାଗୁଡ଼ିକ ଏପର୍ଯ୍ୟନ୍ତ ଏମ୍‌ଏସ୍‌ଏମ୍‌ଇ ବିଭାଗଠାରୁ ପୃଥକ୍ ହୋଇନାହିଁ। ଉଭୟ ହସ୍ତଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ଯୋଜନାଗୁଡ଼ିକ ଜିଲାସ୍ତରରେ ସମାନ କ୍ଷେତ୍ରୀୟ ଅଧିକାରୀ ତଥା ଡିଆଇସି, ଆର୍‌ଆଇସି ଓ ଜେନେରାଲ ମ୍ୟାନେଜରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଛି। ଏମାନେ ସମସ୍ତେ ଏମ୍‌ଏସ୍‌ଏମ୍‌ଇ ବିଭାଗ ଅଧୀନରେ କାମ କରିବା ସହ ବିଭାଗର ମୁଖ୍ୟ କାର୍ଯ୍ୟକୁ କେବଳ ଗୁରୁତ୍ୱ ଦେଉଛନ୍ତି। ଫଳରେ ହସ୍ତଶିଳ୍ପ କ୍ଷେତ୍ରରେ ହେଉଥିବା କାର୍ଯ୍ୟର ନା ସମୀକ୍ଷା ହେଉଛି ନା ସେମାନେ କ'ଣ କରୁଛନ୍ତି ତାହାର ସୂଚନା ସରକାରଙ୍କ ନିକଟକୁ ଯାଉଛି। ଏଭଳିସ୍ଥଳେ ହସ୍ତଶିଳ୍ପୀ କାରିଗରଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଦୀର୍ଘ ସମୟ ଧରି ପଡ଼ିରହୁଛି। ଅନ୍ୟପକ୍ଷରେ ଜିଲାସ୍ତରରେ ଏବେ ବି ବହୁ ପଦପଦବୀ ଖାଲିପଡ଼ିଛି। ବିଶେଷକରି ଜିଲା କୁଟୀରଶିଳ୍ପ ଅଧିକାରୀ(ଡିସିଆଇଓ) ଏବଂ ଇଣ୍ଡଷ୍ଟ୍ରି ପ୍ରମୋଶନ ଅଫିସର(ଆଇପିଓ) ପଦବୀ ଫାଙ୍କା ପଡ଼ିଛି। କେବଳ ଏତିକି ନୁହେଁ, ସେରିକଲ୍‌ଚର ଏବଂ ଟେକ୍ସଟାଇଲ କ୍ୟାଡରରେ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡ଼ିଛି। ଜିଲାସ୍ତରରେ ହସ୍ତ ଓ କୁଟୀରଶିଳ୍ପ ପାଇଁ କୌଣସି କାର୍ଯ୍ୟାଳୟ ନ ଥିବାରୁ ସାଧାରଣ କାମ ପାଇଁ ଦୂର ଦୂରାନ୍ତରୁ ହସ୍ତଶିଳ୍ପୀଙ୍କୁ ଭୁବନେଶ୍ୱର ନିର୍ଦ୍ଦେଶାଳୟକୁ ଦୌଡ଼ିବା ସହ ଜିଲା ଶିଳ୍ପ କେନ୍ଦ୍ରର ସାହାଯ୍ୟ ନେବାକୁ ପଡୁଛି। ଏଭଳିସ୍ଥଳେ ରାଜ୍ୟ ସରକାର ତୁରନ୍ତ ଜିଲାସ୍ତରରେ ଏମ୍‌ଏସ୍‌ଏମ୍‌ଇ ବିଭାଗଠାରୁ ହସ୍ତଶିଳ୍ପକୁ ପୃଥକ୍ କରିବାକୁ ବିଧାନସଭା ଷ୍ଟାଣ୍ଡିଂ କମିଟି ପରାମର୍ଶ ଦେଇଛି। ଏହାସହ ହସ୍ତଶିଳ୍ପ ବିଭାଗରେ ଖାଲିପଡ଼ିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ଦିଗରେ ପ୍ରାଥମିକତା ଦେବାକୁ କୁହାଯାଇଛି।

**ହୋଇପାରୁନି ହସ୍ତଶିଳ୍ପୀଙ୍କ ସର୍ଭେ**

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା, ରାଜ୍ୟରେ ଏବେ କେତେ ହସ୍ତଶିଳ୍ପୀ ଅଛନ୍ତି ତାହାର ନିର୍ଦ୍ଦିଷ୍ଟ ସଂଖ୍ୟା ରାଜ୍ୟ ସରକାରଙ୍କ ପାଖରେ ନାହିଁ। ନା ସର୍ଭେ କରାଯାଉଛି ନା କାରିଗର ଚୟନ ପାଇଁ ସରକାରଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ନୀତି ବା ଗାଇଡ୍‌ଲାଇନ୍ ଅଛି। ପୁଣି ଯେତିକି ଚୟନ ହୋଇଛନ୍ତି ତାହା ମନଇଚ୍ଛା କରାଯାଇଥିବାରୁ ପ୍ରକୃତ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟରେ ଯେତେଜଣ ନିର୍ଦ୍ଦେଶକ ଅଛନ୍ତି ସେମାନେ ଏମ୍‌ଏସ୍‌ଏମ୍‌ଇ ବିଭାଗର। ହସ୍ତଶିଳ୍ପ ସମ୍ପର୍କରେ ସେମାନଙ୍କର କୌଣସି ଅଭିଜ୍ଞତା ନ ଥିବାରୁ ଏସବୁକାର୍ଯ୍ୟ ଅନ୍ଧାରରେ ବାଡ଼ି ବୁଲାଇଲା ଭଳି ବୋଲି ଓଡ଼ିଶା ଶିଳ୍ପୀ ମହାସଂଘର ସଭାପତି ଉଦୟ ମହାନ୍ତି କହିଛନ୍ତି। କେବଳ ଏତିକି ନୁହେଁ, ହସ୍ତଶିଳ୍ପୀଙ୍କୁ କଞ୍ଚାମାଲ୍ ଅଭାବ ସମସ୍ୟା ଏବେ ରାଜ୍ୟର ପ୍ରମୁଖ ସମସ୍ୟା ପାଲଟିଛି। ପଥରଶିଳ୍ପ ପାଇଁ ଆବଶ୍ୟକ ପଥର ମିଳୁନି। ରାସ୍ତା କାମରେ ସେମାନଙ୍କ ପଥର ଲାଗୁଥିଲେ ମଧ୍ୟ ଶିଳ୍ପୀମାନଙ୍କୁ ପଥର ନ ମିଳିବା ଦୁର୍ଭାଗ୍ୟଜନକ ବୋଲି ମହାନ୍ତି କହିଛନ୍ତି।

**ଲାଞ୍ଚ ନ ଦେଲେ ଗରିବ କାରିଗରଙ୍କ କଥା ଶୁଣନ୍ତିନି ଅଧିକାରୀ**

ଓଡ଼ିଶା ଶିଳ୍ପୀ ମହାସଂଘ ସମ୍ପାଦକ ପ୍ରିୟ ରଞ୍ଜନ କର କହିଛନ୍ତି, ବିଭାଗ ଭିନ୍ନ ହେଲେ ମଧ୍ୟ ଏମ୍‌ଏସ୍‌ଏମ୍‌ଇ ଅଧିକାରୀଙ୍କ ଦୟାରେ ହସ୍ତଶିଳ୍ପୀମାନଙ୍କୁ ବଞ୍ଚିବାକୁ ପଡୁଛି। ଡିଆଇସି ଓ ଆର୍‌ଆଇସି ଅଫିସରେ ଲାଞ୍ଚ ନ ଦେଲେ ଗରିବ କାରିଗରଙ୍କ କଥା ଶୁଣାଯାଉନି। କାର୍ଯ୍ୟାନୁଷ୍ଠାନର ଭୟ ନ ଥିବାରୁ ମନଇଚ୍ଛା କାମ କରାଯାଉଛି। ତେଣୁ ସରକାର ଯାହା ବି ଯୋଜନା କରନ୍ତି ତାହାର ସୁଫଳ କାରିଗରମାନେ ପାଇପାରୁନାହାନ୍ତି। ଏନେଇ ଆମେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ଲାଭ ମିଳିନି। ଏମ୍‌ଏସ୍‌ଏମ୍‌ଇ ବିଭାଗ ହିଁ ବୁଝିବେ କହି ଆମକୁ ଫେରାଇ ଦିଆଯାଇଛି ବୋଲି କର କହିଛନ୍ତି।

# ଭଜନ, ସଂକୀର୍ତ୍ତନରେ ଝଙ୍କୃତ ହେବ ସିଂହଦ୍ୱାର ସମ୍ମୁଖ

ପୁରୀ ଅଫିସ, ୨୦।୭

- ପ୍ରତି ରବିବାର ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଆଧ୍ୟାତ୍ମିକ ପରିକ୍ରମା
- ରଙ୍ଗୋଲି, ଝୋଟି, ପେଣ୍ଟିଂ ବି ଦେଖିବାକୁ ମିଳିବ

ଶ୍ରୀମନ୍ଦିର କୋଟି କୋଟି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସର ପୀଠ। ବିଶ୍ୱନିୟନ୍ତାଙ୍କ ବିଜେସ୍ଥଳୀ। ସିଂହଦ୍ୱାର ଫାଟିଲେ ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଦ ପଡ଼େ ବଡ଼ଦାଣ୍ଡରେ। ଏକମୁହାଁ ହୋଇ ସମସ୍ତେ ଛୁଟିଆନ୍ତି ସିଂହଦ୍ୱାର ଅଭିମୁଖେ। ସମସ୍ତଙ୍କ ମନରେ ଭକ୍ତି ଏବଂ ସମର୍ପଣର ଭାବ। ଦିନ ଆରମ୍ଭରୁ ମହାପ୍ରଭୁଙ୍କୁ ଦର୍ଶନ କରିବେ ଆଉ ଦୁର୍ଲ୍ଲଭ ମଙ୍ଗଳ ଆଳତି ବି ଦେଖିବେ। ଏମିତି ଭାବନା ନେଇ ପ୍ରତ୍ୟେକ ଦିନ ଦେଶର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁମାନେ ଛୁଟିଆସନ୍ତି ବଡ଼ଦେଉଳକୁ। ସକାଳୁ ରାତିପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଲାଗେ ଗହଳିଚହଳି। ତେବେ ଶ୍ରଦ୍ଧାଳୁଙ୍କ ମନରେ ଥିବା ଭକ୍ତି ଓ ସମର୍ପଣ ଭାବକୁ ଆହୁରି ସୁଦୃଢ଼ କରିବା ଲାଗି ଏଣିକି ନିଆରା ପଦକ୍ଷେପ ନେଇଛି ଜିଲା ପ୍ରଶାସନ। ପ୍ରତ୍ୟେକ ରବିବାର ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ହେବ ଆଧ୍ୟାତ୍ମିକ ପରିକ୍ରମା। ଭଜନ, ସଂକୀର୍ତ୍ତନରେ ଉଚ୍ଛୁଳି ପଡ଼ିବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ। ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଏହି କାର୍ଯ୍ୟକ୍ରମ ପ୍ରତି ରବିବାର ସକାଳ ୬ଟାରୁ ୮ଟା ଯାଏ ଚାଲିବ। ସିଂହଦ୍ୱାରଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ମଧ୍ୟରେ ଦେଖିବାକୁ ମିଳିବ ଓଡ଼ିଶୀ, ସାହିଯାତ ଓ ଗୋଟିପୁଅ ନୃତ୍ୟ ସାଙ୍ଗକୁ ରଙ୍ଗୋଲି, ଝୋଟି ଆଉ ବିଭିନ୍ନ ପ୍ରକାର ପେଣ୍ଟିଂ। ବଡ଼ଦାଣ୍ଡରେ ସୃଷ୍ଟି ହେବ ଆଧ୍ୟାତ୍ମିକ ବାତାବରଣ। ରବିବାର ସିଂହଦ୍ୱାର ସମ୍ମୁଖରେ ଦୀପଦାନପୂର୍ବକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ ବୋଲି ଜିଲାପାଳ ବଳୱନ୍ତ ସିଂ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଭକ୍ତ, ଯୁବ ଓ ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇପାରିବେ। ଏହିସମୟରେ ଶ୍ରଦ୍ଧାଳୁମାନଙ୍କ ଦର୍ଶନରେ ଯେପରି କୌଣସି ପ୍ରକାର ବାଧା ନ ଉପୁଜେ ଏଥିପ୍ରତି ଧ୍ୟାନ ଦିଆଯିବ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ ସହ ଭକ୍ତମାନଙ୍କ ଲାଗି ପାନୀୟଜଳ ଓ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯିବ।

ସୂଚନାଥାଉ କି, ସିଂହଦ୍ୱାର ସମ୍ମୁଖ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଞ୍ଚଳକୁ ବ୍ୟାରିକେଡିଂ କରାଯାଇଛି। କୌଣସି ଉଠାଦୋକାନୀ କିମ୍ବା ଭିକାରିଙ୍କୁ ବସାଯାଉ ନ ଥିବାବେଳେ ଗାଡି ପାର୍କିଂ ଉପରେ ମଧ୍ୟ କଟକଣା ଲଗାଯାଇଛି। ଭକ୍ତମାନେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ପାଦରେ ଚାଲି ଚାଲି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି। ବ୍ୟାରିକେଡିଂ ହୋଇଥିବା ଏହି ଫାଙ୍କା ଜାଗାରେ ଏହିଭଳି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଲାଗି ସ୍ଥିର କରାଯାଇଛି।

# ୫ ଡେଙ୍ଗୁ ରୋଗୀ ଚିହ୍ନଟ

କୋରାପୁଟ,୨୦।୭(ସ୍ୱ.ପ୍ର.)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଶନିବାର ୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ନବରଙ୍ଗପୁର ଜିଲାର ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ୬ ଯୁବକ ରାଜୁ ହରିଜନ, କାହ୍ନୁ ହରିଜନ, ବିନୋଦ ହରିଜନ, ଲିଙ୍ଗରାଜ ହରିଜନ, ସୁରଜ ହରିଜନ, ସରୋଜ ହରିଜନ ଜ୍ୱରରେ ଗୁରୁତର ଥାଇ ଶୁକ୍ରବାର ରାତିରେ କୋରାପୁଟ ମେଡିକାଲ କଲେଜର ଭେଷଜ ଆନ୍ତଃୱାର୍ଡରେ ଭର୍ତ୍ତି ହୋଇଥିଲେ। ଶନିବାର ରକ୍ତ ପରୀକ୍ଷା ପରେ ୫ ଜଣଙ୍କ ଡେଙ୍ଗୁ ପଜିଟିଭ ବାହାରିଥିବା ମେଡିକାଲ କଲେଜର ଡାକ୍ତର ସ୍ୱପ୍ନ ସରିତ ସାହୁ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଉମରକୋଟର ୧୨ ନମ୍ବର ୱାର୍ଡର ବାସିନ୍ଦା ଥିବା ସୁଧୀର ହରିଜନ, କାହ୍ନୁ, ରାଜୁ, ବିନୋଦ, ଲିଙ୍ଗରାଜ, ସୁରଜ ଓ ସରୋଜ ବିଶାଖାପାଟଣାର ଇଣ୍ଡିଆ ବୁଲସ କମ୍ପାନୀରେ ଇଟା କାମ କରିବା ପାଇଁ ଯାଇଥିଲେ। ସେଠାରେ ଗତ ରବିବାର ପ୍ରଥମେ କାହ୍ନୁଙ୍କୁ ଜ୍ୱର ହୋଇଥିଲା। ପରେ ଅନ୍ୟମାନଙ୍କୁ ଜ୍ୱର ହେବାରୁ ସେମାନେ ଉମରକୋଟ ଫେରି ଆସିଥିଲେ। ସୁଧୀରଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଅନ୍ୟ ୬ ଜଣ ସେଠାରୁ ଗୁରୁତର ଅବସ୍ଥାରେ କୋରାପୁଟ ସ୍ଥାନାନ୍ତର ହୋଇଥିଲେ।

**କିଛି ତଥ୍ୟ**

ଉଡାନ୍ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୭୦୫ ରୁଟ୍‌କୁ ମଞ୍ଜୁରୀ ପ୍ରଦାନ କରାଯାଇଥିବା ବେଳେ ୮ଟି ରୁଟ୍ କାର୍ଯ୍ୟକ୍ଷମ ହୋଇଛି।

-ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ

# ନୟାଗଡ଼ରୁ ମହିପୁରକୁ ଗଡ଼ିଲା ରେଳଇଞ୍ଜିନ

ନୟାଗଡ଼ ଅଫିସ/ନୂଆଗାଁ(ଡି.ଏନ.ଏ.), ୨୦।୭

- ପରୀକ୍ଷାମୂଳକ ଭାବେ ୧୦୦ ସ୍ପିଡ୍‌ରେ ଫେରିଲା
- ୧୨ କି.ମି. ପାଇଁ ୨୫ ମାସ
- ୨୫ ତାରିଖରେ ଆସିବେ ସିଆରଏସ୍




ଇଞ୍ଜିନ ଚଳାଚଳ କରିବା ପାଇଁ ଅଧିକାରୀମାନେ ନଡ଼ିଆ ଭାଙ୍ଗୁଛନ୍ତି।

ନୟାଗଡ଼ ଟାଉନ ଷ୍ଟେଶନରୁ ନୂଆଗାଁ ବ୍ଲକ ମହିପୁର ଷ୍ଟେଶନକୁ ପରୀକ୍ଷାମୂଳକ ଭାବେ ଶନିବାର ଗଡ଼ିଛି ରେଳଇଞ୍ଜିନ। ଟାଉନ ଷ୍ଟେଶନରୁ ମହିପୁର ୧୨ କି.ମି. ପାଇଁ ଲାଗିଛି ୨୫ ମାସ । ୨୦୧୭ ଜୁନ୍ ୧୯ରେ ନୟାଗଡ଼ ଟାଉନ ଷ୍ଟେଶନକୁ ରେଳ ଚଳାଚଳ ଆରମ୍ଭ ହୋଇଥିଲା। ଉଦ୍‌ଘାଟନ ଉତ୍ସବରେ ଏକ ବର୍ଷ ଭିତରେ ନୟାଗଡ଼ରୁ ମହିପୁରକୁ ରେଳ ଚଳାଚଳ କରାଯିବ ବୋଲି ପ୍ରକାଶ କରାଯାଇଥିଲା। ହେଲେ ୨ବର୍ଷ ପରେ ମଧ୍ୟ ତାହା ସମ୍ଭବ ହେଲା ନାହିଁ। ଶନିବାର ରେଳ ଇଞ୍ଜିନ ଗଡ଼ିବା ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଫଳରେ ମହିପୁରକୁ ରେଳ ଗଡ଼ିବ ବୋଲି ଅଞ୍ଚଳବାସୀ ଆଶାବ୍ୟକ୍ତ କରିଛନ୍ତି।

ରେଳ ବିଭାଗର ଅଧିକାରୀମାନେ ପରୀକ୍ଷାମୂଳକ ଭାବେ ଏହି ରେଳଇଞ୍ଜିନ ଗଡ଼ାଇଛନ୍ତି। ନୟାଗଡ଼ ଟାଉନ ଷ୍ଟେଶନରୁ ମଧ୍ୟାହ୍ନ ୧୨ଟା ୧୫ରେ ଏହି ଇଞ୍ଜିନ ୫୦ରୁ ୬୦ ସ୍ପିଡ୍‌ରେ ଗଡ଼ି ୧୨ଟା ୪୦ରେ ମହିପୁର ଷ୍ଟେଶନଠାରେ ପହଞ୍ଚିଥିଲା। ଏହା ପରେ ୧୦୦ରୁ ୧୧୦ ସ୍ପିଡ୍‌ରେ ମହିପୁରରୁ ନୟାଗଡ଼କୁ ଆସିଥିଲା। ମାତ୍ର ୧୫ ମିନିଟରେ ମହିପୁରରୁ ବାହାରି ନୟାଗଡ଼ ଟାଉନ ଷ୍ଟେଶନରେ ପହଞ୍ଚିଥିଲା। ସବୁ କିଛି ଠିକ୍‌ଠାକ୍ ଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି। ଆସନ୍ତା ୨୫ ତାରିଖରେ କମିଶନର ଅଫ୍ ରେଲୱେ ସେଫ୍‌ଟି (ସିଆରଏସ୍) ଆସିବେ। ସେ ସାର୍ଟିଫିକେଟ ପ୍ରଦାନ କଲେ ମହିପୁରକୁ ପ୍ରତିଦିନ ରେଳ ଚଳାଚଳ ହେବ। ଖୁବ୍‌ଶୀଘ୍ର ମହିପୁରକୁ ଟ୍ରେନ୍ ଚଳାଚଳ କରିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ଇଷ୍ଟକୋଷ୍ଟ ରେଲୱେର ଡେପୁଟି ଚିଫ୍ ଇଞ୍ଜିନିୟର ତତ୍ତ୍ୱଦର୍ଶୀ ସାହୁ, ସହକାରୀ ଯନ୍ତ୍ରୀ ପି.ଆର. ପାଣିଗ୍ରାହୀ, ଏସ୍. ମିଶ୍ର, ମଣ୍ଡଳ ପରିବହନ ନିରୀକ୍ଷକ ପି. ଦଣ୍ଡସେନା ପ୍ରମୁଖ ଆସି ତଦାରଖ କରିଥିଲେ। ନୟାଗଡ଼ ଟାଉନ ଷ୍ଟେଶନ ମ୍ୟାନେଜର ସଞ୍ଜୟ ପ୍ରଧାନ ଓ ଷ୍ଟେଶନ ମାଷ୍ଟର ଏସ୍. କେ. ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୧୧ ମେ ୨୦୧୭ରେ ନୟାଗଡ଼ ଟାଉନ ଷ୍ଟେଶନକୁ ପରୀକ୍ଷାମୂଳକ ଭାବେ ରେଳଇଞ୍ଜିନ ଗଡ଼ିଥିଲା। ପରେ ଜୁନ୍ ୬ ତାରିଖରେ ବୋଲଗଡ଼ ଷ୍ଟେଶନ୍‌ରୁ ନୟାଗଡ଼ ଟାଉନ ଷ୍ଟେଶନକୁ ୧୧୦ ସ୍ପିଡ୍‌ରେ ୧୨ ବଗି ବିଶିଷ୍ଟ ପାସେଞ୍ଜର ଟ୍ରେନର ଟ୍ରାଏଲ ରନ୍ ହୋଇଥିଲା। ଜୁନ୍ ୧୯ ତାରିଖରେ ରେଳ ମାନଚିତ୍ରରେ ନୟାଗଡ଼ ସାମିଲ ହୋଇଥିଲା।

ପ୍ରଥମ ପୃଷ୍ଠାରୁ...

## ଖାଇଗଲେ...

ନିଜ ପାଣ୍ଠି ବଢ଼ାଇବା ପାଇଁ ଏହି ଅର୍ଥକୁ ଆତ୍ମସାତ୍ କରାଯାଇଛି। ଯଦି ଏଭଳି ହୁଏ ତା'ହେଲେ ରାଜ୍ୟର ଭାଗ୍ୟ କ'ଣ ହେବ ବୋଲି ସେ କହିଛନ୍ତି। ଏ ସମସ୍ତ ଘଟଣା ବିଷୟରେ ବିଭାଗୀୟ ମନ୍ତ୍ରୀ ଗୃହରେ ବିବୃତି ଦିଅନ୍ତୁ। ଏହି ମହାଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ପ୍ରଦୀପ୍ତ ଦାବି କରିଛନ୍ତି।

ଭାଜପା ଦୁର୍ନୀତି ପ୍ରସଙ୍ଗ ନେଇ ସରକାରଙ୍କୁ ଘେରୁଥିବା ବେଳେ କଂଗ୍ରେସ ମଧ୍ୟ ଏହାକୁ ହାତଛଡ଼ା କରିବାକୁ ଚାହିଁ ନ ଥିଲା। ଶୂନ୍ୟ କାଳରେ କଂଗ୍ରେସ ନେତା ନରସିଂହ ମିଶ୍ର ରାଜ୍ୟରେ ଥିବା ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ହେଉଥିବା ଦୁର୍ନୀତି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ। ସେ କହିଥିଲେ ଯେ, ରାଜ୍ୟରେ ସରକାର ଅଚଳ ହୋଇଯାଇଛି। ବିଭିନ୍ନ ବିଶ୍ୱବିଦ୍ୟାଳୟରେ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଥିଲେ ମଧ୍ୟ ସେଗୁଡ଼ିକର ଅଡିଟ୍ କରାଯାଉ ନାହିଁ। ଗତ ୨୦ ବର୍ଷ ହେବ ବିଶ୍ୱବିଦ୍ୟାଳୟଗୁଡ଼ିକ ନେଉଥିବା ଅନୁଦାନର କୌଣସି ହିସାବ ନାହିଁ। ଓଡ଼ିଶା ୟୁନିଭର୍ସିଟି ଆକ୍ଟ- ୧୯୮୯ର ସେକ୍ସନ୍ ୨୩ ଅନୁଯାୟୀ ପ୍ରତିବର୍ଷ ବିଶ୍ୱବିଦ୍ୟାଳୟକୁ ଦିଆଯାଉଥିବା ଅନୁଦାନର ଅଡିଟ୍ ହେବା କଥା। ରାଜ୍ୟ ସରକାରଙ୍କ ଲୋକାଲ ଫଣ୍ଡ ଅଡିଟ୍ କରାଯିବା ବ୍ୟବସ୍ଥା ରହିଛି। ଏଥିସହିତ ଏହି ଅଡିଟ୍ ରିପୋର୍ଟକୁ ଗୃହରେ ଉପସ୍ଥାପନ କରାଯିବା କଥା। ପ୍ରତିବର୍ଷ ସିଏଜି ରିପୋର୍ଟ ବିଧାନସଭାରେ ଉପସ୍ଥାପନ ହେଉଛି। ମାତ୍ର ଲୋକାଲ ଫଣ୍ଡ ଅଡିଟ ରିପୋର୍ଟ ଗତ ୨୦ ବର୍ଷ ହେବ ଉପସ୍ଥାପିତ ହୋଇନାହିଁ। ବିଶ୍ୱବିଦ୍ୟାଳୟଗୁଡ଼ିକର ଅଡିଟ୍ କରାଇବା ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଦାୟିତ୍ୱ। ବିଭାଗୀୟ ସଚିବ ଏହାକୁ ଦେଖିବା କଥା। ଏଥିରେ ସମସ୍ତେ ସମ୍ପୃକ୍ତ ଅଛନ୍ତି। ଗୃହରେ ମନ୍ତ୍ରୀମାନେ ଏଥିପାଇଁ ଉତ୍ତରଦାୟୀ ରହିବା ଉଚିତ। ବିଧାନସଭା ଗବେଷଣା ୟୁନିଟ୍‌ରୁ ମିଳିଥିବା ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟଗୁଡ଼ିକର କୌଣସି ଅଡିଟ୍ ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହୋଇନାହିଁ। ଅନେକ ଘରୋଇ ବିଶ୍ୱବିଦ୍ୟାଳୟ ମାଗଣାରେ ଜମିନେଇ ଶିକ୍ଷା ବ୍ୟବସାୟ କରୁଛନ୍ତି। ଗୃହ ମୁଲତବୀ ରଖି ଏ ବିଷୟରେ ଆଲୋଚନା କରାଯାଉ। କେବଳ ଶିକ୍ଷା ବିଭାଗ ନୁହେଁ। ଆହୁରି ଅନେକ ବିଭାଗରେ ଏଭଳି ଦୁର୍ନୀତି ହେଉଛି। ବାଚସ୍ପତି ବିଭାଗୀୟ ମନ୍ତ୍ରୀ ଓ ଅନ୍ୟ ସମସ୍ତ ସଦସ୍ୟଙ୍କୁ ଡାକି ଏହା ଉପରେ ଆଲୋଚନା କରନ୍ତୁ। ସର୍ବସାଧାରଣଙ୍କ ଅର୍ଥକୁ ଏଭଳି ହରିଲୁଟ୍ କରା ନ ଯାଉ ବୋଲି ନରସିଂହ କହିଥିଲେ। ବାଚସ୍ପତି କହିଥିଲେ, ଏହି ଘଟଣାର ପରୀକ୍ଷାନିରୀକ୍ଷା କରାଯିବା ପରେ ପଦକ୍ଷେପ ନିଆଯିବ। ମାତ୍ର କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ପ୍ରବଳ ହୋହଲ୍ଲା କରିଥିଲେ। ୨୦ ବର୍ଷର ଦୁର୍ନୀତି ସରକାର ମାନିନିଅ ମାନିନିଅ... ଅଡିଟ୍ ରିପୋର୍ଟ ଦେବା ଆମର ଦାବି ଆମର ଦାବି... ସ୍ଲୋଗାନ ଦେଇ ହଟ୍ଟଗୋଳ କରିଥିଲେ। ପ୍ରବଳ ପାଟିତୁଣ୍ଡ ହେବାରୁ ବାଚସ୍ପତି ଗୃହକୁ ୧୧ଟା ୫୫ରୁ ୧୨ଟା ୫୦ ଏବଂ ୧୨ଟା ୫୨ରୁ ଅପରାହ୍ଣ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଏଥିସହିତ ଏ ସମ୍ପର୍କରେ ଆଲୋଚନା କରିବା ପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ, ବିରୋଧୀ ଦଳ ନେତା, ଅର୍ଥମନ୍ତ୍ରୀ, କଂଗ୍ରେସ ଦଳ ନେତା, ସରକାରୀ ଦଳ ମୁଖ୍ୟ ସଚେତକଙ୍କୁ ନିଜ ଚାମ୍ବରକୁ ଡାକିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁଲାଇ ୨୧, ୨୦୧୯

ମହାରାଷ୍ଟ୍ରର ପୁଣେରେ ଥିବା ଗ୍ରାବେଟିୟସ୍ ଫାଉଣ୍ଡେଶନ ପକ୍ଷରୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସର୍ବଭାରତୀୟ ସ୍ତରରେ ମାଲକାନଗିରିର ଜୟନ୍ତୀ ବୁରୁଦା ପୁରସ୍କୃତ ହୋଇଛନ୍ତି। ଶେଷ ଜୀବନ ପର୍ଯ୍ୟନ୍ତ ସେ ସମାଜସେବାରେ ନିଜକୁ ନିୟୋଜିତ କରିବେ ବୋଲି ଜୟନ୍ତୀ କହିଛନ୍ତି।





## ସଂକ୍ଷେପରେ

### ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ

ସୁନ୍ଦରଗଡ଼,୨୦।୭(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନାରେ ପୋଲିସ ହେପାଜତରେ ଥିବା ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ସୁନୀଲ ଲୋଧି (୨୪)। ତାଙ୍କ ଘର ମଧ୍ୟପ୍ରଦେଶର ସାଗର ଜିଲା ରେହଲି ଅଞ୍ଚଳରେ। ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପୋଲିସ ଉକ୍ତ ଘଟଣାକୁ ଆତ୍ମହତ୍ୟା କହୁଥିବା ବେଳେ ଥାନା ପରିସରରେ କେଉଁ ପରିସ୍ଥିତିରେ ସୁନୀଲଙ୍କ ମୃତ୍ୟୁ ଘଟିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୋଲିସ ସୂଚନା ମୁତାବକ, ଧରୁଆଡିହି ଥାନା ଅନ୍ତର୍ଗତ ମାନମୁଣ୍ଡାରୁ ଜଣେ ନାବାଳିକାଙ୍କୁ ଦଲାଲଙ୍କ ସହାୟତାରେ ମଧ୍ୟପ୍ରଦେଶରେ ବିକ୍ରି କରାଯାଇଥିଲା । ଏ ନେଇ ଗତ ଜୁନ୍ ୨୭ରେ ନାବାଳିକାଙ୍କ ବିଧବା ମାଆ ଥାନାରେ ଅଭିଯୋଗ କରିଥିଲେ। ସଂପୃକ୍ତ ନାବାଳିକାଙ୍କୁ ସୁନୀଲ ବିବାହ କରିଥିଲେ। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବିକ୍ରି ହୋଇଥିବା ନାବାଳିକାଙ୍କୁ ମଧ୍ୟପ୍ରଦେଶରୁ ଉଦ୍ଧାର କରିବା ସହ ସୁନୀଲଙ୍କୁ ଥାନାକୁ ଆଣିଥିଲା। ଶନିବାର ସକାଳ ସାଢେ ୫ଟାରେ ସେ କୁଆଡ଼େ ଝାଡ଼ା ଯିବାକୁ କହିଥିଲେ । ତାଙ୍କୁ ଥାନା ଶୌଚାଳୟକୁ ନିଆଯାଇଥିଲା । ହେଲେ ସେ ଶୌଚାଳୟ ଭିତରେ ନିଜ ଗାମୁଛାରେ ଫାଶୀଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଥାନା କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ମଝାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସକାଳ ସାଢେ ୭ଟାରେ ପୋଲିସ ତାଙ୍କୁ ନେଇ ଡାକ୍ତରଖାନାରେ ପହଞ୍ଚିଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁନୀଲଙ୍କ ମୃତଦେହ ପୋଲିସ ଜବତ କରି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ଶନିବାର ଅପରାହ୍ନରେ ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରଙ୍କ ସହ ଜିଲାର ବରିଷ୍ଠ ପୋଲିସ ଅଧିକାରୀମାନେ ଧରୁଆଡିହି ଥାନାରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



■ ବିରୋଧୀ ଦଳ ମୁଖ୍ୟ ସଚେତକଙ୍କୁ ଦୁର୍ବ୍ୟବହାର ଘଟଣା

# ଓଏସ୍‌ଟିଏଫ୍ ତାଲିକାରୁ ବାଦ୍ ପଡ଼ିଲା କଳିଙ୍ଗ ହସ୍ପିଟାଲ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ରାଜ୍ୟ ସରକାର ରାଜଧାନୀରେ ଥିବା ଘରୋଇ ହସ୍ପିଟାଲ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ରୋଗୀଙ୍କ ସମ୍ପର୍କୀୟଙ୍କୁ ହଇରାଣ ଓ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝିଙ୍କୁ ଦୁର୍ବ୍ୟବହାର କରିବା କଳିଙ୍ଗ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପାଇଁ ମହଙ୍ଗା ପଡିଛି । ଏହି ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ହସ୍ପିଟାଲକୁ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି(ଓଏସ୍‌ଟିଏଫ୍) ତାଲିକାରୁ ବାଦ୍ ଦିଆଯାଇଛି। ଏଥିନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ବିଧାନସଭାରେ ସୂଚନା ଦେଇଛନ୍ତି। ସେହିଭଳି ଅନ୍ୟ

■ **ଅନ୍ୟ ହସ୍ପିଟାଲରେ ତଦନ୍ତ କରିବାକୁ ଡାକ୍ତରୀ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ**

ସମସ୍ତ ଘରୋଇ ହସ୍ପିଟାଲ, ଯେଉଁମାନେ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି ତାଲିକାଭୁକ୍ତ ହୋଇଛନ୍ତି, ସେମାନଙ୍କୁ ଓଏସ୍‌ଟିଏଫ୍ ଗାଇଡ୍‌ଲାଇନ୍ ପାଳନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ଘରୋଇ ହସ୍ପିଟାଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅନ୍ୟ ହସ୍ପିଟାଲରେ ତଦନ୍ତ ପାଇଁ ଡାକ୍ତରୀ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ନବ କହିଥିଲେ।

ସୂଚନାଯୋଗ୍ୟ, କଳିଙ୍ଗ ହସ୍ପିଟାଲରେ ସମସ୍ତ ଚିକିତ୍ସା ଖର୍ଚ୍ଚ ପଇଠ ନ କରିବାରୁ ଜନୈକ ବ୍ୟକ୍ତିଙ୍କର ମୃତଦେହକୁ ଛଡ଼ାଯାଇ ନ ଥିଲା। ଏ ନେଇ ମୋହନ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ତାଙ୍କୁ କର୍ତ୍ତୃପକ୍ଷ ଦୁର୍ବ୍ୟବହାର କରିବା ସହ ଧମକଚମକ ଦେଇଥିଲେ ବୋଲି ସେ ବିଧାନସଭାରେ ଅଭିଯୋଗ କରିଥିଲେ। ଏଥିସହ ସେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମଧ୍ୟ ଜଣାଇଥିଲେ। ଘଟଣାର ତଦନ୍ତ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ୪ଜଣିଆ କମିଟି ଗଠନ କରାଯାଇଥିଲା। ତଦନ୍ତ କମିଟି ରିପୋର୍ଟ ଦେବା ପରେ ଜୁଲାଇ ୧୯ ତାରିଖରୁ କଳିଙ୍ଗ ହସ୍ପିଟାଲକୁ ଓଏସ୍‌ଟିଏଫ୍ ତାଲିକାରୁ ବାଦ୍ ଦିଆଯାଇଛି।

# ସରକାରଙ୍କୁ ମରୁଡ଼ି ଚିନ୍ତା

ଭୁବନେଶ୍ୱର,୨୦।୭(ବ୍ୟୁରୋ)

■ ୨୦୬ ବ୍ଲକରେ ସ୍ଥିତି ସଙ୍ଗିନ
■ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି:ମନ୍ତ୍ରୀ
■ ମରୁଡ଼ି ମୁକାବିଲା ଲାଗି ବିଭାଗ ପ୍ରସ୍ତୁତ କଲା ବର୍ଷା ଆପତ୍‌କାଳୀନ ଯୋଜନା
■ ବିଧାନସଭାରେ ବିବୃତି ଦେଲେ ରାଜସ୍ୱ ମନ୍ତ୍ରୀ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗାଏବ ହୋଇଯାଇଛି। ଫଳରେ ଅନେକ ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ବଲାଙ୍ଗୀର ସମେତ ପାଞ୍ଚଟି ଜିଲାରେ ଭୟଙ୍କର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ଶୁକ୍ରବାର ବିଧାନସଭାରେ କଂଗ୍ରେସ ସଦସ୍ୟମାନେ ପ୍ରସଙ୍ଗ ପ୍ରଶ୍ନ ଉଠାଇଥିଲେ। ଏ ନେଇ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସେମାନେ ଦାବି କରିଥିଲେ। ରାଜ୍ୟରେ ମରୁଡ଼ି ସମ୍ପର୍କରେ ଗୃହରେ ବିବୃତି ଦେବା ପାଇଁ ରାଜସ୍ୱ, ବିପର୍ଯ୍ୟୟ, ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଥିଲେ। ଶନିବାର ବିଧାନସଭାରେ ମନ୍ତ୍ରୀ ଗୃହରେ ମରୁଡ଼ି ସମ୍ପର୍କରେ ବିବୃତି ଦେଇ କହିଛନ୍ତି ଯେ, ଚଳିତ ବର୍ଷ ମୌସୁମୀ ବିଳମ୍ବିତ ହୋଇଛି। ଜୁନ ୨୧ ତାରିଖରେ ମୌସୁମୀ ପ୍ରବେଶ କରିବା ସହ ୨୨ ତାରିଖରେ ରାଜ୍ୟର ସମସ୍ତ ଅଞ୍ଚଳକୁ ଛୁଇଁଥିଲା। ଏହାର ପ୍ରଭାବରେ କିଛି ଅଞ୍ଚଳରେ ବୃଷ୍ଟିପାତ ହୋଇଥିଲେ ହେଁ ଅନ୍ୟ ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ହୋଇଛି। ଜୁନ ମାସରେ ୩୧.୫% କମ୍ ବୃଷ୍ଟିପାତ ହୋଇଥିବାବେଳେ ଜୁଲାଇ ୧୯ ପର୍ଯ୍ୟନ୍ତ ୨୦% କମ୍ ବୃଷ୍ଟିପାତ ହୋଇଛି। ଜୁନ ୧ରୁ ଜୁଲାଇ ୧୯ ମଧ୍ୟରେ ସ୍ୱାଭାବିକ ବୃଷ୍ଟିପାତଠାରୁ ଶତକଡ଼ା ୨୬.୩% କମ୍ ବର୍ଷା ହୋଇଛି। ରାଜ୍ୟର ୩୦ ଜିଲା ମଧ୍ୟରୁ କୋରାପୁଟ, ଖୋର୍ଦ୍ଧା, ନବରଙ୍ଗପୁର, କଟକ, କଳାହାଣ୍ଡି, ଝାରସୁଗୁଡ଼ା, ପୁରୀ, ମାଲକାନଗିରି ଏବଂ ବରଗଡ ଜିଲାରେ ସ୍ୱାଭାବିକ ବୃଷ୍ଟିପାତଠାରୁ କମ୍ ଥିବାବେଳେ ଅନ୍ୟ ୨୧ ଜିଲାରେ ବୃଷ୍ଟିପାତ ପରିମାଣ କମ୍ ଅଛି। ବ୍ଲକ ସ୍ଥିତି ଆହୁରି ସଙ୍ଗିନ। ରାଜ୍ୟର ୩୧୪ ବ୍ଲକ ମଧ୍ୟରୁ ୧୦୮ଟି ବ୍ଲକରେ ବୃଷ୍ଟିପାତ ସ୍ୱାଭାବିକ ଥିବାବେଳେ ୨୦୬ ବ୍ଲକରେ ବର୍ଷା ପରିମାଣ କମ୍ ରହିଛି। ୨୪ଟି ବ୍ଲକରେ ସ୍ୱାଭାବିକଠାରୁ ୫୯ ପ୍ରତିଶତରୁ ଊର୍ଦ୍ଧ୍ୱ ନିଅଣ୍ଟିଆ ବର୍ଷା ହୋଇଛି। ଗତବର୍ଷ ଜୁନ ୧ରୁ ଜୁଲାଇ ୧୯ ମଧ୍ୟରେ ବର୍ଷା ପରିମାଣ ସ୍ୱାଭାବିକଠାରୁ ଶତକଡ଼ା ୮.୩ ଭାଗ କମ୍ ଥିବାବେଳେ ଚଳିତ ବର୍ଷ ଏହି ସମୟରେ ୨୬.୩ ଭାଗ କମ୍ ହୋଇଛି। ବଲାଙ୍ଗୀର ଜିଲାର ୪ଟି ବ୍ଲକ ଗୁଡ୍‌ଭେଲା, ପାଟଣାଗଡ଼,ତୁରେଇକେଲା ଏବଂ ସଇଁତଳାରେ ସ୍ୱାଭାବିକ ବୃଷ୍ଟିପାତ ହୋଇଥିବା ବେଳେ ଅନ୍ୟ ୧୦ଟି ବ୍ଲକରେ ବର୍ଷା ପରିମାଣ କମ୍ ରହିଛି। କୃଷି ବିଭାଗରୁ ମିଳିଥିବା ସୂଚନାନୁଯାୟୀ, ଚଳିତ ଖରିଫ ଋତୁରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ କେତେକ ଅଞ୍ଚଳରେ ଧାନ ବୁଣା ହୋଇନାହିଁ। ଏପର୍ଯ୍ୟନ୍ତ ୧୨.୩୧ ଲକ୍ଷ ହେକ୍ଟର ଜମିରେ ଧାନବୁଣା ହୋଇଥିବାବେଳେ ୨୦.୯୯ଲକ୍ଷ ହେକ୍ଟରରେ ଅନ୍ୟାନ୍ୟ ଫସଲ ହୋଇଛି। ଗତ ବର୍ଷ ଏହି ସମୟ ମଧ୍ୟରେ ୨୦.୧୪ ଲକ୍ଷ ହେକ୍ଟର ଜମିରେ ବିହନ ବୁଣା କାମ ଶେଷ ହୋଇଥିଲା। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ କାର୍ଯ୍ୟରେ ବାଧା ଉପୁଜିଛି। ନିଅଣ୍ଟିଆ ବର୍ଷାକୁ ଦୃଷ୍ଟିରେ ରଖି ବିଭିନ୍ନ କେନାଲରେ ପାଣି ଛଡ଼ାଯାଉଛି। କୃଷି ବିଭାଗ ଦ୍ୱାରା ବର୍ଷା ଜରୁରୀକାଳିନ ଯୋଜନା ତିଆରି କରାଯାଉଛି। ପରିସ୍ଥିତି ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆଯାଉଛି। ଆଗକୁ ଯଦି ବର୍ଷା ନ ହୁଏ, ବର୍ଷା ଆପତ୍‌କାଳୀନ ଯୋଜନାନୁଯାୟୀ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ୩ ବିଭାଗ ପାଇଁ ଖର୍ଚ୍ଚଦାବି ଗୃହୀତ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

୨୦୧୯-୨୦ ଆର୍ଥିକବର୍ଷ ପାଇଁ ବିଧାନସଭାରେ ୩ ପ୍ରମୁଖ ବିଭାଗୀୟ ଖର୍ଚ୍ଚଦାବି ଶନିବାର ଗୃହୀତ ହୋଇଯାଇଛି। ଏହି ବିଭାଗଗୁଡିକ ହେଉଛି-ଖଣି ଓ ଇସ୍ପାତ, ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ। ଖଣି ଓ ଇସ୍ପାତ ବିଭାଗ ପାଇଁ ଚଳିତ ଆର୍ଥିକବର୍ଷରେ ବ୍ୟୟବରାଦର ପରିମାଣ ୧୨୨.୮୮ କୋଟି ଟଙ୍କା ରହିଛି। ସେହିପରି ଶିଳ୍ପ ବିଭାଗୀୟ ବ୍ୟୟବରାଦର ପରିମାଣ ୨୬୨,୨୫,୧୩,୦୦୦ ଟଙ୍କା ରଖାଯାଇଛି। ଏମ୍‌ଏସ୍‌ଏମ୍‌ଇ ପାଇଁ ସରକାରଙ୍କ ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷରେ ୧୯୩,୪୭,୦୭,୦୦୦ ଟଙ୍କା ରହିଛି। ଖର୍ଚ୍ଚଦାବି ଆଲୋଚନାର ଉତ୍ତର ଦେଇ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ଯେ, ବିଭାଗ ପକ୍ଷରୁ ଇ-ପ୍ରଶାସନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ସମନ୍ୱିତ ଖଣି ଓ ଖଣିଜ ଦ୍ରବ୍ୟ ପରିଚାଳନା ନୀତି ଗ୍ରହଣ କରାଯାଇଛି। ଇ-ପାସ୍ ନକଲକୁ ରୋକିବା ପାଇଁ ବାରକୋଡ୍ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୩୫.୫୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଖଣି ଉତ୍ତୋଳନ ୨୦୧୨-୧୩ରେ ୧୮୬.୬୮ ନିୟୁତ ଟନ୍ ରହିଥିଲା। ତାହା ୨୦୧୮-୧୯ରେ ୨୯୫.୪୫ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ଖଣିଜ ପଦାର୍ଥ ବିକ୍ରି ୧୭୩.୫୫ ନିୟୁତ ଟନରୁ ବୃଦ୍ଧି ପାଇଁ ୩୧୦.୦୮ ନିୟୁତ ଟନ୍‌ରେ ପହଞ୍ଚିସାରିଛି। ବିଗତ ୫ ବର୍ଷରେ ୩୨୦୦୫.୮୯ କୋଟି ଟଙ୍କାର ରାଜସ୍ୱ ଆଦାୟ କରାଯାଇଛି। ଗତବର୍ଷ ଆଦାୟ କରାଯାଇଥିବା ୧୦,୪୭୯ କୋଟି ଟଙ୍କା ସର୍ବକାଳୀନ ଅଧିକ ରାଜସ୍ୱ ଅଟେ। କେନ୍ଦ୍ର ସରକାର କୋଇଲା ରୟାଲ୍‌ଟି ବୃଦ୍ଧି କଲେ ରାଜ୍ୟ ଅଧିକ ରାଜସ୍ୱ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ, ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ସମୁଦାୟ ୩,୯୧,୬୯୭ ଗୋଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ୧୯,୦୬୮ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହା ଦ୍ୱାରା ୧୫.୨୭ ଲକ୍ଷ ଲୋକଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି ହୋଇପାରିଛି। ରାଜ୍ୟର ରପ୍ତାନିର ପରିମାଣ ୨୦୧୬-୧୭ ବର୍ଷରେ ୧୧୪ ପ୍ରତିଶତ ରହିଥିବା ମନ୍ତ୍ରୀ ମିଶ୍ର କହିଛନ୍ତି। ଅନୁରୂପ ଭାବେ ଶିଳ୍ପ ବିଭାଗର ଉତ୍ତର ରଖି ଦିବ୍ୟଶଙ୍କର କହିଛନ୍ତି ଯେ, ବିଭାଗ ଦ୍ୱାରା ଓଡ଼ିଶା ଅନ୍ତରୀଣ ଏବଂ ପ୍ରତିରକ୍ଷା ଉତ୍ପାଦନ ନୀତି-୨୦୧୮, ଓଡ଼ିଶା ରାଜ୍ୟ ଚର୍ମଶିଳ୍ପ ନୀତି-୨୦୧୯ ପ୍ରବର୍ତ୍ତନ କରାଯାଇଛି। ଗୋ-ସ୍ୱିଫ୍ଟ ଆପ୍ ଦ୍ୱାରା ୧୫ଟି ବିଭାଗକୁ ଏକାଠି ନେଇ ୩୪ ସେବା ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ଅନୁମୋଦନ ହୋଇପାରୁଥିବା ମନ୍ତ୍ରୀ କହିଛନ୍ତି।



## ଜିଲା ଚିଠି
## କଳାହାଣ୍ଡି

# ବନ୍ୟା ମୁକାବିଲା

ମୌସୁମୀ ଆଉ ଆଗଭଳି ଠିକଣା ଗତିରେ ଆସୁନାହିଁ। ସାଧାରଣତଃ ଲଘୁଚାପଜନିତ ବର୍ଷା ହିଁ ହେଉଛି। ଲଘୁଚାପଜନିତ ଲଗାଣ ବର୍ଷା ବି ଆମ କର୍ତ୍ତୃତ୍ୱ ବାହାରେ। ଅନିୟମିତ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଯାହାକୁ ଫ୍ଲାଶ୍ ଫ୍ଲଡ ବୋଲି କୁହାଯାଏ। କଳାହାଣ୍ଡି ଜିଲା ସେଥିରୁ ବାଦ୍ ପଡିନାହିଁ। ବର୍ଷାଋତୁ ଆସିବା ପୂର୍ବରୁ ପ୍ରତି ଜିଲାରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ କରାଯାଇଥାଏ। ବନ୍ୟାପ୍ରବଣ ଅଞ୍ଚଳରେ ବର୍ଷା ପୂର୍ବରୁ ଖାଦ୍ୟଶସ୍ୟ, କିରୋସିନ, ଔଷଧ ପତ୍ର ଆଦି ମହଜୁଦ କରି ରଖାଯାଏ। ଭାଙ୍ଗି ଯାଇଥିବା ନଦୀବନ୍ଧ, ରାସ୍ତାଘାଟ ଆଦି ମରାମତି କରାଯାଏ। ବନ୍ୟାପ୍ରବଣ ଅଞ୍ଚଳରେ ପାୱାର ବୋଟ୍, କଟର ମେସିନ, ତାରପୋଲିନ ଆଦି ଆଗୁଆ ବ୍ୟବସ୍ଥା କରି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତି କରାଇଥାଏ। ଏକଦା ମରୁଡିପ୍ରବଣ ଜିଲା ଭାବେ ଖ୍ୟାତ କଳାହାଣ୍ଡି ଜିଲା ଏବେ ବନ୍ୟାପ୍ରବଣ ଜିଲା ହୋଇଛି। ଗତ ଦୁଇ ଦଶନ୍ଧି ହେଲା ପ୍ରାୟ ପ୍ରତିବର୍ଷ କଳାହାଣ୍ଡିରେ ଫ୍ଲାଶ୍ ଫ୍ଲଡ ହେଉଛି। କଳାହାଣ୍ଡିର ଜୀବନରେଖା କୁହାଯାଉଥିବା ଇନ୍ଦ୍ରାବତୀ ଯୋଗୁ କଳାହାଣ୍ଡି ଆଜି ରାଜ୍ୟର ଦ୍ୱିତୀୟ ବୃହତ୍ତମ ଧାନ ଉତ୍ପାଦନକାରୀ ଜିଲାମାନ୍ୟତା ପାଇଛି। ଅନ୍ୟପକ୍ଷେ ଏହା କଳାହାଣ୍ଡିରେ ବନ୍ୟା ପରିସ୍ଥିତିକୁ ଜଟିଳ କରିଛି। ଇନ୍ଦ୍ରାବତୀ ପାୱାର ହାଉସରୁ ବିଦ୍ୟୁତ୍ ଉତ୍ପାଦନ ଦ୍ୱାରା ନିର୍ଗତ ଜଳ ପାୱାର ଚ୍ୟାନେଲ ଦ୍ୱାରା ମଙ୍ଗଳପୁର ବ୍ୟାରେଜକୁ ଛଡାଯାଉଛି। ମଙ୍ଗଳପୁର ବ୍ୟାରେଜରୁ ବାମ ଓ ଦକ୍ଷିଣ କେନାଲ ଦ୍ୱାରା ଜଳସେଚନ ବ୍ୟବସ୍ଥା କରାଯାଉଛି। ତେବେ ଲଗାଣ ବର୍ଷା ଲାଗି ରହିଥିବାବେଳେ ଇନ୍ଦ୍ରାବତୀରୁ ବିଦ୍ୟୁତ୍ ଉତ୍ପାଦନ ଚାଲୁ ରଖାଯାଉଥିବାରୁ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇପଡୁଛି। ମଙ୍ଗଳପୁର ବ୍ୟାରେଜର ସୁରକ୍ଷା ଦୃଷ୍ଟିରୁ ସମସ୍ତ ଗେଟ ଖୋଲାଯାଇ ବନ୍ୟାଜଳ ହାତୀନଦୀରେ ଛଡାଯାଉଛି। ଏହା ମଣିଷକୃତ ବନ୍ୟା। ଠିକ୍ ସମୟରେ ଆଗୁଆ ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରାଗଲେ ବନ୍ୟାଜଳ ହ୍ରାସ ପାଇପାରନ୍ତା। କଳାହାଣ୍ଡି ଜିଲା ଥୁ.ରାମପୁର ଓ ଲାଞ୍ଜିଗଡ ବ୍ଲକରେ ପ୍ରତିବର୍ଷ ଅଧିକା ବର୍ଷା ହୋଇଥାଏ। ଲଘୁଚାପଜନିତ ଲଗାଣ ବର୍ଷା ହେଲେ ଉକ୍ତ ଦୁଇ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଥାଏ। ଜିଲାର ପ୍ରତ୍ୟେକ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ରିଲିଫ୍ ସାମଗ୍ରୀ, ପଲିଥିନ ଆଦି ମହଜୁଦ ରଖାଯାଇଥାଏ। କିନ୍ତୁ ଥୁ.ରାମପୁର ଓ ଲାଞ୍ଜିଗଡ ବ୍ଲକରେ ଫ୍ଲାଶ୍ ଫ୍ଲଡ ହେଲେ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଗମନାଗମନ ବ୍ୟାହତ ହେଉଥିବାରୁ ଉଦ୍ଧାର କାର୍ଯ୍ୟ କିମ୍ବା ରିଲିଫ୍ ସାମଗ୍ରୀ ପହଞ୍ଚାଇବା ମୁସ୍କିଲ ହୋଇପଡୁଛି। ଜିଲାର ସମସ୍ତ ୧୩ଟି ବ୍ଲକରେ ଅଗ୍ନିଶମ ୟୁନିଟ ରହିଛି। ଅଗ୍ନିଶମ ବିଭାଗର ୧୧ଟି ପାୱାରବୋଟ୍ ଅଛି, ଯାହାକି ବନ୍ୟାପ୍ରବଣ ଜୁନାଗଡ ଓ ଜୟପାଟଣା ବ୍ଲକରେ ୨ଟି ଲେଖାଏ ପାୱାରବୋଟ ରଖାଯାଇଥିବା ବେଳେ ଅନ୍ୟ ୭ଟି ବ୍ଲକରେ ଗୋଟିଏ ଲେଖାଏ ପାୱାର ବୋଟ୍ ରଖାଯାଇଛି। ତେଣୁ ଉକ୍ତ ୪ଟି ବ୍ଲକ ପାଇଁ ଅଧିକ ପାୱାରବୋଟର ଆବଶ୍ୟକତା ରହିଛି। ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ରୋକିପାରିବା ନାହିଁ। କିନ୍ତୁ ଆଗୁଆ ପ୍ରସ୍ତୁତି ଓ ଠିକଣା ସମୟରେ ଉଚିତ ପଦକ୍ଷେପ ଦ୍ୱାରା ଆମେ ଏହାର ସଫଳ ମୁକାବିଲା କରିପାରିବା। କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ଯେଉଁ ପ୍ରସ୍ତୁତି ଦରକାର ତାହା କେବଳ ବୈଠକରେ ସୀମିତ ରହୁଛି। ଅନ୍ୟପକ୍ଷେ ସରକାରଙ୍କ ଉପରେ ସବୁ ଦାୟିତ୍ୱ ଛାଡି ନ ଦେଇ ଜନସାଧାରଣ ମଧ୍ୟ ନିଜ ସୁରକ୍ଷା କଥା ଚିନ୍ତାକରିବା ଉଚିତ୍। ପ୍ରତି ବ୍ଲକର ଲୋକମାନେ ହାତରେ ହାତ ମିଳାଇ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଆଗେଇ ଆସିବା ଦରକାର।

– ସଞ୍ଜୀବ କୁମାର ଜୋଷୀ

# 'ଖଣିଗୁଡ଼ିକୁ ନିଜ ହାତରେ ରଖନ୍ତୁ ସରକାର'

ଭୁବନେଶ୍ୱର,୨୦।୭(ବ୍ୟୁରୋ)

**ଖଣି ଓ ଇସ୍ପାତ, ଶିଳ୍ପ ବିଭାଗ ଖର୍ଚ୍ଚଦାବି ଆଲୋଚନା**

ରାଜ୍ୟରେ ଥିବା ଖଣିଗୁଡିକୁ ଓଡ଼ିଶା ସରକାର ନିଜ ହାତରେ ରଖନ୍ତୁ। ଏହାର ଖନନ ପରିଚାଳନା ଓଡ଼ିଶା ଖଣି ନିଗମ(ଓଏମ୍‌ସି) କିମ୍ବା ସରକାର ନିଜେ କରନ୍ତୁ। ଏହା ଦ୍ୱାରା ରାଜ୍ୟ ଅଧିକ ରାଜସ୍ୱ ପାଇପାରିବ ବୋଲି ଖଣି ଓ ଇସ୍ପାତ ବିଭାଗୀୟ ଖର୍ଚ୍ଚଦାବି ଆଲୋଚନାରେ ଏକାଧିକ ସଦସ୍ୟ ଏହି ମତ ରଖିଛନ୍ତି। ଘରୋଇ କମ୍ପାନୀକୁ ଖଣି ଦିଆଯିବା ଦ୍ୱାରା ରାଜ୍ୟର ବିଶେଷ ଲାଭ ହେଉନାହିଁ। ଓଡ଼ିଶାର ଜମି,ଜଳ,ଜଙ୍ଗଲ ଏବଂ ଖଣିକୁ ବ୍ୟବହାର କରି କମ୍ପାନୀଗୁଡ଼ିକ ସର୍ବାଧିକ ମୁନାଫା କମାଉଛନ୍ତି। ହେଲେ ରାଜ୍ୟ ପ୍ରଦୂଷଣର ଶିକାର ହେଉଛି। ଏଥିସହିତ ସ୍ଥାନୀୟ ନିଯୁକ୍ତି ନ ଥିବା ନେଇ ବିରୋଧୀ ସଦସ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ଏପରିକି ଶାସକ ଦଳର କେତେଜଣ ସଭ୍ୟ ବିସ୍ଥାପନ ନୀତି ଏବଂ ସ୍ଥାନୀୟ ନିଯୁକ୍ତି ନେଇ ପ୍ରସ୍ତାବ ଦେଇଛନ୍ତି। ଆଲୋଚନାକୁ ଆରମ୍ଭ କରି ଭାଜପା ସଦସ୍ୟ ମୋହନ ମାଝୀ କହିଥିଲେ ଯେ, ଖଣି କାର୍ଯ୍ୟ ବନ୍ଦ ନ ହେଉ। ଏହା ଦ୍ୱାରା ଶ୍ରମିକ ଓ ସ୍ଥାନୀୟ ଲୋକେ ପ୍ରଭାବିତ ହେବେ। ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ୨୦୨୦ରେ ବହୁ ଖଣିରେ ଅବଧି ସରୁଥିବାରୁ ତୁରନ୍ତ ନିଲାମୀ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ଉଚିତ। ବିଭିନ୍ନ ଭୁଲ ନୀତି କାରଣରୁ ସରକାର ୩୦,୦୦୦ କୋଟି ଟଙ୍କାରୁ ଅଧିକ ରାଜସ୍ୱ ହରାଇଥିବା ମୋହନ କହିଛନ୍ତି। ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ କହିଛନ୍ତି ଯେ, କଂଗ୍ରେସ ନେତାଙ୍କ ପକ୍ଷରୁ ଖଣି ଅଞ୍ଚଳରୁ ଅଧିକ ରାଜସ୍ୱ ସଂଗ୍ରହ ପାଇଁ ପ୍ରସ୍ତାବ ଦିଆଯାଇଛି। ପଡୋଶୀ ପଶ୍ଚିମବଙ୍ଗରେ ଏହିପରିଭାବେ ରାଜସ୍ୱ ଆଦାୟ କରାଯାଇ ପାରୁଛି। ତେଣୁ ରାଜ୍ୟ ସରକାର ସେ ନେଇ ଦୃଷ୍ଟି ଦେବା ଦରକାର। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ, ଅଣ ଓଡ଼ିଆମାନେ ରାଜ୍ୟକୁ ଆସି ସହଜରେ ବେପାର କରିପାରୁଛନ୍ତି। ଶିଳ୍ପ ପ୍ରତିଷ୍ଠା ଆଳରେ ରାଜ୍ୟକୁ ଲୁଟୁଛନ୍ତି। ଏଥିପାଇଁ ସରକାର ଏବଂ ସରକାରୀ କର୍ମଚାରୀ ସାହାଯ୍ୟ କରୁଛନ୍ତି। ଅତୀତରେ ସିଏଜି ରିପୋର୍ଟ ଦ୍ୱାରା କୋଟି କୋଟି ଟଙ୍କାର ଖଣି ଦୁର୍ନୀତି ଲୋକଲୋଚନକୁ ଅଣାଯାଇଛି। ଷ୍ଟାଣ୍ଡିଂ କମିଟି ବିଭିନ୍ନ ପ୍ରସ୍ତାବ ଦେଉଥିଲେ ବି ସରକାର ତାହାକୁ ବିଚାରକୁ ନେଉ ନାହାନ୍ତି। ରାଜ୍ୟ ସରକାର ଖଣିଗୁଡିକୁ ନିଜ ହାତକୁ ନେବା ପାଇଁ ବାରମ୍ବାର କୁହାଯାଉଛି। ହେଲେ ତାହା ହେଉ ନାହିଁ। ଶାହା କମିଶନ ଖଣି ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ ସୁପାରିଶ କରିଥିଲେ । କିନ୍ତୁ କେନ୍ଦ୍ର ସରକାର ତଦନ୍ତ ନିର୍ଦ୍ଦେଶ ଦେଇ ନାହାନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ଖଣି କାରବାରରେ ସଂପୃକ୍ତି ଥିବା ଜଣେ ବ୍ୟକ୍ତିଙ୍କୁ ଉଭୟ ବିଜେଡି-ଭାଜପା ରାଜ୍ୟ ସଭାକୁ ପଠାଇଛନ୍ତି। ବର୍ତ୍ତମାନ ଖଣି ମାଲିକମାନେ ଓଡ଼ିଶା ରାଜନୀତିକୁ ନିୟନ୍ତ୍ରଣ କରୁଥିବା ନରସିଂହ କହିଥିଲେ। ତାରାପ୍ରସାଦ ବାହିନୀ ପତି କହିଥିଲେ ଯେ, ରାଜ୍ୟରେ କୃଷିଜାତ ଶିଳ୍ପକୁ ଗୁରୁତ୍ୱ ଦିଆଯାଉ। ଖଣି କାର୍ଯ୍ୟ ସରକାର ନିଜେ କରନ୍ତୁ। ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଉ। କେବିକେ ଯୋଜନା ଲୋକଙ୍କ ଉନ୍ନତି କରିବା ପରିବର୍ତ୍ତେ 'କାହାର ଭାଗ କେତେ'ରେ ପରିଣତ ହୋଇଥିବା ତାରା କହିଛନ୍ତି। ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି କହିଥିଲେ ଯେ, ଉତ୍କଳ ଆଲୁମିନା ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ଦେଉନାହିଁ। ବର୍ତ୍ତମାନ ସମୟରେ ମଧ ଆନ୍ଦୋଳନ ଚାଲୁ ରହିଛି। ପ୍ରାୟ ୩୦ ପ୍ରତିଶତ ସ୍ଥାନୀୟ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲେ ବି ତାହା କମ୍ପାନୀମାନେ ପାଳନ କରୁନାହାନ୍ତି। ସ୍ଥାନୀୟ ଯୁବକ ନିଯୁକ୍ତି ପାଉଥିଲେ ମଧ ସମାନ କାମକୁ ସମାନ ଦରମା ପାଉ ନାହାନ୍ତି। କାଶୀପୁର ପ୍ରଭୃତି ଅଞ୍ଚଳର ବିକାଶ ପାଇଁ ଶିଳ୍ପାୟନ କରାଯାଇଥିଲା। ହେଲେ ତାହା ବାସ୍ତବ ରୂପ ନେଉ ନ ଥିବା ମକରନ୍ଦ କହିଥିଲେ।

# ରାସ୍ତା କାମ କଲେ ବିଧାୟକ

ପାପଡାହାଣ୍ଡି,୨୦।୭(ଡି.ଏନ.ଏ)



ରାସ୍ତାରେ ପଡି ରହିଥିଲା ମୋରମ ଗଦା। ଯାତାୟାତରେ ସମସ୍ୟା ହେଉଥିଲା। ଲୋକଙ୍କ ଅସନ୍ତୋଷ ପରେ ବି ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉନଥିଲା । ଶେଷରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ନିଜ ହାତରେ କୋଡ଼ି ଧରି ମୋରମ ସମତୁଳ କରିଥିଲେ। ବିଧାୟକଙ୍କ ଏପରି ରାସ୍ତା କାମ କରିବାକୁ ନେଇ ସାଧାରଣରେ ପ୍ରଶଂସା କରାଯାଇଛି। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ କଣ୍ଟାମାଳ ଠାରୁ ଜବାଗୁଡା ମାଟି ରାସ୍ତାରେ ଦୀର୍ଘ ଦିନ ହେଲା ମୋରମ ଗଦା ହୋଇ ପଡିଥିଲା। ଶନିବାର ବିଧାୟକ ଏହି ରାସ୍ତାରେ ଯାଉଥିବା ବେଳେ ଏହା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ । ଦୀର୍ଘ ଦିନ ହେଲା ଏପରି ମୋରମ ଗଦା ହୋଇଥିବା ଲୋକଙ୍କ ଠାରୁ ଜାଣିବାକୁ ପାଇଥିଲେ। ବିଧାୟକ ଭାବେ ଡାବୁଗାଁ ନିର୍ବାଚନ ମଣ୍ଡଳୀରୁ ନୂତନ ଭାବେ ନିର୍ବାଚିତ ହେବା ପରେ ସେ ଏହି ଅଞ୍ଚଳ ଗସ୍ତ କରିଥିଲେ। ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ନିଜେ ରାସ୍ତା ଉପରୁ କିଛି ମୋରମକୁ କୋଡ଼ିରେ କାଢି ସମତୁଳ କରିଥିଲେ ।

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଅନ୍‌ଲାଇନ୍ ଅଭିଯୋଗ ନମ୍ବର ଜାରି

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସାଧାରଣ ଲୋକଙ୍କ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ଏକୀକୃତ ଅଭିଯୋଗ ନଂ.୧୯୬୭ (ଟୋଲ୍ ଫ୍ରି) କାର୍ଯ୍ୟକାରୀ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟିକୁ କାର୍ଯ୍ୟକାରୀ କରାଯିବା ପରିପ୍ରେକ୍ଷୀରେ ଏହି ନମ୍ବର ଜାରି ହୋଇଛି। ସାଧାରଣ ଲୋକେ ସହଜରେ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ବନ୍ଧୀୟ ଅଭିଯୋଗ କରିପାରିବେ। ଏହାଦ୍ୱାରା ରାଜ୍ୟ ସରକାର ଏବଂ ଜନତାଙ୍କ ମଧ୍ୟରେ ଯୋଗାଯୋଗ ଆହୁରି ସୁଗମ ହୋଇପାରିବ।



ଯାହାକିଛି ତୁମେ କରୁଅଛ- ଯୋଉ ବାଗରେ ବି କରୁଅଛ- ଏପରି କି, ତୁମେ ସେ କାର୍ଯ୍ୟରେ ଖୁବ୍ କୁଶଳତା ଓ କ୍ଷମତା ପଛେ ଅର୍ଜନ କରିଅଛ- ତୁମକୁ କିନ୍ତୁ ସେହି କର୍ମଟିର ଫଳକୁ ଈଶ୍ୱରଙ୍କ ହାତରେ ଛାଡି ଦେବାକୁ ହେବ। -ଶ୍ରୀମା



# ଭାରତର ଚନ୍ଦ୍ର ଅଭିଯାନ



ଆକାର ପଟେଲ

ପଚାଶ ବର୍ଷ ତଳେ ୧୯୬୯ ମସିହା ଜୁଲାଇ ୨୪ ତାରିଖରେ ଆମେରିକାର ଆପୋଲୋ-୧୧ ମିଶନ ଚନ୍ଦ୍ରପୃଷ୍ଠରୁ ପ୍ରତ୍ୟାବର୍ତ୍ତନ କଲା। ତିନିଜଣ ମହାକାଶଚାରୀ ମାଇକେଲ କଲିନ୍ସ, ଏଡ୍‌ୱିନ ଆଲ୍‌ଡ୍ରିନ ଓ ନୀଲ୍ ଆର୍ମଷ୍ଟ୍ରଙ୍ଗ ଫ୍ଲୋରିଡ଼ାରୁ ଚନ୍ଦ୍ରପୃଷ୍ଠକୁ ଯାଇ ସେଠାରୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଆଠଦିନ ସମୟ ନେଇଥିଲେ। ଆସନ୍ତାକାଲି (ଜୁଲାଇ ୨୨ ତାରିଖରେ) ଭାରତ ତା'ର ଚନ୍ଦ୍ରଯାନ-୨ ଚନ୍ଦ୍ରକୁ ପ୍ରେରଣ କରିବାକୁ ଯାଉଛି। ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ପାଇଁ ଏହାକୁ ପ୍ରାୟ ୭ ସପ୍ତାହ ଲାଗିବ। ଆମେରିକା, ରୁଷିଆ ଓ ଚାଇନା ପରେ ଚନ୍ଦ୍ର ଅଭିଯାନରେ ଭାରତ ହେବ ଚତୁର୍ଥ ରାଷ୍ଟ୍ର। ଅବଶ୍ୟ ଏଥିରେ ସାମର୍ଥ୍ୟ ଓ ଦକ୍ଷତା ବଡ଼ କଥା ନୁହେଁ, ବଡ଼କଥା ହେଉଛି ଏହାକୁ ପ୍ରାଥମିକତା ଦେବା। ଅନ୍ୟ କେତେକ ଦେଶ ଯଥା ଜର୍ମାନୀ, ଫ୍ରାନ୍ସ, ଜାପାନ ପ୍ରଭୃତିଙ୍କ ପାଖରେ ଚନ୍ଦ୍ର ଅଭିଯାନ ପାଇଁ ଆବଶ୍ୟକ ବୈଷୟିକ ଜ୍ଞାନକୌଶଳ ଅଛି, ମାତ୍ର ଉଚ୍ଚାଭିଳାଷ ନାହିଁ। କାରଣ ଏହାଦ୍ୱାରା ଟିକସଦାତାଙ୍କର ବିପୁଳ ଅର୍ଥ ବରବାଦ ହେବ ବୋଲି ସେମାନେ ମନେକରନ୍ତି। ଆଣବିକ ଅସ୍ତ୍ରଶସ୍ତ୍ରର ବିକାଶ କ୍ଷେତ୍ରରେ ମଧ୍ୟ ସେମାନେ ସେହି ଏକାପ୍ରକାର ପଥ ଆପଣାଇଛନ୍ତି।

ଚନ୍ଦ୍ର ଅଭିଯାନର ଗୋଟିଏ ଉଦ୍ଦେଶ୍ୟ ହେଉଛି, ଏହା ଆମକୁ ସମଗ୍ର ସୌର ଜଗତ କିପରି ସୃଷ୍ଟି ହୋଇଛି ତାହା ବୁଝିବାରେ ସହାୟକ ହେବ। ଚନ୍ଦ୍ର ହେଉଛି ୩.୫ ନିୟୁତ ବର୍ଷର ପୁରୁଣା ଏବଂ ଏଥିରେ ସୃଷ୍ଟି ହୋଇଥିବା ଗର୍ତ୍ତଗୁଡ଼ିକ ଲକ୍ଷ ଲକ୍ଷ ବର୍ଷ ଧରି ଅପରିବର୍ତ୍ତିତ ରହିଛି କାରଣ ଏହାର ବାୟୁମଣ୍ଡଳ ନାହିଁ ବା କୌଣସି ଆଭ୍ୟନ୍ତରୀଣ ଗତିବିଧି ନାହିଁ। ବାସ୍ତବରେ ଆପୋଲୋ ଅଭିଯାନ ପରେ ଜଣାଗଲା ଯେ, ପୃଥିବୀ ସହ କୌଣସି ବୃହତ୍ ମହାଜାଗତିକ ବସ୍ତୁ ମାଡ଼ ହୋଇ ଚନ୍ଦ୍ରର ସୃଷ୍ଟି ହୋଇଛି। ୧୯୬୯ ପରେ ଆମେରିକା ବି ମହାକାଶ ଗବେଷଣା ଉପରେ ବିଶେଷ ମନ ବଳାଇ ନାହିଁ। ଆର୍ମଷ୍ଟ୍ରଙ୍ଗ ଓ ଆଲ୍‌ଡ୍ରିନଙ୍କ ପରେ ଆଉ ୧୦ ଜଣ ଆମେରିକୀୟ ଚନ୍ଦ୍ରପୃଷ୍ଠରେ ପାଦ ଦେଇଛନ୍ତି, କିନ୍ତୁ ଆମେରିକାର ଶେଷ ଅଭିଯାନ ହୋଇଥିଲା ୧୯୭୨ରେ। ୧୯୮୦ ଦଶକରେ ରାଷ୍ଟ୍ରପତି ରୋନାଲ୍‌ଡ ରିଗାନଙ୍କ ସମୟରେ ଆମେରିକା ମହାକାଶ ଯାନ କାର୍ଯ୍ୟକ୍ରମର ବିକାଶ କରିଥିଲା। ଏହା ୨୦୧୧ ମସିହାରେ ଶେଷ ହେଲା। ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ କଳ୍ପନା ଚାୱଲା ୨୦୦୩ରେ ମହାକାଶଯାନ କଲମ୍ବିଆରେ ପ୍ରତ୍ୟାବର୍ତ୍ତନ କରୁଥିବାବେଳେ ଏହା ବାୟୁମଣ୍ଡଳକୁ ପୁନଃପ୍ରବେଶ କରିବା ସମୟରେ ଭାଙ୍ଗିଯିବାରୁ ସେ ମୃତ୍ୟୁବରଣ କରିଥିଲେ। ଏହା ଥିଲା ମହାକାଶଯାନର ଦ୍ୱିତୀୟ ଦୁର୍ଘଟଣା ଏବଂ ପ୍ରଥମଟି ଘଟିଥିଲା ୧୯୮୦ରେ। ଏହି ଦୁଇ ଦୁର୍ଘଟଣାରେ ୧୪ ଜଣଙ୍କର ଜୀବନଦୀପ ନିର୍ବାପିତ ହୋଇଥିଲା। ଶୀତଳଯୁଦ୍ଧର ପରିସମାପ୍ତି ସହ ସୋଭିଏଟ୍ ୟୁନିୟନ ବିଖଣ୍ଡିତ ହୋଇଥିଲା ୩୦ ବର୍ଷ ତଳେ। କାରଣ ଦୂରଗାମୀ କ୍ଷେପଣାସ୍ତ୍ରଗୁଡ଼ିକର ବିକାଶ କରିବାରେ ସେମାନଙ୍କର ବିପୁଳ ଅର୍ଥ ବ୍ୟୟିତ ହୋଇଥିଲା, ଯାହା ଦେଶର ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଦେଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ ନିକଟରେ କହିଛନ୍ତି ଯେ ସେ ନାସାର ଉଚ୍ଚାଭିଳାଷକୁ ପୁଣି ଜାଗ୍ରତ କରିବେ ଏବଂ ଆମେରିକୀୟ ମହାକାଶଚାରୀମାନେ ୨୦୨୪ ସୁଦ୍ଧା ପୁଣି ଚନ୍ଦ୍ରକୁ ଯିବେ।

ତେବେ ମହାକାଶ ଉପରେ ଏକ ଘରୋଇ କମ୍ପାନୀ ସ୍ପେସ୍‌ଏକ୍ସ କାମ କରୁଛି, ଯାହା ଧନକୁବେର ଯନ୍ତ୍ରୀ ଏଲନ୍ ମସ୍କଙ୍କ ଦ୍ୱାରା ପରିଚାଳିତ। ସ୍ପେସ୍‌ଏକ୍ସ ଏପରି କାମ କରିପାରିବ, ଯାହା ନାସା ବି କରିପାରିବନି। ଆଉ ଏକ ଘରୋଇ ମହାକାଶ କମ୍ପାନୀ ବ୍ଲୁ ହରାଇଜନ୍‌ର ବି ଅନୁରୂପ ଦକ୍ଷତା ଅଛି, ଯାହା ଆମାଜନର ମାଲିକ ଜେଫ୍ ବେଜୋଙ୍କ ଦ୍ୱାରା ପରିଚାଳିତ। ମଙ୍ଗଳଗ୍ରହରେ ଏକ କଲୋନୀ ପ୍ରତିଷ୍ଠା କରିବା ପାଇଁ ସେ ଯୋଜନା କରି କାର୍ଯ୍ୟ କରିଆସୁଛନ୍ତି।

ଏବେ ଭାରତ ମହାକାଶ କାର୍ଯ୍ୟକ୍ରମ ଉପରେ ବିପୁଳ ଟଙ୍କା ଖର୍ଚ୍ଚ କରିବା ଉପରେ ଦୁଇ ପ୍ରକାର ମତପ୍ରକାଶ ପାଉଛି ଏବଂ ମୋ ମତରେ ଦୁଇଟା ଯାକ ବୈଧ। ପ୍ରଥମଟି ହେଉଛି ଭାରତ ପରି ଏକ ଗରିବ ଦେଶ କେବଳ ଜାତୀୟ ଗୌରବ ବୃଦ୍ଧି ପାଇଁ ନାଗରିକମାନଙ୍କର ବିଶେଷ କଲ୍ୟାଣ ସାଧନ କରୁ ନ ଥିବା କାର୍ଯ୍ୟକ୍ରମରେ ଏତେ ଟଙ୍କା ଖର୍ଚ୍ଚ କରିବା ଉଚିତ ନୁହେଁ। ଅନ୍ୟ ମତଟି ହେଉଛି ଏ ପ୍ରକାର କାର୍ଯ୍ୟକ୍ରମ ବୈଜ୍ଞାନିକ ମାନସିକତାର ବିକାଶରେ ସାହାଯ୍ୟ କରିବ। ଏହି କାରଣରୁ ଉକ୍ତ କାର୍ଯ୍ୟକ୍ରମକୁ ସବୁ ରାଜନୈତିକ ଦଳରୁ ସମର୍ଥନ ମିଳୁଛି। ଆସନ୍ତାକାଲିର ଚନ୍ଦ୍ର ଅଭିଯାନକୁ ଭାରତର ପୂର୍ବ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୨୦୦୮ ମସିହାରେ ଅନୁମୋଦନ କରିଥିଲେ। ଏହା ଯଦି ସଫଳ ହୁଏ, ତେବେ ଉକ୍ତ ଚନ୍ଦ୍ରଯାନ-୨ ଏକବର୍ଷ ପାଇଁ କାର୍ଯ୍ୟକ୍ଷମ ରହିବ। ଜିଏସ୍‌ଏଲ୍‌ଭି-୩ ସାହାଯ୍ୟରେ ଏହା ଉତ୍କ୍ଷେପଣ କରାଯିବ। ୩.୮ ଟନ୍ ଓଜନବିଶିଷ୍ଟ ସାଟେଲାଇଟ୍‌ଟି ଚନ୍ଦ୍ରପୃଷ୍ଠରୁ ୧୦୦ କିମି ଉଚ୍ଚତାରେ ରହି ଏହାକୁ ପ୍ରଦକ୍ଷିଣ କରିବ। ଏହାର ଅର୍ବିଟର, ଲ୍ୟାଣ୍ଡର ଓ ରୋଭର ସବୁକିଛି ଆମ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ବିକଶିତ ହୋଇଛି। ଭାରତୀୟ ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କ ନାମରେ ଲ୍ୟାଣ୍ଡରର ନାମ ବିକ୍ରମ ରଖାଯାଇଛି, ଯାହା ଅର୍ବିଟରରୁ ବିଚ୍ୟୁତ ହୋଇ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବ। ପ୍ରଜ୍ଞାନ ନାମରେ ନାମିତ ଏକ ରୋବଟିକ୍ ରୋଭର ସେଠାରେ ୧୪ ଦିନ ରହି ଚନ୍ଦ୍ରପୃଷ୍ଠର ଖଣିଜ ଓ ରାସାୟନିକ ନମୁନା ସଂଗ୍ରହ କରିବ। ଯଦି ଚନ୍ଦ୍ରଯାନ-୨ ସଫଳ ହୁଏ, ତେବେ ଭାରତ ସାରା ପୃଥିବୀର ଗଣମାଧ୍ୟମରେ ଏକ ଭଲ କାମ ପାଇଁ ଚର୍ଚ୍ଚିତ ହେବ।

Email: aakar.patel@gmail.com

# କେନ୍ଦ୍ରୀକରଣ ଶିକ୍ଷାନୀତି: ଏକ ବିଶ୍ଳେଷଣ



ପ୍ରଦୀପ୍ତ ନାୟକ

ସ୍ୱାଧୀନତୋତ୍ତର ଭାରତବର୍ଷରେ ଅଦ୍ୟାବଧି ଦୁଇଟି ଜାତୀୟ ଶିକ୍ଷାନୀତି ପ୍ରଣୀତ ହୋଇଛି। ଏବର ପ୍ରସ୍ତାବିତ ଶିକ୍ଷାନୀତି ହେଉଛି ତୃତୀୟ। ୧୩୦ କୋଟି ଅଧିବାସୀଙ୍କର ଏହି ବିଶାଳ ଦେଶରେ ବହୁ ଭାଷା ଉପଭାଷା, ବହୁ ଧର୍ମ, ବହୁ ଜାତି, ଭିନ୍ନ ଭିନ୍ନ ସଂସ୍କୃତି ପ୍ରଚଳିତ ହେଉଛି। ଆଇନର ଶାସନ ପ୍ରତିଷ୍ଠିତ ଥିବା ଏହି ସଂଘୀୟ ରାଷ୍ଟ୍ରରେ ବହୁଳବାଦକୁ ସମ୍ମାନ ଦେବା ସହିତ ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରାଯାଇଛି। ଶାସନ ବ୍ୟବସ୍ଥା ଓ ନୀତି ନିୟମ ଯଦି ବିକେନ୍ଦ୍ରୀକରଣ ନ ହେବ କେବଳ ଆମ ସାମ୍ବିଧାନିକ ବିଧି ବ୍ୟବସ୍ଥାର ହନନ ହେବ ନାହିଁ, ଆମର ସାମାଜିକ ଚଳଣି, ଶାନ୍ତି, ପ୍ରଗତି ଓ ସହଭାଗିତା ଛିନ୍‌ଭିନ୍ ହୋଇଯିବ। ଶିକ୍ଷାନୀତି ଓ ଶିକ୍ଷା ବ୍ୟବସ୍ଥା ଯାହା ସମାଜକୁ ଉଦ୍‌ବୁଦ୍ଧ କରେ ଓ ସମୃଦ୍ଧ କରେ, ତାହା ଯଦି ଜନାଭିମୁଖୀ ନ ହୁଏ ତେବେ ସମାଜ ବିକଶିତ ହୁଏନାହିଁ। ୧୯୬୬ ମସିହାରେ କୋଠାରୀ କମିଶନ ତାଙ୍କ ରିପୋର୍ଟରେ କହିଥିଲେ, ଦେଶର ଭାଗ୍ୟବିଧାତାମାନେ ଶ୍ରେଣୀଗୃହର ଚାରିକାନ୍ଥ ମଧ୍ୟରେ ବଢୁଛନ୍ତି। ସେମାନଙ୍କୁ ଉଚିତ ଖାଦ୍ୟପେୟ, ପାଠ୍ୟ ଉପକରଣ, ସ୍ନେହଶ୍ରଦ୍ଧା, ବୈଜ୍ଞାନିକ ପ୍ରଣାଳୀର ଶିକ୍ଷା ଖସଡ଼ା ଓ ବିଷୟବସ୍ତୁ ଯୋଗାଇଦେବାକୁ ପଡ଼ିବ। ସମସ୍ତ ବିଦ୍ୟାଳୟକୁ ସମାନ ଧରଣର ସରକାରୀ ବିଦ୍ୟାଳୟ କରିବା ନିମନ୍ତେ କମିଶନ ଅତ୍ୟନ୍ତ ଉପାଦେୟ ସମୟୋପଯୋଗୀ ପ୍ରସ୍ତାବମାନ ଦେଇଥିଲେ। ଏହାକୁ ଫଳବତୀ କରିବା ନିମନ୍ତେ ଉପଯୁକ୍ତ ପାଣ୍ଠି ତଥା ଦେଶର ବାର୍ଷିକ ଘରୋଇ ଉତ୍ପାଦର ୬% କିମ୍ବା ବାର୍ଷିକ କେନ୍ଦ୍ର ବଜେଟର ୯% ଶିକ୍ଷା ପାଇଁ ବ୍ୟୟବରାଦ କରିବାକୁ କହିଥିଲେ। ୧୯୬୮ ମସିହାରେ ଏହି ବୈପ୍ଳବିକ ଶିକ୍ଷାନୀତି ପ୍ରଣୀତ ହୋଇଥିଲେ ମଧ୍ୟ ଏହାର ଅଧିକାଂଶ ପ୍ରସ୍ତାବ ସରକାର କାର୍ଯ୍ୟକାରୀ କରିନାହାନ୍ତି।

ଉଦାରୀକରଣ ଓ ଘରୋଇକରଣ ନୀତି କାର୍ଯ୍ୟକାରୀ କରିବା ଫଳରେ ଶିକ୍ଷାର ମାନ ଧୀରେ ଧୀରେ ହ୍ରାସ ପାଇ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ୨୦୧୪ ମସିହାରେ ଭାଜପା ସରକାର ଆସିବା ପରେ ୨୦୧୭ ଜୁନ୍‌ରେ ମହାକାଶ ବିଜ୍ଞାନୀ ଡ. କେ. କସ୍ତୁରୀରଙ୍ଗନଙ୍କ ଅଧ୍ୟକ୍ଷତାରେ ଏକ ୧୧ ଜଣିଆ କମିଟି ଗଠନକରି ଦେଶରେ ପ୍ରାକ୍ ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ସମସ୍ତ ପ୍ରକାର ବୈଷୟିକ ଶିକ୍ଷା, ଗବେଷଣା ଓ ତାଲିମ ନିମନ୍ତେ ନୂଆ ଜାତୀୟ ଶିକ୍ଷାନୀତି ଆଣିବାକୁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କମିଟି ଦେଶର କୌଣସି ଜାଗାରେ ଶିକ୍ଷାବିତ୍, ଶିକ୍ଷକ, ଛାତ୍ର, ଅଭିଭାବକ, ରାଜନୈତିକ ଓ ସାମାଜିକ କର୍ମୀଙ୍କ ମତାମତ ନ ନେଇ ତାଙ୍କ ରିପୋର୍ଟ ସରକାରଙ୍କୁ ଗତ ମେ ମାସ ୩୧ ତାରିଖରେ ହସ୍ତାନ୍ତର କରିଛନ୍ତି। ମଧ୍ୟଯୁଗୀୟ ଭାରତୀୟ ଧର୍ମୀୟ ପରମ୍ପରାର ବାର୍ତ୍ତାବହ ପତଞ୍ଜଳି, ପାଣିନି ପ୍ରମୁଖ ବ୍ୟକ୍ତିବିଶେଷଙ୍କ ଉଦାହରଣ ଦିଆଯାଇଥିବା ବେଳେ ନୂତନ ବୈଜ୍ଞାନିକ ଚିନ୍ତାଧାରାକୁ ନିରୁତ୍ସାହିତ କରାଯାଇଛି। ଏଥିରେ ଶିକ୍ଷାକୁ ସମ୍ପୂର୍ଣ୍ଣ କେନ୍ଦ୍ରୀକରଣ, ଗୈରିକୀକରଣ ତଥା ଘରୋଇକରଣ କରିବାକୁ ପ୍ରୋତ୍ସାହିତ କରିବା ନିମନ୍ତେ ସରକାରଙ୍କ ଉଦ୍ଦେଶ୍ୟ ପରିଲକ୍ଷିତ ହେଉଥିବାରୁ ଦେଶର ବିଭିନ୍ନ ଭାଗରୁ ଏହା ବିରୋଧରେ ସ୍ୱର ଉଠିଛି।

ପୂର୍ବ ସୁପରିକଳ୍ପିତ ୪୮୨ ପୃଷ୍ଠାର ଏହି ବୃହତ୍ ଜାତୀୟ ଶିକ୍ଷାନୀତି ଚିଠା ପ୍ରସ୍ତାବକୁ ଗତ ମେ ୩୧ ତାରିଖରେ କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର ହୋଇଛି। ଆରମ୍ଭରୁ ଦେଶ ତମାମ ଏହି ଶିକ୍ଷା ରିପୋର୍ଟରେ ତ୍ରିଭାଷୀ ସୂତ୍ରକୁ ବିରୋଧ କରାଯାଇଥିଲା। ହିନ୍ଦୀକୁ ରାଷ୍ଟ୍ରଭାଷାର ମାନ୍ୟତା ଦେବା ସମେତ ବାଧ୍ୟତାମୂଳକ କରାଯାଇ ୪ର୍ଥ ଶ୍ରେଣୀରୁ ପଢ଼ାଯିବାକୁ ଦକ୍ଷିଣ ଭାରତୀୟ ରାଜ୍ୟ ତାମିଲନାଡୁ ସମେତ ପଶ୍ଚିମବଙ୍ଗ ଓ ବହୁ ସଂଖ୍ୟାରେ ଶିକ୍ଷାବିତ୍, ଭାଷାବିତ୍ ଓ ବୁଦ୍ଧିଜୀବୀ ବିରୋଧ କରିବା ପରେ ସରକାର ମୂଳ ଚିଠା ରିପୋର୍ଟରୁ ତାହା କାଟିଦେଇଛନ୍ତି। ୧ ମାସ ଜାଗାରେ ମାତ୍ର ୨ମାସ ସମୟ ଦେଇ ଜୁଲାଇ ୩୧ ତାରିଖ ମଧ୍ୟରେ ମତାମତ ଲୋଡ଼ିଛନ୍ତି, ଯାହା ଆଦୌ ଗ୍ରହଣୀୟ ନୁହେଁ। ସର୍ବନିମ୍ନ ୬ ମାସ ସମୟ ନ ହେଲେ ଦେଶର ସମସ୍ତ ବର୍ଗର କୋଟି କୋଟି ଲୋକ ଚିଠା ରିପୋର୍ଟ ଉପରେ ନିଜର ମତାମତ ରଖିପାରିବେ ନାହିଁ।

ଏକବିଂଶ ଶତାବ୍ଦୀ ନିମନ୍ତେ ବିଶ୍ୱରେ ଗଠିତ ଆନ୍ତର୍ଜାତିକ ଶିକ୍ଷା କମିଶନର ଅଧ୍ୟକ୍ଷ ଯାକୁଇସ, ଡେଲରସ ତାଙ୍କର ରିପୋର୍ଟ ୧୯୯୬ ମସିହାରେ ଜାତିସଂଘର 'ୟୁନେସ୍କୋ'କୁ ହସ୍ତାନ୍ତର କରିଥିଲେ। ଏହି ଐତିହାସିକ କମିଶନ ପ୍ରସ୍ତାବ ଦେଇଥିଲେ ଯେ, ଜୀବନକାଳ ମଧ୍ୟରେ ଶିକ୍ଷା ସମାଜର ଚାରୋଟି ସ୍ତମ୍ଭକୁ ନେଇ ପର୍ଯ୍ୟବସିତ, ଯଥା ୧. ସମସ୍ତ କଥା ଜାଣିବା ନିମନ୍ତେ ଶିକ୍ଷା, ୨. ସମସ୍ତ କାର୍ଯ୍ୟ କରିବା ନିମନ୍ତେ ଶିକ୍ଷା, ୩. ସମସ୍ତେ ମିଳିମିଶି ଚଳିବା ନିମନ୍ତେ ଶିକ୍ଷା, ୪. ଶିକ୍ଷା ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ କରେ ଏବଂ ବ୍ୟକ୍ତିକୁ ସ୍ୱାତନ୍ତ୍ର୍ୟ ପ୍ରଦାନ ସହ ନ୍ୟାୟ ଓ ଦାୟିତ୍ୱବାନ କରାଏ। ଶିକ୍ଷା କୌଣସି ବ୍ୟକ୍ତିର ମାନସିକ ସନ୍ତୁଳନତା, ନୈତିକ ମୂଲ୍ୟବୋଧ ଓ ଶାରୀରିକ ସାମର୍ଥ୍ୟକୁ ଅସମ୍ମାନ କରେ ନାହିଁ। ଦେଶବାସୀଙ୍କ ସମ୍ମୁଖରେ ମୁଖ୍ୟ ପ୍ରଶ୍ନ କିଭଳି ସମସ୍ତେ ଶିକ୍ଷାଲାଭ କରିବେ, ସମାନ ଭାବରେ ଗୁଣାତ୍ମକ ଶିକ୍ଷା କିଭଳି ସମସ୍ତଙ୍କ ନିକଟରେ ପହଞ୍ଚିବ, ପ୍ରଶାସନ, ଶିକ୍ଷକ, ସମାଜ କିଭଳି ପରସ୍ପର ପ୍ରତି ଉତ୍ତରଦାୟୀ ରହିବେ ଓ ଶିକ୍ଷାପ୍ରାପ୍ତି ନିମନ୍ତେ ସମସ୍ତଙ୍କର କିଭଳି ଆର୍ଥିକ ସାମର୍ଥ୍ୟ ବୃଦ୍ଧି ପାଇବ ତାହା ଏହି ପ୍ରସ୍ତାବରେ ନାହିଁ। ଦେଶରେ ଜାତୀୟ ଶିକ୍ଷା ଆୟୋଗ ଗଠନର ସୁପାରିସ କରାଯାଇଛି ଯାହାର ମୁଖ୍ୟ ନିଜେ ପ୍ରଧାନମନ୍ତ୍ରୀ ରହିବେ ଯାହା ଦେଶର ସଂଘୀୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି। ପ୍ରଶାସନିକ ଆବଶ୍ୟକତା ଓ ସାମ୍ବିଧାନିକ ନିୟମ ଅନୁସାରେ ଶିକ୍ଷା କେନ୍ଦ୍ର ଓ ରାଜ୍ୟର ଯୁଗ୍ମ ଅଥବା ମିଳିତ ବିଷୟବସ୍ତୁ। ତେଣୁ ଏପରି ପ୍ରସ୍ତାବକୁ ଦେଶବାସୀ ଦୃଢ଼ ବିରୋଧ କରିବା ଉଚିତ। ଜାତୀୟ ଶିକ୍ଷାନୀତି ୨୦୦୯ ଆଧାରରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ପରୀକ୍ଷା କିମ୍ବା ପାସ୍ ଫେଲ୍ ବ୍ୟବସ୍ଥା ନ ଥିଲା। ଛାତ୍ରୀଛାତ୍ର ସମ୍ପୂର୍ଣ୍ଣ ମାଗଣାରେ ୮ମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବାକୁ ଥିବାବେଳେ ଏଥିରେ ୩ୟ, ୫ମ ଓ ୮ମ ଶ୍ରେଣୀରେ ପୁନଃ ପରୀକ୍ଷା ବ୍ୟବସ୍ଥା ଲାଗୁ କରିବା ପାଇଁ ପ୍ରସ୍ତାବ ରହିଛି। ଏହା ଜାତୀୟ ଶିକ୍ଷାନୀତିକୁ ସମ୍ପୂର୍ଣ୍ଣ ବିରୋଧ କରୁଛି। ଶିଶୁ ୩ବର୍ଷ ବୟସରୁ ୫ ବର୍ଷ ପର୍ଯ୍ୟନ୍ତ ପ୍ରାକ୍ ପ୍ରାଥମିକ ଶିକ୍ଷା ଅଙ୍ଗନୱାଡିରୁ ପାଉଥିଲା। ଏବେ ଅଙ୍ଗନୱାଡି କେନ୍ଦ୍ରକୁ ବିଦ୍ୟାଳୟ ସହିତ ମିଶାଇବା ପାଇଁ କୁହାଯାଇଛି, ମାତ୍ର ଗୁଣାତ୍ମକ ଅଭିଜ୍ଞ ଶିକ୍ଷକ ନିଯୁକ୍ତି ବିଷୟରେ କିଛି କୁହାଯାଇନାହିଁ। ଛାତ୍ର-ଶିକ୍ଷକ ଅନୁପାତ ୩୦:୧ କଥା କୁହାଯାଇଛି। ମାତ୍ର ଆବଶ୍ୟକ ଥିବା ଲକ୍ଷ ଲକ୍ଷ ଶିକ୍ଷକଙ୍କର ଚାକିରିର ସ୍ଥାୟିତ୍ୱ ସମ୍ପର୍କରେ କିଛି କୁହାଯାଇନାହିଁ।

କୋଠାରୀ କମିଶନଙ୍କ ଭଳି ଏଥିରେ ଶିକ୍ଷା ନିମନ୍ତେ ଘରୋଇ ଉତ୍ପାଦର ୬% ବ୍ୟୟବରାଦ ପାଇଁ ସୁପାରିସ କରାଯାଇଛି, ଯାହା ଏକ ଉତ୍ତମ ପ୍ରସ୍ତାବ। ମାତ୍ର ସରକାର କେତେଦୂର ଦେଶବାସୀଙ୍କ ଏହି ଐତିହାସିକ ଆବଶ୍ୟକତାକୁ ପୂରଣ କରିବେ ତାହା ଦେଖିବାକୁ ଅଛି। କାରଣ କେନ୍ଦ୍ର ସରକାର ୨୦୧୭-୧୮ ବଜେଟରେ ମାତ୍ର ୨.୭% ଖର୍ଚ୍ଚ ବରାଦ କରିଛନ୍ତି। ଠିକ୍ ସେତିକିବେଳେ ବ୍ରାଜିଲ ୬%, ଆମେରିକା ୫%, ଇଂଲଣ୍ଡ ୫.୫% ଶିକ୍ଷା ପାଇଁ ଖର୍ଚ୍ଚ କରୁଛନ୍ତି। ଉଚ୍ଚ ମାଧ୍ୟମିକ ଓ ଉଚ୍ଚ ଶିକ୍ଷାରେ ହେଉଥିବା ମାତ୍ରାଧିକ ଡ୍ରପ୍ ଆଉଟକୁ 'ବ୍ଲାକ୍ ହୋଲ୍' ସହ ସମାନ କରାଯାଇଛି। ମାତ୍ର କାହିଁକି ବ୍ଲାକ୍ ହୋଲ୍ ସୃଷ୍ଟି ହେଉଛି ସେ ସମ୍ପର୍କରେ କିଛି କୁହାଯାଇନାହିଁ। ଦେଶରେ ୧୦୦ଜଣ ଶିଶୁ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଉଥିବା ବେଳେ ଉଚ୍ଚ ପ୍ରାଥମିକ ବେଳକୁ ୮୯, ୮ମ ଶ୍ରେଣୀ ବେଳକୁ ୬୨ ଓ ଉଚ୍ଚଶିକ୍ଷା ବେଳକୁ ମାତ୍ର ୨୩ଜଣ ଶିକ୍ଷା ସମାପ୍ତ କରିବା ଅତ୍ୟନ୍ତ ଚିନ୍ତାଜନକ। ଠିକ୍ ସେତିକିବେଳେ ପଡ଼ୋଶୀ ଚାଇନାରେ ୩୯ଜଣ, ଆମେରିକାରେ ୮୬ଜଣ ଓ ଜର୍ମାନୀରେ ୬୫ଜଣ ଉଚ୍ଚଶିକ୍ଷା ସମାପ୍ତ କରୁଛନ୍ତି। ଏହା ସରକାରୀ ଭାବେ ମାନବସମ୍ବଳ ବିଭାଗ ଦ୍ୱାରା ୨୦୧୬ ଶିକ୍ଷା ସୂଚକାଙ୍କରେ କୁହାଯାଇଛି। ୨୦୩୫ ମସିହା ସୁଦ୍ଧା ଉଚ୍ଚଶିକ୍ଷାରେ ଏବର ୨୩.୮%ରୁ ୫୦% ପହଞ୍ଚିବା ଲକ୍ଷ୍ୟ ରହିଛି। ମାତ୍ର ଏ ଦିଗରେ ଅନ୍ତରାୟ ଦେଶବାସୀଙ୍କ ଚରମ ଦାରିଦ୍ର୍ୟ, ପୁଷ୍ଟିହୀନତା, ଖାଦ୍ୟାଭାବ, ବାସହୀନତା ଇତ୍ୟାଦିର ପରିପୂରଣ ନିମନ୍ତେ ଉପଯୁକ୍ତ କାର୍ଯ୍ୟକ୍ରମର ଅଭାବ ପରିଲକ୍ଷିତ ହେଉଛି। ଏଥିରେ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକର ସ୍ୱତନ୍ତ୍ରତାକୁ କ୍ଷୁଣ୍ଣ କରାଯାଇ କେନ୍ଦ୍ରୀୟ ନୀତି ନିର୍ଦ୍ଧାରଣ ଅନୁଷ୍ଠାନ ଯଥା ଏନ୍‌ଏଚ୍‌ଇଆର୍‌ଏ (ନେହେରା) ଗଠନ କରାଯିବ। ଏହା ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ (ୟୁଜିସି)ର କାର୍ଯ୍ୟ ତୁଲାଇବ। ଏଆଇସିଟିଇ, ବାର୍ କାଉନସିଲ ଇତ୍ୟାଦି ଶିକ୍ଷାର ଗୁଣାତ୍ମକ ମାନ ନିର୍ଦ୍ଧାରଣ କରୁଥିବା ଅନୁଷ୍ଠାନଗୁଡ଼ିକର ଭୂମିକାକୁ ଗୌଣ କରାଯାଇଛି। 'ନାକ୍'କୁ ୟୁଜିସିଠାରୁ ପୃଥକ୍ କରାଯାଇ ୟୁଜିସିକୁ କେବଳ ପାଣ୍ଠି ଯୋଗାଣ ସଂସ୍ଥାରେ ପରିଣତ କରାଯିବା ପାଇଁ କୁହାଯାଇଛି, ଯାହା ଏକ ଭୟଙ୍କର ପଦକ୍ଷେପ।

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ଜାତୀୟ ଉଚ୍ଚଶିକ୍ଷା ନିର୍ଦ୍ଧାରଣ ଅନୁଷ୍ଠାନ ନିଜ ଇଚ୍ଛାରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଅନୁମତି ପ୍ରଦାନ କରିବ ଓ ଗୁଣାତ୍ମକ ମାନ ନିର୍ଦ୍ଧାରଣ କରିବ। ଏହା ଏକ ଅସାମ୍ବିଧାନିକ ପଦକ୍ଷେପ। ପୂର୍ବରୁ ଏହି କାର୍ଯ୍ୟ ସଂସଦ ଏବଂ ବିଧାନସଭା ସମାପନ କରୁଥିଲେ। ଏହାଦ୍ୱାରା ଘରୋଇ ଶିକ୍ଷାନୁଷ୍ଠାନ ପ୍ରୋତ୍ସାହିତ ହେବେ ଓ ସରକାରୀ ପାଣ୍ଠି ୟୁଜିସିରୁ ହାସଲ କରିବେ। ଏହି ଅନୁଷ୍ଠାନଗୁଡ଼ିକ ତାଙ୍କ ଇଚ୍ଛା ମୁତାବକ ପାଠ୍ୟକ୍ରମ ଓ ଶିକ୍ଷଣ ପ୍ରକ୍ରିୟା ଲାଗୁ କରିପାରିବେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦ୍ୱାରା ପରିଚାଳିତ ହଜାର ହଜାର ଘରୋଇ ଓ ଧାର୍ମିକ ସ୍କୁଲ, ବ୍ୟବସାୟିକ ଶିକ୍ଷା ପ୍ରତିଷ୍ଠାନର ନିୟନ୍ତ୍ରଣ ନିମନ୍ତେ ଜାତୀୟ ଶିକ୍ଷାନୀତିରେ କିଛି କୁହାଯାଇ ନାହିଁ। ସରକାରୀ ଶିକ୍ଷାନୁଷ୍ଠାନକୁ ଗୌଣ କରାଯାଇଛି। ଦେଶର ଶିକ୍ଷା, ଶିକ୍ଷାୟତନ ଓ ଶିକ୍ଷା ପ୍ରଶାସନରେ ମୌଳିକତା, ବିକେନ୍ଦ୍ରୀକରଣ, ସଂଘୀୟ ବ୍ୟବସ୍ଥାର ସୁରକ୍ଷା ନିମନ୍ତେ ଦେଶବାସୀ ଚିନ୍ତା ପ୍ରକଟ କରିବା ନିହାତି ଆବଶ୍ୟକ ମନେହେଉଛି।

ଟିକରପଡ଼ା, କାକଟପୁର, ପୁରୀ, ମୋ- ୯୪୩୭୦୫୩୩୨୯

# ଆଇନଜ୍ଞ ରାଜ୍ୟପାଳ

ବ୍ୟକ୍ତିତ୍ୱ



ଜଗଦୀପ ଧାଙ୍କର

ରାଷ୍ଟ୍ରପତି ଭବନ ପକ୍ଷରୁ ଜୁଲାଇ ୨୦ରେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ନାଗାଲାଣ୍ଡ ଏବଂ ତ୍ରିପୁରାରେ ରାଜ୍ୟପାଳଙ୍କ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗ ରାଜ୍ୟପାଳ ଭାବେ ସୁପ୍ରିମକୋର୍ଟ ଆଇନଜୀବୀ ତଥା ଭାଜପା ନେତା ଜଗଦୀପ ଧାଙ୍କରଙ୍କ ନାମ ସ୍ଥାନ ପାଇଛି। କେନ୍ଦ୍ର ଓ ପଶ୍ଚିମବଙ୍ଗ ସରକାର ମଧ୍ୟରେ ବିଭିନ୍ନ ଦିଗରୁ ଶୀତଳଯୁଦ୍ଧ ଲାଗି ରହିଥିବାରୁ କେଶରୀନାଥ ତ୍ରିପାଠୀଙ୍କ ପରେ କେଉଁ ବ୍ୟକ୍ତିଙ୍କୁ ରାଜ୍ୟପାଳ କରାଯିବ, ସେଥିନେଇ ସବୁ ମହଲରୁ ଉତ୍ସୁକତା ପ୍ରକାଶ ପାଉଥିଲା। ଜଗଦୀପଙ୍କ ନାମ ଘୋଷଣା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟୁଇଟ୍ କରି ତାଙ୍କୁ ସ୍ୱାଗତ କରିଛନ୍ତି। ଜୁଲାଇ ଶେଷରେ କେଶରୀନାଥଙ୍କ କାର୍ଯ୍ୟକାଳ ପୂରିବା ପରେ ଜଗଦୀପ ଦାୟିତ୍ୱ ଗ୍ରହଣ କରିବେ।

ଜଗଦୀପ ଧାଙ୍କର ରାଜସ୍ଥାନର ଝୁନ୍‌ଝୁନୁ ଜିଲା କିଥାନା ଗ୍ରାମରେ ୧୮ ମେ ୧୯୫୧ରେ ଜନ୍ମଗ୍ରହଣ କରିଥିଲେ। ଜୟପୁରସ୍ଥିତ ୟୁନିଭର୍ସିଟି ଅଫ୍ ରାଜସ୍ଥାନରୁ ବିଜ୍ଞାନ ଓ ଆଇନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଉଚ୍ଚଶିକ୍ଷା ସମାପ୍ତ ପରେ ସେ ଆଇନ ବ୍ୟବସାୟ ପ୍ରତି ମନ ବଳାଇଥିଲେ। ୧୯୭୭ରେ ରାଜସ୍ଥାନ ହାଇକୋର୍ଟରେ ସେ ପ୍ରାକ୍ଟିସ୍ ଆରମ୍ଭ କରି ଖୁବ୍‌ଶୀଘ୍ର ଜଣେ ପେସାଦାର ଆଇନଜୀବୀ ପାଲଟିଥିଲେ। ୧୯୮୬ରେ ସେ ରାଜସ୍ଥାନ ହାଇକୋର୍ଟ ବାର୍ ଆସୋସିଏଶନର ସର୍ବକନିଷ୍ଠ ସଭାପତି ହେବାର ମଧ୍ୟ ଗୌରବ ଅର୍ଜନ କରିଥିଲେ। ଆଇସିସି ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଆର୍ବିଟ୍ରେଶନର ସଦସ୍ୟ ଥିବା ଜଗଦୀପ ସୁପ୍ରିମକୋର୍ଟର ସିନିୟର ଓକିଲ ଭାବେ ଜଣାଶୁଣା। ତେବେ ପିଲାଟି ବେଳୁ ନେତୃତ୍ୱ ନେବାର ଦକ୍ଷତା ତାଙ୍କୁ ରାଜନୀତି ପ୍ରତି ଆକୃଷ୍ଟ କରିଥିଲା। ୧୯୮୯ରୁ ୯୧ ଯାଏ ସେ ଜନତା ଦଳ ଟିକେଟରୁ ରାଜସ୍ଥାନର ଝୁନ୍‌ଝୁନୁ ଲୋକ ସଭା କ୍ଷେତ୍ରରୁ ପ୍ରତିନିଧିତ୍ୱ କରି କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ସେ ମଧ୍ୟ କିଶାନଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରୁ ଜିତି ରାଜସ୍ଥାନ ବିଧାନସଭାରେ ସଦସ୍ୟ ହୋଇଥିଲେ। ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଭାରତର ମର୍ଯ୍ୟାଦାକୁ ଅନ୍ତର୍ଜାତୀୟ ସ୍ତରରେ ବୃଦ୍ଧି କରିଥିବାରୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୨୦୦୩ରେ ଧାଙ୍କର ଭାଜପାରେ ଯୋଗ ଦେଇଥିବା କହିଥାଆନ୍ତି। ଏଥିସହିତ ମରୁଭୂମିପୂର୍ଣ୍ଣ ରାଜ୍ୟରେ ଜଣେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ପ୍ରଦର୍ଶନ କରାଯିବା ତାଙ୍କୁ ଭାଜପା ପ୍ରତି ଆକୃଷ୍ଟ କରିଥିବା ଅନେକ ସମୟରେ କହିଆସିଛନ୍ତି।

ରାଜସ୍ଥାନରେ ଜାଠଙ୍କ ସଂରକ୍ଷଣ ପ୍ରସଙ୍ଗରେ ଜଗଦୀପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଜାଠ ମହାସଭା ସଂରକ୍ଷଣ କମିଟିର ପୂର୍ବତନ ମୁଖପାତ୍ର ଥିବା ବେଳେ ସମ୍ପ୍ରଦାୟର ଉତ୍ଥାନ ଦିଗରେ ତାଙ୍କର ଅନେକ ଅବଦାନ ରହିଆସିଛି। ତେଣୁ ଜାଠ ସମ୍ପ୍ରଦାୟକୁ ଖୁସି କରିବା ଉଦ୍ଦେଶ୍ୟରେ ତାଙ୍କୁ ରାଜ୍ୟପାଳ ପଦବୀରେ ଅବସ୍ଥାପିତ କରାଯାଇଛି ବୋଲି ଆଲୋଚନା ହେଉଛି। ତେବେ ପଶ୍ଚିମବଙ୍ଗର ରାଜ୍ୟପାଳ ଦାୟିତ୍ୱ ତାଙ୍କ ପାଇଁ ଚ୍ୟାଲେଞ୍ଜ ଆଣିଦେବ ବୋଲି ସମୀକ୍ଷକମାନେ ମତ ଦେଲେଣି। ସେଠାକାର ତୃଣମୂଳ କଂଗ୍ରେସ ସରକାର ସହ ତାଙ୍କ ସମନ୍ୱୟ ଆଗକୁ କିଭଳି ରହିବ ତାହା ଦାୟିତ୍ୱ ଗ୍ରହଣ ପରେ ଜଣାପଡ଼ିବ।

**-ଜିତେନ୍ଦ୍ର କୁମାର ନାୟକ**

## ପାଠକ ଶ୍ରେଷ୍ଠ ବିଚାରକ

### ଧନୀ ଲୋକଙ୍କ ଟଙ୍କିକିଆ ଚାଉଳ ହଡ଼ପ

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନଙ୍କର କୌଣସି ମାପଦଣ୍ଡ ନାହିଁ। ଯିଏ ଯେକୌଣସି ଉପାୟରେ ଟଙ୍କିକିଆ ଚାଉଳ ହଡ଼ପ କରିବାରେ ବ୍ୟସ୍ତ। ଏହି ଟଙ୍କିକିଆ ଚାଉଳ ଯୋଜନାର ହିତାଧିକାରୀଙ୍କ ମଧ୍ୟରୁ କାହାର ଗାଡି, ମୋଟର ଅଛି ତ ପୁଣି କାହାର ୫/୬ ଏକର ଜମି ଅଛି। ଅନ୍ୟ କାହାର ୨/୩ ମହଲା କୋଠାଘର ଅଛି ତ ପୁଣି କିଏ ପେନ୍‌ସନଭୋଗୀ, ସରକାରୀ ଚାକିରିଆ। କେନ୍ଦ୍ର ସରକାର କହନ୍ତି ଯେ, ଏହି ଚାଉଳର ୨୯ ଟଙ୍କା କେନ୍ଦ୍ର ବହନ କରୁଥିବା ବେଳେ ରାଜ୍ୟ ସରକାର ମାତ୍ର ୨ ଟଙ୍କା ବହନ କରି ବାହାବା ନେଉଛନ୍ତି। ଯଦି ଏ କଥା ସତ୍ୟ, ତେବେ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଯିଏ ପ୍ରକୃତରେ ଗରିବ ଓ ଯୋଗ୍ୟ ଏହି ଚାଉଳ ସେମାନଙ୍କୁ ପ୍ରଦାନ କରିବା ବ୍ୟବସ୍ଥା କରନ୍ତୁ। କେତେକ ସ୍ଥଳେ ପରିବାର ପିଛା ୪/୫ଟା କାର୍ଡ ନେଇ କୁଇଣ୍ଟାଲ କୁଇଣ୍ଟାଲ ଚାଉଳ ଲୁଟ୍ କରୁଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ମାନଦଣ୍ଡ ନିର୍ଦ୍ଧାରଣ କରି ଚାଉଳ ପ୍ରଦାନ କରନ୍ତୁ।

ଧନେଶ୍ୱର ସାମଲ, ଦଶରଥପୁର, ଯାଜପୁର

### ବସି ବୁଲି ଦରମା ନେଉଛନ୍ତି

କଳାପଟା ଓ ସର୍ବଶିକ୍ଷା ଅଭିଯାନରେ ଛତୁ ଫୁଟିଲା ପରି ବିଦ୍ୟାଳୟ/ଅଙ୍ଗନୱାଡି କେନ୍ଦ୍ର ଖୋଲିଗଲା। ଅନେକ ବିଦ୍ୟାଳୟ/ଅଙ୍ଗନୱାଡି କେନ୍ଦ୍ରରେ ଆଶାନୁରୂପ ଛାତ୍ରୀଛାତ୍ର ହେଉନାହାନ୍ତି। ଛାତ୍ରୀଛାତ୍ର ନ ଥିବାରୁ ଜଣେ ବା ଦୁଇଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି, ସେମାନେ ବସି ବୁଲି ଦରମା ନେଉଛନ୍ତି। କେତେକ ସ୍ଥାନରେ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଅଙ୍ଗନୱାଡି ପିଲାମାନେ ଖାଉଛନ୍ତି ଏବଂ ଅଙ୍ଗନୱାଡିର ଚାଉଳ ଆଦି ବାଟମାରଣା ହେବାର ଦେଖାଯାଉଛି। କେତେକ ବିଦ୍ୟାଳୟରେ ଅତି କମ୍ ଛାତ୍ରୀଛାତ୍ର ଥିବାବେଳେ ଉପସ୍ଥାନ ଅଧିକ ଦେଖାଯାଉଛି। ବାସ୍ତବତା କ'ଣ, ତାହା ତଦନ୍ତ ହେଲେ ଜଣାପଡ଼ିବ।

ଶ୍ରୀରାମଚନ୍ଦ୍ର ଦାଶ, ଭୋଇନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | B | | | | | 0 | | 8 | 7 | | | 2 | |
| 3 | | 4 | 6 | | | | | | | C | | | | |
| 2 | | | | 3 | | | 8 | | | 1 | 6 | 7 | B | |
| | | | 8 | A | | 5 | | 9 | | 3 | | 4 | | |
| | | 6 | 4 | | | | E | A | | 5 | B | | | 3 |
| A | | | | | | C | 7 | | 1 | 8 | | | 3 | E |
| 5 | | 0 | | | | | | 1 | | | | | | 2 |
| C | 4 | | 5 | | | | A | | 0 | | 9 | | | |
| | | | | | | 2 | | | C | | E | | 4 | 9 |
| | | E | 3 | 2 | | | | | | | 7 | | | 8 |
| | 7 | | | | E | | | | | D | | | | |
| 8 | | | A | 4 | 7 | | 6 | | | | | | | |
| | | C | 1 | | 5 | | | B | | 0 | | | | |
| 6 | | 1 | 9 | | | | | | B | | | D | | C |
| D | A | | | | C | | | 8 | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 4 | 5 | 2 | D | 1 | 3 | B | 9 | C | 7 | 6 | A | 0 | E |
| A | 7 | 2 | B | 6 | 5 | D | E | 0 | 1 | 9 | 3 | 8 | C | 4 |
| 6 | C | 3 | 9 | 4 | 0 | A | 5 | 2 | 8 | E | B | 1 | D | 7 |
| 0 | 9 | E | 3 | 7 | 8 | 1 | C | 4 | A | 2 | D | B | 5 | 6 |
| B | 1 | D | E | C | A | 8 | 6 | 7 | 0 | 4 | 5 | 9 | 3 | 2 |
| 7 | E | 0 | 8 | 3 | C | 4 | 2 | 1 | 9 | 5 | A | 6 | B | D |
| D | A | 6 | 1 | B | 4 | 9 | 7 | C | E | 3 | 0 | 5 | 2 | 8 |
| 2 | 8 | B | 6 | 9 | E | 5 | A | 3 | D | C | 7 | 4 | 1 | 0 |
| C | 5 | 4 | A | 0 | D | 6 | 8 | E | B | 1 | 2 | 7 | 9 | 3 |
| 9 | 3 | 1 | 7 | 5 | 2 | B | 0 | D | 6 | 8 | 4 | E | A | C |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |

ଗତକାଲିର ଉତ୍ତର

## ଏଇ ଭାରତରେ

ଏକ ପରିବାର ଅଦାଲତ ସ୍ତ୍ରୀଙ୍କୁ ଭରଣପୋଷଣ ଦେବା ପାଇଁ ରାୟ ଦେବା ପରେ ସ୍ୱାମୀ କୋର୍ଟରେ ୫ ବସ୍ତା କଏନ୍ ନେଇ ପହଞ୍ଚିଥିଲେ। ଏଭଳି ଏକ ରୋଚକ ଘଟଣା ଛତିଶଗଡ଼ର ରାୟପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ପାମ୍‌ଗଡ ଥାନା ଅଞ୍ଚଳରେ ବାସକରୁଥିବା ପୁନିରାମ ସାହୁ ଏବଂ ତାଙ୍କ ସ୍ତ୍ରୀ ଯଶୋଧାରାଙ୍କ ମଧ୍ୟରେ ଛାଡ଼ପତ୍ର ମାମଲାର ବିଚାର ଦୀର୍ଘ ୨୦ ବର୍ଷ ଧରି ଚାଲିଛି। ପୁନିରାମ ଜଣେ ପରିବା ବେପାରୀ। ପରିବାର କୋର୍ଟ ପକ୍ଷରୁ ଯଶୋଧାରାଙ୍କୁ ୩୩ ହଜାର ୮ଶହ ଟଙ୍କା ଭରଣପୋଷଣ ଦେବାକୁ ପୁନିରାମଙ୍କୁ ଆଦେଶ ଦିଆଯାଇଥିଲା। ପୁନିରାମ ନିଜ ପାଖରେ ଥିବା ଟଙ୍କିକିଆ, ୨ ଟଙ୍କିଆ, ୫ ଟଙ୍କିଆ ଏବଂ ୧୦ ଟଙ୍କିଆ କଏନ୍ ଥିବା ୫ଟି ବସ୍ତା ନେଇ ପହଞ୍ଚିଥିଲେ। ତେବେ ବିଚାରପତି କିରଣ ଚତୁର୍ବେଦୀ ଏହାକୁ ଗଣିବାକୁ ପୁନିରାମଙ୍କୁ କହିଥିଲେ। ସେ କୋର୍ଟ ଚଟାଣରେ ବସି ୩୩ ହଜାର ଟଙ୍କାର କଏନ୍ ଗଣିଗଣି ଯଶୋଧାରାଙ୍କୁ ଦେଇଥିଲେ। ଅବଶିଷ୍ଟ ୮ଶହ ଟଙ୍କା ୨୨ ଜୁଲାଇରେ ଦେବାକୁ କୋର୍ଟ ପୁନିରାମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କଏନ୍ ବସ୍ତା ଯଶୋଧାରା ନେବାକୁ ମନାକରିବାରୁ ପୁନିରାମ ଏହାକୁ ବୋହିନେଇ ତାଙ୍କ ଘରେ ଦେଇଥିବା କୁହାଯାଉଛି। ଏହି ଘଟଣା ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ବିରାଜିଲ ଧରାଧାମେ ଅଭିରାମ
ଅଦ୍ୱିତୀୟ ସତ୍ୟ
ମାନବର ବୁଦ୍ଧି ପରେ ବଢ଼ାଇଲ
ଆପଣା ମହତ୍ତ୍ୱ।
କର୍ମର ପ୍ରେରଣା ତୁମେ ବିଶ୍ୱର
ଆଳସ୍ୟହାରୀ ସୁଧା
କ୍ଷୁଦ୍ରର ଆକାଶ-ଚାନ୍ଦ କ୍ଷୁଧିତର
ହେ ଚରମ କ୍ଷୁଧା!
(ସୁନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଜୁଲାଇ ୧୯୯୪

- ବାଂଲାଦେଶର ବିବାଦୀୟ ଲେଖିକା ତସ୍‌ଲିମା ନସ୍‌ରିନଙ୍କୁ ୟୁରୋପୀୟ ୟୁନିୟନ ରାଜନୈତିକ ଆଶ୍ରୟ ଦେବା ନେଇ ଘୋଷଣା କରିଛି।
- ସ୍ୱାଧିକାର ଭଙ୍ଗ ଅଭିଯୋଗରେ ତାମିଲନାଡୁ ବିଧାନସଭା ପକ୍ଷରୁ ଏକ ତାମିଲ ଦୈନିକ ଖବରକାଗଜ ସମାଚାର ସମ୍ପାଦକଙ୍କ ଉପରେ ଜାରି ହୋଇଥିବା ଏକ ସପ୍ତାହ ଜେଲଦଣ୍ଡକୁ ମାଡ୍ରାସ ହାଇକୋର୍ଟ ଖାରଜ କରିଦେଇଛନ୍ତି।
- କର୍ନାଟକରେ ଜିପ୍ ସହ ଏକ ତୈଳବାହୀ ଟ୍ୟାଙ୍କରର ଧକ୍କା ହେବାଫଳରେସେଥିରେନିଆଁଲାଗି୧୬ଜଣଜୀବନ୍ତଦଗ୍ଧ।



ଆଫଗାନିସ୍ତାନରେ କ୍ଷେପଣାସ୍ତ୍ର ମାଡରେ ଅତି କମ୍‌ରେ ୨୪ ତାଲିବାନ ଉଗ୍ରପନ୍ଥୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୭ଜଣ ଆହତ ହୋଇଛନ୍ତି। ଗୋଇନ୍ଦା ରିପୋର୍ଟରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଆକ୍ରମଣରେ ଉଗ୍ରବାଦୀଙ୍କର ବହୁ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ବିସ୍ଫୋରକ ଦ୍ରବ୍ୟ ନଷ୍ଟ ହୋଇଯାଇଛି। ତେବେ ଏହି ଆକ୍ରମଣ ନାଟୋ ନେତୃତ୍ୱାଧୀନ ମେଣ୍ଟଶକ୍ତି କିମ୍ବା ଆଫଗାନ ସେନା ଦ୍ୱାରା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ।

# ପରଲୋକରେ ଆଧୁନିକ ଦିଲ୍ଲୀର ନିର୍ମାଣି




**ନୂଆଦିଲ୍ଲୀ,୨୦।୭(ପି.ଟି.)**

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ଶୀଳା ଦୀକ୍ଷିତଙ୍କର ଶନିବାର ଅପରାହ୍ଣରେ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ହୃଦ୍‌ଘାତ ହେବାରୁ ଶୀଳାଙ୍କୁ ସକାଳେ ଫର୍ଟିସ ଏସ୍କର୍ଟ୍ସ ହାର୍ଟ ଇନ୍‌ଷ୍ଟିଚ୍ୟୁଟରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲ୍‌ର ଅଧ୍ୟକ୍ଷ ଡ. ଅଶୋକ ସେଠ୍‌ଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ଡାକ୍ତରମାନଙ୍କ ଏକ ଟିମ୍ ତାଙ୍କର ଚିକିତ୍ସା କରିଥିଲେ। ସାମୟିକ ଭାବେ ଶୀଳାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିଲା। ତେବେ ଅପରାହ୍ଣ ୩ଟା ୫୫ରେ ଦ୍ୱିତୀୟ ହୃଦ୍‌ଘାତ ହେବାରୁ ଡାକ୍ତରମାନଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମରଶରୀରକୁ ନିଜାମୁଦ୍ଦିନ ଅଞ୍ଚଳରେ ଥିବା ବାସଭବନକୁ ନିଆଯାଇଛି। ଶୀଳାଙ୍କ ପରଲୋକରେ ଦିଲ୍ଲୀ ସରକାର ଦୁଇଦିନିଆ ଶୋକ ଘୋଷଣା କରିଛନ୍ତି। ରବିବାର ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆ ଟୁଇଟ୍ କରିଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଉପମୁଖ୍ୟମନ୍ତ୍ରୀ ଜମ୍ମୁ-କଶ୍ମୀରର ବୈଷ୍ଣୋଦେବୀ ମନ୍ଦିର ଯିବା କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି।

ଶୀଳା ଦୀକ୍ଷିତଙ୍କୁ ଆଧୁନିକ ଦିଲ୍ଲୀର ନିର୍ମାତ୍ରୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ତାଙ୍କର ୧୫ ବର୍ଷର ମୁଖ୍ୟମନ୍ତ୍ରିତ୍ୱ ସମୟରେ ଦିଲ୍ଲୀକୁ ଆଧୁନିକ ରୂପରେଖ ମିଳିଥିଲା। ଦିଲ୍ଲୀ ପ୍ରଦେଶ କଂଗ୍ରେସ ସଭାପତି ଥିବା ଶୀଳା ୧୯୯୮ରୁ ୨୦୧୩ ପର୍ଯ୍ୟନ୍ତ କ୍ରମାଗତ ତିନିଥର ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଥିଲେ। ୨୦୧୪ରେ ସେ ୫ ମାସ ପାଇଁ କେରଳର ରାଜ୍ୟପାଳ ମଧ୍ୟ ହୋଇଥିଲେ। ନିକଟରେ ଶେଷ ହୋଇଥିବା ଲୋକ ସଭା ନିର୍ବାଚନରେ ଶୀଳା ଉତ୍ତର-ପୂର୍ବ ଦିଲ୍ଲୀ ନିର୍ବାଚନମଣ୍ଡଳୀରୁ ଲଢ଼ି ହାରିଯାଇଥିଲେ।

୧୯୮୪ରେ ସେ ପ୍ରଥମଥର ପାଇଁ ଉତ୍ତରପ୍ରଦେଶର କନୌଜ ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଘନିଷ୍ଠ ଥିବା ଶୀଳା ତାଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ।

ଏହି ବର୍ଷୀୟାନ ନେତ୍ରୀଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

ବରିଷ୍ଠ କଂଗ୍ରେସ ନେତ୍ରୀ ଶୀଳା ଦୀକ୍ଷିତଙ୍କ ରାଜନୈତିକ କ୍ୟାରିୟରରେ ଅନେକ ଘଟଣା ତାଙ୍କୁ ପ୍ରଥମ କରିଛି। ସେ ପ୍ରଥମ ମୁଖ୍ୟମନ୍ତ୍ରୀ ଯିଏ ଦିଲ୍ଲୀରେ କ୍ରମାଗତ ୩ ଥର କ୍ଷମତାରେ ରହିଥିଲେ। କୌଣସି ରାଜ୍ୟରେ ୧୫ ବର୍ଷ କ୍ଷମତାରେ ରହିବାରେ ସେ ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ।୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଦିଲ୍ଲୀରେ କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ତାଙ୍କୁ ପ୍ରଦେଶ କଂଗ୍ରେସ କମିଟି ସଭାପତି କରାଯାଇଥିଲା। ତାଙ୍କ ନେତୃତ୍ୱରେ କଂଗ୍ରେସ ମୁଖ୍ୟ ବିରୋଧୀ ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ତୃତୀୟ ସ୍ଥାନକୁ ପଠାଇବାରେ ସକ୍ଷମ ହୋଇଥିଲା।

୧୯୩୮ ମାର୍ଚ୍ଚ ୩୧ରେ ପଞ୍ଜାବର କପୁରଥାଲାରେ ଶୀଳାଙ୍କ ଜନ୍ମ। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୧୯୮୪ରେ ଶୀଳା ଉତ୍ତରପ୍ରଦେଶର କନୌଜ ଆସନରୁ ଲୋକ ସଭାକୁ ପ୍ରଥମେ ନିର୍ବାଚିତ ହୋଇ ଜାତିସଂଘରେ ମହିଳାମାନଙ୍କ ସ୍ଥିତି ସମ୍ପର୍କରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ୧୯୮୬ରେ ସେ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ୧୯୯୮ରେ ସେ ଲୋକ ସଭା ନିର୍ବାଚନ ହାରିଥିଲେ ଏବଂ ସେହିବର୍ଷ ପ୍ରଥମ ଥର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୪ରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ସେ କେରଳ ରାଜ୍ୟପାଳ ହୋଇଥିଲେ ମଧ୍ୟ ୫ ମାସ ପରେ ଇସ୍ତଫା ଦେଇଥିଲେ। ୨୦୦୯ରେ ତାଙ୍କ ବିରୋଧରେ ଦୁର୍ନୀତି ମାମଲା ରୁଜୁ ହେବା ପରେ ସେ ବିବାଦ ଘେରକୁ ଆସିଥିଲେ। ଜବାହରଲାଲ୍ ନେହେରୁ ଜାତୀୟ ସହରାଞ୍ଚଳ ନବୀକରଣ ମିଶନ ପାଇଁ କେନ୍ଦ୍ର ସରକାର ଦେଇଥିବା ୩.୫ କୋଟି ଟଙ୍କାର ଅପବ୍ୟୟ ନେଇ ଅଭିଯୋଗ ହୋଇଥିଲା। ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡା ଦୁର୍ନୀତିରେ ମଧ୍ୟ ସେ ଅଭିଯୁକ୍ତ ଥିଲେ। ଏହା ସତ୍ତ୍ୱେ ମେଟ୍ରୋ ପ୍ରକଳ୍ପ ସମେତ ଦିଲ୍ଲୀର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ତାଙ୍କ ସମୟରେ ହୋଇଥିଲା। ଭାଗୀଦାରି ବ୍ୟବସ୍ଥା ମାଧ୍ୟମରେ ସେ ପୌର ପ୍ରଶାସନରେ ଜନସାଧାରଣଙ୍କ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିଥିଲେ। ଫଳରେ ଜନସେବାର ମାନ ବଢ଼ିବା ସହ ଠିକ୍ ସମୟରେ ଲୋକଙ୍କ ପାଖରେ ପହଞ୍ଚିପାରିଥିଲା।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଳା ଦୀକ୍ଷିତ୍‌ଙ୍କୁ ଶେଷ ସମ୍ମାନ ଜଣାଉଛନ୍ତି।

## ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

**ନୂଆଦିଲ୍ଲୀ,୨୦।୭(ପି.ଟି.)**

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଳା ଦୀକ୍ଷିତଙ୍କ ପରଲୋକ ଖବର ଶୁଣି ଦୁଃଖିତ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର ୧୫ ବର୍ଷର କାର୍ଯ୍ୟକାଳ ମଧ୍ୟରେ ରାଜଧାନୀର ଉଲ୍ଲେଖନୀୟ ବିକାଶ ହୋଇଥିଲା, ଯେଉଁଥିପାଇଁ ସେ ସ୍ମରଣୀୟ ହୋଇ ରହିବେ ବୋଲି ରାଷ୍ଟ୍ରପତି ଟୁଇଟ୍ କରିଛନ୍ତି। ସେହିପରି ଶୀଳାଙ୍କ ପରଲୋକରେ ଉପରାଷ୍ଟ୍ରପତି ଏମ୍.ଭେଙ୍କୟା ନାଇଡୁ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସେ ଜଣେ ଉତ୍ତମ ପ୍ରଶାସିକା ଥିଲେ ବୋଲି ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରାଯାଇଛି।

ବରିଷ୍ଠ କଂଗ୍ରେସ ନେତ୍ରୀଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ଦିଲ୍ଲୀର ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିସହିତ ତାଙ୍କର ପରିବାର ସଦସ୍ୟ ଓ ସମର୍ଥକମାନଙ୍କୁ ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଛନ୍ତି। ଦଳର ନେତା ରାହୁଲ ଗାନ୍ଧୀ ଶୀଳାଙ୍କୁ କଂଗ୍ରେସର ଆଦରଣୀୟା କନ୍ୟା କହିବା ସହ ତାଙ୍କର ପରଲୋକରେ ମର୍ମାହତ ବୋଲି ଟୁଇଟ୍ କରିଛନ୍ତି। ତାଙ୍କ ସହ ରାହୁଲଙ୍କର ଅତ୍ୟନ୍ତ ଘନିଷ୍ଠତା ଥିଲା। ସେ ନିଃସ୍ୱାର୍ଥପର ଭାବେ ଦିଲ୍ଲୀ ପାଇଁ କାର୍ଯ୍ୟ କରୁଥିଲେ ବୋଲି ରାହୁଲ ତାଙ୍କ ଶୋକବାର୍ତ୍ତାରେ କହିବା ସହ ତାଙ୍କ ପରିବାର ସଦସ୍ୟ ଓ ଦିଲ୍ଲୀବାସୀଙ୍କୁ ସମବେଦନା ଜଣାଇଛନ୍ତି। ଦିଲ୍ଲୀର ବିକାଶ ପାଇଁ ଶୀଳାଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଦେଶ ଜଣେ ଉତ୍ସର୍ଗୀକୃତ କଂଗ୍ରେସ ନେତ୍ରୀଙ୍କୁ ହରାଇଲା ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ କହିଛନ୍ତି।

## ଗ୍ୟାସ୍ ପ୍ଲାଣ୍ଟରେ ବିସ୍ଫୋରଣ: ୧୫ ମୃତ

ବେଜିଂ, ୨୦।୭(ପି.ଟି.) : ଚାଇନାର ୟିମା ସହରରେ ଥିବା ଏକ ଗ୍ୟାସ୍ ପ୍ଲାଣ୍ଟରେ ବିସ୍ଫୋରଣ ହେବାରୁ ୧୫ ଜଣ ପ୍ରାଣ ହରାଇବା ସହ ୧୯ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଏହି ବିସ୍ଫୋରଣ ହୋଇଥିଲା। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହେନାନ୍ ଗ୍ୟାସ କମ୍ପାନୀର ୟିମା ଗ୍ୟାସ୍ କାରଖାନା ୧୯୯୭ରେ ସ୍ଥାପନ କରାଯାଇଥିବାବେଳେ ୮୭ ଏକର ଜାଗାରେ ପରିବେଷ୍ଟିତ।

## ୫୦୦ ଫୁଟ ଖାତକୁ ଖସିଲା ଏସ୍‌ୟୁଭି
## ପରିବାରର ୩ ସମେତ ୪ ମୃତ

**ଜମ୍ମୁ, ୨୦।୭(ପି.ଟି.)**

ଜମ୍ମୁ-କଶ୍ମୀରର ରମ୍‌ବନ୍ ଜିଲା ବିନ୍‌ଜୋନି ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୩ ସଦସ୍ୟ ସମେତ ମୋଟ ୪ ଜଣ ପ୍ରାଣ ହରାଇଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ଏମାନେ ପୋଗଲ ପରିସ୍ତାନରୁ ଫେରୁଥିବା ବେଳେ ଏସ୍‌ୟୁଭି (ସ୍ପୋର୍ଟ ୟୁଟିଲିଟି ଭେହିକଲ)ଟି ୫୦୦ ଫୁଟ ଗଭୀର ଖାତ ଭିତରକୁ ଖସିପଡ଼ିଥିଲା ବୋଲି ପୋଲିସ କହିଛି। ଆହତ ଦ୍ୱୟଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିବା ପ୍ରକାଶ।



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୫.୯ |
| ଚାନ୍ଦବାଲି | ୩୪.୪ | ୨୭.୮ |
| କଟକ | ୩୩.୫ | ୨୪.୦ |
| ପାରାଦ୍ୱୀପ | ୩୨.୫ | ୨୭.୮ |
| ଭୁବନେଶ୍ୱର | ୩୩.୭ | ୨୬.୮ |
| ଗୋପାଳପୁର | ୩୨.୪ | ୨୬.୩ |
| ପୁରୀ | ୩୨.୪ | ୨୬.୫ |
| ଅନୁଗୋଳ | ୩୩.୧ | ୨୨.୦ |
| ବାରିପଦା | ୩୩.୫ | ୨୬.୫ |
| ଝାରସୁଗୁଡ଼ା | ୩୪.୮ | ୨୬.୬ |
| କେନ୍ଦୁଝର | ୩୧.୦ | ୨୪.୫ |
| ସମ୍ବଲପୁର | ୩୨.୯ | ୨୫.୮ |
| ସୁନ୍ଦରଗଡ଼ | --- | ୨୨.୦ |
| ହୀରାକୁଦ | ୩୩.୨ | ୨୬.୨ |
| ତାଳଚେର | ୩୪.୪ | ୨୫.୫ |
| ଭବାନୀପାଟଣା | --- | ୨୪.୫ |
| ବଲାଙ୍ଗୀର | ୩୩.୫ | ୨୬.୫ |
| କୋରାପୁଟ | ୨୯.୦ | ୧୯.୬ |
| ଫୁଲବାଣୀ | ୩୦.୮ | ୨୪.୦ |
| ଟିଟିଲାଗଡ଼ | ୩୨.୧ | ୨୨.୫ |
| ମାଲକାନଗିରି | ୩୬.୨ | ୨୧.୨ |
| ସୋନପୁର | ୩୩.୨ | ୨୨.୮ |
| ଦାରିଙ୍ଗିବାଡ଼ି | --- | ୧୮.୫ |

ଡିଗ୍ରୀ ସେଲ୍‌ସିୟସ୍

[ଇତିହାସର ଆଇନାରେ]

## ଜୁଲାଇ ୨୧ର ପ୍ରମୁଖ ଘଟଣା

୧୯୭୭ ଜୁଲାଇ ୨୧ରେ ଲିବ୍ୟା ଓ ଇଜିପ୍ଟ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଏହା ମାତ୍ର ୪ଦିନ ଲାଗି ରହିଥିଲା। ପ୍ରଥମେ ସୀମାନ୍ତରେ ଯବାନ୍‌ଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପରେ ଆକାଶମାର୍ଗରେ ଯୁଦ୍ଧ ହୋଇଥିଲା। ଆଲଜେରିଆ ରାଷ୍ଟ୍ରପତି ଏବଂ ପାଲେଷ୍ଟାଇନ୍ ମୁକ୍ତି ସଂଗଠନର ନେତା ୟାସେର ଆରାଫତ୍‌ଙ୍କ ମଧ୍ୟସ୍ଥତାରେ ଉଭୟ ଦେଶ ଜୁଲାଇ ୨୪ରେ ଯୁଦ୍ଧବିରତି ପାଇଁ ରାଜି ହୋଇଥିଲେ।

୨୦୦୮ ଜୁଲାଇ ୨୧ରେ ରାମ ବରନ୍ ଯାଦବଙ୍କୁ ନେପାଳର ପ୍ରଥମ ରାଷ୍ଟ୍ରପତି ଘୋଷଣା କରାଗଲା। ୧୯୪୮ ଫେବୃୟାରୀ ୪ରେ ଜନ୍ମିତ ରାମ ବରନ୍ ନେପାଳୀ ରାଜନେତା ତଥା ଜଣେ ଚିକିତ୍ସକ। ୨୦୦୮ରେ ନେପାଳକୁ ସାଧାରଣତନ୍ତ୍ର ଘୋଷଣା କରାଯିବା ପରେ ରାମ ବରନ୍ ହେଲେ ପ୍ରଥମ ରାଷ୍ଟ୍ରପତି। ସେ ରାଷ୍ଟ୍ରପତି ଭାବେ ୨୦୦୮ ଜୁଲାଇ ୨୩ରୁ ୨୦୧୫ ଜାନୁୟାରୀ ଅକ୍ଟୋବର ୨୯ ପର୍ଯ୍ୟନ୍ତ କ୍ଷମତାରେ ରହିଥିଲେ।

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ଏସ୍‌ଇଆର୍‌ସିଓଏନ୍-ଜିଆର୍‌ସି-ସିଇ-ସି-ଏଚ୍‌କ୍ୟୁ-୫୧-୧୯ ଏବଂ (୨) ଏସ୍‌ଇଆର୍‌ସିଓଏନ୍-ଜିଆର୍‌ସି-ସିଇ-ସି-II-୫୨-୧୯, ତାରିଖ: ୧୮।୦୭।୨୦୧୯। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏଚ୍‌କ୍ୟୁ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଟେଣ୍ଡର ଧାର୍ଯ୍ୟ ତାରିଖ ଦିନ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ। **କ୍ର.ସଂ. ଏବଂ କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** (୧) ରୂପସା-ବାଙ୍ଗିରିପୋଷୀ ସେକ୍ସନର ବାରିପଦା ଓ ଭଞ୍ଜପୁର ଷ୍ଟେଶନ ମଧ୍ୟରେ ଏଲ୍ ସି ନଂ. ଆର୍‌ବି-୩୬ ବଦଳରେ ଆର୍‌ଓବି ନିର୍ମାଣ। (୨) ଡେପୁଟି ଚିଫ୍ ଇଞ୍ଜିନିୟର (ସିଓଏନ୍-I), ରାଉରକେଲା, ଦକ୍ଷିଣ ପୂର୍ବ ରେଳପଥଙ୍କ କ୍ଷେତ୍ରାଧିକାର ଅଧୀନରେ ଫ୍ୟୁଚର୍ଟେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ଝାରସୁଗୁଡ଼ା ପାସେଞ୍ଜର ୟାର୍ଡ ଏବଂ ଗୁଡ୍‌ସ ୟାର୍ଡର ରିମଡେଲିଂ। **ଆନୁମାନିକ ମୂଲ୍ୟ:** ₹୭.୫୨ କୋଟି (କ୍ର.ସଂ. ୧ ପାଇଁ) ଏବଂ ₹୧୬.୮୯ କୋଟି (କ୍ର.ସଂ. ୨ ପାଇଁ)। **ଇଏମ୍‌ଡି:** ₹୫,୨୫,୯୦୦/- (କ୍ର.ସଂ. ୧ ପାଇଁ) ଏବଂ ₹୯,୯୪,୫୦୦/- (କ୍ର.ସଂ. ୨ ପାଇଁ)। **ସମାପ୍ତି ଅବଧି:** ୧୫ ମାସ (କ୍ର.ସଂ. ୧ ପାଇଁ) ଏବଂ ୧୨ ମାସ (କ୍ର.ସଂ. ୨ ପାଇଁ)। **ଧାର୍ଯ୍ୟ ତାରିଖ:** ତା୧୯।୦୮।୨୦୧୯ରିଖ (କ୍ର.ସଂ. ୧ ପାଇଁ) ଏବଂ ତା୧୩।୦୮।୨୦୧୯ରିଖ (କ୍ର.ସଂ. ୨ ପାଇଁ)। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ। (PR-509)

**ଓଡ଼ିଶା ସାହିତ୍ୟ ଏକାଡେମୀ**
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪



**ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ବକ୍ତୃତା**

୨୧ ଜୁଲାଇ ୨୦୧୯, ରବିବାର ସନ୍ଧ୍ୟା ୬.୩୦ ଘଟିକା
ପାନ୍ଥନିବାସ କଳିଙ୍ଗ କନଭେନସନ୍ ହଲ୍, ଭୁବନେଶ୍ୱର

ସ୍ମାରକୀ ବକ୍ତୃତା ପ୍ରଦାନ କରିବେ
**ପଦ୍ମଶ୍ରୀ ଡକ୍ଟର ପ୍ରତିଭା ରାୟ**
ବିଶିଷ୍ଟ ଔପନ୍ୟାସିକା ଓ କଥାକାର

**ବିଷୟ : ସଂସ୍କୃତିର ନାଭିପଦ୍ମରେ ବିଶ୍ୱରୂପ**

ମୁଖ୍ୟଅତିଥି **ଶ୍ରୀମତୀ ରମା ଦେବୀ,** ସମାଜସେବୀ ତଥା ବରିଷ୍ଠ ସୁସାହିତ୍ୟିକା
ସମ୍ମାନନୀୟ ଅତିଥି **ଡକ୍ଟର ପୂର୍ଣ୍ଣେନ୍ଦୁ କୁମାର ଦାସ**
ସଭାମୁଖ୍ୟ **ଶ୍ରୀ ହରିହର ମିଶ୍ର,** ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ

ଉକ୍ତ କାର୍ଯ୍ୟକ୍ରମରେ ସାରସ୍ୱତପ୍ରେମୀ ଜନସାଧାରଣ ଯୋଗଦାନ କରିବାକୁ ଅନୁରୋଧ।

ଜୟନ୍ତୀ ରଥ
ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ

**OCAC** ODISHA COMPUTER APPLICATION CENTRE
**REQUEST FOR PROPOSAL**
Enq. No. : OCAC-SEGP-INFRA-0001-2019-19028

**RFP for Development & Implementation of Web Portal for CERT-O**

OCAC invites Request for Proposal (RFP) for selection of Software Development Firm for Development and Implementation of **Web Portal for CERT-O.**

The interested firms may download the RFP document from **www.ocac.in** & **www.odisha.gov.in**. Last date for submission of proposal is **13.08.2019, 02:00 P.M.**

**General Manager (Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.: 0674-2567280/2567064/2567295

**GOVERNMENT OF INDIA**
**DEPARTMENT OF ATOMIC ENERGY**
**HEAVY WATER PLANT, TALCHER**

**e-TENDER NOTICE NO.: HWP/TAL/ADMIN/WELFARE/PS/2019/01**

Online tenders are invited through e-tendering mode by the Officer-on-Special-Duty, Heavy Water Plant, Talcher, PO.: Vikrampur, Dist.: Angul, (Odisha) on behalf of the President of India in two bids, from eligible contractors for the work and details given below :

**NIT No.: HWP/TAL/ADMIN/WELFARE/PS/2019/01, Name of the Work :** Security services including watch and ward work for HWP, Talcher Housing colony for two years. **Estimated Cost :** Rs.1,29,90,050/-. **Earnest Money :** Rs.2,59,801/-. **Period of Completion :** 24 (Twenty Four) Months. **Last Date and Time of closing of online Submission of bid :** 01.08.2019 (14:30 hrs.). (The bid forms and other details, can be obtained from the website **www.tenderwizard.com/DAE & www.hwb.gov.in.**

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
ODISHA POWER TRANSMISSION CORPORATION LIMITED
**(A GOVERNMENT OF ODISHA UNDERTAKING)**
**E.H.T. (O&M) DIVISION, BHADRAK, PO: Gelpur, Dist: Bhadrak- 756181**
**Telephone: (06784) 240269 E-mail: ehtm.div.bhdrak@optcl.co.in**

**TENDER CALL NOTICE NO.-BDK/01/2019**

Sealed tenders are invited by the undersigned from registered order suppliers/ Manufacturers/ their authorized dealers for procurement of 150 W LED based flood light in complete outdoor fitting for 220/132/33 KV Grid s/s BHADRAK under EHT (O&M) Division, BHADRAK .Cost of tender paper is Rs.2240/-, EMD = Rs 5000/-. Sale of tender documents is from **Dt:-22.07.2019 to Dt:-07.08.2019** (during office hours). Last date of submission of tender is **Dt:-08.08.2019** upto 01:00PM. Date of opening of tender is **Dt:-08.08.2019** at 4.00 PM. For details visit our website **www.optcl.co.in**.

Corrigendum if any will be published in the website only.

**Sd./- Dy. General Manager Elect),**
**EHT(O&M) Division, Bhadrak**

**ଗୁରୁତ୍ୱପୂର୍ଣ୍ଣ ସୂଚନା**

ରେଳ ସଂରକ୍ଷା ଆୟୁକ୍ତ ତା.**25.07.2019**ରିଖ ପୂର୍ବାହ୍ନ **10.00 ଘଟିକା (1000 Hrs.)** ଠାରୁ ଅପରାହ୍ଣ **05.00 ଘଟିକା (1700 Hrs.) ପର୍ଯ୍ୟନ୍ତ** ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ନୂଆ ବ୍ରଡ୍ ଗେଜ୍ ଲାଇନ୍ ପ୍ରକଳ୍ପର **ନୟାଗଡ଼ ଟାଉନ୍ ଠାରୁ ମହିପୁର ଷ୍ଟେସନ** (ଲମ୍ବା-12କି.ମି.) ପର୍ଯ୍ୟନ୍ତ ନୂତନ ଭାବେ ବିଛା ଯାଇଥିବା ବ୍ରଡ୍ ଗେଜ୍ ଲାଇନ୍ ନିରୀକ୍ଷଣ କରିବେ ଏବଂ ଏହି ସମୟାବଧି ମଧ୍ୟରେ ସ୍ପିଡ୍ ଟ୍ରାୟଲ କରାଯିବ । ରେଳ ଲାଇନ୍ ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ସତର୍କ ରହିବା ସହିତ ଅନିଚ୍ଛାକୃତ ଦୁର୍ଘଟଣା / ଅଘଟଣ ରୋକିବା ନିମନ୍ତେ ସେମାନଙ୍କ ଗାଈଗୋରୁ / ଅନ୍ୟ ପଶୁମାନଙ୍କୁ ଟ୍ରାକ୍‌ରୁ ଦୂରେଇ ରଖିବାକୁ ପରାମର୍ଶ ଦିଆଯାଉଛି ।

ଉପରେ ଦର୍ଶାଯାଇଥିବା ମାର୍ଗରେ ତା.**21.07.2019**ରିଖ ଠାରୁ ଇଞ୍ଜିନ୍ / ଟ୍ରେନ୍‌ର ଚଳାଚଳ ଚାଲୁ କରାଯିବ ଏବଂ ଏହା ରେଳ ସଂରକ୍ଷା ଆୟୁକ୍ତଙ୍କ ନିରୀକ୍ଷଣ ପର୍ଯ୍ୟନ୍ତ କିମ୍ବା ଏହାପରେ ମଧ୍ୟ ଚାଲୁ ରହିବ ।



PR-30/CC/19-20

**ପୂର୍ବ ତଟ ରେଳପଥ**

**ORISSA WATER SUPPLY & SEWERAGE BOARD**
(A Govt. of Orissa Undertaking)
**OFFICE OF THE CHIEF ENGINEER, OISIP, JICA**
At : Mahanadi Vihar, P.O. : Naya Bazar, Cuttack-753004
Phone No.:0671-2444511, Fax No. : 0671-2441616, E-mail ID : ce_jica@owssb.in
**Notification No. 18** **Date : 19.07.2019**

**ODISHA INTEGRATED SANITATION IMPROVEMENT PROJECT**

**Invitation of applications from retired persons for engagement as Contractual Divisional Accounts Officer/Junior Stenographer in OISIP, JICA, OWSSB, Cuttack**

The Odisha Integrated Sanitation Improvement Project (OISIP) intends to engage 1 No. Divisional Accounts Officer and 1 No. Junior Stenographer on contractual basis against the vacancy for its project at Cuttack and Bhubaneswar.

| Name of the Contractual Post | Wages | No. of Posts | Qualification, Experience & Age Limit |
|---|---|---|---|
| Divisional Accounts Officer (Contractual) | As per Finance Department Circular No.7022 dtd 17.03.2018, the Contractual DAO is entitled to get consolidated remuneration of Rs.30,000/- per month, which may change from time to time by Govt. | 01 (One) | 1. He should have retired after working as Senior Divisional Accounts Officer / Divisional Accounts Officer in any Engineering office of Odisha State Govt. 2. The candidate should be below 64 years of age as on 31.08.2019. **Computer knowledge** 3. Proficiency in M.S. Office application (M.S word, Excel Power point, Internet Application). |
| Junior Stenographer (Contractual) | As per Finance Department Circular No.7022 dtd 17.03.2018, the Contractual Junior Stenographer is entitled to get consolidated remuneration of Rs.13,000/- per month, which may change from time to time by Govt. | 01 (One) | 1. He should have retired after working as Junior Stenographer/ Senior Stenographer in any office of Odisha State Govt. 2. The candidate should be below 64 Years of age as 31.08.2019. **Computer knowledge** 3. Proficiency in M.S. Office application (M.S word, Excel Power point, Internet Application). |

Interested eligible candidates may apply in plain paper, along with their updated CV, Matriculation Certificate along with **copy of pension payment order of final pension issued by A.G., Odisha / Provisional pension order / copy of proof of retirement from Govt. of Odisha** in the above address **by speed post only.** so as to reach this office on or before 05.08.2019. The candidates should clearly furnish their correspondence address, contact phone no. and E-mail ID for further communication. OISIP Authority reserves the right to reject any or all the candidatures without assigning any reason thereof .

Sd/-
Chief Engineer, OISIP, JICA,
OWSSB, Cuttack

# କଟକର କଦାକାର ଚିତ୍ର

କଟକ ସହର ବାରବାଟୀ ଷ୍ଟାଡିୟମ ଓ ତାରକସି କାରୁକାର୍ଯ୍ୟ ପାଇଁ ସାରା ବିଶ୍ୱରେ ପରିଚିତ। ହାଇକୋର୍ଟ, ବଡ଼ ଡାକ୍ତରଖାନା, ଶିଶୁଭବନ, କର୍କଟ କେନ୍ଦ୍ର ନିମନ୍ତେ ସାରା ଓଡ଼ିଶାରୁ ବହୁସଂଖ୍ୟକ ଲୋକ ପ୍ରତ୍ୟହ ଏଠାକୁ ଆସନ୍ତି। ହେଲେ ଅପରିଷ୍କାର ଓ ଲୋକଙ୍କ ମନଇଚ୍ଛା ରାସ୍ତା ବ୍ୟବହାର ଯୋଗୁ ଏହି ଐତିହ୍ୟ ସହର ପ୍ରତି ଖରାପ ଛବି ସୃଷ୍ଟି ହେଉଛି। ଏଥିପ୍ରତି କଟକ ମହାନଗର ନିଗମ, କଟକ ଉନ୍ନୟନ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ସ୍ଥାନୀୟ ବାସିନ୍ଦା, ନେତା ଓ ବିଶେଷ କରି କମିଶନରେଟ୍ ପୋଲିସର କୌଣସି କର୍ତ୍ତବ୍ୟ ଥିବା ଭଳି ମନେ ହେଉନାହିଁ। ଏହି ସହରରୁ ପୋଲିସ ମହାନିର୍ଦ୍ଦେଶକ ରାଜ୍ୟର ଆଇନଶୃଙ୍ଖଳା ନିୟନ୍ତ୍ରଣ କରନ୍ତି। ଏଠାରୁ ହାଇକୋର୍ଟ ମାଧମରେ ରାଜ୍ୟବାସୀ ନ୍ୟାୟ ପାଉଛନ୍ତି। କିନ୍ତୁ ଦୀପତଳ ଅନ୍ଧାର ଭଳି କଟକ ସହର ମୁଣ୍ଡାଇଛି ମନୁଷ୍ୟକୃତ କଦାକାର ରୂପ।

(ଫଟୋ: ରାଜକିଶୋର ମହାନ୍ତି)



ବକ୍ସିବଜାର ମୁଖ୍ୟ ଏକତରଫା ରାସ୍ତାରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଯାଉଥିବା ବାଇକ୍ ଚାଳକ



ବସ୍, ଅଟୋ ଅଟକି ରହିବା ଓ ଉଠାଦୋକାନ ଯୋଗୁ ଲିଙ୍କରୋଡ୍‌ରୁ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ଯିବା ରାସ୍ତା ସଂକୀର୍ଣ୍ଣ ହୋଇପଡ଼ିଛି




ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ସମ୍ମୁଖ ରାସ୍ତାରେ ପାଣି ଓ ଅଳିଆ ଆବର୍ଜନା ଜମି ରହିବା ସହ ବେଆଇନ ପାର୍କିଂ ଯୋଗୁ ଟ୍ରାଫିକ୍ ଜାମ ପରିସ୍ଥିତି ସୃଷ୍ଟି ହୋଇଛି




କ୍ୟାଣ୍ଟନମେଣ୍ଟ ରୋଡ୍‌ରୁ ଚାନ୍ଦିନୀଚୌକ ଯିବା ରାସ୍ତା ଉପରେ କଟକ ମହାନଗର ନିଗମ(ସିଏମ୍‌ସି) ଡଷ୍ଟବିନ୍ ଓ ଖେଳାଇହୋଇ ପଡ଼ିରହିଥିବା ଆବର୍ଜନା




**ରାସ୍ତାର ମନଇଚ୍ଛା ବ୍ୟବହାର:** ବାଦାମବାଡ଼ିର ଏକତରଫା ରାସ୍ତାରେ ଟ୍ରାଫିକ୍ ଉଲ୍ଲଂଘନ କରି ଆସୁଥିବା ବାଇକ୍ ଚାଳକ।



**ଟ୍ରାଫିକ୍ ନିୟମ କହିବାକୁ କେହି ନାହିଁ:** ବକ୍ସିବଜାର କେନାଲ ରୋଡ୍ ଛକରେ ଯିଏ ଯୁଆଡ଼େ ପାରିଲା ଗଲା।



ଖାନନଗର ଟ୍ରାଫିକ୍ ଛକରୁ ବାଦାମବାଡ଼ି ଯିବା ରାସ୍ତା ଉପରେ ଗଦା ହୋଇ ରହିଥିବା ଇଟା, ବାଲି।




ବାଦାମବାଡ଼ି ଥାନା ଆଗ ରାସ୍ତା ଉପରେ ରଖାଯାଇଥିବା ଜବତ ବାଇକ୍।



ପ୍ରତ୍ୟେକ ମହତ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।

- ବ୍ୟାସକବି ଫକୀରମୋହନ ସେନାପତି



# ଏଇ ସପ୍ତାହର କାର୍ଯ୍ୟକ୍ରମ

## ୨୧।୭।୨୦୧୯(ରବିବାର)

### ଭୁବନେଶ୍ୱର

- ସିକନ୍ଦର ଆଲମ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା, ଭାରତୀୟ ବିଦ୍ୟାଭବନ, ୟୁନିଟ-୩, ସକାଳ ୯ଟା।
- କସ୍ତୁରୀ ଅନୁଷ୍ଠାନ ପକ୍ଷରୁ ଦକ୍ଷତାଭିତ୍ତିକ ପ୍ରତିଯୋଗିତା, ସୂଚନା ଭବନ, ସକାଳ ୯ଟା।
- କମ୍ରେଡ ବନମାଳୀ ଜେନା ସ୍ମୃତି କମିଟି ପକ୍ଷରୁ ସ୍ମୃତି ସମ୍ମାନ ଉତ୍ସବ, ଲା.ଲନ, କାନନ ବିହାର ଫେଜ-୨ ପଛପାର୍ଶ୍ୱ, ପୂର୍ବାହ୍ନ ୧୧ଟା।
- ଭାଷା ସଂସ୍କୃତି ସମାଜ ପକ୍ଷରୁ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ରାଜଧାନୀ କଳାସଂସଦ, ୟୁନିଟ-୩, ପୂର୍ବାହ୍ନ ୧୧ଟା।
- ଇନର ହ୍ୱିଲ କ୍ଲବ ପକ୍ଷରୁ ଇନର ହ୍ୱିଲ ଜିଲା ୩୨୬ ସଂସ୍ଥାପନ ଉତ୍ସବ, ହୋଟେଲ କେଶରୀ, ପୂର୍ବାହ୍ନ ୧୧ଟା ୩୦।
- ଏ ଆର ଏଣ୍ଟରଟେନମେଣ୍ଟ ପକ୍ଷରୁ ମିଷ୍ଟର ଆଣ୍ଡ ମିସ୍ ଇଣ୍ଡିଆ ପ୍ରତିଯୋଗିତା, ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନ୍ୟାଶନାଲ, ଶ୍ରୀୟା ଟକିଜ ସାହି, ମଧ୍ୟାହ୍ନ ୧୨ଟା ୩୦।
- ଦେବପ୍ରସାଦ ନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ୪ର୍ଥ ଗୁରୁକୃପା ନୃତ୍ୟ ସମାରୋହ, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୫ଟା।
- ଚତୁର୍ବିଂଶ ଇଟିକିଲି ମିଟିକିଲି ଉତ୍ସବର ଉଦ୍‌ଯାପନ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ସ୍ମୃତି ସାନ୍ତ୍ୱନାର ଅଷ୍ଟମ ବାର୍ଷିକ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ-୯, ସନ୍ଧ୍ୟା ୬ଟା ୨୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ବକ୍ତୃତା, ପାନ୍ଥନିବାସ କଳିଙ୍ଗ କନଭେନସନ ହଲ, ସନ୍ଧ୍ୟା ୬ଟା ୩୦।
- ଦେବଧାରା ଓ ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଗୁରୁ ଶିଷ୍ୟ ସମ୍ମାନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

### ଖୋର୍ଦ୍ଧା

- ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଓ ବୃକ୍ଷରୋପଣ, ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନ ପରିସର, ପୂର୍ବାହ୍ନ ୧୦ଟା।
- ଦାୟିତ୍ୱ କର୍ତ୍ତବ୍ୟ ଓ ଖବର ସଂଗ୍ରହ କରୁଥିବା ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କର ସୁରକ୍ଷା ଉପରେ ଆଲୋଚନାଚକ୍ର, ଜିଲା ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା।

### କଟକ

- ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ପ୍ରଣାମ ମହାନଦୀ କାର୍ଯ୍ୟକ୍ରମ, ସାମୁଦ୍ରିକ ସଂଗ୍ରାହଳୟ ସମ୍ମୁଖ, ଯୋବ୍ରା ନିକଟ, ଅପରାହ୍ନ ୪ଟା।

## ୨୨।୭।୨୦୧୯(ସୋମବାର)

### ଭୁବନେଶ୍ୱର

- ରାଜ୍ୟସ୍ତରୀୟ ଗ୍ରାମସଭା ସମୂହ ଓ ସିଏସ୍‌ଡି ପକ୍ଷରୁ ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ମହାସଂଘ ପକ୍ଷରୁ ଜାତୀୟ ପତାକା ଦିବସ, ଗୀତ ଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ମଡେଲ କ୍ଲଷ୍ଟର ସ୍କୁଲ କୋ-ଅର୍ଡିନେଟର ମହାସଂଘ ପକ୍ଷରୁ ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଦକ୍ଷତାଭିତ୍ତିକ ତାଲିମ ଶିବିର, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୧ଟା ୩୦।
- ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ ଫାଉଣ୍ଡେଶନର ମିଳିତ ସହଯୋଗରେ ପାଲା କାର୍ଯ୍ୟକ୍ରମ, ମୁନ୍‌ସିହଲ, ଭାରତୀୟ ବିଦ୍ୟା ଭବନ, ଖାରବେଳନଗର, ସନ୍ଧ୍ୟା ୬ଟା ୩୦।
- ଦେବଧାରା ଓ ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଗୁରୁ ଶିଷ୍ୟ ସମ୍ମାନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

### ଖୋର୍ଦ୍ଧା

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ବେଗୁନିଆ ବ୍ଲକ ପରିସର, ପୂର୍ବାହ୍ନ ୧୦ଟା।

## ୨୩।୭।୨୦୧୯(ମଙ୍ଗଳବାର)

### ଭୁବନେଶ୍ୱର

- ଆଉଟରିଚ ପକ୍ଷରୁ ଜାତୀୟ ପ୍ରସାରଣ ଦିବସ, ଗୀତ ଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।

## ୨୪।୭।୨୦୧୯(ବୁଧବାର)

### ଭୁବନେଶ୍ୱର

- ଆୟକର ବିଭାଗ ପକ୍ଷରୁ ଆୟକର ଦିବସ ପାଳନ, ଆୟକର ଭବନ, ସନ୍ଧ୍ୟା ୬ଟା।

## ୨୫।୭।୨୦୧୯(ଗୁରୁବାର)

### ଭୁବନେଶ୍ୱର

- ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

## ୨୬।୭।୨୦୧୯(ଶୁକ୍ରବାର)

### କଟକ

- ବିଚାରପତି ବି.କେ ରାୟଙ୍କ ଶ୍ରାଦ୍ଧୋତ୍ସବ ଓ ହାଇକୋର୍ଟର ୭୨ତମ ପ୍ରତିଷ୍ଠା ଦିବସ, କୋର୍ଟ ପରିସର, ପୂର୍ବାହ୍ନ ୧୦ଟା ୧୫।



ଭୁବନେଶ୍ୱରସ୍ଥିତ ଲୟୋଲା ସ୍କୁଲର ପଞ୍ଚମ ବାର୍ଷିକ ପ୍ରଦର୍ଶନୀ 'ଲୟୋଲା ସିନର୍ଜି-୨୦୧୯'ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଯୁଗ୍ମ ସଚିବ ଡ. ଉଷାରାଣୀ, ସ୍କୁଲ ଅଧ୍ୟକ୍ଷ ଫାଦର ଭିକ୍ଟର ଏଫ୍ ମିସ୍‌କୁଇଥ ଏସ.ଜେ. ଓ ଅନ୍ୟମାନେ ଜଣେ ଛାତ୍ରୀଙ୍କଠାରୁ ତାଙ୍କ ପ୍ରକଳ୍ପ ବିଷୟରେ ବୁଝୁଛନ୍ତି।



ଲୟୋଲା ସିନର୍ଜି-୨୦୧୯ରେ ପ୍ରଦର୍ଶିତ 'ହଣ୍ଟେଡ୍ ହାଉସ୍'ରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

### ପରିଚୟ ଫାଉଣ୍ଡେଶନ ପକ୍ଷରୁ 'ଶ୍ରୀ ଆୱାର୍ଡସ୍'ର ୪ର୍ଥ ସଂସ୍କରଣ

# ୧୨ ପ୍ରତିଭାଙ୍କୁ 'ଶ୍ରୀ ଆୱାର୍ଡ'

**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

ପରିଚୟ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ 'ଶ୍ରୀ ଆୱାର୍ଡସ୍'ର ଚତୁର୍ଥ ସଂସ୍କରଣ ଶନିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ରାଜ୍ୟ ସଭା ସଦସ୍ୟ ତଥା ପଦ୍ମବିଭୂଷଣ ଡ. ସୋନାଲ ମାନସିଂହ, ସମ୍ମାନିତ ଅତିଥିଭାବେ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ, କଲିକତାରେ ଅବସ୍ଥାପିତ ଚାଇନାର ବାଣିଜ୍ୟିକ ଦୂତାବାସ ଅଧିକାରୀ ଝା ଲିଓ ପ୍ରମୁଖ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ଶ୍ରୀ ଆୱାର୍ଡରେ ସମ୍ମାନିତ କରାଯାଇଥିଲା।

ଅଜୟ ଅଗ୍ରୱାଲଙ୍କୁ ଚଳିତବର୍ଷ ଲାଗି ଜୀବନ ବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଡା. ନୀଳମାଧବ ରଥ, କଳା ଓ ସଂସ୍କୃତି କ୍ଷେତ୍ରରେ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ, ଏନ୍‌ଆର୍‌ଓ କ୍ଷେତ୍ରରେ ଉତ୍ତମ ତ୍ରିପାଠୀ, ସମାଜସେବା କ୍ଷେତ୍ରରେ ମଧୁସୂଦନ ଦାସ ଓ ଧୀରେନ୍ଦ୍ର ଠାକୁର ଓ ଶିକ୍ଷା କ୍ଷେତ୍ରରେ ଡ. ସତ୍ୟବ୍ରତ ମୀନକେତନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଉଦ୍ୟୋଗ କ୍ଷେତ୍ରରେ ଉତ୍କର୍ଷ ଲାଗି ପ୍ରଣବ ପାଣି, ସାମ୍ବାଦିକତା କ୍ଷେତ୍ରରେ ଶିବ ମହାନ୍ତି, କ୍ରୀଡା କ୍ଷେତ୍ରରେ ପ୍ରଭାତ ବରାଳ ଓ ଡ. ପୀୟୂଷ ରଞ୍ଜନ ରାଉତ, ମନୋରଞ୍ଜନ କ୍ଷେତ୍ରରେ ଡ. ଅଭିନାଶ ନନ୍ଦ, ଫଟୋଗ୍ରାଫି କ୍ଷେତ୍ରରେ ମନୋଜ ସାହୁ ଓ ସ୍ୱତନ୍ତ୍ର ବିଭାଗରେ ସମୀର କୁମାର ସାମଲଙ୍କୁ ଶ୍ରୀ ଆୱାର୍ଡ ପ୍ରଦାନ କରାଯାଇଥିଲା। ଏହାସହ ବାତ୍ୟା ଫନୀର ତାଣ୍ଡବ ପରେ ରାଜ୍ୟର ପୁନର୍ଗଠନରେ ସହଯୋଗର ହାତ ବଢାଇଥିବା ବ୍ୟକ୍ତିବିଶେଷ ଓ ବାତ୍ୟା ବିପନ୍ନ ମହିଳାଙ୍କ ନିମନ୍ତେ କାର୍ଯ୍ୟ କରିଥିବା ଓଡିଶା ସମାଜର ସଦସ୍ୟ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପଦ୍ମବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କ ଶିଷ୍ୟ ଦିଗ୍‌ବିଜୟସିନ୍ ଚୌହାନ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ବଂଶୀବାଦନ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହାପରେ ଅନିନ୍ଦିତା ଦାସଙ୍କ ଦ୍ୱାରା ପରିବେଷିତ ଏକତା ଓ ସମତା ରକ୍ଷାଭିତ୍ତିକ ସଙ୍ଗୀତ ଶ୍ରୋତାଙ୍କୁ ଆକୃଷ୍ଟ କରିଥିଲା। ପ୍ରାଚୀତାରାଙ୍କ ଦ୍ୱାରା ଷ୍ଟୋରିଟେଲିଂ ଅଧିବେଶନ ଅନୁଷ୍ଠିତ ହୋଇଥିବାବେଳେ ଅନୁଷ୍କା କର ମନଛୁଆଁ ଗୀତ ପରିବେଷଣ କରିଥିଲେ। ଚାଇନାର ବାଣିଜ୍ୟିକ ଦୂତାବାସ ଅଧିକାରୀ ଝା ଲିଓ ଫନୀ କ୍ଷତିଗ୍ରସ୍ତ ଅଞ୍ଚଳରେ ମହିଳାଙ୍କ ଆର୍ଥିକ ପ୍ରଗତି ଏବଂ ମହିଳା ସଶକ୍ତୀକରଣ ନିମନ୍ତେ ୧.୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିବାବେଳେ ପରିଚୟ ଫାଉଣ୍ଡେଶନ ପ୍ରତିଷ୍ଠାତା ସଭାପତି ରୋଜାଲିନ୍ ପାଟଶାଣୀ ଧନ୍ୟବାଦ ଦେଇଥିଲେ।

### ଲୟୋଲା ସିନର୍ଜି-୨୦୧୯ରେ ଛାତ୍ରୀଛାତ୍ରଙ୍କ ପ୍ରତିଭା ପ୍ରଦର୍ଶନ

# ଭୟଭୀତ କଲା 'ହଣ୍ଟେଡ୍ ହାଉସ୍'

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ଘର ପୂରା କିଟ୍ କିଟ୍ ଅନ୍ଧାର ଥିଲା। କଟା ମୁଣ୍ଡ ସହିତ ସଂରକ୍ଷିତ ଶବ ସେହି ଘରେ ଥିଲା। ଆଉ ଠାଏ ଠାଏ ରକ୍ତ ଛିଟା ପଡ଼ିଥିଲା। କିଏ ପାଟି କରି ଚିଲାଉଥିଲା ତ' ଆଉ କିଏ କାହା ଉପରେ ଡେଇଁ ପଡୁଥିଲା। ଏସବୁ ଦେଖିଲେ ଭୂତ କୋଠି ବୋଲି ଅନୁଭବ ହେଉଥିଲା। ଏହା କୌଣସି ଫିଲ୍ମର ଅଂଶ ନ ଥିଲା, କେତେଜଣ ପିଲାଙ୍କ ଦ୍ୱାରା ପ୍ରସ୍ତୁତ 'ହଣ୍ଟେଡ୍ ହାଉସ୍'ର ଦୃଶ୍ୟ ଥିଲା।

ଶନିବାର ଉଦ୍‌ଘାଟିତ ହୋଇଥିବା ଲୟୋଲା ସ୍କୁଲର ପଞ୍ଚମ ବାର୍ଷିକ ପ୍ରଦର୍ଶନୀ 'ଲୟୋଲା ସିନର୍ଜି-୨୦୧୯'ରେ ନବମ ଶ୍ରେଣୀ 'ବି' ସେକ୍ସନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା ଏହି 'ହଣ୍ଟେଡ୍ ହାଉସ୍'। ଏକ ରୁମ୍‌କୁ ଅନ୍ଧାର କରି ସେଠାରେ ଭୂତ କୋଠିର ଦୃଶ୍ୟ ଯେଭଳି ଅନୁଭବ ହେବ ସେହିପରି ସଜା ଯାଇଥିଲା। ଭିତରେ ୩ଜଣ ପିଲା ଭୂତ ବେଶରେ ରହିଥିଲେ। ଗୋଟିଏ ପାର୍ଶ୍ୱରେ ପ୍ରବେଶ ଓ ଆଉ ଅନ୍ୟପଟେ ପ୍ରସ୍ଥାନ ଥିଲା। ଏକାଥରକେ ଦୁଇଜଣଙ୍କୁ ସେହି 'ହଣ୍ଟେଡ୍ ହାଉସ୍'କୁ ଦେଖିବା ପାଇଁ ଛଡ଼ା ଯାଉଥିଲା। ତା' ଭିତରକୁ ଯିଏ ଯାଉଥିଲେ ସେମାନଙ୍କ ଉପରକୁ କଟା ମୁଣ୍ଡ ଫୋପାଡ଼ିବା ସହିତ ବିଭିନ୍ନ ଉପାୟରେ ଭୟଭୀତ ପରିସ୍ଥିତି ସୃଷ୍ଟି କରାଯାଉଥିଲା। ବାହାରିବା ସମୟରେ ସବୁଠାରୁ ବେଶି ଭୟ ଲାଗୁଥିଲା। ଯେତେବେଳେ ଦେଖଣାହାରୀ ପ୍ରସ୍ଥାନ ବାଟ ଦେଖି ଖୁସିରେ ବାହାରକୁ ବାହାରିବାକୁ ଚେଷ୍ଟା କରୁଥାଏ ସେହି ସମୟରେ ଭୂତ ବେଶରେ ଥିବା ଜଣେ ପିଲା ଗୋଡ଼ ଧରି ପକାଉଥିଲା। ଏଭଳି ପିଲା ଓ ଅଭିଭାବକଙ୍କ ଭୟ ଓ ଚିତ୍କାରରେ ଫାଟିପଡୁଥିଲା 'ଲୟୋଲା ସିନର୍ଜି'ର ଏହି 'ହଣ୍ଟେଡ୍ ହାଉସ୍'। ଏଥିରେ ପ୍ରାୟ ୨୦ଜଣ ଅଂଶଗ୍ରହଣ କରିଥିଲେ।





ଏହି ପ୍ରଦର୍ଶନୀକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଯୁଗ୍ମ ସଚିବ ଡ. ଉଷାରାଣୀ ସାହୁ ଉଦ୍‌ଘାଟନ କରି କଠିନ ପରିଶ୍ରମ କରି ସଫଳତା ହାସଲ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ମଡେଲ, ପ୍ରକଳ୍ପ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ପିଲାଙ୍କ ଦ୍ୱାରା ପ୍ରସ୍ତୁତ ପରିବେଶ ସଚେତନତା କାର୍ଯ୍ୟକ୍ରମ, ଧର୍ମ ଏବଂ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ବହୁ ଶିକ୍ଷା ପ୍ରଦାନ କରିଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ମୁକାବିଲା କରାଯାଇପାରିବ ତାହା ଛାତ୍ରୀଛାତ୍ର ପ୍ରକଳ୍ପ ମାଧ୍ୟମରେ ବୁଝାଇଥିଲେ। ପିଲାଙ୍କ ସୃଜନଶୀଳତା ଏବଂ ଅନ୍ତର୍ନିହିତ ପ୍ରତିଭାର ବିକାଶ ସାଧନ ପାଇଁ ଏହା ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ଫାଦର ଭିକ୍ଟର ଏଫ୍ ମିସ୍‌କୁଇଥ ଏସ.ଜେ. ମତ ପ୍ରକାଶ କରିଥିଲେ।





ପରିଚୟ ଫାଉଣ୍ଡେଶନ ପକ୍ଷରୁ ଶନିବାର ଆୟୋଜିତ 'ଶ୍ରୀ ଆୱାର୍ଡସ୍' ପ୍ରଦାନ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ବ୍ୟକ୍ତିତ୍ୱମାନେ।

# ବାରାସିଙ୍ଗାର ହେଲା ଅସ୍ତ୍ରୋପଚାର

**ବାରଙ୍ଗ,୨୦।୭(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶନିବାର ୩୯ନଂ ଏନକ୍ଲୋଜରରେ ଥିବା ଏକ ୭ବର୍ଷର ବାରାସିଙ୍ଗାର ଅସ୍ତ୍ରୋପଚାର କରାଯାଇଛି। କିଛିଦିନ ହେବ ସେ ଅସୁସ୍ଥ ଥିବାବେଳେ ତା'ର ଫୁଲଟି ପଦାକୁ ବାହାରିଆସୁଥିଲା। ଡାକ୍ତରମାନେ ବିଭିନ୍ନ ଔଷଧ ଦେଇ ଚିକିତ୍ସା କରିଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ଅସ୍ତ୍ରୋପଚାର କରାଯାଇଛି। ସେହିଭଳି ଗତ କିଛିଦିନ ହେବ ଗୋଟିଏ ବାରାସିଙ୍ଗାର ମୁହଁପାଖରେ ଟ୍ୟୁମର ହୋଇଛି। ଡାକ୍ତରମାନେ ତା'ର ଚିକିତ୍ସା ଆରମ୍ଭ କରିଥିଲେ ମଧ୍ୟ ଟ୍ୟୁମର ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ବାରାସିଙ୍ଗାଟି ଧୀରେଧୀରେ ଅସୁସ୍ଥ ହେବା ସହ ରୁଗ୍‌ଣ ହେବାକୁ ଲାଗୁଥିବାର ଦେଖିବାକୁ ମିଳିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଦେବ



ଅଙ୍କିତା



ଦେବୀପ୍ରସାଦ



ଚିନ୍ମୟୀ



ଯଶସ୍ୱିନୀ



ମନୋଜ



ପ୍ରୀତମ



ଭୀରୁ ବାରମ୍ବାର ମରେ; କିନ୍ତୁ ସାହାସୀ ଲୋକର ଜୀବନରେ ମାତ୍ର ଥରେ ମୃତ୍ୟୁ ହୋଇଥାଏ ।

- ନେପୋଲିୟନ



## ସଂକ୍ଷେପରେ

### ବିଦ୍ୟୁତ୍ ପାଇଁ ୪ ସ୍ଥାନରେ ରାସ୍ତାରୋକୋ



ବ୍ରହ୍ମଗିରି,୨୦।୭(ଡି.ଏନ.ଏ): ବାତ୍ୟା ଫନୀକୁ ୩ମାସ ବିତିବାକୁ ଯାଉଛି। ବ୍ରହ୍ମଗିରିରେ ବାତ୍ୟା ପରବର୍ତ୍ତୀ ଦୁର୍ଦ୍ଦଶା ବଢାଇଛି ବିଦ୍ୟୁତ ସେବା। ଏବେ ସବୁଠି ଏହି ବିଦ୍ୟୁତ ପାଇଁ ହାହାକାର ଦେଖିବାକୁ ମିଳୁଛି। ଏବେ ବି ବ୍ରହ୍ମଗିରି ବ୍ଲକରେ ଅନେକ ଗାଁ ବିଦ୍ୟୁତ ସେବା ନ ପାଇ ଜନଅସନ୍ତୋଷ ବୃଦ୍ଧି ପାଉଛି। ଏ ନେଇ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ, ଜନ ଆନ୍ଦୋଳନ ମାନ ହେଉଥିବାର ଦେଖିବାକୁ ମିଳୁଛି। ଏହି ବିଦ୍ୟୁତ ସମସ୍ୟା ନେଇ ଶନିବାର ଉକ୍ତ ବ୍ଲକ ଅନ୍ତର୍ଗତ ଖଜୁରିଆ, ହୁବାସିହି ଓ ଖଜୁରିଆ ତଳବଜାର ଓ ଘଟକୁଡି ୪ଟି ସ୍ଥାନରେ ରାସ୍ତାରୋକୋ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ବାତ୍ୟା ପରେ ବ୍ରହ୍ମଗିରି ଅଞ୍ଚଳରେ ବିଦ୍ୟୁତ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଦୀର୍ଘଦିନ ଧରି ଅନେକ ଗାଁ ଏବେ ବି ଅନ୍ଧାରରେ ରହିଛନ୍ତି। ଫଳରେ ଖଜୁରିଆ, ହୁବାସାହି, ଧର୍ମକିଓ୍ତି, ଘଟକୁଡି ଆଦି ୧୨ଖଣ୍ଡ ଗାଁ ଉପରମୁଣ୍ଡ ଅର୍ଥାତ ଗୌଡିଆ ଘାଇଠାରେ ବିଦ୍ୟୁତ ସଂଯୋଗ ଦିଆଯାଉ ନ ଥିଲା। ଫଳରେ ଏହି ଗ୍ରାମଗୁଡିକ ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହୋଇ ଶନିବାର ୪ଟି ସ୍ଥାନରେ ୫ ଘଣ୍ଟାକାଳ ରାସ୍ତାଅବରୋଧ କରିଥିଲେ। ପରେ ସ୍ଥାନୀୟ ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ହସ୍ତକ୍ଷେପ ପରେ ପୋଲିସର ସହଯୋଗରେ ଉକ୍ତ ଗ୍ରାମଗୁଡ଼ିକୁ ବିଦ୍ୟୁତ ସଂଯୋଗ ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା।

### ଯୁବକଙ୍କ ଜୀବନ ବଞ୍ଚାଇଲେ ଲାଇଫ୍ ଗାର୍ଡ

ପୁରୀ ଅଫିସ, ୨୦।୭: ପୁରୀ ସମୁଦ୍ରରେ ଶନିବାର ଜଣେ ଯୁବକ ଗାଧୋଉଥିବା ବେଳେ ଗଭୀର ସମୁଦ୍ର ଭିତରକୁ ଚାଲିଯାଇଥିଲେ। ଲାଇଫ୍ ଗାର୍ଡମାନେ ସମୁଦ୍ରକୁ ଲମ୍ଫ ଦେଇ ଖୋଜାଖୋଜି କରିବା ପରେ ଯୁବକଙ୍କୁ ଧରି କୂଳକୁ ଆଣିଥିଲେ। ଯୁବକ ଜଣକ ହେଲେ ଯାଜପୁର ପାଣିକୋଇଲିର ନୀରଜ ପଟେଲ। ନୀରଜ ସାଙ୍ଗମ୍ମାନଙ୍କ ସହ ମହାପ୍ରଭୁଙ୍କ ଦର୍ଶନ ସାରି ମଧାହ୍ନରେ ବେଳାଭୂମିରେ ପହଞ୍ଚିଥିଲେ। ସାଙ୍ଗମାନେ ବେଳାଭୂମିରେ ଠିଆ ହୋଇଥିବା ବେଳେ ନୀରଜ ଗାଧୋଇବା ଲାଗି ସମୁଦ୍ରକୁ ଯାଇଥିଲେ। ହଠାତ୍ ଲହଡି ସୁଅରେ ଭିତରକୁ ଚାଲିଯାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ନୀରଜ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି।

### ୩କେଜି ଗଞ୍ଜେଇ ଜବତ, ମହିଳା ଗିରଫ

କଟକ ରୋଡ,୨୦।୭(ଡି.ଏନ୍.ଏ): ଭୁବନେଶ୍ୱର ଅବକାରୀ ରେଞ୍ଜ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଶହୀଦନଗର ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ଜଣେ ମହିଳା ବ୍ୟବସାୟୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ବ୍ରହ୍ମପୁର ହିଲ୍‌ପାଟଣା ଅଞ୍ଚଳର ରଙ୍ଗବତୀ ଦାଶ। ସେ ଏଠାରେ ବିଶ୍ୱେଶ୍ୱର ବସ୍ତିରେ ରହି ଗଞ୍ଜେଇ ବ୍ୟବସାୟ ଚଳାଉଥିବା ନେଇ ସୂଚନା ମିଳିଥିଲା। ଶନିବାର ପୂର୍ବାହ୍ନ ପ୍ରାୟ ସାଢେ ୯ଟାରେ ଏକ ଟିମ ବସ୍ତିରେ ଚଢ଼ାଉ କରି ରଙ୍ଗବତୀଙ୍କୁ ଧରିବା ସହ ତାଙ୍କଠାରୁ ୩କେଜି ୩୦୦ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଜବତ ନିଶାସାମଗ୍ରୀର ମୂଲ୍ୟ ୧୬ହଜାର ଟଙ୍କା ହେବ ବୋଲି ରେଞ୍ଜ ଇନ୍‌ସପେକ୍ଟର ଦେବାଶିଷ ପଟେଲ କହିଛନ୍ତି। ଏ ନେଇ ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା(ନଂ. ୧୬/୧୯-୨୦)ରୁଜୁ ହୋଇଛି।

■ ମଦ ବ୍ୟବସାୟୀଙ୍କୁ ସାବାଡ଼ ପାଇଁ ଶପଥ

# ଠେଙ୍ଗା, ଟର୍ଚ୍ଚ ଧରି ବାହାରିଲେ ମହିଳା

ବେଗୁନିଆ, ୨୦।୭ (ଡି.ଏନ.ଏ.)

ମଦ ପିଇ ଘରର ପୁରୁଷ ବ୍ୟକ୍ତିମାନେ ଘରକୁ ଆସି ଶାନ୍ତିଶୃଙ୍ଖଳା ଭଙ୍ଗ କରିବା ସହ ମହିଳାଙ୍କୁ ମାଡ ମାରୁଛନ୍ତି। ଏଥିଯୋଗୁ ଅଧିକାଂଶ ଘରେ ମଦ ପାଇଁ ଝଗଡା ଲାଗୁଛି। ମଦ ପିଇ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହୋଇ ରାସ୍ତା ଘାଟରେ ଝିଅ, ବୋହୂମାନଙ୍କୁ କମେଣ୍ଟ ମାରୁଛନ୍ତି। ତେଣୁ ସେମାନେ ବାହାରେ ଚଳପ୍ରଚଳ କରିବାକୁ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ମଦ କାରବାର ରୋକିବାକୁ ଯାଇ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତର ମହିଳାମାନେ ଅଣ୍ଟା ଭିଡିଛନ୍ତି। ଘରକୋଣରୁ ମହିଳାମାନେ ନିଜର ପିଲା, ପରିବାର ପାଇଁ ବାହାରକୁ ଗୋଡ କାଢିଛନ୍ତି। ଶତାଧିକ ମହିଳା ମଦ ମାଫିଆଙ୍କୁ ସାବାଡ କରିବାକୁ ଶପଥ ନେଇଛନ୍ତି। ଗାଁ ଗଣ୍ଡାରୁ ମଦ କାରବାରକୁ ମୂଳୋତ୍ପାଟନ କରିବାରେ ଲାଗି ପଡିଛନ୍ତି। ସଞ୍ଜ ନଇଁଲେ ଘରର ସମସ୍ତ କାମ ଧନ୍ଦା ଶେଷ କରି ଅନ୍ଧାରରେ ହାତରେ ଠେଙ୍ଗା ଓ ଟର୍ଚ୍ଚ ଧରି ବ୍ୟବସାୟୀଙ୍କୁ ଜଗି ରହୁଛନ୍ତି। ଏଭଳି ପ୍ରୟାସ ୪୫ ଦିନ କରିବା ପରେ ୫୦ ପ୍ରତିଶତ ଚୋରା ମଦ କାରବାର କମିଥିବା ମଦ ବିରୋଧୀ ଅଭିଯାନର ନେତୃତ୍ୱ ନେଉଥିବା ସଭାନେତ୍ରୀ ସୁମିତ୍ରା ପାଣିଗ୍ରାହୀ ଓ ସମ୍ପାଦିକା ବାସନ୍ତୀ ପାଣିଗ୍ରାହୀ କହିଛନ୍ତି। ହେଲେ ସରକାରଙ୍କ ମଦ ବିକ୍ରି ପାଇଁ ପ୍ରୋତ୍ସାହନ ପ୍ରସଙ୍ଗ ଶୁଣି ସେମାନେ ଅଧିକ ତତ୍ପର ହୋଇ ଉଠିଛନ୍ତି। ସରକାର ନେଇଥିବା ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ସେମାନେ ଦାବି କରିଛନ୍ତି। ମଦ ପାଇଁ ପରିବାର ଭାଙ୍ଗି ଯାଉଛି, ଯୁବଗୋଷ୍ଠୀ ଅବାଟକୁ ଚାଲି ଯାଉଥିବାବେଳେ ଝିଅ, ବୋହୂମାନେ ଅସୁରକ୍ଷିତ ମଣୁଛନ୍ତି। ତେଣୁ ଏସବୁ ବିଶୃଙ୍ଖଳା ପାଇଁ ସରକାର ଦାୟୀ ରହିବେ ବୋଲି ମହିଳାମାନେ କହିଛନ୍ତି। ସରକାରଙ୍କ ନିଷ୍ପତ୍ତି ବିରୋଧରେ ମଦ ବିରୋଧୀ ଅଭିଯାନକୁ ତୀବ୍ରତର କରାଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ମହିଳାମାନେ ଚୋରା ମଦ ବ୍ୟବସାୟୀଙ୍କୁ ଧରିବା ପରେ ପୋଲିସକୁ ଖବର ଦେଉଥିଲେ ହେଁ ସେମାନେ ଆସୁନାହାନ୍ତି। ପୋଲିସ ଚୋରା ମଦ ବ୍ୟବସାୟୀମାନଙ୍କଠାରୁ ମାସିକିଆ ବଟି ନେଉଥିବାରୁ ଧରୁ ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ବେଗୁନିଆ ଅଞ୍ଚଳରେ ଅବକାରୀ ବିଭାଗ ଚଢାଉ କରୁ ନ ଥିବାରୁ ଏହା ଅବାଧରେ ଚାଲିଛି। ବିଭାଗୀୟ କର୍ମଚାରୀମାନେ ବଟି ନେଇ ଚୁପ ହୋଇ ବସି ପଡୁଛନ୍ତି। ସେମାନଙ୍କ ନିଷ୍କ୍ରିୟତା ମଦ ବ୍ୟବସାୟକୁ ବଢାଇବାରେ ସହଯୋଗ କରୁଛି। ଏ ସଂକ୍ରାନ୍ତରେ ସେମାନେ ଜିଲାପାଳଙ୍କୁ ବ୍ଲକରେ ହେବାକୁ ଥିବା ଜନ ଶୁଣାଣିରେ ଅଭିଯୋଗ କରିବେ ବୋଲି କହିଛନ୍ତି। ମହିଳାମାନଙ୍କ ଏଭଳି ପ୍ରୟାସ ଗାଁକୁ ଗାଁ ବ୍ୟାପିବାରେ ଲାଗିଛି। ମହିଳାମାନଙ୍କ ଏଭଳି ଉଚ୍ଚକୋଟୀର ପ୍ରୟାସକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ସ୍ୱାଗତ କରିଛନ୍ତି।



ମହିଳାମାନେ ଏକାଠି ହୋଇ ଠେଙ୍ଗା ଧରି ଜଗିଛନ୍ତି।

■ ୪୫ ଦିନରେ ବେଗୁନିଆ ଅଞ୍ଚଳରେ ୫୦ ପ୍ରତିଶତ ମଦ କାରବାର ବନ୍ଦ ଦାବି

■ ମଦ ବ୍ୟବସାୟୀଙ୍କୁ ଧରି ପୋଲିସକୁ ଖବର ଦେଲେ ଆସୁନାହାନ୍ତି

## ରୋଗ ଶଯ୍ୟାରେ ବାପା

# ପଢ଼ା ଛାଡି ୨ ଶିଶୁ ଚଳାଉଛନ୍ତି ପରିବାର

ଖୋର୍ଦ୍ଧା ଅଫିସ,୨୦।୭

ରୋଜଗାରରେ ବାଧକ ସାଜିଲା ରୋଗ। କାମ ନ କରି ଫେରି ଆସିଲେ ଘରକୁ। ୬ମାସ ଧରି ରୋଗଶଯ୍ୟାରେ ପଡି ଅଭିଶପ୍ତ ଜୀବନଯାପନ କରୁଛନ୍ତି ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଗୋଡିଝର ଗାଁର ପଦ୍ମ ଚରଣ ପ୍ରଧାନ(୩୫)। ରୋଗ ଯୋଗୁ ୩୫ ବର୍ଷର ଯୁବକ ବାର୍ଦ୍ଧକ୍ୟରେ ଉପନୀତ ହୋଇଛନ୍ତି। ଘରର ରୋଜଗାରକ୍ଷମ ବ୍ୟକ୍ତି ଶଯ୍ୟାଶାୟୀ ହୋଇଥିବାରୁ ଘରେ ଚୁଲି ଜଳୁନି। ପରିବାରର ସଦସ୍ୟମାନେ ୨ ଦିନ ଖାଇଲେ ଦିନେ ଉପବାସରେ ରହୁଛନ୍ତି। ଏଭଳିସ୍ଥଳେ ପଦ୍ମ ଚରଣଙ୍କ ଅଷ୍ଟମ ଓ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବା ଦୁଇ ଶିଶୁ ପାଠପଢ଼ା ଛାଡି ରୋଜଗାର କରିବାକୁ ବାଧ୍ୟ ହେଲେ। ସେମାନଙ୍କର ରୋଜଗାରରେ ଯଦିଓ କଷ୍ଟେମଷ୍ଟେ ଖାଇବା ଚଳିଯାଉଛି, ତେବେ ବାପାଙ୍କ ଚିକିତ୍ସା ସମ୍ଭବ ହେଉନାହିଁ। ଗଣମାଧ୍ୟମରୁ ଖବରପାଇ ଖୋର୍ଦ୍ଧା ସିଡିଏମ୍‌ଓ ପଦ୍ମଚରଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ମଧ ପରିବାରର ଦୁଃଖ ହଟି ନାହିଁ।

ପଦ୍ମଙ୍କର ପରିବାର କହିଲେ ୨ ପୁଅ ଓ ସ୍ତ୍ରୀ। ଛୋଟ ସଂସାର ହୋଇଥିଲେ ମଧ ଚଳିବାକୁ ଅସୁବିଧା ହେବାରୁ ପଦ୍ମ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିଲେ। କିଛିଦିନ କାମ କରିବା ପରେ ଶାରୀରିକ ଅସୁସ୍ଥତା ବଢ଼ି ଚାଲିଲା। ପଦ୍ମ ଆଉ କାମ କରି ନ ପାରି ଘରକୁ ଫେରିଲେ। ନୟାଗଡ ଚାନ୍ଦପୁରର ଟିବି ହସ୍ପିଟାଲରେ ଚିକିତ୍ସିତ ହେଲେ। ହେଲେ ଚିକିତ୍ସାରେ ଉନ୍ନତି ନ ହେବାରୁ ଏମ୍‌ସକୁ ସ୍ଥାନାନ୍ତର ହେଲେ। ପରୀକ୍ଷଣ ପରେ ଜଣାଗଲା ଲିଭର କର୍କଟ। ରୋଗ ଶୁଣି ପରିବାର ସଦସ୍ୟମାନେ ଚିନ୍ତିତ ହୋଇ ପଡିଲେ। ତଥାପି ଧାର କରଜ, ଗାଁଲୋକଙ୍କ ସହାୟତାରେ ଚିକିତ୍ସା ଆରମ୍ଭ ହେଲା। ହେଲେ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ଚିକିତ୍ସା ଅଧାବାଟରେ ରହିଗଲା। ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଚାଲିଛି। କେବଳ ରାଶନ କାର୍ଡକୁ ଛାଡି ଦେଲେ ପଦ୍ମ ଚରଣଙ୍କ ପାଖରେ ସରକାରଙ୍କ କୌଣସି ଯୋଜନା ପହଞ୍ଚି ନାହିଁ। ଏଭଳିସ୍ଥଳେ ପଦ୍ମଚରଣଙ୍କ ପରିବାରର ଦୁଇପୁଅ, ସ୍ତ୍ରୀ ଦୁଃଖଦ ଜୀବନଯାପନ କରୁଛନ୍ତି।



ସ୍ତ୍ରୀଙ୍କ ସହ ପଦ୍ମ ଚରଣ ପ୍ରଧାନ।





ନୃତ୍ୟ କାର୍ଯ୍ୟକ୍ରମ 'କଥା-୨୦୧୯'ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟ ଅତିଥିମାନେ।

# 'କଥା'ରେ କଥକର ଆକର୍ଷଣ

ଭୁବନେଶ୍ୱର,୨୦।୭(ବ୍ୟୁରୋ): ନୃତ୍ୟାନୁଷ୍ଠାନ କଥକ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଏହାର ବାର୍ଷିକ ନୃତ୍ୟ କାର୍ଯ୍ୟକ୍ରମ 'କଥା-୨୦୧୯' ଶନିବାର ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମା ଏଲିମେଣ୍ଟ୍ସ ଫିଲ୍ମ, ଟେଲିଭିଜନ ଆଣ୍ଡ ଥିଏଟରର ଦୋଳଗୋବିନ୍ଦ ରଥ, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଇଲିଆନା ଚିତାରିସ୍ତି, କଥକ ଡ୍ୟାନ୍ସ ଏକାଡେମୀ ପ୍ରତିଷ୍ଠାତା ଝୁମ୍‌କା ମୁଖାର୍ଜୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର କନିଷ୍ଠ ଓ ବରିଷ୍ଠ ଶିଳ୍ପୀମାନେ ସମବେତ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରିଥିଲେ। ସେହିଭଳି ଆନନ୍ଦ ଶଙ୍କରଙ୍କ ସଂଯୋଜନାରେ 'ଲାଇଟ୍ ମାଇଁ ଫାୟାର' ପରିବେଷିତ ହୋଇଥିବାବେଳେ କୃଷ୍ଣ ବନ୍ଦନା ଓ ତ୍ରିତାଳ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସେମି କ୍ଲାସିକାଲ ପର୍ଯ୍ୟାୟରେ ଲିପ୍‌ସା ଚୌଧୁରୀଙ୍କ ନୃତ୍ୟ ସଂଯୋଗନାରେ 'ରାଧା ତେରୀ ଚୁନ୍‌ରୀ', 'ଦିଲ୍ ଦିୟାଁ ଗଲ୍ଲା' ଓ 'ବର୍‌ଷୋ ରେ ମେଘା ମେଘା' ପରିବେଷିତ ହୋଇଥିଲା। ଡ. ପି. ମୁରଲୀଧର ଶର୍ମାଙ୍କ ନୃତ୍ୟ ସଂଯୋଜନାରେ ହୋରୀ ଏବଂ ସୁଫୀ କଥକ ବେଶ୍ ଚିତ୍ତାକର୍ଷକ ହୋଇଥିଲା।





କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ପଦ ଫେରିପାଇଲେ ଚାଇଁପୁର ସରପଞ୍ଚ

ଡେଲାଙ୍ଗ,୨୦।୭(ଡି.ଏନ୍.ଏ)

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପୁରୀ ଜିଲା ଡେଲାଙ୍ଗ ବ୍ଲକ ଚାଇଁପୁର ପଞ୍ଚାୟତର ନିର୍ବାଚିତ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡାଙ୍କ ବହିଷ୍କାର ଆଦେଶକୁ ହାଇକୋର୍ଟ ଅସିଦ୍ଧ ଘୋଷଣା କରିଛନ୍ତି। ସରକାରଙ୍କ ବହିଷ୍କାର ଆଦେଶ ବିଧି ସମ୍ମତ ପ୍ରକ୍ରିୟାରେ ହୋଇ ନ ଥିବା ଦର୍ଶାଇ ନିର୍ବାଚିତ ସରପଞ୍ଚଙ୍କୁ ପଦବୀ ଫେରାଇବା ପାଇଁ ପଞ୍ଚାୟତିରାଜ ବିଭାଗ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ଚାଇଁପୁର ପଞ୍ଚାୟତ ସରପଞ୍ଚ ପରିଡା ୨୦୧୭ରେ ନିର୍ବାଚିତ ହୋଇଥିଲେ। ଆର୍ଥିକ ଅନିୟମିତତା ଅଭିଯୋଗରେ ୨୬ ଅକ୍ଟୋବର ୨୦୧୭ରେ ପଞ୍ଚାୟତିରାଜ ବିଭାଗ ପରିଡାଙ୍କୁ ସରପଞ୍ଚ ପଦବୀରୁ ନିଲମ୍ବିତ କରିଥିଲେ। ଏହା ଆର୍ଥିକ ଅନିୟମିତତା ନୁହେଁ, ରାଜନୈତିକ ଆକ୍ରୋଶ ବୋଲି ପରିଡା ଦର୍ଶାଇ ଏହି ଆଦେଶ ଅସିଦ୍ଧ ଘୋଷଣ କରିବାକୁ ଉଚ୍ଚ ନ୍ୟାୟାଳୟରେ ଅଭିଯୋଗ କରିଥିଲେ। ସରପଞ୍ଚଙ୍କ ବିରୋଧରେ ତଦନ୍ତ ପ୍ରକ୍ରିୟା ୧ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ସମ୍ଭବ ନ ହେଲେ ତାଙ୍କୁ ପୁନଃଦାୟିତ୍ୱ ହସ୍ତାନ୍ତର କରିବାକୁ ହାଇକୋର୍ଟ ଆଦେଶ ଦେଇଥିଲେ। ପରିଡା ୩ ଅଗଷ୍ଟ ୨୦୧୮ରେ ପୁଣି ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଥିଲେ। ଅନ୍ୟ ପକ୍ଷରେ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ୍ରମେ ପରିଡାଙ୍କ ବିରୋଧରେ ଆର୍ଥିକ ଅନିୟମିତତାର ପୂର୍ଣ୍ଣ ତଦନ୍ତ ହୋଇ ରିପୋର୍ଟ ଆସିବା ପରେ ୨୦୧୮ ଡିସେମ୍ବର ୧ରେ ପରିଡାଙ୍କୁ ପଦବୀରୁ ବହିଷ୍କାର ଆଦେଶ ହୋଇଥିଲା। ଯୁଗ୍ମ ତଦନ୍ତ ଟିମ୍‌ଙ୍କ ରିପୋର୍ଟ କଥିତ ସରପଞ୍ଚଙ୍କୁ ହସ୍ତାନ୍ତର ହୋଇ ନ ଥିବା କିମ୍ବା ତାଙ୍କ ବକ୍ତବ୍ୟର ଶୁଣାଣି ହୋଇ ନ ଥିବା ଦର୍ଶାଇ ବିଚାରପତି ବିଶ୍ୱନାଥ ରଥ ଉକ୍ତ ଆଦେଶକୁ ଅସିଦ୍ଧ ଘୋଷଣା କରିଛନ୍ତି।

# ପ୍ରତି ଜିଲାରେ ୧୫ ସାମର୍ଥ୍ୟ ଶିବିର କରିବ 'କ୍ଷମତା ଏକ୍ସପ୍ରେସ୍'

ଭୁବନେଶ୍ୱର,୨୦।୭(ବ୍ୟୁରୋ)

■ ସମୀକ୍ଷା ବୈଠକରେ ନିଆଗଲା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

■ ଅନଗ୍ରସର, ଅପହଞ୍ଚ ଅଞ୍ଚଳଗୁଡ଼ିକୁ ଅଧିକ ଗୁରୁତ୍ୱ ଦିଆଯିବ

ଭିନ୍ନକ୍ଷମ, ବରିଷ୍ଠ ନାଗରିକ, କିନ୍ନର, ଅସହାୟ, ଭିକ୍ଷୁକ, ବିଧବା, ସ୍ୱାମୀ ପରିତ୍ୟକ୍ତା ତଥା ପୃଥକ ରହୁଥିବା ମହିଳା ଓ ୩୦ ବର୍ଷରୁ ଉର୍ଦ୍ଧ୍ୱ ଅବିବାହିତ ମହିଳାଙ୍କୁ ଆବାଶ୍ୟକ ସେବା, ସହାୟତା, ପରାମର୍ଶ ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାରଙ୍କ 'କ୍ଷମତା ଏକ୍ସପ୍ରେସ୍' କାର୍ଯ୍ୟ କରୁଛି। ବିଶେଷକରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନକୁ ସଫଳ କରିବା ନିମନ୍ତେ କ୍ଷମତା ଏକ୍ସପ୍ରେସ୍ ପ୍ରମୁଖ ଭୂମିକା ନେଉଛି। କ୍ଷମତା ଏକ୍ସପ୍ରେସ୍‌ର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ବିଭାଗ ପକ୍ଷରୁ ସମୀକ୍ଷା କରାଯିବା ସହ ଏନେଇ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ନିତେନ୍ ଚନ୍ଦ୍ରଙ୍କ ନିର୍ଦ୍ଦେଶରେ ରାଜ୍ୟର ସମସ୍ତ ରାଜସ୍ୱ ଡିଭିଜନ କମିଶନର ଓ ଜିଲାପାଳମାନଙ୍କୁ 'କ୍ଷମତା ଏକ୍ସପ୍ରେସ୍' ଭ୍ରାମ୍ୟମାଣ ଶିବିର ଆୟୋଜନ ପାଇଁ କୁହାଯାଇଛି। ଏହା ପ୍ରତିମାସରେ ଗୋଟିଏ ଜିଲାରେ ୧୦ରୁ ୧୫ଟି ସାମର୍ଥ୍ୟ ଶିବିର ଆୟୋଜନ କରିବ। ଅନଗ୍ରସର, ଅପହଞ୍ଚ ଗ୍ରାମପଞ୍ଚାୟତଗୁଡ଼ିକୁ ଅଧିକ ଗୁରୁତ୍ୱ ଦିଆଯିବ। ଏହା ପହଞ୍ଚିବା ପୂର୍ବରୁ ପ୍ରଥମେ ଏକ ପ୍ରସ୍ତୁତି ବୈଠକରେ ସମସ୍ତ କାର୍ଯ୍ୟନିର୍ଘଣ୍ଟ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଶିବିର ଆୟୋଜନର ସ୍ଥାନ ଓ ତାରିଖ ନିଶ୍ଚିତ କରାଯିବା ପରେ ଏନେଇ ଅଙ୍ଗନବାଡ଼ି କର୍ମୀ, ଆଶା, ପଞ୍ଚାୟତିରାଜ ପ୍ରତିନିଧି ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ପରି କ୍ଷେତ୍ରୀୟ କର୍ମଚାରୀଙ୍କ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ଅବଗତ କରାଯିବ। ଶିବିରର ସମସ୍ତ କାର୍ଯ୍ୟକ୍ରମ ବାବଦରେ ସଂପୃକ୍ତ ସଂସ୍ଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ନିୟମିତ ଜଣାଇବା ସହିତ ଉତ୍ତରଦାୟିତ୍ୱ ବହନ କରିବେ ବୋଲି କୁହାଯାଇଛି।

ବିଭାଗୀୟ ପ୍ରମୁଖ ଶାସନ ସଚିବ ନିତେନ୍ ଚନ୍ଦ୍ରଙ୍କ ସୂଚନାନୁସାରେ, ଏହି ଶିବିରରେ ଦକ୍ଷ ଚିକିତ୍ସକ ଓ ବୈଷୟିକ କର୍ମଚାରୀଙ୍କ ସହ ଭିନ୍ନକ୍ଷମଙ୍କ ଲାଗି ଚିକିତ୍ସା, ପରାମର୍ଶ, ଦରକାରୀ ଉପକରଣ, ନିଦାନ ଓ ପରୀକ୍ଷଣ ସୁବିଧା, ବିଭିନ୍ନ ଉପକରଣର ମରାମତି ସୁବିଧା ଆଦି ଲପଲବ୍ଧ ହେବ। ଏହା ବ୍ୟତୀତ ଶିବିରରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନର ସୁବିଧା ମଧ ରହିବ। ସାମାଜିକ ସୁରକ୍ଷା ବିଭାଗରୁ ମିଳୁଥିବା ପେନ୍‌ଶନ, ବୃତ୍ତି, ବିବାହ ପ୍ରୋତ୍ସାହନ ଆଦି ବାବଦରେ ଏଠାରୁ ଜାଣିହେବ।

# ୨୨ରୁ ଜୀ ସାର୍ଥକ ରେ 'ସୌଭାଗ୍ୟବତୀ'

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

ମନୋରଞ୍ଜନ ଯୋଗାଉଥିବା ଜୀ ସାର୍ଥକ ଆଉ ଏକ ନୂଆ ମେଗା ଧାରାବାହିକ ଆରମ୍ଭ କରିବାକୁ ଯାଉଛି। ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଧାରାବାହିକର ନାମ ହେଉଛି 'ସୌଭାଗ୍ୟବତୀ'। ସପ୍ତାହରେ ପ୍ରତି ସୋମବାରରୁ ଶନିବାର ରାତି ୯ଟାରେ ଏହାର ପ୍ରସାରଣ ହେବ। ଦୁର୍ଭାଗ୍ୟର ଶିକୁଳିରେ ବନ୍ଧା ସମ୍ପର୍କର ସମାହାରକୁ ମୁକୁଳାଇବା ପାଇଁ ସୌଭାଗ୍ୟ ନେଇ ଆସିଥିବା ସ୍ତ୍ରୀର କାହାଣୀ ହେଉଛି 'ସୌଭାଗ୍ୟବତୀ'। ଏଥିରେ ନାୟିକା ଭୂମିକାରେ ଦେବସ୍ମିତା ଥିବାବେଳେ ନାୟକ ଭୂମିକାରେ ଆଶିଷ ରହିଛନ୍ତି। ଶିଶୁ କଳାକାର ପ୍ରସିଦ୍ଧିଙ୍କୁ ଏଥିରେ ଏକ ବିଶେଷ ଭୂମିକାରେ ଦେଖିବାକୁ ମିଳିବ। ଅଶ୍ରୁମୋଚନ, ଜର୍ଜ ତିଆଡ଼ି, ଇଶା, ବିରାଜ ଦାସ, ପିଙ୍କି, ସ୍ମରଣିକା ମଧ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। 'ଓମ୍ ସାଇ ପ୍ରଡ଼କ୍ସନ' ବ୍ୟାନରରେ ବରିଷ୍ଠ ପ୍ରଯୋଜକ ପ୍ରଦ୍ୟୁମ୍ନ ଲେଙ୍କା ଏହି ଧାରାବାହିକର ପ୍ରଯୋଜନା କରିଛନ୍ତି। ଏହି ଧାରାବାହିକଟି ମନୋରମ କାହାଣୀ ଏବଂ ଏହା ପ୍ରସାରଣ ହେବା ପରେ ଓଡ଼ିଆ ପରିବାରର ପ୍ରତିବିମ୍ବ ଏହାକୁ ଜନାଦୃତ କରିବ ବୋଲି ଜୀ ସାର୍ଥକ କର୍ତ୍ତୃପକ୍ଷ ଆଶା ପ୍ରକାଶ କରିଛନ୍ତି।





### ମହିଁଷାଖାଲ ବସ୍ତିରେ ଜବରଦଖଲ ଉଚ୍ଛେଦ

କଟକ ରୋଡ,୨୦।୭(ଡି.ଏନ୍.ଏ)

ରାଜଧାନୀର ବିଭିନ୍ନ ବସ୍ତି ଅଞ୍ଚଳରେ ରାଜୀବ ଆବାସ ଯୋଜନା ମାଧ୍ୟମରେ ବାସିନ୍ଦାଙ୍କୁ ପକ୍କାଘର ପ୍ରଦାନ କରାଯାଉଛି। ଏଭଳି ପରିପ୍ରେକ୍ଷୀରେ ଶନିବାର ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଧୀନରେ ଥିବା ବିଜେବିନଗର ମହିଁଷାଖାଲ ବସ୍ତିରେ ଗୃହ ଯୋଗାଇବା ପାଇଁ ସରକାରୀ ଜମିରେ ଜବରଦଖଲ ହୋଇଥିବା କେତେକ ଅସ୍ଥାୟୀ ନିର୍ମାଣକୁ ହଟାଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୦ଟାରେ ବିଏମ୍‌ସି ଓ ବିଡିଏର ଏକ ଟିମ୍ ଅଭିଯାନ ଆରମ୍ଭ କରିଥିଲେ। ପ୍ରାରମ୍ଭରେ ଉଚ୍ଛେଦ ସମୟରେ ଏହି ଦୁଇ ବିଭାଗର ଉଚ୍ଛେଦ ଟିମ ବିରୋଧର ସମ୍ମୁଖୀନ ହୋଇଥିଲେ। ପରେ ସେଠାରେ ୧୦ଟି ବେଆଇନ ନିର୍ମାଣକୁ ହଟାଇଦିଆଯାଇଥିବା ଜଣାପଡିଛି। ଆଗାମୀ ଦିନରେ ଉକ୍ତ ସ୍ଥାନରେ ଗୃହ ନିର୍ମାଣ କରାଯାଇ ଆବାସ ଯୋଜନା ସର୍ଭେରେ ପଞ୍ଜୀକୃତ ହୋଇଥିବା ବାସିନ୍ଦାଙ୍କୁ ଗୃହ ପ୍ରଦାନ କରାଯିବ ବୋଲି ବିଡିଏର ଜଣେ ଅଧିକାରୀ କହିଛନ୍ତି।

# ପିଲାଙ୍କ ମାଗଣା ହୃଦ୍‌ରୋଗ ଚିହ୍ନଟ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

ଛୋଟ ଛୋଟ ପିଲାଙ୍କ ହୃଦ୍‌ରୋଗ ସମସ୍ୟାର ପରୀକ୍ଷା ନିରୀକ୍ଷା ସହିତ ସେମାନଙ୍କୁ ମାଗଣା ଚିକିତ୍ସା ଯୋଗାଇବା ନିମନ୍ତେ ଶନିବାର ଦୁଇଦିନିଆ ଶିବିରକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଉଦ୍‌ଘାଟନ କରିଛନ୍ତି। ଖାରବେଳ ନଗରସ୍ଥିତ ସତ୍ୟସାଇ କମ୍ୟୁନିଟି ସେଣ୍ଟରଠାରେ ଏହି ଶିବିରକୁ ଉଦ୍‌ଘାଟନ କରିବା ସହିତ ଆସିଥିବା ଶିଶୁ ରୋଗୀଙ୍କ ଅଭିଭାବକଙ୍କ ସହିତ ମନ୍ତ୍ରୀ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ସରକାର ଓ ଗୁଜରାଟ ଅହମ୍ମଦାବାଦର ସତ୍ୟସାଇ ହସ୍ପିଟାଲ ସହିତ ହୋଇଥିବା ରାଜିନାମା ଅନୁଯାୟୀ ହୃଦ୍‌ରୋଗରେ ଆକ୍ରାନ୍ତ ଶିଶୁଙ୍କୁ ସେଠାରେ ସମ୍ପୂର୍ଣ୍ଣ ମାଗଣାରେ ସମସ୍ତ ପ୍ରକାର ଚିକିତ୍ସାସେବା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ୩ଟି ପରୀକ୍ଷା କ୍ୟାମ୍ପରେ ୧୩୦୦ ଶିଶୁଙ୍କୁ ପରୀକ୍ଷା କରାଯାଇ ଚିକିତ୍ସା ଆବଶ୍ୟକ କରୁଥିବା ୫୦୦ ଶିଶୁଙ୍କର ଅସ୍ତ୍ରୋପଚାର କରାଯାଇଛି। ଶନିବାର ଆରମ୍ଭ ହୋଇଥିବା ଏହି ଚତୁର୍ଥ କ୍ୟାମ୍ପରେ ୫୦୦ରୁ ଅଧିକ ଶିଶୁଙ୍କୁ ପରୀକ୍ଷା କରାଯିବ। ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କର ହୃଦ୍‌ରୋଗ ଚିକିତ୍ସା ଆବଶ୍ୟକ ପଡ଼ିବ ସେମାନଙ୍କୁ ଅହମ୍ମଦାବାଦର ସତ୍ୟସାଇ ହସ୍ପିଟାଲକୁ ପଠାଯିବ। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଶିଶୁମାନଙ୍କ ହୃଦ୍‌ରୋଗ ଚିହ୍ନଟ ସହିତ ସମ୍ପୂର୍ଣ୍ଣ ମାଗଣାରେ ଏହି ବ୍ୟବବହୁଳ ଚିକିତ୍ସା ଯୋଗାଇ ଦେଉଛନ୍ତି। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଉକ୍ତ କ୍ୟାମ୍ପରେ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ସୁବିଧା ଅସୁବିଧା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ସଙ୍ଗଠନର କର୍ମକର୍ତ୍ତା ଓ ଅହମ୍ମଦାବଦ ସତ୍ୟସାଇ ହସ୍ପିଟାଲରୁ ଆସିଥିବା ଡାକ୍ତରମାନଙ୍କ ସହିତ ମଧ ସେ ଆଲୋଚନା କରିଥିଲେ।



ଶିବିରରେ ଡାକ୍ତର ଜଣେ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୧ ଜୁଲାଇ, ୨୦୧୯



ଭୁଲ୍ କରିବାଟା ମନୁଷ୍ୟର ପ୍ରକୃତି, ତେଣୁ ସେ କ୍ଷମା ପାଇପାରିବ ।

- ଯୋସେଫ୍



## ସଂକ୍ଷେପରେ

### ଚୋରି: ଅଭିଯୁକ୍ତ ଗିରଫ

**କଟକ ଅଫିସ୍, ୨୦।୭:** ଚୋରି ଅଭିଯୋଗରେ କଟକ ଆରପିଏଫ୍ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲା ପାଟକୁରା ଥାନା ଅଞ୍ଚଳର ଗୁରୁ ପ୍ରସାଦ ପାଣି(୪୩)। ଅଭିଯୋଗ ଅନୁଯାୟୀ, ଶନିବାର ସକାଳେ କେନ୍ଦ୍ରାପଡା ଜିଲାର ଦେବାଶିଷ ରାଉତ ନାମକ ବ୍ୟକ୍ତି କଟକରୁ ବାଙ୍ଗାଲୋର ଯିବା ପାଇଁ ରେଲଷ୍ଟେଶନ ଆସିଥିଲେ। ଷ୍ଟେଶନ ମୁଖ୍ୟ ଫାଟକ ନିକଟ ଚଟାଣରେ ବସିଥିବାବେଳେ ତାଙ୍କ ବ୍ୟାଗ ଚୋରି ହୋଇଯାଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କ ପତ୍ତା ପାଇଥିଲା। ପରେ ପୋଲିସ ଷ୍ଟେଶନ ପାଖ ଦୁର୍ଗାମଣ୍ଡପ ଅଞ୍ଚଳରୁ ଗୁରୁଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଚୋରି ବ୍ୟାଗଟି ଜବତ କରିଥିଲା। ବ୍ୟାଗରେ ଏକ ମୋବାଇଲ ସହ ଅନ୍ୟାନ୍ୟ ଦରକାରୀ କାଗଜପତ୍ର ଥିବା ଜଣାପଡିଛି।

### ସାଇବାବା ମନ୍ଦିରରୁ ଚୋରି

**କଟକ ଅଫିସ, ୨୦।୭:** ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ପୋତାପୋଖରୀ ଅଞ୍ଚଳରେ ଥିବା ସାଇବାବାଙ୍କ ମନ୍ଦିରରୁ ଚୋରି ହୋଇଥିବା ଶନିବାର ଅଭିଯୋଗ ହୋଇଛି। ମନ୍ଦିର କମିଟି ପକ୍ଷରୁ ବାପି ରାୟ୍ ନାମକ ବ୍ୟକ୍ତି ଏ ନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୨୨/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ପୂର୍ବରୁ ମନ୍ଦିର ହୁଣ୍ଡିରୁ ୮୦୦ ଟଙ୍କା ଚୋରି ହୋଇଥିଲା। କିନ୍ତୁ ମନ୍ଦିର ପକ୍ଷରୁ ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିଲା। ବୁଧବାର ରାତିରେ ମନ୍ଦିରରୁ ବାବାଙ୍କ ସୁନାର ଟିପା, ରୁପାର ପାଦୁକା ଚୋରି ହୋଇଥିଲା। ମନ୍ଦିର କମିଟି ପକ୍ଷରୁ ଆଲୋଚନା ମାଧମରେ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଇଥିଲା। ହେଲେ ଏହା ସଫଳ ନ ହେବାରୁ ଶନିବାର ଏ ନେଇ ଅଭିଯୋଗ ହୋଇଛି। ତେବେ ଚୋରି ହୋଇଥିବା ଅଳଙ୍କାରର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କା ହେବ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

### ବନ ମହୋତ୍ସବ

**କଟକ ଅଫିସ,୨୦।୭:** କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ଜୁନିୟର କଲେଜରେ ଶନିବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଅଧକ୍ଷା ଅନିମା ଜେନାଙ୍କର ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରିବେଶବିତ୍ ତଥା ସ୍ତମ୍ଭକାର ପ୍ରମାଦ କୁମାର ମହାପାତ୍ର ଯୋଗଦେଇ ପ୍ଲାଷ୍ଟିକଠାରୁ ଦୂରେଇ ରହିବା ଏବଂ ପ୍ରଦୂଷଣ ମୁକ୍ତ ସମାଜ ଗଠନ ଦିଗରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି ପରିପେକ୍ଷୀରେ ଛାତ୍ରୀଛାତ୍ରମାନଙ୍କୁ ନେଇ 'ଆସ ଗଢିବା ପ୍ରଦୂଷଣମୁକ୍ତ ସମାଜ' ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ସହିତ ସ୍ଥାନୀୟ ଶିରିଡି ସାଇ ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ କରାଯାଇଥିଲା। ପ୍ରଶାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. ହେମନ୍ତ ପରିଡା ଓ ମୀରା ବେଉରାଙ୍କ ସମେତ କଲେଜର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥଲେ।

## ଅକ୍ସିଜେନ ଯୋଗାଇବାରେ ଅସୁବିଧା ହେଉଥିବା ଜଣାଇଲା ସଂସ୍ଥା

# ଏସ୍‌ସିବିରେ ଉପୁଜିପାରେ ଗୋରଖପୁର ମେଡିକାଲ ସ୍ଥିତି

**କଟକ ଅଫିସ,୨୦।୭**

ଏସ୍‌ସିବି ମେଡିକାଲରେ ଉପୁଜିପାରେ ଗୋରଖପୁର ମେଡିକାଲ ଭଳି ସ୍ଥିତି। କାରଣ ମେଡିକାଲକୁ ଅକ୍ସିଜେନ ଯୋଗାଉଥିବା ସଂସ୍ଥା ୪ମାସର ଟଙ୍କା ପାଇନାହିଁ। ବିଲ୍ ପାଇ ନ ଥିବାରୁ ଅକ୍ସିଜେନ ଯୋଗାଇବାରେ ଅସୁବିଧା ଉପୁଜୁଥିବା ଯୋଗାଣକାରୀ ସଂସ୍ଥା ପକ୍ଷରୁ ମେଡିକାଲକୁ ବିଧିବଦ୍ଧଭାବେ ଅବଗତ କରାଯାଇଛି। ମେଡିକାଲରେ ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ତା ସାଙ୍ଗକୁ ତାଳ ଦେଇ ଅକ୍ସିଜେନର ଆବଶ୍ୟକତା ମଧ୍ୟ ବଢୁଛି। ଦୁଇଦିନ ତଳେ ପଲମନାରୀ ବିଭାଗ ପକ୍ଷରୁ ମେଡିକାଲ ଅଧୀକ୍ଷକଙ୍କୁ ଦିଆଯାଇଥିବା ଚିଠିରେ ଦର୍ଶାଯାଇଛି, ଉକ୍ତ ବିଭାଗ ପାଇଁ ଦିନକୁ ୧୦୦ ଅକ୍ସିଜେନ ସିଲିଣ୍ଡରର ଆବଶ୍ୟକତା ରହିଛି। କାରଣ ରିକୁ(ରେସପିରେଟୋରୀ ଇଣ୍ଟେନସିଭ କେୟାର ୟୁନିଟ)ରେ ରୋଗୀ ବଢୁଥିବା ଯୋଗୁ ଅକ୍ସିଜେନର ଆବଶ୍ୟକତା ବଢୁଥିବା ଉକ୍ତ ବିଭାଗର ମୁଖ୍ୟ ପ୍ରଫେସର ଅଧୀକ୍ଷକଙ୍କୁ ଜଣାଇଛନ୍ତି। ଅନ୍ୟପକ୍ଷରେ ଏସ୍‌ସିବି ମେଡିକାଲରେ ଦିନକୁ ଅତି କମ୍‌ରେ ୪୨ କିଲୋଗ୍ରାମ ଓଜନ ବିଶିଷ୍ଟ ୪୦୦ଟି ସିଲିଣ୍ଡର ଦରକାର। ଖାସ୍‌କରି ଗୁରୁତର ରୋଗୀମାନଙ୍କ କ୍ଷେତ୍ରରେ ଅକ୍ସିଜେନ ବିନା ଜୀବନ ବଞ୍ଚାଇବା ସମ୍ଭବ ନୁହେଁ। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ କିମ୍ବା ସରକାର ସମ୍ବେଦନହୀନ ହୋଇପଡିବା ରୋଗୀମାନଙ୍କ ପାଇଁ କାଳ ସଦୃଶ ହୋଇଛି। ଯଦି ଯୋଗାଣକାରୀ ସଂସ୍ଥା ଅକ୍ସିଜେନ ଦେବା ବନ୍ଦ କରିଦିଏ, ତେବେ ଉତ୍ତରପ୍ରଦେଶର ଗୋରଖପୁର ମେଡିକାଲ ଭଳିସ୍ଥିତି ଯେ ନ ଉପୁଜିବ ସେ ଗ୍ୟାରେଣ୍ଟି କିଏ ଦେବ ବୋଲି ସାମାଜିକ କର୍ମୀମାନେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି କୁହନ୍ତି, ଅକ୍ସିଜେନ ଯୋଗାଣକାରୀ ସଂସ୍ଥା ଯୋଗାଣ ବନ୍ଦ କରିବ ବୋଲି ଯେଉଁ ଆଶଙ୍କା କରାଯାଉଛି ତାହା ଅମୂଳକ। କାରଣ ଉକ୍ତ ସଂସ୍ଥା ସହିତ ହୋଇଥିବା ଏମଓୟୁ ଅନୁଯାୟୀ କୌଣସି ପରିସ୍ଥିତିରେ ସଂସ୍ଥା ଯୋଗାଣ ବନ୍ଦ କରି ପାରିବନାହିଁ। ତେବେ ଆସନ୍ତା ୨୫ ତାରିଖ ମଧ୍ୟରେ ବକେୟା ସମସ୍ତ ବିଲ ପଇଠ କରାଯିବ।



■ ବଢୁଛି ରୋଗୀସଂଖ୍ୟା

■ ଦିନକୁ ଦରକାର ୪୦୦ ଅକ୍ସିଜେନ ସିଲିଣ୍ଡର

ଏସ୍‌ସିବି ମେଡିକାଲକୁ ଆନନ୍ଦ ଗ୍ୟାସ ପ୍ରାଇଭେଟ ଲିମିଟେଡ ଓ ପାରାଦୀପ ଗ୍ୟାସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଅକ୍ସିଜେନ ଯୋଗାଣ କରାଯାଉଛି। ମାତ୍ର ଉକ୍ତ ଦୁଇ ସଂସ୍ଥା ମାର୍ଚ୍ଚ, ଏପ୍ରିଲ, ମେ ଓ ଜୁନ ମାସର ବିଲ ମେଡିକାଲ ଠାରୁ ପାଇନି। ଆନନ୍ଦ ଗ୍ୟାସ ମେଡିକାଲ ଠାରୁ ୩୮ଲକ୍ଷ ୧୭ ହଜାର ୫୬୧ ଟଙ୍କା ପାଇବାକୁ ଥିବାବେଳେ ପାରାଦୀପ ଗ୍ୟାସ ପ୍ରାଇଭେଟ୍ ଲିମିଟେଡ ୩୨ ଲକ୍ଷ ୩୪ ହଜାର ୧୦୯ ଟଙ୍କା ପାଇବ ବୋଲି ମେଡିକାଲ ପକ୍ଷରୁ ଜଣାପଡିଛି।

ସୂଚନାଯୋଗ୍ୟ, ୨୦୧୭ ଅଗଷ୍ଟରେ ଉତ୍ତରପ୍ରଦେଶ ରାଜ୍ୟର ଗୋରଖପୁର ଠାରେ ଥିବା ବାବା ରାଘବଦାସ ମେଡିକାଲ କଲେଜ ଓ ହସ୍ପିଟାଲରେ ଅକ୍ସିଜେନ ଅଭାବରୁ ୬୦ଜଣ ଶିଶୁରୋଗୀଙ୍କ ମୃତ୍ୟୁ ଘଟିଥିଲା। ଅକ୍ସିଜେନ ଅଭାବର କାରଣ ଥିଲା ଯେ, ମେଡିକାଲ ଉପରେ ଯୋଗାଣକାରୀ ସଂସ୍ଥାର ୬୮ଲକ୍ଷ ଟଙ୍କା ବାକି ପଡିଥିଲା। ବକେୟା ଟଙ୍କା ପାଇଁ ଉକ୍ତ ସଂସ୍ଥା ମେଡିକାଲକୁ ବାରମ୍ବାର ଚିଠି ଲେଖିଥିଲା। ହେଲେ ମେଡିକାଲ କର୍ତ୍ତୃପକ୍ଷ ବକେୟା ଟଙ୍କା ପଇଠ କରି ନ ଥିଲେ। ଫଳରେ ଯୋଗାଣକାରୀ ସଂସ୍ଥା ମେଡିକାଲକୁ ଅକ୍ସିଜେନ ଯୋଗାଣ ବନ୍ଦ କରିଦେଇଥିଲା। ଏବେ ଏସ୍‌ସିବି ମେଡିକାଲ କ୍ଷେତ୍ରରେ ସମାନ ପରିସ୍ଥିତି ଉପୁଜିବାକୁ ଯାଉଛି। ମାର୍ଚ୍ଚରୁ ବିଲ୍ ପାଇ ନ ଥିବାରୁ ଯୋଗାଣକାରୀ ସଂସ୍ଥା ଏସ୍‌ସିବିକୁ ଇତିମଧ୍ୟରେ ପ୍ରତି ମାସରେ ବାକି ଟଙ୍କା ପାଇଁ ଚିଠି ଲେଖି ଚାଲିଛି। ଗୋରଖପୁରରେ ୬୮ଲକ୍ଷ ଟଙ୍କା ବାକି ଥିବାବେଳେ ଏସ୍‌ସିବିରେ ୭୦ଲକ୍ଷ ବାକି ପଡିଛି। ଯଦି ଯୋଗାଣକାରୀ ସଂସ୍ଥା ଯୋଗାଣ ବନ୍ଦ କରିଦିଏ ତେବେ ପରିସ୍ଥିତି ଅଣାୟତ୍ତ ହୋଇପଡିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ମେଡିକାଲ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରାଙ୍କ କହିବାନୁଯାୟୀ, ଯୋଗାଣକାରୀ ସଂସ୍ଥାକୁ ଖୁବ୍‌ଶୀଘ୍ର ବକେୟା ବିଲ ପଇଠ କରାଯିବାକୁ ବ୍ୟବସ୍ଥା କରାଯାଉଛି।

### ୨୩ରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ

**କଟକ ଅଫିସ,୨୦।୭**

ଭୂମି ଓ ବାସହୀନ ବସ୍ତିବାସୀଙ୍କୁ ବାସଗୃହ ଯୋଗାଇଦେବା ଦାବି ନେଇ ଶନିବାର ସ୍ଥାନୀୟ ବାଖରାବାଦସ୍ଥିତ ଗାନ୍ଧୀଭବନ ଠାରେ ବସ୍ତିବାସୀଙ୍କ ଏକତା ମଞ୍ଚ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ବଜେଟରେ ବସ୍ତିବାସୀଙ୍କ ପାଇଁ ଅଧିକ ଅର୍ଥ ବ୍ୟୟବରାଦ କରିବା ସହ ହିତାଧିକାରୀଙ୍କୁ ଶୀଘ୍ର ଚିହ୍ନଟ କରି ପରିଚୟ ପତ୍ର ଯୋଗାଇଦେବା ଦାବିରେ ବସ୍ତିବାସୀଙ୍କ ଏକତା ମଞ୍ଚ ପକ୍ଷରୁ ଆସନ୍ତା ୨୩ରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିସହ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବ ବୋଲି ମଞ୍ଚର ସଭାପତି ସେଖ୍ ଅବ୍‌ଦୁଲ୍ଲା ଏହି ସମ୍ମିଳନୀରେ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ସମ୍ପାଦକ ହେମେନ୍ଦ୍ର ସାମଲ, ବସ୍ତିନେତ୍ରୀ ସଜନୀ ଦାସ, ବାସନ୍ତୀ ବିଶ୍ୱାଳ, ବିଜୟକେତନ ପତି, ପ୍ରଭାସିନୀ କର, ପ୍ରସାଦ ରାଓ, ଶଶି ଡାକୁଆ, ଖୁର୍ସିଦା ବେଗମ ଓ ଅର୍ଜୁନ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ଆଦିବାସୀଙ୍କ ହତ୍ୟାକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇ(ସି)ର ବିକ୍ଷୋଭ




ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ଏସ୍‌ୟୁସିଆଇ(ସି)ର ପ୍ରତିନିଧି।

**କଟକ ଅଫିସ,୨୦।୭**

ଜମି ବିବାଦକୁ ନେଇ ଉତ୍ତରପ୍ରଦେଶ ସୋନଭଦ୍ରର ଘୋରୱାଲ ଅଞ୍ଚଳରେ ଗତ ବୁଧବାର ୯ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏଥିରେ ୨୮ ଜଣ ଗୁରୁତର ହୋଇଥିଲେ। ଏହାର ପ୍ରତିବାଦରେ ଶନିବାର ଏସ୍‌ୟୁସିଆଇ(ସି) ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଆଦିବାସୀମାନଙ୍କୁ ଜମିପଟ୍ଟା ଯୋଗାଇଦେବା, ଦେଶର ନାଗରିକଭାବେ ବଞ୍ଚିବାର ଅଧିକାର ଦେବା ଆଦି ସମ୍ପର୍କରେ ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏସ୍‌ୟୁସିଆଇ(ସି) ଜିଲା କମିଟି ସଭ୍ୟ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଲକ୍ଷ୍ମୀଧର ମହାନ୍ତି, ବସନ୍ତ ନାୟକ, ଦୀପକ ଦାସ, ସସ୍ମିତା ମହାନ୍ତି, ସିପ୍ରା ମହାନ୍ତି, କ୍ଷତୀଶ ଚନ୍ଦ୍ର ନାୟକ, ସୁଜାତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିକ୍ଷୋଭକୁ ସମତା ମଞ୍ଚର ସଭାପତି ଚିତ୍ତରଞ୍ଜନ ମହାନ୍ତି, ଆଇନଜୀବୀ ସୁକାନ୍ତ ନାୟକ ଏବଂ ପ୍ରତାପ ମିଶ୍ର ସମର୍ଥନ କରିଥିଲେ। ସୂଚନାଯୋଗ୍ୟ, ଘୋରୱାଲ ଅଞ୍ଚଳରେ ଗାଁ ମୁଖିଆଙ୍କ ସମର୍ଥକ ଏବଂ ଗୋଣ୍ଡ୍ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ହୋଇଥିଲା। ପରେ ମୁଖିଆଙ୍କ ସମର୍ଥକମାନେ ଆଦିବାସୀମାନଙ୍କ ଉପରକୁ ଗୁଳି ଚଳାଇଥିଲେ ବୋଲି ଅଭିଯୋଗ ହୋଇଛି।

### ଏନ୍‌ବିଡବ୍ଲ୍ୟୁ ବଳରେ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୦।୭**

ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ବଳରେ ଜଗତ୍‌ପୁର ପୋଲିସ ଶନିବାର ସ୍ଥାନୀୟ ଷ୍ଟେଶନବଜାର ଅଞ୍ଚଳର ବିଜୟ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ୨୦୧୫ରେ ଜଗତ୍‌ପୁର ଥାନାରେ ଏକ ଏନ୍‌ଡିପିଏସ୍ ମାମଲାରେ ବିଜୟ ଅଭିଯୁକ୍ତ ଥିଲେ। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ଥିଲେ ମଧ ସେ କୋର୍ଟରେ ହାଜର ହେଉ ନ ଥିଲେ। ଫଳରେ କୋର୍ଟ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିବା ସହ ତାଙ୍କୁ ଗିରଫ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପୋଲିସ ଗୁରୁବାର ଅନୁଗୋଳରୁ ବିଜୟଙ୍କୁ ଗିରଫ କରିଥିଲା।

### ଦମ୍ପତିଙ୍କୁ ଆକ୍ରମଣ: ଜଣେ ଗିରଫ

**କଟକ ଅଫିସ, ୨୦।୭**

ଦମ୍ପତିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଲାଲବାଗ ପୋଲିସ ଶନିବାର ସ୍ଥାନୀୟ ମେହେନ୍ଦିପୀର ଅଞ୍ଚଳର ଜାଭିର୍ ଅଲିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାଭିର୍‌ଙ୍କ ସ୍ତ୍ରୀ ଗତ ଗୁରୁବାର ଲାଲ୍‌ବାଗ ଅଞ୍ଚଳରେ ଥିବା ଏକ ଦମ୍ପତିଙ୍କ ଘରକୁ ଯାଇଥିଲେ। ଜାଭିର୍ ଏକଥା ଜାଣିପାରି ଉକ୍ତ ଦମ୍ପତିଙ୍କ ଘରକୁ ଯାଇଥିଲେ। ସେଠାରେ ତାଙ୍କ ସ୍ତ୍ରୀଙ୍କ ସମେତ ଉକ୍ତ ଦମ୍ପତିଙ୍କୁ କୌଣସି କାରଣକୁ ନେଇ ମାଡ ମାରିଥିଲେ। ଏ ନେଇ ଦମ୍ପତି ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୪୮/୧୮) ରୁଜୁ କରିଥିଲା।

# କ୍ରିୟାନୁଷ୍ଠାନ କମିଟିକୁ ଆଲୋଚନା ପାଇଁ ଡକରା

**କୋରାପୁଟରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ**

**କଟକ ଅଫିସ,୨୦।୭**

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି କରି ସେଠାକାର ଓକିଲମାନେ ଗତ ଡିସେମ୍ବର ମାସରୁ ଆନ୍ଦୋଳନ ଚଳାଇଛନ୍ତି। ଏହି କ୍ରମରେ ଆନ୍ଦୋଳନ ଚଳାଇଥିବା କୋରାପୁଟ ଆଇନଜୀବୀ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଆଲୋଚନା ନିମନ୍ତେ ଡକାଇଛନ୍ତି। ଆସନ୍ତା ୨୪ ତାରିଖ ସନ୍ଧ୍ୟାରେ ମୁଖ୍ୟ ବିଚାରପତିଙ୍କ ଆବାସିକ କାର୍ଯ୍ୟାଳୟରେ ଏହି ଆଲୋଚନା କରାଯିବ। ଆଲୋଚନାରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ୫ଜଣିଆ ପ୍ରତିନିଧି ମଣ୍ଡଳୀ ଯୋଗଦେବେ। ସୂଚନାଥାଉ କି, ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଅବିଭକ୍ତ କୋରାପୁଟ ଯଥା ମାଲକାନାଗିରି, ନବରଙ୍ଗପୁର, ରାୟଗଡା ଓ କୋରାପୁଟ ଜିଲାରେ ୨୦୧୮ ଡିସେମ୍ବର ୪ରୁ ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଏ ସମ୍ପର୍କରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗତ ୧୫ ତାରିଖରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଏକ ପତ୍ର ଲେଖାଯାଇଥିଲା। ରାଜ୍ୟ ସରକାର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ସମ୍ପର୍କରେ ଏକ କମିଶନ ଗଠନ କରିଥିଲେ। କମିଶନ ନିକଟରେ କ୍ରିୟାନୁଷ୍ଠାନ କମିଟି ନିଜର ଜବାବ ପୂର୍ବରୁ ଉପସ୍ଥାପିତ କରି ସାରିଛି। ଏବେ ଉକ୍ତ ପ୍ରସଙ୍ଗରେ ମୁଖ୍ୟ ବିଚାରପତିଙ୍କ ସହିତ ସେମାନେ ଆଲୋଚନା କରିବାକୁ ଚିଠିରେ ଅନୁରୋଧ କରିଥିଲେ।

### ଆଜିଠୁ ପ୍ରଣାମ ମହାନଦୀ କାର୍ଯ୍ୟକ୍ରମ

**କଟକ ଅଫିସ, ୨୦।୭**

ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ମହାନଦୀର ନିର୍ମଳ ଓ ନିରନ୍ତର ପ୍ରବାହ ପାଇଁ ରବିବାର ପ୍ରଣାମ ମହାନଦୀ କାର୍ଯ୍ୟକ୍ରମ ଆରମ୍ଭ ହେବ। ସମୁଦ୍ର ବୁଡାଳି ସବିର ବକ୍ସ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ଯୋବ୍ରା ଘାଟରେ ସଫେଇ କରାଯିବ। ଏହି ଉପଲକ୍ଷେ ବିଶିଷ୍ଟ ଚିତ୍ରଶିଳ୍ପୀ ରବି ରଥ ଚିତ୍ର ଆଙ୍କିବେ ଓ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଛାତ୍ରମାନେ ନଦୀ ସୁରକ୍ଷା ବାର୍ତ୍ତା ପ୍ରସାର କରିବେ। ଏହି କାର୍ଯ୍ୟକ୍ରମରେ ସିଏମସି କମିଶନର ଅନନ୍ୟା ଦାସ, ବିଧାୟକ ମହମ୍ମଦ ମୋକିମ, ଦେବୀ ପ୍ରସାଦ ମିଶ୍ର, ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ଅଭିନେତା ଶ୍ରୀତମ ଦାସ, ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଧୀର ରାଉତ, ପ୍ରବାସୀ ଓଡ଼ିଆ ପ୍ରଣବ ପ୍ରକାଶ ପାଣି, ଶୋଭନୀୟ ଶିକ୍ଷାଶ୍ରମର ଅଧକ୍ଷା ବନଲତା ଦେବୀ, ବିଜୟ ପ୍ରଧାନ, ନୀରଦ ଖୁଣ୍ଟିଆ, ପ୍ରସନ୍ନ ବିଶୋଇ, ଦେବେନ୍ଦ୍ର ସୂତାର ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ପ୍ରିୟଙ୍କାଙ୍କୁ ଅଟକ ପ୍ରତିବାଦରେ ବିକ୍ଷୋଭ

**କଟକ ଅଫିସ,୨୦।୭**

**ୟୁପି ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ**

କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଉତ୍ତର ପ୍ରଦେଶ (ୟୁପି) ପୋଲିସ ଅଟକ ରଖିବା ପ୍ରତିବାଦରେ କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜମି ବିବାଦକୁ ନେଇ ଉତ୍ତରପ୍ରଦେଶ ସୋନଭଦ୍ରର ଘୋରୱାଲ ଅଞ୍ଚଳରେ ବୁଧବାର ୯ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଶୁକ୍ରବାର ମୃତକଙ୍କ ପରିବାରକୁ ପ୍ରିୟଙ୍କା ଭେଟିବାକୁ ଯାଉଥିବାବେଳେ ଉତ୍ତରପ୍ରଦେଶ ପୋଲିସ ତାଙ୍କୁ ମିର୍ଜାପୁର ଜିଲାର ନାରାୟଣପୁରଠାରେ ଅଟକାଇଥିଲା। ପ୍ରିୟଙ୍କା ରାସ୍ତାରେ ସମର୍ଥକମାନଙ୍କ ସହ ଧାରଣାରେ ବସିବା ପରେ ପୋଲିସ ତାଙ୍କୁ ଚୁନାର ଗେଷ୍ଟହାଉସ୍‌କୁ ନେଇଯାଇଥିଲା। ପ୍ରିୟଙ୍କାଙ୍କୁ ଅଟକାଇବା ପ୍ରତିବାଦ ଓ ଉତ୍ତରପ୍ରଦେଶ ସରକାରର ଅଗଣତାନ୍ତ୍ରିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ଏହି ବିକ୍ଷୋଭ କରାଯାଇଥିଲା। ଏଥିସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିକ୍ଷୋଭରେ ନାରୀନେତ୍ରୀ ଗିରିବାଳା ବେହେରା, ନିକୁଞ୍ଜ ପସାୟତ, କାଶୀନାଥ ମଲ୍ଲିକ, ସୂର୍ଯ୍ୟକାନ୍ତ ରାଉତ, ଅରୁଣ ସେଠୀ, ସେକ ସମ୍ମିମଉଲ୍ଲା, ଶୈଳବାଳା ଜେନା, ଭାରତୀ ଦାସ, ସୁରଜିତ ସାହୁ, ଗାୟତ୍ରୀ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



କଟକ ନଗର ଜିଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ କରାଯାଇଛି।

# କମଳା, ଦୈତାରି, ଡି. ପ୍ରକାଶଙ୍କୁ ରୁଚି ଦେଶଜ୍ୟୋତି ସମ୍ମାନ

**କଟକ ଅଫିସ,୨୦।୭**



ରୁଚି ପ୍ରତିଭା ସମ୍ମାନ ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

କଟକ ଶହୀଦଭବନଠାରେ ୨୩ତମ ରୁଚି ପ୍ରତିଭା ସମ୍ମାନ ସମାରୋହ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ରୁଚି ପ୍ରତିଭା ପାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଏହି ସମାରୋହକୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଉଦ୍‌ଘାଟନ କରି କହିଲେ, ପଥରକୁ ଯଦି ଆମେ ଭାଙ୍ଗିବା ତା'ହେଲେ ସେହି ଭଗ୍ନଅଂଶ ପଥର ଖଣ୍ଡରେ ଗଣାଯିବ। ଯଦି ଆମେ ସେହି ପଥରକୁ ମୂର୍ତ୍ତିରେ ପରିଣତ କରିବା ତା'ହେଲେ ସେ ପଥର ମୂଲ୍ୟ ଦୁର୍ମୂଲ୍ୟ ହୋଇଯିବ। ଏଥିରେ ଅନ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ପୁରସ୍କାରକୁ ଆଶା ନ କରି ଏମିତି କିଛି କରିବା ଦରକାର, ଯାହାପାଇଁ ତୁମକୁ ସାରା ସମାଜ ସମ୍ମାନ କରିବ। ଏଥିରେ ପୂର୍ବତନ ଆୟକର ମହାନିର୍ଦ୍ଦେଶକ ବିଧୁଭୂଷଣ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ଏହି ସମାରୋହରେ ପଦ୍ମଶ୍ରୀ ପୁରସ୍କାର ପାଇଥିବା ୩ ଜଣଙ୍କୁ ରୁଚି ଦେଶଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ କମଳା ପୂଜାରୀ, ଦୈତାରି ନାଏକ ଓ ଡି. ପ୍ରକାଶ ରାଓ। ମାତ୍ର ଡି. ପ୍ରକାଶ ରାଓ ଅସୁସ୍ଥ ଥିବାରୁ ତାଙ୍କ ଅନୁପସ୍ଥିତିରେ ତାଙ୍କ ଭାଇ ଅତିଥିଙ୍କ ପାଖରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଓଡ଼ିଶା ଟପର ଅନ୍ୟା ଦାସଙ୍କୁ ରୁଚି ବିଦ୍ୟାସାଗର ସମ୍ମାନ, ଗଣମାଧମ ସଂସ୍ଥା ଉଦୟ ଇଣ୍ଡିଆର ସମ୍ପାଦକ ଦୀପକ କୁମାର ରଥଙ୍କୁ ରୁଚି ଗୋପବନ୍ଧୁ ସାମ୍ବାଦିକ ସମ୍ମାନ ଓ କ୍ରିକେଟ ତାରକା ରାଜେଶ ମହାନ୍ତିଙ୍କୁ ରୁଚି ବାରବାଟୀ କ୍ରୀଡା ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିସହ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ଶିବ ପ୍ରସାଦ ପାଣି, ଯୁକ୍ତ ୨ ବିଜ୍ଞାନ ଟପ୍ପର ଭବାନୀ ଶଙ୍କର ପଟ୍ଟନାୟକ, ଯୁକ୍ତ ୨ ବାଣିଜ୍ୟ ଟପ୍ପର ଲକ୍ଷ୍ମୀ ଅଗ୍ରୱାଲ ଓ ଯୁକ୍ତ ୨ କଳା ଟପ୍ପର ଶିବାନୀ ପ୍ରିୟଦର୍ଶିନୀ ପତ୍ରୀଙ୍କୁ ରୁଚି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଫାଉଣ୍ଡେଶନର ପୂର୍ବତନ ସଭାପତି ଶ୍ରଦ୍ଧାନନ୍ଦ ଜେନାଙ୍କୁ ମରଣୋତ୍ତର ରୁଚି ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଫାଉଣ୍ଡେଶନର ଅଧକ୍ଷ ଡ. ଶରତ କୁମାର ସାହୁ ସ୍ୱାଗତ ଭାଷଣ ଓ ସମ୍ପାଦକ ଅରବିନ୍ଦ ସାହୁ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ରଶ୍ମି ସାହୁ ଓ ସଲିନା ସାହୁ ଉପସ୍ଥିତ ଥିବାବେଳେ ଫାଉଣ୍ଡେଶନର ଯୁଗ୍ମ ସମ୍ପାଦକ ଶୁଭେନ୍ଦୁ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ।



ଭୋକ ହେଲେ ଖାଇବା ହେଉଛି ପ୍ରକୃତି, ଅନ୍ୟର ଖାଦ୍ୟ ପଦାର୍ଥକୁ ଛଡ଼ାଇ ଖାଇବା ବିକୃତି ଏବଂ ନିଜର ଭାଗକୁ ଦୀନ, ଦୁଃଖୀ, ଭୋକିଲାଙ୍କୁ ବାଣ୍ଟି ଦେବା ହେଉଛି ସଂସ୍କୃତି। -ଦୀନ ଦୟାଲ



## ସଂକ୍ଷେପରେ

### ରିମାଣ୍ଡ ଶେଷ, ଜେଲକୁ ଫେରିଲେ ଛୋଟା

**ଖୋର୍ଦ୍ଧା ଅଫିସ,୨୦।୭:** ରିମାଣ୍ଡ ଶେଷ ହେବା ପରେ ବ୍ରାଉନସୁଗାର କାରବାରର ମାଷ୍ଟର ମାଇଣ୍ଡ, ଖୋର୍ଦ୍ଧା ପଥର ଖଣି କାରବାରରେ ରାଜ କରୁଥିବା ସୁଧାଂଶୁ ପରିଡା ଓରଫ ଛୋଟାଙ୍କୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଖୋର୍ଦ୍ଧା ଏସଡିଜେଏମ୍‌ଙ୍କ କୋର୍ଟରେ ଶନିବାର ହାଜର କରାଇଥିଲା। ପରେ ଏସ୍‌ଡିଜେଏମ୍ ଛୋଟାଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦେଇଛନ୍ତି। ତେବେ ଛୋଟାଙ୍କୁ ପୁଣି ରିମାଣ୍ଡରେ ନେବା ପାଇଁ ଏସ୍‌ଟିଏଫ୍ ଏସଡିଜେଏମ୍‌ଙ୍କ ନିକଟରେ ଆବେଦନ କରି ନାହାଁ। ଛୋଟା ଏସ୍‌ଟିଏଫ୍ ଟିମ୍‌କୁ ବ୍ରାଉନସୁଗାର ଓ ଖଣି ବ୍ୟବସାୟର ଗୁମର ଖୋଲିଛନ୍ତି ନା ଚକମା ଦେଖାଇ ଚୁପ ରହିଛନ୍ତି ତାହା ଜଣାପଡିନାହିଁ। ହେଲେ ଏନ୍‌କାଉଣ୍ଟରରୁ ରକ୍ଷା ପାଇଁ ଏସ୍‌ଟିଏଫ୍‌କୁ ଚକମା ଦେଖାଇବା ପାଇଁ ଛୋଟା ଆତ୍ମସମର୍ପଣ କରିଥିଲେ। ରିମାଣ୍ଡରେ ନେଲେ ଚତୁରତାର ସହ କିଛି ନ କହିବାକୁ ତାଲିମ ନେଇଥିଲେ ବୋଲି ଜଣେ ସହଯୋଗୀ ନାଁ ଗୋପନ ରଖି ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି ଗୁରୁବାର ଏସ୍‌ଟିଏଫ୍ ଛୋଟାଙ୍କୁ ୩ ଦିନ ପାଇଁ ରିମାଣ୍ଡରେ ନେଇଥିଲେ। ଅନ୍ୟପକ୍ଷେ ଛୋଟାଙ୍କୁ ପୁଣିଥରେ ରିମାଣ୍ଡରେ ଅଣାଯିବ କି ନାହିଁ ଆଲୋଚନା ଜାରି ରହିଛି ବୋଲି ଏସ୍‌ଟିଏଫ୍‌ର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

### ଟ୍ରାଫିକ ପୋଲିସର ଧରପଗଡ଼

#### ୯୮ହଜାର ଜରିମାନା ଆଦାୟ

**ବାଲିଅନ୍ତା,୨୦।୭(ଡି.ଏନ୍.ଏ.):** ୧୬ନଂ ଜାତୀୟ ରାଜପଥର ଭୁବନେଶ୍ୱର- କଟକ ରାସ୍ତାର ଦୁର୍ଘଟଣା ବଢ଼ିବାରେ ଲାଗିଛି। ଦୁର୍ଘଟଣା ରୋକିବା ସହ ଲୋକଙ୍କୁ ସଚେତନ କରିବା ପାଇଁ ଗତ ୩ଦିନ ହେଲା ଫୁଲନଖରା ଟ୍ରାଫିକ ଥାନା ପକ୍ଷରୁ ହଂସପାଳ ଛକରେ ବ୍ୟାପକ ଧରପଗଡ଼ ଚାଲିଛି। ବିନା ହେଲମେଟରେ ବାଇକ ଚଳାଇବା, ସିଟ ବେଲ୍ଟ ନ ବାନ୍ଧିବା, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର, ଦ୍ରୁତଗତିରେ ଗାଡ଼ି ଚଳାଇବା ସହ ଓଭରଲୋଡ ବସାଇବାଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ନିଜେ ଟ୍ରାଫିକ ଇନ୍ସପେକ୍ଟର ଆକାଶ ରଣା ଟ୍ରାଫିକ ପୋଷ୍ଟରରେ ଉପସ୍ଥିତ ରହି ଏହି ଅଭିଯାନ ଜୋରଦାର କରିଛନ୍ତି। ଶୁକ୍ରବାର ୨୭୫ ଗାଡିଚାଳକଙ୍କଠାରୁ ୫୦ହଜାର ଓ ଶନିବାର ୨୩୦ ଗାଡିଚାଳକଙ୍କଠାରୁ ୪୮ ହଜାର ୮୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଏ ସମ୍ପର୍କରେ ଟ୍ରାଫିକ ଇନ୍ସପେକ୍ଟର ରଣା କୁହନ୍ତି, ଲୋକେ ଆଇନ ମାନିବାକୁ ନାରାଜ। ଏଭଳି ଆର୍ଥିକ ଦଣ୍ଡ ଜରିଆରେ ଗାଡିଚାଳକଙ୍କୁ ସଚେତନ କରାଯାଉଛି।

### ଘରୁ ଚୋରି କଲେ ବୁଲେଟ୍

**ନରାଜ,୨୦।୭(ଡି.ଏନ୍.ଏ.):** ବାରଙ୍ଗ ଥାନା ଅଧୀନ ଦାଢା ପାଟଣା ଗ୍ରାମର ଦକ୍ଷିଣୀ ସାହିରେ ରହୁଥିବା ଦିଲୀପ କୁମାର ସାହୁଙ୍କ ନୂଆ ବୁଲେଟ ନଂ ଓଡି ୩୩ ଆର ୦୧୬୦କୁ ଶୁକ୍ରବାର ଚୋରି ହେଇଥିବା ନେଇ ଅଭିଯୋଗ ହୋଇଛି। ରାତ୍ର ସାଢେ ଗୋଟେ ରୁ ୨ ସମୟରେ ଦୁର୍ବୃତ୍ତମାନେ ତାଙ୍କ ଘରର ଗ୍ରୀଲ ତାଲା ଭାଙ୍ଗି ବୁଲେଟକୁ ନେଇଯାଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ଘର ନିକଟରେ ଥିବା ସିସିଟିଭି ଫୁଟେଜରୁ ଦୁର୍ବୃତ୍ତଙ୍କୁ ଠାବ କରିଛି। ଖୁବଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛନ୍ତି।

### ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର

**ବାଲିପାଟଣା,୨୦।୭(ଡି.ଏନ୍.ଏ.):** ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟରେ ଶନିବାର ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ପୁରୁଷ ବିଭାଗ ଯୋଜନା ଅଧିକାରୀ ତଥା ଅଧାପକ ସହଦେବ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ପ୍ରଭାତଫେରି, ହିତବାଣୀ, ଶୃଙ୍ଖଳା ଶିକ୍ଷା, ଚାରା ରୋପଣ, ଆତ୍ମ ସମୀକ୍ଷା ପ୍ରମୁଖ ହାତକୁ ନେଇଥିଲେ। ଶିବିରାର୍ଥୀମାନେ ଉତ୍ସବରେ 'ବୃକ୍ଷ ହିଁ ଜୀବନ ନାଟକ ପରିବେଷଣ' କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ବୈକୁଣ୍ଠ ନାରାୟଣ ଦାଶ ଉଦ୍‌ଘାଟକ ଭାବେ ଯୋଗଦାନ କରିଥିଲେ। ଏଥିରେ କ୍ୟାମ୍ପ ଫେୟାରରେ ଅଧାପିକା ସୁଜାତା ଦାସଙ୍କ ପୌରୋହିତ୍ୟରେ ଅଧାପକ ସରୋଜ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶରେ ଏହି ଯୋଜନା ଏକ ମଣିଷ ତିଆରି କାରଖାନା ବୋଲି କହିଥିଲେ। ଶେଷରେ ଅଧାପକ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ■ ନାବାଳିକା ଅପହରଣକୁ ମାସେ ପୂରିଲା

# ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଛି ପୋଲିସ

**ପୁରୁଣା ଭୁବନେଶ୍ୱର, ୨୦।୭ (ଡି.ଏନ.ଏ.)**

■ ଝିଅଙ୍କୁ ନ ପାଇଲେ ଥାନା ସମ୍ମୁଖରେ ଆତ୍ମାହୁତି ଦେବେ ଅଭିଯୋଗକାରୀ

ଏୟାରଫିଲ୍ଡ ଥାନା ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିବା ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ କରି ନିଆଯିବାର ମାସେ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ପାରିନାହିଁ। ଏହା ପୋଲିସର କାର୍ଯ୍ୟଦକ୍ଷତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏପରିକି ଝିଅଙ୍କୁ ନ ପାଇଲେ ଅଭିଯୋଗକାରୀ ନାବାଳିକାଙ୍କ ମା' ଥାନା ସମ୍ମୁଖରେ ଆତ୍ମହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ମୁତାବକ, ଏୟାର ଫିଲ୍ଡ ଥାନା ଅଞ୍ଚଳରେ ଭଡା ଘରେ ରହୁଥିବା ଜଣେ ନାବାଳିକା ଜୁନ୍ ୧୯ରେ ନିଜର ବାପା ରହୁଥିବା ବାପୁଜୀନଗରକୁ ଆସିଥିଲେ। ପରଦିନଠାରୁ ତାଙ୍କର ଆଉ କୌଣସି ପତ୍ତା ମିଳି ନ ଥିଲା। ତେଣୁ ଝିଅଙ୍କ ମା' ଉକ୍ତଦିନ ରାତିରେ ଖୋଜା ଖୋଜି ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୧୯/୧୯ରେ ମାମଲା ରୁଜୁ କରିଥିଲା। ଅଭିଯୋଗରେ ଡ଼ାକବଙ୍ଗଳା ଛକରେ ରହୁଥିବା ୨ ଜଣ ଅଭିଯୁକ୍ତ ତାଙ୍କ ଝିଅକୁ ଏକ ବାଇକ୍‌ରେ ଜୋରଜବରଦସ୍ତ ବସାଇ ନେଉଥିବା ମା' ଦର୍ଶାଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତଦ୍ୱୟ ଏକ ରାଜନୈତିକ ଦଳର ପ୍ରଭାବଶାଳୀ ବ୍ୟକ୍ତିଙ୍କ ପୁଅ ଜଣାପଡ଼ିଥିଲା। ସେମାନେ ନାବାଳିକାଙ୍କୁ ଶାରୀରିକ ନିର୍ଯାତନା ଦେବା ସହ ଏହି ଥାନା ଅଧୀନ ହାଇଟେକ୍ ପ୍ଲାଜାରେ ରଖିଥିବା ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟପକ୍ଷେ ମାମଲା ରୁଜୁ କରିବା ପରେ ପୋଲିସର ନିଷ୍କ୍ରିୟତା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଖବରନେବାରେ ଜଣାପଡ଼ିଛି, ପୋଲିସ ମାମଲା ରୁଜୁ କରିବା ପରେ ରାଜନୈତିକ ଚାପରେ କାର୍ଯ୍ୟାନୁଷ୍ଠାନ ନ ନେଇ ପାରି ହରଡ଼ଘଣାରେ ପଡ଼ିଛି। ଏପରିକି ନାବାଳିକାଙ୍କ ମା'ଙ୍କୁ ମାମଲା ନ ଉଠାଇଲେ ଝିଅ ଓ ମା' ଉଭୟଙ୍କୁ ଉଡ଼ାଇ ଦେବାକୁ ଅପହରଣକାରୀ ଧମକ ଦେଇଥିବା ଅଭିଯୋଗକାରୀ କହିଛନ୍ତି। ଅପରପକ୍ଷେ ନାବାଳିକାଙ୍କୁ ସାବାଳିକା ହେବାକୁ ଆଉ ୨ ମାସ ବାକିଥିବାବେଳେ ରାଜନୈତିକ ବ୍ୟକ୍ତିଙ୍କ ପୁତ୍ରମାନେ ଦିନ ଗଡ଼ାଇ ଚାଲୁଥିବା କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଯଦି ଝିଅଙ୍କୁ ନ ପାଆନ୍ତି ଅଭିଯୋଗକାରୀ ମା' ଏୟାରଫିଲ୍ଡ ଥାନା ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି କହିଛନ୍ତି। ଏଭଳି ଏକ ସ୍ପର୍ଶକାତର ଘଟଣାରେ କମିଶନରେଟ୍ ପୋଲିସର କାର୍ଯ୍ୟଧାରା କେତେ ସ୍ୱଚ୍ଛ ତାହା ସ୍ପଷ୍ଟ ଅନୁମେୟ ହେଉଛି। ଅଭିଯୋଗକାରୀ ଡ଼ିସିପି, ସିପି, ସ୍ଥାନୀୟ ବିଧାୟକ ପ୍ରମୁଖଙ୍କ ନିକଟରେ ଅଭିଯୋଗ ମଧ କରିସାରିଛନ୍ତି। ଏ ନେଇ ଜୋନ୍-୨ ଏସିପି ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରେ, ପୋଲିସର ଅନୁସନ୍ଧାନ ଜାରି ରହିଛି। ଅଭିଯୁକ୍ତ ୨ ମାସ ହେଉ କି ୫ ମାସ ପରେ ଅପହୃତା ନାବଳିକାଙ୍କୁ ସାବାଳିକା ମାନ୍ୟତା ପତ୍ର ଦେଖାଇ ଖସିବାକୁ ଚେଷ୍ଟା କଲେ ବି ତାହା ନିଷ୍ଫଳ ହେବ। କାରଣ ଅପହରଣ ବେଳେ ଝିଅ ଜଣକ ନାବାଳିକା ଥିଲେ। ତେଣୁ ମାମଲା ଅନୁଯାୟୀ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ନିଶ୍ଚିତ ରୂପେ ଗିରଫ କରାଯିବ।

## ଟଙ୍କା ଭର୍ତ୍ତି ପର୍ସ ପାଇ ଫେରାଇଲେ ମହିଳା କନଷ୍ଟେବଳ ଲକ୍ଷ୍ମୀପ୍ରିୟା

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**



ଭୁବନେଶ୍ୱର ରେଳ ଷ୍ଟେଶନରେ ଶନିବାର ଏକ ପ୍ରଶଂସନୀୟ ଘଟଣା ଦେଖିବାକୁ ମିଳିଛି। ଟଙ୍କା ଭର୍ତ୍ତି ପର୍ସ ପାଇ ଜଣେ ଆରପିଏଫ କନ୍‌ଷ୍ଟେବଳ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫେରାଇଛନ୍ତି। ପର୍ସ ହଜାଇଥିବା ବ୍ୟକ୍ତି ଜଣକ ହେଉଛନ୍ତି ରାୟଗଡା ଜିଲା ଟିକିରିର ଅଶୋକ କୁମାର ବାଉରୀ। ନିଜ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଲାଗି ଟଙ୍କା ନେଇ ଭୁବନେଶ୍ୱର ଡାକ୍ତରଖାନାକୁ ଆସିଥିବା ବେଳେ ପ୍ଲାଟ ଫର୍ମ ନଂ.୧ ରେ ବ୍ୟସ୍ତତା ଭିତରେ ପର୍ସଟିକୁ ହଜାଇ ଦେଇଥିଲେ। ପର୍ସ ହଜିବା ଜାଣିବା ଆଗରୁ ବ୍ୟକ୍ତି ଜଣକ ଡାକ୍ତରଖାନାରେ ପହଞ୍ଚି ସାରିଥିଲେ। ରେଳ ଷ୍ଟେଶନରେ ପର୍ସ ହଜିଥିବାରୁ ନ ମିଳିବା ଆଶାରେ ପୋଲିସରେ ଖବର ବି ଦେଇ ନ ଥିଲେ। ସୌଭାଗ୍ୟବଶତଃ ଆରପିଏଫର ସଚ୍ଚୋଟ ମହିଳା କନ୍‌ଷ୍ଟେବଳ ଲକ୍ଷ୍ମୀପ୍ରିୟା ନାୟକ ପର୍ସଟିକୁ ପାଇ ଅଶୋକଙ୍କୁ ଖବର ଦେଇଥିଲେ। ପରେ ଅଶୋକ ସନ୍ଧ୍ୟାରେ ଆରପିଏଫ ଥାନାରୁ ପର୍ସ ନେଇ ମହିଳା କନ୍‌ଷ୍ଟେବଳଙ୍କୁ ଧନ୍ୟବାଦ ଦେଇଥିଲେ। ଜରୁରୀ କାମରେ ଟଙ୍କା ନେଇ ଆସି ଷ୍ଟେଶନରେ ପର୍ସ ହଜାଇଥିବାରୁ ଫେରି ପାଇବା ଆଶା ଆଦୌ ନ ଥିଲା ବୋଲି ଅଶୋକ କହିଥିଲେ। ସୂଚନାଯୋଗ୍ୟ ପର୍ସରେ ୧୨ ହଜାର ଟଙ୍କା ସହ ପରିଚୟପତ୍ର ଓ କିଛି ଜରୁରୀ କାଗଜପତ୍ର ମଧ ଥିଲା।



କଂଗ୍ରେସର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଉତ୍ତରପ୍ରଦେଶ ପୋଲିସ ଅଟକ ରଖିବା ପ୍ରତିବାଦରେ ଶନିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଜିଲା କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

## ଚତୁର୍ଥ ଗୁରୁକୃପା ନୃତ୍ୟ ସମାରୋହ ଉଦ୍‌ଘାଟିତ

**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

ଓଡିଶୀ ନୃତ୍ୟ ଗୁରୁ ଦେବପ୍ରସାଦ ଦାସଙ୍କ ସ୍ମୃତିରେ ଦେବପ୍ରସାଦ ନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଗୁରୁକୃପା ନୃତ୍ୟ ସମାରୋହ-୨୦୧୯ ଉଦ୍‌ଘାଟିତ ହୋଇଛି। ଦୁଇଦିନ ଧରି ଚାଲିବାକୁ ଥିବା ସମାରୋହରେ ୨୬ଜଣ ନୃତ୍ୟଶିଳ୍ପୀଙ୍କ ସହ ନୃତ୍ୟଗୁରୁ ଓ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିବେ। ଶନିବାର ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ଗୁରୁ ରାମହରି ଦାସ, ଗୁରୁ ଧନେଶ୍ୱର ସ୍ୱାଇଁ, ଡ. ନିତା ବହିଦାର, ଗୁରୁ ଅନିତା ସିଂହଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଭାଗ୍ୟଶ୍ରୀ ସୁମନ୍ ଓତା, ଗାୟତ୍ରୀ ଜେନା, ଶ୍ରୁତିଶ୍ରୀ ସ୍ୱାଇଁ, ମୋନାଲିସା ମହାରଣା, ଅଙ୍କିତା ବେହେରା, ପ୍ରିୟଙ୍କା, ସ୍ୱର୍ଣ୍ଣିକୀ ଦାସ, ଦୀପାନ୍ୱିତା ଦାଶ, ଅଞ୍ଜନା ମହାନ୍ତି, ଯଶୋବନ୍ତ ସାମଲ, ସ୍ୱାତୀ ପଟ୍ଟନାୟକ, ଗୁରୁ ନିରଞ୍ଜନ ରାଉତ, ସୁଶ୍ରୀ ମହାନ୍ତି ନୃତ୍ୟ ପରିବେଷଣ କରିଥିଲେ। ଉତ୍ସବରେ ରାଜଯୋଗିନୀ ବ୍ରହ୍ମକୁମାରୀ ଲୀନା ଅତିଥି ଭାବେ ଯୋଗଦେଇଥିଲେ।

### ଆଉ ଦିନକ ପରେ ଶ୍ରାବଣ ମାସ ପ୍ରଥମ ସୋମବାର

## ପ୍ରସ୍ତୁତି ଶେଷ, ଆବର୍ଜନାପୂର୍ଣ୍ଣ ମନ୍ଦିର ପାର୍ଶ୍ୱ

**ପୁରୁଣା ଭୁବନେଶ୍ୱର, ୨୦।୭ (ଡି.ଏନ.ଏ.)**

ଆଉ ଦିନକ ପରେ ଶ୍ରାବଣ ମାସର ପଥମ ସୋମବାର। ଏଥିପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରାଜ୍ୟ ଏବଂ ରାଜ୍ୟ ବାହାରୁ ମଧ ହଜାର ହଜାର କାଉଡ଼ିଆ ଭକ୍ତ ଏଠାରେ ଜଳଲାଗି କରିବେ। ହେଲେ ଏହି ପ୍ରସ୍ତୁତି ମଧ୍ୟରେ ଆବର୍ଜନାପୂର୍ଣ୍ଣ ହୋଇରହିଛି ମନ୍ଦିର ପାର୍ଶ୍ୱ। ମନ୍ଦିରର ଉତ୍ତର ପଶ୍ଚିମକୋଣ ପାଲଟିଛି ଆବର୍ଜନାମୟ। ଫନୀ ବାତ୍ୟାରୁ ଭାଙ୍ଗି ରୁଜି ଯାଇଥିବା ଗଛପତ୍ର, ନିକଟସ୍ଥ ହସ୍ପିଟାଲର ବର୍ଜ୍ୟବସ୍ତୁ, ବୁଲା ଗୋରୁ, କୁକୁରଙ୍କ ମଳମୂତ୍ରରେ ପରିପୂର୍ଣ୍ଣ ଏହି ମନ୍ଦିରର ପାଦ ଚଲା ରାସ୍ତା। ଏହି ପାଦ ଚଲା ରାସ୍ତା ଏକ ପ୍ରକାର ବନ୍ଦ ହୋଇଯାଇଛି। ଯାହାପାଇଁ ୧୮ ଲକ୍ଷ ଟଙ୍କା ପାଣିରେ ପଡ଼ିଛି। ଭକ୍ତମାନେ ଏହି ପରିବେଶକୁ ଦେଖି ନାକ ଟେକିବା ସହ ପର୍ଯ୍ୟଟକମାନେ ମଧ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ପାଦ ଚଲା ରାସ୍ତା ଦିବ୍ୟାଙ୍ଗମାନଙ୍କ ପାଇଁ ମଧ ଉନ୍ମୁକ୍ତ ଥିଲା। ଏବେ ଏହି ଅସଜଡ଼ା ପରିବେଶ କାଉଡ଼ିଆ ଭକ୍ତମାନଙ୍କ ମଧ୍ୟରେ ନକରାତ୍ମକ ପ୍ରଭାବ ପଡ଼ିବା ନେଇ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

## ୩୬୩ ଗାଁ ମଧ୍ୟରେ ନାହିଁ ଦଧିବାମନ ଗାଁ

**ପୁରୁଣା ଭୁବନେଶ୍ୱର,୨୦।୭ (ଡି.ଏନ.ଏ.)**

ରାଜଧାନୀ ଭୁବନେଶ୍ୱରକୁ ସମ୍ପ୍ରସାରଣ କରିବା ସହ ବିଡ଼ିଏ ପକ୍ଷରୁ ପୁଣି ସିଡ଼ିପି (କମ୍ପ୍ରେହେନସିଭ ଡ଼େଭଲପମେଣ୍ଟ ପ୍ଲାନ)ର ନୀଳ ନକ୍ସା ପ୍ରସ୍ତୁତ କରାଯିବାକୁ ଯୋଜନା ଚାଲିଛି। ସୂଚନାଥାଉ କି ସିଡ଼ିପି ୨୦୧୦ରେ ୨୦୫ଟି ରାଜସ୍ୱ ଗାଁକୁ ନିଆଯାଇଥିଲା। କିନ୍ତୁ ଏହାର ବର୍ଷକ ପରେ ପୁଣି ବିଡ଼ିଏରେ ଆଉ ୩୬୬ଟି ଗାଁ ସାମିଲ ହୋଇଥିଲା। ରାଜଧାନୀ ସମେତ ଏହାର ଉପକଣ୍ଠର ପ୍ରାୟ ୧୧୧୦ ବର୍ଗ କିମି ଅଞ୍ଚଳ ଉପରେ ଏହି ସିଡ଼ିପି କାର୍ଯ୍ୟକାରୀ ହେବ। ଭୁବନେଶ୍ୱର ବ୍ଲକ୍‌ର ଇଟିପୁର ଏବଂ ଟିକରପଡ଼ା ପଞ୍ଚାୟତର ସମସ୍ତ ଗାଁଗୁଡ଼ିକ ଏଥିରେ ସାମିଲ ହୋଇଛି। ମାତ୍ର ଇଟିପୁରର ରାଜସ୍ୱ ଗାଁ ନିସ୍ତାରିଣୀ ଗାଁଟି ସାମିଲ ହୋଇଥିବାବେଳେ ଦଧିବାବନ ଗାଁଟି ଏହି ସିଡ଼ିପି ତାଲିକାରେ ସାମିଲ ହୋଇ ନ ଥିବା ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

## ଦିବ୍ୟାଙ୍ଗଙ୍କ ଅଧିକାର ନେଇ ଅନ୍ତର୍ଜାତୀୟ ଅଭିଯାନ ଆରମ୍ଭ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**



ଦିବ୍ୟାଙ୍ଗଙ୍କ ଅଧିକାର ନିମନ୍ତେ ବିଶ୍ୱସ୍ତରରେ ଏକ ଅନ୍ତର୍ଜାତୀୟ ଅଭିଯାନର ଶୁଭାରମ୍ଭ କରାଯାଇଛି। ସାଇଟସେଭର୍ସ ପକ୍ଷରୁ ଶନିବାର ସ୍ଥାନୀୟ ହୋଟେଲରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସାଇଟ ସେଭର୍ସର ଆଡଭୋକେସି ମ୍ୟାନେଜର କେତନ କୋଠାରୀ ଏହି ଅବସରରେ ଯୋଗଦେଇ ଏହି ଅଭିଯାନର ବିଷୟରେ ଅବଗତ କରାଇଥିଲେ। ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ବସବାସ କରୁଥିବା ୮୦ କୋଟି ଦିବ୍ୟାଙ୍ଗଙ୍କ ଅଧିକାର ସଂପୃକ୍ତ ରାଷ୍ଟ୍ର ଦ୍ୱାରା ଯେପରି ସୁରକ୍ଷିତ ଏବଂ ପ୍ରଚାରିତ ହେବ ତାହା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସନ୍ୟାସୀ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ ଦାଶ ଓ ୬୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଯୋଗ ଦେଇଥିଲେ। ସାଇଟ ସେଭର୍ସର ପ୍ରୋଗ୍ରାମ ମ୍ୟାନେଜର ଆକବର ମେହଫୁଜ୍ ଆଲାମ ଏବଂ ପ୍ରକଳ୍ପ ଅଧିକାରୀ ଜଗନ୍ନାଥ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସେଣ୍ଟ ଜାଭିୟର ହାଇସ୍କୁଲ ପକ୍ଷରୁ ଚାରାରୋପଣ

**ବାଲକାଟୀ,୨୦।୭(ଡି.ଏନ୍.ଏ.)**

ରଙ୍ଗବଜାରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ସ୍ଥାନୀୟ କଣ୍ଟଗୋଠଠାରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧକ୍ଷ ରମାକାନ୍ତ ନାୟକଙ୍କ ନେତୃତ୍ୱରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବିଭିନ୍ନ ଔଷଧୀୟ ବୃକ୍ଷ, ବଉଳ, ଅର୍ଜ୍ଜୁନ, ଅଶୋକା ଆଦି ବୃକ୍ଷ ଲଗାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସ୍କୁଲ ପରିସରରୁ ଏକ ଶୋଭାଯାତ୍ରାରେ ସ୍ଲୋଗାନ ଦେଇ କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚିଥିଲେ। ଏଥିରେ ଅନୁସୂୟା ମହାପାତ୍ର, ସୁବାଶିଷ ସ୍ୱାଇଁ, ଦୀପ୍ତି ସ୍ୱାଇଁ, ମଞ୍ଜୁ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ରୋଟାରି ଓ ଇନରହୁଇଲ ମେଟ୍ରୋଙ୍କ ଅଧିଷ୍ଠାନ ଉତ୍ସବ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ରୋଟାରି ଓ ଇନରହୁଇଲ କ୍ଲବ ଭୁବନେଶ୍ୱର ମେଟ୍ରୋର ବାର୍ଷିକ ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ଏକ ହୋଟେଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ୨୦୧୯-୨୦ ବର୍ଷ ପାଇଁ ସଭାପତି ଭାବେ ଡ.ରମେଶ ଚନ୍ଦ୍ର ରାଏ, ସମ୍ପାଦକ ଭାବେ ମିହିର କୁମାର ପଟ୍ଟନାୟକ, ସଭାନେତ୍ରୀ ଭାବେ ଇନରହୁଇଲ ପାଇଁ ସୁପ୍ରଭା ନନ୍ଦ ଏବଂ ସମ୍ପାଦିକା ଭାବେ ଡ.ଅଞ୍ଜନା ମିଶ୍ର ଅଧିଷ୍ଠିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପଦ୍ମଶ୍ରୀ ଡ.ଅଜୟ ପରିଡ଼ା ଦେଶର ଖାଦ୍ୟ ସୁରକ୍ଷା ଏବଂ ପୁଷ୍ଟିସାର ଉପରେ ବହୁ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଇନରହୁଇଲର ପୂର୍ବତନ ଜିଲାମୁଖ୍ୟ ସଂଘମିତ୍ରା ସାହୁ ତଥା ଭୁବନେଶ୍ୱରର ସମସ୍ତ ରୋଟାରି ଏବଂ ଇନରହୁଇଲ କ୍ଲବର ପ୍ରତିନିଧିମାନେ ଯୋଗଦେଇଥିଲେ।

## ଜାତୀୟ ହାର୍ଡଓ୍ୱେର ହାକାଥନରେ ସି.ଭି. ରମଣ ଛାତ୍ରୀଛାତ୍ରଙ୍କ ସଫଳତା




**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ଜାତୀୟ ହାର୍ଡଓ୍ୱେର ହାକାଥନ-୨୦୧୯ରେ ସି.ଭି.ରମଣ କଲେଜର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଏବଂ କଗ୍‌ନିଜାଣ୍ଟ କମ୍ପାନୀ ଦ୍ୱାରା ଆଇଆଇଟି ଦିଲ୍ଲୀ ଏବଂ ଆଇଆଇଟି ହାଇଦ୍ରାବାଦଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସି.ଭି.ରମଣ ଛାତ୍ରୀଛାତ୍ର ପୁରସ୍କାର ଲାଭ କରିଛନ୍ତି। ପ୍ରତିଷ୍ଠାନର ୨ ଗ୍ରୁପ ଛାତ୍ରୀଛାତ୍ର ଏକ ସମସ୍ୟା ଉପରେ ଆଧାରିତ ସମାଧାନ ଡିଜାଇନ ପ୍ରସ୍ତୁତ କରିଥିଲେ। ଓସେନ୍ କ୍ଲିନିଙ୍ଗ ସମସ୍ୟା ସମାଧାନ ଏବଂ ଡାକ୍ତର ରୋଗୀଙ୍କ ମଧ୍ୟରେ ବାର୍ତ୍ତାଳାପକୁ ଡିଜିଟାଲ ଫର୍ମାଟରେ ରୂପାନ୍ତର ଭଳି ପ୍ରୋଟୋଟାଇପ୍ ଡିଜାଇନଗୁଡିକ ମଧ୍ୟରେ ସ୍ଥାନିତ ହୋଇଥିଲା। ଏଆଇସିଟିଇ ଅଧକ୍ଷ ପ୍ରଫେସର ଅନୀଲ ଡି.ସହସ୍ରବୁଦ୍ଧେ କୃତି ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିଛନ୍ତି। ସଫଳତା ଲାଗି ସି.ଭି.ରମଣ ଅଧକ୍ଷ ସଞ୍ଜୀବ କୁମାର ରାଉତ କୃତୀ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ■ ଖଣ୍ଡଗିରି-ଉଦୟଗିରି ପାହାଡ଼ରେ ଐତିହ୍ୟ ପଦଯାତ୍ରା

## ଖାରବେଳ, ଜୈନଙ୍କ ଗାଥାରେ ପର୍ଯ୍ୟଟକ ମୁଗ୍ଧ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ଶନିବାର ୭୬ ତମ ହେରିଟେଜ୍ ଟ୍ରେଲ୍‌ର ପର୍ଯ୍ୟଟକମାନେ ମଜା ନେଇଛନ୍ତି। ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ବିଷୟରେ ଜାଣିବା ସହ ଇତିହାସରେ ଲିପିବଦ୍ଧ କଳିଙ୍ଗର ବିଭିନ୍ନ ଗାଥା ଜାଣିବା ସହ ରାଜା ଖାରବେଳ ଓ ମହାବୀର ଜୈନଙ୍କ ବିଷୟ ସେମାନଙ୍କୁ ବିମୁଗ୍ଧ କରିଛି। ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ଖଣ୍ଡଗିରି ଓ ଉଦୟଗିରି ପାହାଡରେ ମହାବୀର ଜୈନଙ୍କ ଅହିଂସା ଶିକ୍ଷା କାହାଣୀ, ଇତିହାସରେ ଲିପିବଦ୍ଧ କଳିଙ୍ଗର ବୀର ରାଜା ଖାରବେଳଙ୍କ କୀର୍ତ୍ତି ଆଦିକୁ ଶୁଣିଛନ୍ତି। ପର୍ଯ୍ୟଟକମାନେ ରାଣୀ ଗୁମ୍ଫା ବୁଲି ରାଜା ଖାରବେଳ କିପରି ଶିକାର କରିବାକୁ ଆସିଥିବା ବେଳେ ସେଠାରେ ତାଙ୍କ ରାଣୀଙ୍କୁ ଭେଟିଥିଲେ ସେସବୁ ବିଷୟରେ ଜାଣିବାକୁ ପାଇଛନ୍ତି। ଯାତ୍ରାଟି ପାଖାପାଖି ୨ଘଣ୍ଟାର ହୋଇଥିବା ବେଳେ ଏଥିରେ ଖଣ୍ଡଗିରି ଓ ଉଦୟଗିରି ପାହାଡ ଉପରେ ମଧ ପଥପ୍ରଦର୍ଶକ ସୂଚନା ଦେଇଥିଲେ। ଯେତେବେଳେ ଉଦୟଗିରି ପାହାଡ ଉପରକୁ ସମସ୍ତ ପର୍ଯ୍ୟଟକ ପହଞ୍ଚି ଥିଲେ, ସହରର ସୌନ୍ଦର୍ଯ୍ୟ ଦୃଶ୍ୟ ସମସ୍ତଙ୍କୁ ହତବାକ କରି ଦେଇଥିଲା।

ଏହି ଅବସରରେ ପର୍ଯ୍ୟଟକ ବିଷ୍ଣୁ କହିଥିଲେ, ପଦଯାତ୍ରା ବହୁତ ଭଲ ଥିଲା। ମୁଁ ବିଶେଷ ଭାବେ ଏହି ଦୁଇ ପାହାଡର ସୌନ୍ଦର୍ଯ୍ୟରେ ବିମୋହିତ ହୋଇଛି। ମୁଁ ଅନ୍ୟ ସମସ୍ତଙ୍କୁ ଏହି ପଦଯାତ୍ରାରେ ଯୋଗ ଦେବା ଲାଗି ଉତ୍ସାହିତ ନିଶ୍ଚୟ କରିବି। ରାଜା ଖାରବେଳ ଓ ଓଡ଼ିଶାର ଇତିହାସ ବିଷୟରେ ଜାଣି ମୋତେ ବହୁତ ଖୁସି ଲାଗୁଛି। ଭୁବନେଶ୍ୱରର ଇତିହାସକୁ ଲୋକଲୋଚନକୁ ଆଣିବାକୁ ଏହି ହେରିଟେଜ୍ ଟ୍ରେଲ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ପର୍ଯ୍ୟଟକମାନେ ଏହାର ସମ୍ପୂର୍ଣ୍ଣ ଲାଭ ଉଠାଉଛନ୍ତି ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ରାଜ୍ୟ ପର୍ଯ୍ୟଟନ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଯେଉଁଥିରେ ପର୍ଯ୍ୟଟକ, ସ୍ଥାନୀୟ ବାସିନ୍ଦା ଓ ଛାତ୍ରୀଛାତ୍ରମାନେ କାହାଣୀ ଓ କଳିଙ୍ଗ ଗାଥା ଶୁଣିବାକୁ ଯୋଗ ଦେଉଛନ୍ତି, ଯାହାକି ଶନିବାର ଓ ରବିବାର ଦୁଇଦିନ ସକାଳୁ ଆୟୋଜିତ ହେଉଛି।



ପର୍ଯ୍ୟଟକମାନେ ପର୍ଯ୍ୟଟନସ୍ଥଳୀ ବୁଲି ଦେଖୁଛନ୍ତି।

# ଇ-ବ୍ୟାକ୍‌ଅପ୍



ବେଳେ ବେଳେ ମୋବାଇଲର ମେମୋରି କାର୍ଡ କରପ୍ଟ ହେବା, ହଜିଯିବା, କମ୍ପ୍ୟୁଟରର ହାର୍ଡ ଡ୍ରାଇଭ୍ କ୍ରାଶ୍ ହେବା କିମ୍ବା ଭୁଲ୍‌ବଶତଃ କୌଣସି ଫୋଲ୍ଡର ଡିଲିଟ ହୋଇଯିବା ଦ୍ୱାରା ଅନେକଙ୍କର ଡକ୍ୟୁମେଣ୍ଟ, ଫଟୋ, ଭିଡିଓ ଭଳି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଡାଟା ନଷ୍ଟ ହୋଇଯିବା ନଜିର ରହିଛି। ଏହାଦ୍ୱାରା ନା କେବଳ ସେମାନଙ୍କ ମନଦୁଃଖ ହୋଇଛି ବରଂ ଆବଶ୍ୟକ ସମୟରେ ଡାଟା ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେବାକୁ ବି ପଡ଼ିଛି। ହେଲେ ଏହି ସମସ୍ୟାର ସମାଧାନର ବାଟ ଖୋଲିଛି ବିଭିନ୍ନ ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ସର୍ଭିସ। ଏହାକୁ ବ୍ୟବହାରକରି ଡାଟାଗୁଡ଼ିକୁ ସୁରକ୍ଷିତ ରଖାଯାଇପାରୁଛି। ତେବେ କୌଣସି ଭଲ ବ୍ୟାକ୍‌ଅପ୍ ସର୍ଭିସ୍ ବାଛିବାକୁ ହେଲେ ପ୍ରଥମେ ଆପଣଙ୍କୁ କେତେ ଟଙ୍କାରେ କେତେ ଷ୍ଟୋରେଜ ସାଇଜ ଦରକାର, ଏଥିରେ କ'ଣ ସବୁ ଆଡ୍‌ଭାନ୍ସ ବ୍ୟାକ୍‌ଅପ୍ ଫିଚର୍ସ ରହିଛି ଏବଂ ତାହାର ବ୍ୟବହାର ସମ୍ପର୍କରେ ଜାଣିବାକୁ ହେବ। କେବଳ ଏତିକି ନୁହେଁ, ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୁରକ୍ଷା ଦୃଷ୍ଟିରୁ ଏହାକୁ ବ୍ୟବହାର କରିବା ସମୟରେ ମଧ୍ୟ ସତର୍କ ରହିବା ଆବଶ୍ୟକ। ଆସନ୍ତୁ, ଜାଣିବା ନିଜ ଡାଟାଗୁଡ଼ିକୁ ସୁରକ୍ଷିତ ରଖିବା ଲାଗି କେଉଁ ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ସର୍ଭିସ୍ ନିରାପଦ...







**ବର୍ତ୍ତମାନ ମୋବାଇଲ ଫୋନ୍ ଏବଂ କମ୍ପ୍ୟୁଟରରେ ଆସୁଥିବା ଏକ୍ସପାଣ୍ଡେଡ୍ ମେମୋରି ସପୋର୍ଟ ସିଷ୍ଟମ ଯୋଗୁ ଡାଟା ଷ୍ଟୋରେଜ୍ ଖୁବ୍ ସହଜ ହେଉଥିବାରୁ ପୂର୍ବଭଳି ବିଭିନ୍ନ ଜରୁରୀ ଡାଟା ସାଇତି ରଖିବା ଲାଗି ନା ଲୋଡ଼ା ହେଉଛି ଗଦା ଗଦା ଫାଇଲ୍ ନା ଫଟୋ ଲାଗି ଆଲବମ୍। ହେଲେ ଏହି ଡିଜିଟାଲ ଡାଟା ଷ୍ଟୋରେଜ ଯେତିକି ସୁବିଧାଜନକ, ବିଭିନ୍ନ କାରଣରୁ ସବୁ ଡାଟା ନଷ୍ଟ ହୋଇଯିବା ଆଶଙ୍କା ବି ସେତିକି ଅଧିକ। ତେବେ ବର୍ତ୍ତମାନ ଏହି ସମସ୍ୟାର ସମାଧାନ କରୁଛି ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ସର୍ଭିସ୍...**

**ଆଇଡ୍ରାଇଭ୍ :** ଏହା ଅନ୍ୟ ସମସ୍ତ ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ସର୍ଭିସ୍ ତୁଳନାରେ ଶସ୍ତା ଏବଂ ଏହାର ଷ୍ଟୋରେଜ୍ କାପାସିଟି ହେଉଛି ୨(ଟିବି)ଟେରା ବାଇଟ୍ ୨୦୦୦ ଜିବି(ଗିଗା ବାଇଟ୍)। ଏହା ଡେସ୍କଟପ୍, ଲାପ୍‌ଟପ୍, ମୋବାଇଲ ଏବଂ ୱେବ୍ ପ୍ଲାଟ୍‌ଫର୍ମରେ ଭଲ କାମ କରିଥାଏ। ଏହାର ପ୍ରାଇଭେସି ପଲିସି ଅନୁସାରେ ଆପଣଙ୍କ ପର୍ସନାଲ ଡାଟା, ସେସନ୍ ରିପୋର୍ଟ ଆଦି ସୁରକ୍ଷିତ ରହିଥାଏ। ଏଥିରେ ରିଷ୍ଟୋର କରିବା ଲାଗି ମଧ୍ୟ ଅନେକ ଅପ୍ସନ ରହିଛି ଯାହାକି ଖୁବ୍ ୟୁଜର ଫ୍ରେଣ୍ଡଲି।

**ଲାଇଭ୍ ଡ୍ରାଇଭ୍:** ଯଦିଓ ଏଥିରେ ଟପ୍ ଟିୟର ଫିଚସ ଭଳି ଫାଇଲ୍ ଏକ୍ସପ୍ଲୋରର ଇଣ୍ଟିଗ୍ରେଶନ୍ ତଥା ଲଗାତର ବ୍ୟାକ୍‌ଅପ୍ ନେବାର ବିକଳ୍ପ ନାହିଁ ତଥାପି ଏଥିରେ ଥିବା ଆପ୍ଲିକେଶନ୍ ସିଧାସଳଖ ବ୍ୟାକ୍‌ଅପ୍ ଅପ୍ସନ ଯୋଗାଉଥିବାରୁ ଉଭୟ କମ୍ପ୍ୟୁଟର ଏବଂ ମୋବାଇଲ ଉପଭୋକ୍ତାଙ୍କ ଲାଗି ସୁବିଧାଜନକ ହୋଇଥାଏ।

**କାବ୍ରୋନାଇଟ୍:** ଏହା ଏକ ପ୍ରତିଷ୍ଠିତ ଅନ୍‌ଲାଇନ୍ କ୍ଲାଉଡ୍ ବ୍ୟାକ୍‌ଅପ୍ ସର୍ଭିସ। ଏହା ବ୍ୟକ୍ତିଗତ, ଘରୋଇ ତଥା ବିଜ୍‌ନେସ୍ ଡାଟା ବ୍ୟାକ୍‌ଅପ୍ ଲାଗି ବ୍ୟବହାର କରାଯାଇଥାଏ। ଏଥିରେ ଅନ୍‌ଲିମିଟେଡ୍ ଷ୍ଟୋରେଜ ସୁବିଧା ରହିଛି। ବିଶେଷକରି ଏଥିରେ ବେଶ୍ ଭଲ ମୋବାଇଲ ଆପ୍ ଉପଲବ୍ଧ। ଏଥିରେ ପ୍ରିମିୟମ୍ ଆକାଉଣ୍ଟ ଲାଗି ଏକ୍ସଟର୍ନାଲ ଏବଂ ନେଟ୍‌ୱର୍କ ଡ୍ରାଇଭ୍ ବ୍ୟାକ୍‌ଅପ୍ ଅପ୍ସନରେ ପ୍ରତିବନ୍ଧକ ରହିଛି।

**ବ୍ଲାକ୍‌ବ୍ଲେଜ୍:** ଏହାର ଫିଚର୍ସ ଅନ୍ୟ ସମସ୍ତ ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ସର୍ଭିସ୍‌ଠାରୁ ନିଆରା, ଯାହାକି ଖୁବ୍ ୟୁଜର ଫ୍ରେଣ୍ଡଲି। ଏହାର ଲାଟେଷ୍ଟ ଏଡିଶନ ଫାଇଲ୍ ଶେୟାରିଂ ଅପ୍ସନ ବେଶ୍ କାମରେ ଆସୁଛି।

**ସ୍ପାଇଡରଓକ୍‌ୱାନ୍:** ନିଜ ଡାଟାର ଅନ୍‌ଲାଇନ୍ ସୁରକ୍ଷାକୁ ନେଇ ଚିନ୍ତିତ ଥିଲେ ଏହି ସର୍ଭିସ ଆପଣଙ୍କ ଲାଗି ବେଷ୍ଟ ଅପ୍ସନ। କାରଣ ଏଥିରେ ସିକ୍ୟୁରିଟି ଏବଂ ପ୍ରାଇଭେସି ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିରେ ଫୋଲ୍ଡରଗୁଡିକ ଇନ୍‌କ୍ରିପ୍ଟେଡ୍ ରହିଥାଏ ଏବଂ ରିଷ୍ଟୋର ସମୟରେ ମଧ୍ୟ ଡାଟା ସୁରକ୍ଷିତ ରହିଥାଏ।

**ଆକ୍ରୋନିକ୍ ଟ୍ରୁ ଇମେଜ୍:** ଏହା ଉଭୟ ଅନ୍‌ଲାଇନ୍ ଏବଂ ଲୋକାଲ ବ୍ୟାକ୍‌ଅପ୍‌ର କମ୍ବିନେଶନ ସର୍ଭିସ୍ ଯୋଗାଇଥାଏ, ଯାହାର ଲଗାତର ଚାଲିଥିବା ବ୍ୟାକ୍‌ଅପ୍ ସିଙ୍କିଙ୍ଗ୍ ଅପ୍ସନ ଏବଂ ଆଡଭାନ୍ସ ଶେୟାରିଂ ଫିଚର ଖୁବ୍ ଭଲ। ଏହାର ଲାଟେଷ୍ଟ ଏଡିଶନରେ ବ୍ୟାକ୍‌ଅପ୍ ଡାଟାଗୁଡ଼ିକର ସୁରକ୍ଷା ଲାଗି ବିଶେଷ ଧ୍ୟାନ ଦିଆଯାଇଛି।

**ଏସ୍‌ଓଏସ୍ ଅନ୍‌ଲାଇନ୍ ବ୍ୟାକ୍‌ଅପ୍:** ଏହା ଖୁବ୍ ତୀବ୍ର ଏବଂ ସମସ୍ତ ପ୍ରତିଯୋଗୀ ଆପ୍ ତୁଳନାରେ ଭଲ ସର୍ଭିସ୍ ଯୋଗାଇଥାଏ। ଏଥିରେ ଥିବା ସୋଶାଲ ଫିଚର ଅନ୍‌ଲାଇନ୍ ସହିତ କେତେକ ଲୋକାଲ ଫୋଲ୍ଡରରେ ମଧ୍ୟ ବ୍ୟାକ୍‌ଅପ୍ ଅଫର କରିଥାଏ।

## କ'ଣ କରନ୍ତି ଏମାନେ...



ପୁଷ୍ପାଞ୍ଜଳି

**ପୁଷ୍ପାଞ୍ଜଳି ନାୟକ** (ପିଜି ଛାତ୍ରୀ, ପାଣିକୋଇଲି, ଯାଜପୁର)- ବର୍ତ୍ତମାନ ସୁଦ୍ଧା କେବେ କୌଣସି ଡାଟାର ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ରଖୁ ନ ଥିଲି। କିନ୍ତୁ ଜଣେ ସାଙ୍ଗର ମୋବାଇଲ ଏସ୍‌ଡି କାର୍ଡ ହଠାତ୍ କରପ୍ଟ ହୋଇଗଲା। ସେ ସାଇତି ରଖିଥିବା କେତେଦିନର ଫଟୋ ଏବଂ ଅନ୍ୟ ଡାଟା ସବୁ ରିଷ୍ଟୋର କରି ନ ପାରି ଖୁବ୍ ମନଦୁଃଖ କରିଥିଲା। ନିଜେ ଏଭଳି ଅସୁବିଧାର ସମ୍ମୁଖୀନ ଯେପରି ନ ହୁଏ, ତେଣୁ ଯଥାଶୀଘ୍ର ଅନ୍‌ଲାଇନ୍ କ୍ଲାଉଡ୍ ବ୍ୟାକ୍‌ଅପ୍ ସର୍ଭିସ୍ ବ୍ୟବହାରକରି ନିଜ ସବୁ ଡାଟା ଷ୍ଟୋର କରିନେଇଛି।



ନୀତେଶ

**ନୀତେଶ ଗୋପାଳ** (କମିଶନରେଟ ପୋଲିସ, ଫୁଲନଖରା, କଟକ)- ମୋବାଇଲ ହେଉ କି କମ୍ପ୍ୟୁଟର ଇଲେକ୍ଟ୍ରୋନିକ୍ ଡିଭାଇସ୍ ଉପରେ ଭରସା ନାହିଁ। କାରଣ ଏହା କେତେବେଳେ ହଠାତ୍ ଖରାପ ହୋଇଯାଇପାରେ। ତେଣୁ ମୋ ମତରେ ଏଥିରେ ଷ୍ଟୋର କରି ରଖୁଥିବା ଡାଟାର ସୁରକ୍ଷା ଲାଗି ଯଥା ସମୟରେ ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ନେଇଯିବା ହିଁ ବୁଦ୍ଧିମତ୍ତାର କାମ।

## ଏ ସପ୍ତାହର ପ୍ରଶ୍ନ

୧- ନ୍ୟାଶନାଲ ସ୍କିଲ୍ ଡେଭେଲପମେଣ୍ଟ କର୍ପୋରେଶନର ବର୍ତ୍ତମାନ ମୁଖ୍ୟ .... ?
୨-କାର୍‌ଗିଲ ଶ୍ରଦ୍ଧାଞ୍ଜଳି ସଙ୍ଗୀତ........... ରଚନା କରିଛନ୍ତି ?
୩- 'ୱାର୍ ଓଭର ୱାର୍ଡ୍ସ: ସେନ୍ସରଶିପ୍ ଇନ୍ ଇଣ୍ଡିଆ,୨୦୩୦-୨୦୬୦' ପୁସ୍ତକର ଲେଖକ .......... ?
୪- ୨୧ତମ କମନୱେଲ୍‌ଥ ଟେବୁଲ ଟେନିସ୍ ଚାମ୍ପିୟନଶିପ୍...... ରାଜ୍ୟରେ ଆୟୋଜନ କରାଯାଇଛି ?
୫- ସେଣ୍ଟର ଫର୍ ଡିଏନ୍‌ଏ ଫିଙ୍ଗରପ୍ରିଣ୍ଟିଂ ଆଣ୍ଡ ଡାଏଗ୍ନୋଷ୍ଟିକ୍ସର ହେଡ୍‌କ୍ୱାର୍ଟର୍ସ ....... ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଷ୍ଟେପ୍ ୱିଥ୍ ରେଫ୍ୟୁଜିସ୍
୨ ରଶିଦ ଖାନ୍
୩ ପଞ୍ଜାବ
୪ ଅରବିନ୍ଦ କୁମାର
୫ ସୁଇଜରଲାଣ୍ଡର ଲୌସାନେ

## ଉତ୍ତର ଦାତା



କିରନ୍ କୁମାର ମହାନ୍ତି, ଫୁଲବାଣୀ



ରନିଶା ଦାସ, ଭୁବନେଶ୍ୱର



ଲିପିପ୍ରଭା ବେହେରା, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

ଯୁବ ପ୍ରତିଭା

# ସଙ୍ଗୀତ ହିଁ ଜୀବନ



ବିଦିଶା ପାତ୍ର

ପ୍ରତ୍ୟେକଙ୍କ ଜୀବନର ଏକ ଲକ୍ଷ୍ୟ ଥାଏ, ଯାହାକି ସଫଳ ହୁଏ ସାଧନା ଏବଂ କଠିନ ପରିଶ୍ରମ ଦ୍ୱାରା। ସେଭଳି ଏକ ଲକ୍ଷ୍ୟ ନେଇ ଜୀବନଯାତ୍ରାରେ ଆଗକୁ ଆଗକୁ ବଢୁଛନ୍ତି ସେ। ପିଲାବେଳୁ ସଙ୍ଗୀତ ପ୍ରତି ରହିଥିବା ଦୁର୍ବଳତା ଆଜି ତାଙ୍କୁ ଦେଇଛି ସଫଳତା ପରେ ସଫଳତା। ଆଉ ମାତ୍ର ୧୯ ବର୍ଷ ବୟସରେ ରାଜ୍ୟର କୋଣ ଅନୁକୋଣରେ ଜଣେ କଣ୍ଠଶିଳ୍ପୀ ଭାବେ ସୃଷ୍ଟି କରିପାରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ ଆଉ ଢେର ସାଉଁଟିଛନ୍ତି ପ୍ରଶଂସା। ସେ ହେଉଛନ୍ତି ବ୍ରହ୍ମପୁରର ଯୁବ କଣ୍ଠଶିଳ୍ପୀ ବିଦିଶା ପାତ୍ର। ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନର ଆନ୍ଥ୍ରୋପୋଲୋଜି ପାଠ୍ୟକ୍ରମରେ ତୃତୀୟ ବର୍ଷରେ ଅଧ୍ୟୟନରତ ଏହି କଣ୍ଠଶିଳ୍ପୀ ଏବେ ରାଜ୍ୟ ସଙ୍ଗୀତ ଦୁନିଆର ଏକ ପରିଚିତ ଚେହେରା। ବି. ସୁନୀତା ପାତ୍ର ଓ ବି. ନିରଞ୍ଜନ ପାତ୍ରଙ୍କ କନ୍ୟା ବିଦିଶା ମାତ୍ର ୩ ବର୍ଷ ବୟସରୁ ସଙ୍ଗୀତ ଦୁନିଆରେ ପାଦ ଥାପିଥିଲେ। ପିଲାବେଳୁ ହିଁ ତାଙ୍କ ସଙ୍ଗୀତ ଗାନ ଶୈଳୀ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରୁଥିଲା ଏବଂ ସେ ବିଭିନ୍ନ ସ୍କୁଲ ସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିଲେ। ତେବେ ପ୍ରଥମ ଥର ପାଇଁ ୨୦୧୭ରେ ଶ୍ରେଷ୍ଠ ବ୍ରହ୍ମପୁର କାର୍ଯ୍ୟକ୍ରମ ମଞ୍ଚରେ ସଙ୍ଗୀତ ପରିବେଷଣକରି ଚର୍ଚ୍ଚିତ ହୋଇଥିଲେ। ୟୁଟ୍ୟୁବ୍‌ରେ ମେରେ ଢୋଲନା, ୟେ ତୋ ସଚ୍ ହେ କି ଭଗବାନ ହେ... ଭଳି ଗୀତକୁ ପୁନର୍ବାର ଗାଇ ସେ ସାରା ରାଜ୍ୟରେ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଏହାପରେ ସେ ପଛକୁ ଫେରିନାହାନ୍ତି। ଗଞ୍ଜାମ ଜିଲା ଲୋକକଳା ମହୋତ୍ସବ, ମହାନଗର ମହୋତ୍ସବ ଭଳି ବହୁ ଜିଲାସ୍ତରୀୟ ମହୋତ୍ସବରେ ସଙ୍ଗୀତ ପରିବେଷଣକରି ଦର୍ଶକଙ୍କୁ ବିଭୋର କରିଛନ୍ତି। ୨୦୧୮ରେ ଭଦ୍ରକର ଓଡ଼ିଶା ରାଜ୍ୟ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ରଜ ମହୋତ୍ସବରେ ପ୍ରଥମ କରି ଜଜ୍ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଚଳିତବର୍ଷ ଭଞ୍ଜନଗରଠାରେ ଅନୁଷ୍ଠିତ ଘୁମୁସର ଟାଲେଣ୍ଟସ କାର୍ଯ୍ୟକ୍ରମରେ ଜଜ୍ ଭାବେ ଯୋଗଦେବାର ସୁଯୋଗ ଲାଭ କରିଥିଲେ। ଏଥିସହ ବ୍ରହ୍ମପୁରର ଏକଲବ୍ୟ କଳାନିକେତନର ଏକ ଉତ୍ସବରେ ଅଶ୍ୱିନୀ କୁମାର ମହାପାତ୍ର ସ୍ୱର ସଂଯୋଜନା ଏବଂ ପ୍ରଭାତ କୁମାର ପାତ୍ରଙ୍କ ରଚିତ ଏକ ସଙ୍ଗୀତରେ କଣ୍ଠଦାନ କରିଛନ୍ତି। ସରକାରଙ୍କ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ରଚିତ 'ସ୍ୱଚ୍ଛ ମୋ ଭାରତ ବର୍ଷ' ସଙ୍ଗୀତରେ ମଧ୍ୟ କଣ୍ଠଶିଳ୍ପୀ ଚନ୍ଦନ ଗନ୍ତାୟତ, ପ୍ରଭାତ ପାତ୍ରଙ୍କ ସହ ସେ କଣ୍ଠଦାନ କରିଛନ୍ତି। ସ୍ୱଳ୍ପ ବୟସରେ ନିଜସ୍ୱ ପ୍ରତିଭା ପାଇଁ ୨୦୧୫-୧୬ ଏବଂ ୨୦୧୬-୧୭ରେ ମୁଖ୍ୟମନ୍ତ୍ରୀ ଟ୍ରଫି ହାସଲ କରିଛନ୍ତି। ଭଦ୍ରକର ଓଡ଼ିଶା ରାଜ୍ୟ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ୨୦୧୮ରେ ଆୟୋଜିତ ରାଜ୍ୟସ୍ତରୀୟ ରଜ ମହୋତ୍ସବରେ ଶ୍ରେଷ୍ଠ ଗାୟିକା ଭାବେ କଳାଶ୍ରୀ ସମ୍ମାନ, ୨୦୧୯ରେ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ, ଭଦ୍ରକରେ ଓଡ଼ିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ(ଓୟୁଜେ) ପକ୍ଷରୁ ସମ୍ମାନିତ ହୋଇଛନ୍ତି। ବର୍ତ୍ତମାନ ଭୁବନେଶ୍ୱର ସଙ୍ଗୀତ ଆଚାର୍ଯ୍ୟ ସମ୍ମାନପ୍ରାପ୍ତ ଗୁରୁ ରଜନୀକାନ୍ତ ପାଢ଼ୀଙ୍କ ନିକଟରେ ହିନ୍ଦୁସ୍ଥାନୀରେ ଭୂଷଣ-୧ରେ ସଙ୍ଗୀତ ଶିକ୍ଷା ଲାଭ କରୁଥିବା ବିଦିଶା ହଜିଯାଉଥିବା ଶାସ୍ତ୍ରୀୟ ସଙ୍ଗୀତକୁ ପୁନର୍ଜୀବିତ କରିବା ଲକ୍ଷ୍ୟ ରଖିଛନ୍ତି। ସଙ୍ଗୀତ ବ୍ୟତୀତ ଆଗାମୀ ଦିନରେ ଫୋରେନ୍ସିକ ଆନ୍ଥ୍ରୋପୋଲୋଜି ଉପରେ ରିସର୍ଚ୍ଚ କରିବାକୁ ଥିବା କହିଛନ୍ତି। କୌଶିକ ଚକ୍ରବର୍ତ୍ତୀ, କେ.ଏସ୍. ଚିତ୍ରାଙ୍କୁ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ନିଜର ଆଦର୍ଶ ଭାବେ ଗ୍ରହଣ କରୁଥିବା ବେଳେ ନିଜ ମାତାପିତା ଏବଂ ଭାଇଙ୍କ ସମର୍ଥନ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଉଛି ବୋଲି ସେ ପ୍ରକାଶ କରିଛନ୍ତି।

-ଆଶୀର୍ବାଦ ରାଉତ

ଜାଣନ୍ତୁ ଦୁନିଆ

# ପ୍ରଜାପତି

**ପ୍ରକୃତିର ଏକ ଅନନ୍ୟ ସୃଷ୍ଟି ହେଉଛି ପ୍ରଜାପତି। ଏହାର ରଙ୍ଗବେରଙ୍ଗ ସୌନ୍ଦର୍ଯ୍ୟରେ ଯେ କେହି ବି ଆକର୍ଷିତ ହୋଇଯାଏ। ତେବେ ଏହା ବିଷୟରେ ଏଭଳି ଅନେକ ତଥ୍ୟ ରହିଛି ଯାହା ସମ୍ପର୍କରେ ହୁଏତ ସଭିଏଁ ଅବଗତ ନ ଥିବେ। ଆସନ୍ତୁ, ଜାଣିବା ସେ ସମ୍ପର୍କରେ...**





- ପ୍ରଜାପତି ପାଦରେ ସ୍ୱାଦଗ୍ରନ୍ଥି ଥିବାରୁ ସେମାନେ ନିଜ ପାଦ ସାହାଯ୍ୟରେ ସ୍ୱାଦ ଚାଖିପାରନ୍ତି। ମାଈ ପ୍ରଜାପତି ପାଦ ତଳେ ଛୋଟ ଛୋଟ କଣ୍ଟା ରହିଛି, ଯେଉଁଥିରେ ସେ ଗଛରେ ଥିବା କେମିକାଲକୁ ଚିହ୍ନଟ କରି ଠିକ୍ ଗଛ ପାଇବା ପରେ ସେଥିରେ ଅଣ୍ଡା ଦିଅନ୍ତି। କେବଳ ଏତିକି ନୁହେଁ, ସେମାନେ ପାଦ ସାହାଯ୍ୟରେ ନିଜ ଖାଦ୍ୟ ପାଇଁ କେଉଁ ଗଛରେ ଅଧିକ ସର୍କରା ରହିଛି ମଧ୍ୟ ସନ୍ଧାନ କରନ୍ତି।
- ସେମାନେ କେବଳ ତରଳ ଖାଦ୍ୟ ଖାଇଥାନ୍ତି। ସେମାନଙ୍କ ମୁହଁରେ ଏକ ଶୁଣ୍ଢ ପରି ଗଠନ ରହିଛି ଯାହାଦ୍ୱାରା ସେମାନେ ଫୁଲ, ଫଳ ଆଦିରୁ ମହୁ ସଂଗ୍ରହ କରି ଖାଇଥାନ୍ତି।
- ପ୍ରଜାପତିଙ୍କୁ ବଞ୍ଚିବା ଲାଗି ଖଣିଜ ପଦାର୍ଥ ଏବଂ ଲବଣର ଆବଶ୍ୟକତା ହେଉଥିବାରୁ ସେମାନେ ପୋଖରୀରୁ କିମ୍ବା କାଦୁଅ ଥିବା ସ୍ଥାନରୁ ପାଣି ପିଅନ୍ତି।
- ପ୍ରଜାପତିର ପକ୍ଷୀ ରଙ୍ଗିନ ହୋଇଥିବାରୁ ମୋଟା ତଥା ଅସ୍ୱଷ୍ଟ ଲାଗିଥାଏ । କିନ୍ତୁ ବାସ୍ତବରେ ଏହାର ପକ୍ଷୀ ଟ୍ରାନ୍ସପରେଣ୍ଟ ବା ସ୍ୱଚ୍ଛ।
- ୫୫° ଫାରେନହିଟ୍‌ରୁ କମ୍ ତାପମାତ୍ରାରେ ପ୍ରଜାପତି ଥଣ୍ଡା ହୋଇଯାଆନ୍ତି ଏବଂ ଉଡ଼ିପାରନ୍ତି ନାହିଁ। ତେଣୁ ସେମାନେ ନିଜ ଉଡ଼ିବାରେ ସାହାଯ୍ୟ କରୁଥିବା ମାଂସପେଶୀକୁ ଗରମ କରିବା ଲାଗି ଖୁବ୍ ଜୋରରେ ଥରିଥାନ୍ତି କିମ୍ବା ସୂର୍ଯ୍ୟକିରଣର ସାହାଯ୍ୟ ନେଇଥାନ୍ତି।
- ପ୍ରଜାପତି ଖୁବ୍ କ୍ଷୁଦ୍ର ଆକାରର ଅର୍ଥାତ୍ ମାତ୍ର ୧-୮ଇଞ୍ଚରୁ ଆରମ୍ଭ କରି ୧୨ ଇଞ୍ଚ ପର୍ଯ୍ୟନ୍ତ ଅଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ, ଏହି କ୍ଷୁଦ୍ରଜୀବ ଘଣ୍ଟା ପ୍ରତି ୧୨ କି.ମି. ପର୍ଯ୍ୟନ୍ତ ବେଗରେ ଉଡ଼ିପାରେ।
- ଆଣ୍ଟାର୍କଟିକା ମହାଦେଶରେ ପ୍ରଜାପତି ଦେଖାଯାଆନ୍ତି ନାହିଁ।
- ପ୍ରଜାପତିର ବୟସସୀମା ଖୁବ୍ କମ୍ ଅର୍ଥାତ୍ ମାତ୍ର ୧-୨ ସପ୍ତାହ। ହେଲେ ବ୍ରିମ୍‌ଷ୍ଟୋନ୍ ପ୍ରଜାପତି ୯-୧୦ ମାସ ପର୍ଯ୍ୟନ୍ତ ବଞ୍ଚିଥାଏ।

# SUNDAY classifieds




## BRIDE WANTED

ତେଲିପାତ୍ର 55 1/2, ମାଟ୍ରିକ୍, କମ୍ପାନି ଚାକିରିଙ୍କ ପାଇଁ ସହୃଦୟା ପାତ୍ରୀ ଆବଶ୍ୟକ। 7377316197. D-13496

ଗୁଡ଼ିଆ ପାତ୍ର MBA, ଗୌରବର୍ଣ୍ଣ, 5'5", 36 ବର୍ଷ, ବାଙ୍ଗାଲୋରରେ ଚାକିରି, ଭୁବନେଶ୍ୱର ବାସିନ୍ଦା ଓ ଏକ ପୁତ୍ର ସନ୍ତାନ ଥିବା ପାତ୍ର ପାଇଁ ଗୌରବର୍ଣ୍ଣା, ଉଚ୍ଚଶିକ୍ଷିତା, 5'2", 25-35 ବର୍ଷ ମଧ୍ୟରେ ଥିବା ପାତ୍ରୀ ଆବଶ୍ୟକ। ଯୋଗାଯୋଗ: 7978322364, 9437230729. D-58100

## GROOM WANTED

Professional qualified matches for Muslim Girl, DOB: 1986, 5'4", working as Software Engineer. Mobile: 9437121410, 9937339699. D-37371

Khandayat girl 1993, 5'6", MBA, serving MNC, Bangalore. Sunasansar: 9937512659. D-66741

BBSR ସ୍ଥିତ Nurse 40k ପାଉଥିବା 28 ବୟସ୍କା divorcee ବ୍ରାହ୍ମଣଙ୍କ ପାଇଁ any caste ପୁଅ ଦରକାର। 9658674636. D-13516

Divorcee bride Lecturer 38, Engineer 35, Bank 43 (Caste-no-bar). 7873374269. D-67016

Bhubaneswar ବାସିନ୍ଦା 36 ବୟସ୍କା ଗରିବ ସୁନ୍ଦର, +2 pass ବ୍ରାହ୍ମଣ ଝିଅଙ୍କ ପାଇଁ ପୁଅ ଦରକାର। 7381366108. D-13434

Now Matrimonial ads. only on Wednesday & Sunday Book 1 Get 1 FREE




## SALE

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

**Gharabari boundary plot Tamando MCL boundary side, direct owner: 8144391451.** D-66739

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

**ଭୁବନେଶ୍ୱର KIIT ଜଗନ୍ନାଥ ମନ୍ଦିରଠାରେ ଘରବାରୀ plot 30' ରାସ୍ତା, ଇଲେକ୍ଟ୍ରି ଥାଇ ବିକ୍ରିହେବ। 6372824177.** D-66742

**11000sqft. boundarywall plot for sale near Hanspal NH-5, best for godown. 9040059669.** D-67014

ପିତାପଲ୍ଲୀ ଛକ NH ପାଖରେ sqft-399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

**2400sqft. BDA plot for sale at K9/A Patrapada. Contact: 8114860043.** D-64987

Plot for sale near SUM, Nuagaon, Ghatikia, Pitapali. 6371209927, 9337008959. D-64981

Flat for sale of 2BHK flat at NH road side Khordha 1km. from Khordha Hospital. 9439778849, 7381883881. D-64983

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67305

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m. ବାସୋପଯୋଗୀ plot 1200sqft. 5,40,000/- immediate possession/ registration. 9937032327, 9583328312. D-66730

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66927

SUM hospital ନିକଟରେ ଏବଂ Tamando ବଜାର Infocity-2 ପାଖରେ plot ମିଳୁଅଛି। 9439864322. D-66715

**Conversion demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରୋଡ଼ sideରେ 1200sqft. 6,60,000/-. 9437306208.** D-66728

Book a duplex Aiginia, Bhubaneswar, land area 1500 construction 2000, Price 72 lakh. 9078151122. D-67310

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66729

1BHK simplex 15,00,000/- finishing Hanspal, duplex Nakhara Road- 8093465134, 9668194157. D-67013

**ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ BDA yellowzone plot 30'road, ଇଲେକ୍ଟ୍ରିସିଟି ଥାଇ sqft 999/-, ପିପିଲି bypass ପାଖରେ 399/- ରେ ବିକ୍ରିହେବ। 8917502591.** D-66732

Corporate office space in DLF, Patia and Esplanade, Rasulgarh, Bhubaneswar: 9861066949, 8018595307. D-67203

**SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938991256, 9090556060.** D-66731

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ Viswass +2 Science କଲେଜକୁ ଲାଗି yellowzone ପ୍ଲଟ ମିଳୁଅଛି। 9348261968.** D-66738

2400sqft. commercial plot at Bomikhal near Ekamratalkies, Bhubaneswar: 9861066949, 8018595307. D-67201

**Bhubaneswar Pitapalliର BDA plot sqft. 549/-ରେ ମିଳୁଅଛି। 9090963952, 9937605788.** D-66737

645sqft. commercial space in Basudha tradecentre, Mastercanteen, Bhubaneswar: 9861066949, 8018595307. D-67202

**ଭୁବନେଶ୍ୱର ଗୀତା କଲେଜରୁ 4k.m ମେଣ୍ଢାଶାଳ ମୌଜାରେ satellitecity ପାଖରେ Demarcated Plot sqft.300/-ରେ ମିଳୁଅଛି। 9439857581.** D-66733

Yellowzone gharabari plots 3,166 sqft Badagada canalroad, simplex BJEM-(2) 12,80,000/- finance available, 7735738102. D-13481

Bhubaneswar-Pitapalli Chhaka ଠାରୁ 100 ମିଟର ଦୂରରେ BDA plot, Road, Electric, ପାଚେରି ସହିତ ଶସ୍ତାରେ କିଣନ୍ତୁ। Contact: 9348330874, 8144328828. D-13424

**Bhubaneswar AIIMS Medical ନିକଟରେ Govt. roadକୁ ଲାଗି BDA approved yellowzone gharabari plot- 1499/- 9777553622.** D-66736

Rathayatra special: Book BDA and bank approved flat nearly ready to move having all luxurious amenities. Few remain at Patrapada, Bhubaneswar, 500 meters from NH. 9238326233 / 9040072544. D-38559

**Bhubaneswar Mount Literazee School ଲାଗିକି ଘରବାରି ପ୍ଲଟ ନେଇ ଘର କରନ୍ତୁ। 9438859527.** D-66740

**2600 sft corner plot sale at CET College (SUM Hospital) near Durga Mandap, Bhubaneswar. Contact Deepak: 9937329999.** D-66262

15 Gunth land on NH near NICCO factory, Baripada. Contact: 8249204856. D-59863

**4000 sft plot sale at Satya Nagar, Bhubaneswar. Directly buyer contact Deepak: 9937329999 (Broker excuse).** D-66264

**2Bedroom ready to move flat at Pokhariput, Bhubaneswar, genuine buyers directly contact Deepak: 9937329999.** D-66265

2BHK flat near Garage chhak NH Bhubaneswar-2, Contact mob: 8763449127. D-65669

**4BHK ready to move duplex independent house at Khandagiri (Aiginia), Bhubaneswar (200 meters from NH-5) for immediate sale. Contact Deepak: 9937329999.** D-66263

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs, Contact - 9937059891, 8908292617.** D-13507

GA plot 2700sqft. with building 4300sqft. at Ghatikia, Bhubaneswar. Price 2crores, buyer please contact: 9178518254. D-67015

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13500

**5000 Plus sqft. residential plot for sale in Sishu Vihar, Patia. Ideal for Tutorials also. Contact directly 9871155802, 8240107574.** D-13515

**Ready to move 2BHK flat at Damana square, 3BHK flat at Nayapalli, Beherasahi next NH plot 2700 sqft at Sailashree Vihar back side of Jagannath temple, Chaturbuja Nirman Construction. Contact Mob- 7750072200, 8249222916.** D-13487

Bhubaneswar 3500 sqft clean freehold plot close to Jagamara bazar and main road for sale. Genuine buyers contact: 8114926011. D-13520

## LEASE

**Offering 8000 sqft. open land for lease @ Nuagaon Square, Puri Road, adjacent to NH-203, suitable for warehouse/ garage. Contact: 9611131676, 9437081529.** D-13302




Offering immediate stitching contract for Bedsheet, Pillow covers on monthly basis. 9438804164. D-13465




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13499

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714




3500sqft. godown space with an outhouse at Nayapalli, Bhubaneswar: 9861066949, 8018595307. D-67204

1700sqft. furnished office-godown near Railway Station, Kharvelnagar, Bhubaneswar- 9178577306. D-66734

Open space with boundary for rent of 30000sqft. for godown/ stockyard available opposite Synergy College, Nakhara, Bhubaneswar. Call: 9337122452. D-13476

**1BRK in Chakeisiani, Plot-3256, Near VSS Nagar. 6370138828, 7894435400.** D-13522

3000 sqft. 3rd floor and 1300 sqft. 4th floor adjacent to BMC mall, Sahid Nagar, Bhubaneswar for rent to Bank/ Office/ Corporates. Call: 9337122452. D-13477

Residential building 2BHK having 390 sqft. drawing / dining space & 2 toilets available to let at Lingipur, BBSR for Govt., corporate,bank officers / officials. Contact: 9437550247, 6371310370. D-13432

Showroom (semi furnished) 400sqft .at prime location (Indradhanu market, Nayapalli) to be given on rent Rs. 25000/-. No brokers. Contact: 7798442743, 9853878489. D-35845

2BHK, 2bathroom, drawing, dining, balcony, Gandamunda near ITER, BBSR, rent 9000/-. 8763216428. D-64989.

To let for others and previlage for old age. 9437764734. D-63953

Accommodation available for rent for banks, government, companies employees family only. 9337120003. D-36461

Luxurious air-conditioned official accomodation near Ravitalkies. Contact: 8249204856. D-59862

3BHK & 2BHK flats at mainroad, Unit-8, Soubhagya Nagar. 9000004523. D-64990

## ACCOMMODATION

Free & paid accommodation for senior citizens & mentally ill persons with all facilities. Contact: Help Line- 7609820341, 9337160036. D-13497




Fully refreshed/ relaxed body massage by expert therapist, Shastri Nagar. 7377984773. D-67312

Rejuvenate and ayurvedic full body massage by smart therapist: 9114402304. D-67311

Full body herbal massage with refreshment, expert therapist. 7381239385, 0674-2540855. D-67313

Experience full body massage with us (expert). Call: 7377048581, 0674-2597822. D-67314

Summer special mesmerizing offer expert therapeutic refreshing massage appointment: 9668374480. D-67307

Ayurvedic full body massage ladies & gents smart therapist. 9040900385. D-66926

Herbal full body massage by smart/expert therapist. Contact: 8338067247. D-67315

Newly opening Ayurvedic body massage smart therapist, Shree herbal, 775 0020754. D-67317

Kajal ayurvedic massage club fully relaxed by smart lady, home service available. 9937637219. D-66930

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

ମୁ ଶ୍ରୀମତି କାବେରି ପଟ୍ଟନାୟକ, pp-୧୬, ପାଣ୍ଡବ ନଗର, ଭୁବନେଶ୍ୱର ଜଣାଉଅଛି ଯେ ମୋର ଜାଗା ଦଲିଲ ନଂ– 1131114001, ଗତ ୧୫ ଜୁଲାଇ ୨୦୧୯ ରେ ଉତ୍ତରା ମାର୍କେଟ, ଭୁବନେଶ୍ୱରଠାରେ ହଜିଯାଇଅଛି। ଯଦି କୌଣସି ବ୍ୟକ୍ତି ପାଇଥାନ୍ତି ତେବେ ଫୋନ: 79781637686 ରେ ଜଣାଇବାକୁ ଅନୁରୋଧ। D-67017

## AFFIDAVIT

By an affidavit before Notary Public, Nuapada, I Ganesh Sahu, R/o- Salebhata, Po/Dist- Nuapada, declared that my name is Ganesh Sahu but in the R.O.R. my name is entered as Guneswar Sahu. That, both the names is the same and one person. D-37372

## CLASSIFIED BOOKING STATIONS

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**25th Marriage Anniversary**



**Alekh & Sangita**

True love never dies, it only grows stronger and truer with the passing of time. It's clear to see that your love is the strongest and truest kind.

Happy Marriage Anniversary

Best wishes from: Avinash, Aryan, relatives and friends, all brother and sweet sisters.

D-13530

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

# ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଭଜ ମୋହନ ସାହୁ**

ଆବିର୍ଭାବ: ୦୩।୦୧।୧୯୩୭
ତିରୋଧାନ: ୧୦।୦୭।୨୦୧୯

ଆଜି ତୁମର ଦ୍ୱାଦଶାହ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

**ଶୋକସନ୍ତପ୍ତ:**
ନାତି– ପିଣ୍ଟୁ, ଓମ୍, ନାତୁଣୀ: ରୋଜି, ସ୍ୱହା, ପୁଅ: ଟଙ୍କଧର, ରମେଶ, ବୋହୂ: ସବିତା, ସୁଜାତା, ଝିଅ: ମଞ୍ଜୁ, ସଞ୍ଜୁ, ରଞ୍ଜୁ, ବିଜୁ, ପରିବାର ଓ ବନ୍ଧୁବର୍ଗ।

ଧ–୧୩୫୧୭

### ତୃତୀୟ ବାର୍ଷିକ ସ୍ମୃତି ଦିବସ



**ସ୍ୱର୍ଗତ କମ୍ରେଡ ବନମାଳୀ ଜେନା**

ଆବିର୍ଭାବ: ୦୫।୦୪।୧୯୨୧
ତିରୋଧାନ: ୨୧।୦୭।୨୦୧୬
(ପଟିଆ)

ଆପଣଙ୍କ ପାଦ ପଦ୍ମରେ ଚିର ନମସ୍ୟ। ଆପଣ ସବୁ ଦେଇ ଯାଇଛନ୍ତି। ସୁପରିଚାଳନା କରିବା ଆମ୍ଭମାନଙ୍କର ଦାୟିତ୍ୱ।

**ଶ୍ରଦ୍ଧାଞ୍ଜଳି ସହ:**
କମ୍ରେଡ ବନମାଳୀ ଜେନା ସ୍ମୃତି କମିଟି
ପଟିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର।

ଧ–୧୩୪୮୬

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ ବିଦୁମଣୀ ଜେନା**

ଆବିର୍ଭାବ - ୦୫.୦୧.୧୯୪୨
ତିରୋଧାନ - ୧୩.୦୭.୨୦୧୭
ଶ୍ରାବଣ ମାସ କୃଷ୍ଣପକ୍ଷ ଚତୁର୍ଥୀ
ମାର୍କଣ୍ଡେଶ୍ୱର ସାହି,
ମାଟିତୋଟା ରୋଡ, ପୁରୀ

ବୋଉ ତୁ ଗଲାପରେ ଏଠି ସବୁଲାଗେ ଖାଁ ଖାଁ ଆଉ ଶୁଭୁନାହିଁ ତୋ ଗେଲ ବସରର ଡାକ ପାଗେଲା, ପାଗେଲା। ତୋବିନା ଶୂନ୍ୟ ଏଠି ତୋ କୋଠରିଟା ତୋ ସ୍ମୃତିକୁ ସାଉଁଟି ବାପା ବସୁଛନ୍ତି ଏକା ଏକା। ମିଳୁନାହିଁ ସେ କୋଠରିର କାନ୍ଥବାଡରୁ ସେଇ ଆତ୍ମୀୟତା। ଆମେ ହଜାଇ ବସିଛୁ ତୋରି ମମତା। ତୁ ଯାଇପାରୁ ଏ ପୃଥିବୀରୁ ତୋର ପାର୍ଥିବ ଶରୀରଟି ନେଇ। କିନ୍ତୁ ଯାଇ ପାରିବୁ ନାହିଁ ତୋ ପିଲାମାନଙ୍କ ହୃଦୟକୁ ଡେଇଁ। ଶୋକସନ୍ତପ୍ତ ପରିବାର ବର୍ଗ ସ୍ୱାମି-ଶ୍ରୀବସ୍ତ ଜେନା, ପୁତ୍ର-କାହ୍ନୁଚରଣ, ବଟକୃଷ୍ଣ, ନାରାୟଣ ବୋହୂ-ମାନସୀ,ନିନା,ମାମିନା, ଝିଅ-ଦମୟନ୍ତି,ଭାନୁ,ରୁନୁ ଜ୍ୱାଇଁ-ଭଜମନ, ପୂର୍ଣ୍ଣଚନ୍ଦ୍ର,ମାନଗୋବିନ୍ଦ ନାତି, ନାତୁଣୀ, ଅଣନାତି,ଅଣନାତୁଣୀ ପରିବାର ବର୍ଗ।

ଧ–୫୯୯୩୬

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ମଞ୍ଜୁଲତା ମିଶ୍ର**
ସ୍ୱାମୀ: ସୀତାକାନ୍ତ ମିଶ୍ର
ଶାସନ ଦାମୋଦରପୁର, ପୁରୀ ସଦର, ପୁରୀ–୨
ଆବିର୍ଭାବ: ୨୫।୦୨।୧୯୭୦
ତିରୋଧାନ: ୧୩।୦୭।୨୦୧୯

ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଭାବ ଆମର ପ୍ରେରଣାର ଉତ୍ସ ହେଉ। ଆଜି ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଶ୍ରଦ୍ଧାଞ୍ଜଳି ସହ:**
ପରିବାରବର୍ଗ ତଥା ଆତ୍ମୀୟସ୍ୱଜନ।

ଧ–୧୩୪୩୭

“ ଦେଶର ବ୍ୟାଙ୍କିଙ୍ଗ ସେକ୍ଟର ଏବେ ଖରାପ ସମୟ ଦେଇ ଗତିକରୁଛି। ଏହାକୁ ଏବେ ବହୁ ସମସ୍ୟା ଓ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡୁଛି।
– ନୀତିନ ଗଡ଼କରୀ, କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ



“ ବିମାନ ଯାତ୍ରୀଙ୍କ ସୁରକ୍ଷା ସହ କୌଣସି ସାଲିସ୍ କରାଯିବ ନାହିଁ। ଯାତ୍ରୀ ଭଡ଼ା ବୃଦ୍ଧି ଅଭିଯୋଗ ମିଥ୍ୟା।
– ହରଦୀପ ସିଂ ପୁରୀ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ



## ସଂକ୍ଷେପରେ

### ବନ୍ଦ ହେବ ଆଦିତ୍ୟ ବିର୍ଲା ପେମେଣ୍ଟସ ବ୍ୟାଙ୍କ

ନୂଆଦିଲ୍ଲୀ,୨୦-୭: ନୂଆ ଯୁଗର ପେମେଣ୍ଟ ବ୍ୟାଙ୍କ ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିଛି। ଭୋଡ଼ାଫୋନର ଏମ୍ ପୈସା ପରେ ଆଦିତ୍ୟ ବିର୍ଲା ଆଇଡିଆ ପେମେଣ୍ଟସ ବ୍ୟାଙ୍କ ବନ୍ଦ ହୋଇଯିବ। ମାତ୍ର ୧୭ ମାସ ପୂର୍ବେ ଆରମ୍ଭ ହୋଇଥିବା ଏହି ବ୍ୟାଙ୍କ ଆସନ୍ତା ୨୬ରୁ ସମସ୍ତ ନେଣଦେଣ ବନ୍ଦ କରିବାକୁ ଘୋଷଣା କରିଛି। ଗ୍ରାହକ ନିଜ ଆକାଉଣ୍ଟରେ ଥିବା ଟଙ୍କାକୁ ଅନ୍ୟ ବ୍ୟାଙ୍କକୁ ସ୍ଥାନାନ୍ତର କରିବାକୁ ଆଇଡିଆ ପେମେଣ୍ଟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

### ପିଏମ୍ କିଷାନରେ ଯୋଡ଼ି ହେବେ ୭୦ ମିଲିୟନ ଚାଷୀ

ନୂଆଦିଲ୍ଲୀ,୨୦-୭: କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଘୋଷଣା ହୋଇଛି। ତେବେ ଏହି ଯୋଜନାରେ ଏବେ ଅଧିକ ଜମି ଥିବା ଚାଷୀ ମଧ ଯୋଡି ହେଉଛନ୍ତି। ଫଳରେ ଏହି ଯୋଜାନରେ ସାମିଲ ହେବା ଲାଗି ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ଜୋର୍ ଧରିଛି। କେନ୍ଦ୍ର ସରକାର ଦେଶର ୧୪୫ ମିଲିୟନ ଚାଷୀଙ୍କ ପଞ୍ଜୀକରଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିବା ବେଳେ ଜୁଲାଇ ଶେଷ ସୁଦ୍ଧା ଏହାର ଅଧା ଅର୍ଥାତ୍ ପ୍ରାୟ ୭୦ ମିଲିୟନ ଏଥିରେ ଯୋଡି ହେବେ ବୋଲି ପିଏମ୍ କିଷାନ ସିଇଓ ବିବେକ ଅଗ୍ରୱାଲ ପ୍ରକାଶ କରିଛନ୍ତି। ଡିସେମ୍ବର ୨୦୧୮ରୁ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ପ୍ରଥମ କିସ୍ତି ପ୍ରଦାନ କରାଯାଇସାରିଲାଣି। ଅଦ୍ୟାବଧି ୫୪.୧ ମିଲିୟନ ଚାଷୀ ଉକ୍ତ ଯୋଜନାରେ ନିଜକୁ ପଞ୍ଜୀକରଣ କରିଛନ୍ତି।

### ଦରମା ବଢ଼ାଇଲେନି ମୁକେଶ

ନୂଆଦିଲ୍ଲୀ,୨୦-୭: ଦେଶର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀ କ୍ରମାଗତ ୧୧ ବର୍ଷ ଧରି ନିଜ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜରେ ନିଜର ଦରମା ନ ବଢ଼ାଇ ୧୫ କୋଟି ଟଙ୍କାରେ ସ୍ଥିର ରଖିଛନ୍ତି। ତେବେ ଚଳିତବର୍ଷ ମାର୍ଚ୍ଚରେ ଶେଷ ହେଉଥିବା ଆର୍ଥିକ ବର୍ଷରେ କମ୍ପାନୀର ଡାଇରେକ୍ଟରମାନଙ୍କର ବେଶ୍ ଦରମା ବଢ଼ିଛି। ସେଥିରେ ତାଙ୍କର ନିକଟ ସମ୍ପର୍କୀୟ ନିଖିଲ ଓ ହିତଲ ମେସୱାନୀ ମଧ ସାମିଲ ରହିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ ପ୍ରକାଶିତ ବାର୍ଷିକ ରିପୋର୍ଟରୁ ଏହା ଜଣାପଡିଛି। ଆର୍ଆଇଏଲ୍ର ସିଏମ୍ଡି ଭାବେ ମୁକେଶ ଆର୍ଥିକ ବର୍ଷ ୨୦୧୮-୧୯ରେ ପାରିଶ୍ରମିକ ଓ ଉତ୍ତା ବାବଦରେ ୪.୪୫ କୋଟି ଟଙ୍କା ନେଇଛନ୍ତି। ୨୦୧୭-୧୮ରେ ଏହା ୪.୪୯ କୋଟି ଟଙ୍କା ଥିଲା। ୨୦୦୯ ଅକ୍ଟୋବରରୁ ମୁକେଶ ନିଜ ଦରମା ୧୫ କୋଟି ଟଙ୍କାରେ ସୀମିତ ରଖିବାକୁ ଘୋଷଣା କରିଥିଲେ।

### ଆମେରିକା ବାଦାମ ଉପରୁ ସୀମାଶୁଳ୍କ କମିବନି

ନୂଆଦିଲ୍ଲୀ,୨୦-୭: ଆମେରିକାରୁ ଆସୁଥିବା ଆଲ୍ମଣ୍ଡ(ବାଦାମ) ଉପରୁ ସୀମାଶୁଳ୍କ ହ୍ରାସ କରିବାକୁ ଆମେରିକାର ଅନୁରୋଧକୁ ଭାରତ ପ୍ରତ୍ୟାଖ୍ୟାନ କରିଦେଇଛି। ଗତ ମାସରେ ଆମେରିକାରୁ ଆସୁଥିବା ଆଲମଣ୍ଡ, ଅଖରୋଟ ଉପରେ ଭାରତ ସୀମାଶୁଳ୍କ ବୃଦ୍ଧି କରିଛି। ଗତ ସପ୍ତାହରେ ବାଣିଜ୍ୟ ପ୍ରତିନିଧିଙ୍କ ଭାରତ ଗସ୍ତ କାଳରେ ଆଲ୍ମଣ୍ଡ ଉପରୁ ସୀମାଶୁଳ୍କ ହ୍ରାସ କରିବାକୁ ଆମେରିକା ପକ୍ଷରୁ ଅନୁରୋଧ କରାଯାଇଥିଲା।

# ଭାରତ ହାତ ଧରିବାକୁ ଚାଇନା ରାଜି

ନୂଆଦିଲ୍ଲୀ,୨୦-୭

**ଆମେରିକା ସହ ଟ୍ରେଡ୍ ୱାର୍**



- ଆହ୍ୱାନ ଦେଲେ ନବନିଯୁକ୍ତ ଚାଇନା ରାଷ୍ଟ୍ରଦୂତ
- ବାଣିଜ୍ୟ ଅସମାନତା ନେଇ ଭାରତ ସହ ଆଲୋଚନା ହେବ
- ଭାରତ-ଚାଇନା ବାଣିଜ୍ୟ ନିଅଣ୍ଟ ୫% କମିଛି
- ସଂରକ୍ଷଣବାଦ, ଏକପକ୍ଷବାଦିତା ବିରୋଧରେ ଲଢ଼ିବାକୁ ହେବ

ଆତଙ୍କବାଦ୍ ଓ ସୀମା ବିବାଦ ସମେତ ବହୁ ପ୍ରସଙ୍ଗରେ ଭାରତ ବିରୋଧୀ ମନୋଭାବ ପୋଷଣ କରୁଥିବା ଚାଇନା ଏବେ ଆମେରିକା ବିରୋଧରେ ଟ୍ରେଡ୍ ୱାର୍‌ରେ ସାମିଲ ହେବାକୁ ଆହ୍ୱାନ ଦେଇଛି। ଏଥିଲାଗି ଭାରତ ସହିତ ଥିବା ନିଜର ବାଣିଜ୍ୟ ଅସନ୍ତୁଳନକୁ ଦୂର କରିବା ନେଇ ଆଲୋଚନା କରିବାକୁ ରାଜି ଥିବା ପଡୋଶୀ ଦେଶ କହିଛି।

ଚାଇନା ପକ୍ଷରୁ କୁହାଯାଇଛି ଯେ, ଏହା ବାଣିଜ୍ୟ ଅସମାନତା ନେଇ ଭାରତର ଚିନ୍ତାକୁ ବୁଝୁଛି ଏବଂ ଏଥିଲାଗି ଆଲୋଚନା ଟେବୁଲକୁ ଆସିବାକୁ ଚାହେଁ। ଏଥିସହିତ ବାଣିଜ୍ୟରେ ଥିବା ସଂରକ୍ଷଣବାଦ୍ ବିରୋଧରେ ଲଢ଼େଇରେ ଭାରତର ସହଯୋଗ ନେଇ ଚାଇନା ରାଜିଥିବା କହିଛି।

ଭାରତରେ ଚାଇନାର ନବନିଯୁକ୍ତ ରାଷ୍ଟ୍ରଦୂତ ସନ୍ ୱେଇଡଙ୍ଗ କହିଛନ୍ତି ଯେ, ବାଣିଜ୍ୟ ଅସମାନତା ଦୂର ନେଇ ତାଙ୍କ ଦେଶ ଗମ୍ଭୀର। ଭାରତ ସହ ଟ୍ରେଡ୍ ସରପ୍ଲସ ନେଇ ଚାଇନା କେବେ ହେଲେ ଯୋଜନାବଦ୍ଧ ରଣନୀତି ଆପଣାଇନାହିଁ। ଚାଇନାକୁ ଭାରତରୁ ଚାଉଳ ଓ ଚିନି ଆମଦାନୀ ବୃଦ୍ଧି ପାଇଛି। ଏହାବ୍ୟତୀତ ଭାରତୀୟ ଔଷଧ ଓ କୃଷି ଉତ୍ପାଦର ଆମଦାନୀ ବୃଦ୍ଧି ଉପରେ ଏବେ ଚାଇନା ସରକାର ବିଚାର କରୁଛନ୍ତି ବୋଲି ସନ୍ କହିଛନ୍ତି। ନିକଟରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଚାଇନାକୁ ଭାରତୀୟ ଉତ୍ପାଦ ଆମଦାନୀ ୧୫% ବୃଦ୍ଧି ପାଇଛି। ଏହାବ୍ୟତୀତ ଗତବର୍ଷ ଚାଇନା ବଜାରରେ ଭାରତୀୟ କୃଷି ଉତ୍ପାଦ ରପ୍ତାନି ମଧ ଦ୍ୱିଗୁଣା ହୋଇଛି। ନିଜର ଫାର୍ମାସ୍ୟୁଟିକାଲ ବଜାରରେ ପ୍ରବେଶ ପାଇଁ ଚାଇନା ଭାରତୀୟ ଔଷଧ କମ୍ପାନୀଙ୍କୁ ଅନୁମତି ଦେଉ ବୋଲି ଭାରତ ଦୀର୍ଘଦିନ ହେଲା ଦାବି କରିଆସୁଛି। ଆମେରିକା ସହ ଟ୍ରେଡ ୱାର୍ ଆରମ୍ଭ ହେବା ପରେ ଚାଇନା ପକ୍ଷରୁ ଭାରତୀୟ ଉତ୍ପାଦ ଆମଦାନୀ ବଢ଼ାଯିବା ଯୋଗୁ ଦୁଇ ଦେଶ ମଧ୍ୟରେ ଥିବା ବାଣିଜ୍ୟ ଅସନ୍ତୁଳନ ୯୫.୫ ବିଲିୟନ ଡଲାରରୁ ହ୍ରାସ ପାଇ ୫୭ ବିଲିୟନ ଡଲାରରେ ପହଞ୍ଚିଛି। ଭାରତରେ ଚାଇନାର ରାଷ୍ଟ୍ରଦୂତ ସନ୍ କହିଛନ୍ତି ଯେ, ଚଳିତ ବର୍ଷର ପ୍ରଥମ ୬ ମାସରେ ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ପରିମାଣ ୫% ହ୍ରାସ ପାଇଛି। ଏଣୁ କ୍ରମାଗତ ପ୍ରୟାସ କରାଗଲେ ଦୁଇ ଦେଶର ବାଣିଜ୍ୟ ସମ୍ପର୍କରେ ସନ୍ତୁଳନ ଆସିପାରିବ ଏବଂ ଏହାକୁ ନିୟନ୍ତ୍ରିତ କରାଯାଇପାରିବ। ସୂଚନାଥାଉ କି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଆମେରିକା ଫାଷ୍ଟ' ନୀତି ଆପଣାଇଛନ୍ତି। ଫଳରେ ଏହା ଚାଇନା ସହ ଟ୍ରେଡ୍ ୱାର୍‌ରେ ସାମିଲ ହୋଇଛି। ଚାଇନାରୁ ଆମଦାନୀ ହେଉଥିବା ପ୍ରାୟ ୨୫୦ ବିଲିୟନ ଡଲାର ଉତ୍ପାଦ ଉପରେ ଆମେରିକା ୨୫% ଶୁଳ୍କ ବଢ଼ାଇ ଦେଇଛି। ଚାଇନା ସହ ବାଣିଜ୍ୟ ନିଅଣ୍ଟ ପରିମାଣ ୫୩୯ ବିଲିୟନ ଡଲାର ଥିବା ବେଳେ ଏହାକୁ ହ୍ରାସ କରିବା ଲାଗି ଆମେରିକା କ୍ରମାଗତ ଚାପ ସୃଷ୍ଟି କରିଚାଲିଛି। ଅନ୍ୟପକ୍ଷରେ ଆମେରିକାକୁ ମଧ ଚାଇନା ଯେସାକୁ ତେସା ନୀତିରେ ଜବାବ ଦେଇ ଚାଇନା ସେଦେଶର ଉତ୍ପାଦ ଉପରେ ଟାରିଫ ବୃଦ୍ଧି କରିଛି। ଅନ୍ୟପକ୍ଷରେ ଭାରତରୁ ଆମଦାନୀ କରୁଥିବା ଷ୍ଟିଲ୍ ଓ ଆଲୁମିନିୟମ ଉପରେ ଆମେରିକା ଟାରିଫ୍ ବୃଦ୍ଧି କରିବା ପରେ ଭାରତ ମଧ ଆମେରିକାର ୨୮ ଉତ୍ପାଦ ଉପରେ ଶୁଳ୍କ ବଢ଼ାଇ ଦେଇଛି। ପରୋକ୍ଷରେ କହିବାକୁ ଗଲେ ଆମେରିକା ଏବେ ଉଭୟ ଚାଇନା ଓ ଭାରତ ସହ ଟ୍ରେଡ୍ ୱାର୍‌ରେ ସାମିଲ ହୋଇଛି। ଭାରତ ଓ ଚାଇନା ଏକାଠି ହୋଇ ଟ୍ରେଡ ୱାର୍ ମୁକାବିଲା କରିବା ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ବାଣିଜ୍ୟ କ୍ଷେତ୍ର ନିୟନ୍ତ୍ରିତ ହେବ ଏବଂ ଏହା ଏକ ଧାରାକୁ ଫେରିପାରିବ। ଏହାଦ୍ୱାରା ବିକାଶଶୀଳ ଦେଶଗୁଡ଼ିକର ସ୍ୱାର୍ଥରକ୍ଷା ହୋଇପାରିବ ବୋଲି ସନ୍ ଯୁକ୍ତି ଦର୍ଶାଇଛନ୍ତି। ଭାରତ ଓ ଚାଇନା ସହ ଆମେରିକାର ଟ୍ରେଡ ୱାର୍ ସମ୍ପର୍କରେ ସିଧାସଳଖ ଉଲ୍ଲେଖ ନ କରି ସେ କହିଛନ୍ତି ଯେ, ଏକ ଦଶନ୍ଧି ମଧ୍ୟରେ ଆମେ ଏବେ ଅଭୁତପୂର୍ବ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛୁ। ଉଭୟ ଭାରତ ଓ ଚାଇନା ସଂରକ୍ଷଣବାଦ୍ ଚ୍ୟାଲେଞ୍ଜର ସାମ୍ନା କରୁଛନ୍ତି । ତେଣୁ ଉଭୟ ଦେଶ ଏକତ୍ର ହୋଇ ବହୁପକ୍ଷବାଦିତା ଓ ଆର୍ଥିକ ବୈଶ୍ୟିକରଣ ପାଇଁ ଲଢ଼େଇ କରିବାକୁ ହେବ। ନେପାଳ, ବାଂଲାଦେଶ ଏବଂ ଶ୍ରୀଲଙ୍କାରେ ଚାଇନାର ବିଶାଳ ପୁଞ୍ଜିନିବେଶ ସମ୍ପର୍କରେ ଉଲ୍ଲେଖ ନ କରି ସନ୍ କହିଛନ୍ତି ଯେ, ଚାଇନା-ଭାରତ ପ୍ଲସ୍ ନୀତି ଆପଣାଇବାକୁ ହେବ।



## ଛାତ୍ରୀଛାତ୍ରଙ୍କ ସହ 'ସୁପର-୩୦' ଦେଖିବେ ଆନନ୍ଦ କୁମାର

ଭୁବନେଶ୍ୱର, ୨୦-୭

ସୁପର-୩୦ର ପ୍ରତିଷ୍ଠାତା ଆନନ୍ଦ କୁମାର ରାଜ୍ୟର ଛାତ୍ରୀଛାତ୍ରଙ୍କ ସହ ରବିବାର ସ୍ଥାନୀୟ ଏକ ସିନେମା ହଲ୍‌ରେ ଏହି ଚଳଚ୍ଚିତ୍ରକୁ ଦେଖିବେ। ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ, ଆକାଶ ଭୁବନେଶ୍ୱର ସେଣ୍ଟରର ନିର୍ଦ୍ଦେଶକ ତଥା ଜିନ୍ଦେଗୀ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଜୟ ବାହାଦୂର ସିଂ ସୁପର-୩୦ ଚଳଚ୍ଚିତ୍ର ପ୍ରଦର୍ଶନ ନେଇ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିରେ ଆନନ୍ଦ କୁମାରଙ୍କ ଭାଇ ପ୍ରଣବ କୁମାର ମଧ ଉପସ୍ଥିତ ରହିବେ। ସିନେମାଟି ଆନନ୍ଦ କୁମାରଙ୍କ ସୁପର-୩୦ ପ୍ରତିଷ୍ଠାନ ସହ ଜଡିତ। ଆନନ୍ଦ କୁମାରଙ୍କ ଭୂମିକାରେ ହ୍ରିତିକ ରୋଶନ ଅଭିନୟ କରିଛନ୍ତି। ସିନେମାଟି ୭୦ କୋଟି ବ୍ୟବସାୟ କରିସାରିଛି। ସୁପର-୩୦ ଦ୍ୱାରା ଅନୁପ୍ରାଣିତ ହୋଇ ଓଡ଼ିଶାରେ ଗରିବ ମେଧାବୀଙ୍କ ଲାଗି ଜିନ୍ଦେଗୀ ଫାଉଣ୍ଡେଶନ ପ୍ରତିଷ୍ଠା କରିଥିବା ଏ.ବି. ସିଂ କହିଛନ୍ତି। ଏହା ଦ୍ୱାରା ଗରିବ ମେଧାବୀଙ୍କୁ ମାଗଣାରେ ରହିବା,ଖାଇବା ବ୍ୟବସ୍ଥା ସହ ମେଡିକାଲ କୋଚିଂ ପ୍ରଦାନ କରାଯାଉଥିବା ସିଂ ସୂଚନା ଦେଇଛନ୍ତି। ଆନନ୍ଦ କୁମାରଙ୍କ ଏହି ଚଳଚ୍ଚିତ୍ର ଶିକ୍ଷକତାକୁ ନିଜର କ୍ୟାରିୟର ଭାବେ ଅନୁପ୍ରାଣିତ କରିବ। ଏହି ଚଳଚ୍ଚିତ୍ରର ବିଶେଷ ଆୟୋଜନ ସରକାରୀ ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଆକାଶ ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି।

# ଫାଷ୍ଟଟାଗ ନ ଥିଲେ ଲାଗିବ ଦୁଇଗୁଣ ଜରିମାନା

ନୂଆଦିଲ୍ଲୀ,୨୦-୭




ଜାତୀୟ ରାଜପଥ ବ୍ୟବହାର କରୁଥିବା ଗାଡ଼ିଚାଳକଙ୍କ ଜରୁରୀ ଖବର। ଡିସେମ୍ବର ପହିଲା ପୂର୍ବରୁ ଗାଡ଼ିରେ ଫାଷ୍ଟଟାଗ୍ ଲଗାଇ ନେବା ଭଲ ହେବ। ନଚେତ୍ ଡିସେମ୍ବର ପହିଲା ପରେ ଗାଡିରୁ ଦୁଇଗୁଣା ଜରିମାନା ଆଦାୟ କରାଯିବ। ଦେଶରେ ଇଲେକ୍ଟ୍ରୋନିକ ପେମେଣ୍ଟ ଓ ଇଲେକ୍ଟ୍ରୋନିକ ଟୋଲ୍ ଅସୁଲ କରିବା ଉଦ୍ଦେଶ୍ୟରେ ସରକାର ଏହି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ଡିସେମ୍ବର ପହିଲାରୁ ଦେଶର ସମସ୍ତ ଜାତୀୟ ରାଜପଥର ଟୋଲ୍ ଲେନ୍ ଫାଷ୍ଟଟାଗ୍‌ଯୁକ୍ତ ହେବ। କେବଳ ଗୋଟିଏ ଲେନ୍‌କୁ ହାଇବ୍ରିଡ ଲେନ୍ ଭାବେ ବ୍ୟବହାର କରାଯିବ। ଏହି ହାଇବ୍ରିଡ ଲେନ୍‌ରେ ଗାଡ଼ିଚାଳକ ନଗଦ ଅଥବା ଡିଜିଟାଲ ପେମେଣ୍ଟ ମାଧ୍ୟମରେ ଟୋଲ୍ ଟିକସ ଦେଇପାରିବେ। ଫାଷ୍ଟାଗ ଲାଗି ନ ଥିବା ଗାଡ଼ି ଯଦି ଏହି ଲେନ୍‌ରେ ପ୍ରବେଶ କଲେ ତାଙ୍କଠାରୁ ଡବଲ ଜରିମାନା ଆଦାୟ କରାଯିବ। ସୂଚନାଥାଉ କି, ଗତ ୩/୪ ବର୍ଷ ହେବ କେନ୍ଦ୍ର ସରକାର ଫାଷ୍ଟଟାଗ୍‌କୁ ପ୍ରୋତ୍ସାହିତ କରୁଛନ୍ତି। ଏହାଦ୍ୱାରା ଟୋଲ୍ ଗେଟ୍‌ରେ ଗାଡ଼ି ରହଣି ସମୟ ବହୁଳ ଭାବେ ହ୍ରାସ ପାଇଛି। ୨୦୧୮-୧୯ରେ ଜାତୀୟ ରାଜପଥରୁ ସରକାର ପ୍ରାୟ ୨୪ ହଜାର କୋଟି ଟଙ୍କା ଟୋଲ୍ ଆଦାୟ କରିଛନ୍ତି। କିନ୍ତୁ ଇ-ଟୋଲ୍ ଆଦାୟ ମାତ୍ର ୨୫%ରେ ସୀମିତ ରହିଥିଲା। ଇ-ଟୋଲ୍ ଆଦାୟ ହ୍ରାସ ପାଉଥିବାରୁ ସରକାର ଶେଷରେ ବାଧହୋଇ ଉକ୍ତ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ଏ ସମ୍ପର୍କରେ ବିଜ୍ଞପ୍ତି ଜାରି ହୋଇସାରିଛି। ସୂଚନାଥାଉ କି, ଫାଷ୍ଟଟାଗ୍ ଏଭଳି ଏକ ଡିଭାଇସ୍ ଯାହାକୁ ଗାଡ଼ିର ସାମ୍ନା କାଚରେ ଲଗାଇବାକୁ ପଡିଥାଏ। ଆର୍ଏଫ୍ଆଇଡି ଟେକ୍ନୋଲୋଜି ଆଧାରିତ ଫାଷ୍ଟାଗ୍ ଲାଗିଥିବା ଗାଡ଼ି ଟୋଲ୍ ଦେଇ ଯାଉଥିବା ବେଳେ ରେଡିଓ ଫ୍ରିକ୍ୱେନ୍ସି ଜରିଆରେ ଫାଷ୍ଟାଗ୍ ସ୍କାନ୍ ହୋଇଯାଇଥାଏ ଏବଂ ଟୋଲ୍‌ରେ ପେମେଣ୍ଟ ଅଟୋମେଟିକ ହୋଇଯାଏ। ଏଥିଯୋଗୁ ଟୋଲ୍‌ଗେଟରେ ଅଧିକ ସମୟ ରହିବାକୁ ପଡେ ନାହିଁ। ଏହି ଫାଷ୍ଟଟାଗ୍‌କୁ ବ୍ୟାଙ୍କ, ଇ-କମର୍ସ ପୋର୍ଟାଲ ଅଥବା ନିକଟସ୍ଥ ପେଟ୍ରୋଲ ପମ୍ପରୁ କିଣି ହେବ। ଫାଷ୍ଟଟାଗ୍‌କୁ ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ୍ କରିହେବ।

# କାମ ନ କରି ଏୟାର ଇଣ୍ଡିଆରୁ ନେଇଛନ୍ତି ଦରମା

ନୂଆଦିଲ୍ଲୀ,୨୦-୭: ଋଣରେ ବୁଡ଼ି ରହିଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ କ୍ରମାଗତ ଏଭଳି ଜଣେ ଅଧିକାରୀଙ୍କୁ ପ୍ରତିବର୍ଷ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦରମା ଦେଇଛି ଯିଏକି କମ୍ପାନୀରେ କାମ କରୁ ନ ଥିଲେ। ଏ ସମ୍ପର୍କରେ ତଥ୍ୟ ପ୍ରଘଟ ହେବା ପରେ ଏୟାର ଇଣ୍ଡିଆ ପକ୍ଷରୁ ସମ୍ପୃକ୍ତ ଅଧିକାରୀଙ୍କୁ ନୋଟିସ ଜାରି କରାଯାଇଛି। ବର୍ତ୍ତମାନ ସେହି ଅଧିକାରୀ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ)ରେ ମୁଖ୍ୟ ଫ୍ଲାଇଟ୍ ଅପରେଶନ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କ୍ୟାପଟେନ୍ ଅତୁଲ ଚନ୍ଦ୍ରା ଏୟାର ଇଣ୍ଡିଆରେ ଯୁଗ୍ମ ଜେନେରାଲ ମ୍ୟାନେଜର ଭାବେ ନିଯୁକ୍ତି ପାଇଥିଲେ। ତେବେ ତାଙ୍କୁ ୨୦୧୭ରେ ଡିଜିସିଏକୁ ଡେପୁଟେଶନରେ ପଠାଯାଇଥିଲା। ସେଠାରେ ସେ ମୁଖ୍ୟ ଫ୍ଲାଇଟ୍ ଅପରେଶନ ଇନ୍ସପେକ୍ଟର ଭାବେ ଦାୟିତ୍ୱ ଗ୍ରହଣ କଲେ। ପୂର୍ବରୁ ମଧ ସେ ଡିଜିସିଏରେ ଫ୍ଲାଇଟ ଅପରେଶନ୍ସ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରିଥିଲେ। ନିୟମ ଅନୁସାରେ ଜଣେ ବ୍ୟକ୍ତି ଦୁଇଟି ସରକାରୀ ପ୍ରତିଷ୍ଠାନରୁ ଦରମା ନେଇପାରିବେ ନାହିଁ କି କାମ କରିପାରିବେ ନାହିଁ। ତେବେ ଅତୁଲ ଚନ୍ଦ୍ରା ଏୟାର ଇଣ୍ଡିଆରୁ ଦରମା ନେଉଥିବା ବେଳେ ଏ ସମ୍ପର୍କରେ ସେ କାହାକୁ କିଛି ଜଣାଇ ନ ଥିଲେ।




ରେନୋ ପକ୍ଷରୁ ସମ୍ବଲପୁରରେ ନୂଆ ଡଷ୍ଟର ମଡେଲର ବଜାର ପ୍ରବେଶ କରାଯାଇଛି। ରେନଲ୍ଟ ଅଟୋମୋବାଇଲ୍ସ ସେଲ୍ସ ଡିଜିଏମ୍ ଅମୂଲ୍ୟରତ୍ନ ଦାସ ଏବଂ ଅନ୍ୟ କର୍ମଚାରୀମାନେ ଏହି ଅବସରରେ ଉପସ୍ଥିତ ଅଛନ୍ତି।

# 'ରାଜ୍ୟର ୨୦% ଲୋକ ବୀମାଭୁକ୍ତ'



କଟକ, ୨୦-୭

ଓଡିଶାର ୨୦% ଲୋକ ବୀମାଭୁକ୍ତ ଅଛନ୍ତି। ଏଠାରେ ଆହୁରି ୮୦% ଲୋକଙ୍କୁ ବୀମାଭୁକ୍ତ କରାଇବାର ଆବଶ୍ୟକତା ରହିଛି। ଏ ଦିଗରେ ଅଂଶୀଦାରମାନେ କାର୍ଯ୍ୟ କରିବା ଉଚିତ ବୋଲି ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି) ଅଧ୍ୟକ୍ଷ ଏମ୍ .ଆର୍. କୁମାର ଶନିବାର ଏହା କହିଛନ୍ତି। କଟକରେ କମ୍ପାନୀର ଅଧିକାରୀ ଏବଂ ଅଂଶୀଦାରଙ୍କୁ ଆହ୍ୱାନ ଜଣାଇ କୁମାର କହିଛନ୍ତି ଯେ, ପଲିସି ଧାରକଙ୍କ ଆବଶ୍ୟକତାକୁ ଦେଖିବାକୁ ହେବ। ସେହି ଅନୁଯାୟୀ ବୀମା ବିକ୍ରି ଏବଂ ଏନ୍ଏସିଏଚ୍ ମାଧ୍ୟମରେ ଅଧିକ ସଂଖ୍ୟାରେ ପ୍ରିମିୟମ ଦେୟ ସଂଗ୍ରହ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

କଟକ ମଣ୍ଡଳ କାର୍ଯ୍ୟାଳୟର ଆଧୁନିକୀକରଣ କାର୍ଯ୍ୟକୁ କୁମାର ଉଦ୍‌ଘାଟନ କରିଥିଲେ। ସେ ଅଧିକାରୀ, କର୍ମଚାରୀ, ଯନ୍ତ୍ରୀ ଏବଂ ଅଭିକର୍ତ୍ତାଙ୍କୁ ଉଦ୍‌ବୋଧନ ସହ ଶୁଭେଚ୍ଛା ପ୍ରଦାନ କରିଥିଲେ। ସେହିଭଳି ଏକ କାର୍ଯ୍ୟକ୍ରମରେ କୁମାର କଟକ ସମେତ ଭୁବନେଶ୍ୱର, ବ୍ରହ୍ମପୁର ଏବଂ ସମ୍ବଲପୁର ମଣ୍ଡଳର ସଫଳ ବିକାଶ ଅଧିକାରୀ, ସିଏଲ୍ଆଇଏ, ଅଭିକର୍ତ୍ତାଙ୍କୁ ଭେଟିଥିଲେ। କାର୍ଯ୍ୟକ୍ରମରେ ଇଡି ଡି.କେ.ବାନାର୍ଜି, ପୂର୍ବ ମଧକ୍ଷେତ୍ରୀୟ ପାଟନା କାର୍ଯ୍ୟାଳୟର ପ୍ରବନ୍ଧକ ମହେନ୍ଦ୍ର କୁମାର, ଆଞ୍ଚଳିକ ବିପଣନ ପ୍ରବନ୍ଧକ ଆର୍.ପି. ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅଶୋକ କୁମାର ରାଉତରାୟଙ୍କୁ ଅଧକ୍ଷ ସମ୍ମାନିତ କରିଥିଲେ।

# ଓଡ଼ିଶାରେ ମାନୁଫାକ୍‌ଚରିଂ ହେବ ଇ-ଯାନ

ଭୁବନେଶ୍ୱର, ୨୦-୭(ବ୍ୟୁରୋ)

ଓମ୍ ଜୟ ଇଭି ଲିମିଟେଡ ରାଜ୍ୟରେ ବ୍ୟାଟେରି ଚାଳିତ ଯାନ ନିର୍ମାଣ କରିବ। ଯାଜପୁର ଜିଲାର ବଡଚଣାଠାରେ ୧୦ ଏକର ପରିମିତ ସ୍ଥାନରେ କମ୍ପାନୀ ଏଥି ଲାଗି ଏକ ଷ୍ଟେଟ୍ ଅଫ୍ ଆର୍ଟ ମାନୁଫାକଚରିଂ ଫାସିଲିଟି ନିର୍ମାଣ କରୁଛି। ଏଥିରେ ବ୍ୟାଟେରି ଏବଂ ଚେଚିସ୍ ମଧ ପ୍ରସ୍ତୁତ କରାଯିବ। ବର୍ତ୍ତମାନ ସୁଦ୍ଧା ୟୁନିଟ୍‌ରେ ୮୦ କୋଟି ଟଙ୍କା ବିନିଯୋଗ କରାଯାଇଛି। ଆଗାମୀ ଦିନରେ ଏଥିରେ ୧୨୦ କୋଟି ଟଙ୍କା ନିବେଶ ହେବ ବୋଲି କମ୍ପାନୀର ନିର୍ଦ୍ଦେଶକ ହର୍ଷବର୍ଦ୍ଧନ ଦିଦ୍ୱାନିଆ ସୂଚନା ଦେଇଛନ୍ତି।

ଶନିବାର କମ୍ପାନୀ ପକ୍ଷରୁ ପ୍ରସ୍ତୁତ ୪ ମଡେଲକୁ ବଜାର ପ୍ରବେଶ କରାଇ ସେ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨୦,୦୦୦ ଯାନ ବିକ୍ରି କରିବାକୁ ଯୋଜନା ରହିଛି। ସେହିଭଳି ଶୀଘ୍ର ଆଉ ୧୦ ନୂଆ ମଡେଲ୍ ଆସିବ। ୟୁନିଟ୍‌ରୁ ଶୀଘ୍ର କମର୍ସିଆଲ ଉତ୍ପାଦନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଗଣେଶ ପୂଜା ବେଳକୁ ଯାନଗୁଡିକ ବଜାରକୁ ଆସିବ। ୟୁନିଟର ବାର୍ଷିକ ଉତ୍ପାଦନ କ୍ଷମତା ୨.୫ ଲକ୍ଷ ୟୁନିଟ ରହିଛି। ପ୍ରାଥମିକ ପର୍ଯ୍ୟାୟରେ ୮୦ ଲୋକଙ୍କୁ ନିଯୁକ୍ତ କରାଯାଇଛି। ପ୍ଲାଣ୍ଟ ପୂର୍ଣ୍ଣ କ୍ଷମତା ବ୍ୟବହାର ସ୍ଥିତିକୁ ଆସିଲେ ୪୫୦ ପ୍ରତ୍ୟକ୍ଷ ଏବଂ ୩ ହଜାର ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଡିଲର ନେଟୱର୍କ ସମ୍ପ୍ରସାରଣ ଉପରେ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି,ପ୍ରାଥମିକ ପର୍ଯ୍ୟାୟରେ ୨୫୦ ଡିଲର ନିଯୁକ୍ତି କରାଯିବାକୁ ଯୋଜନା ରହିଛି। ପଶ୍ଚିମବଙ୍ଗ, ଝାଡଖଣ୍ଡ, ଓଡ଼ିଶା, ଆସାମ ଏବଂ ମେଘାଳୟ ଭଳି ଅନ୍ୟ ରାଜ୍ୟରେ ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡିଶାରେ ୮ ଡିଲର ନିଯୁକ୍ତ କରାଯାଇଛି। ଏବେ ମଡେଲଗୁଡିକର ଘଣ୍ଟାପ୍ରତି ବେଗ ୨୫ କିମି ରହିଛି। ଏହା ଲିଡ୍ ଏସିଡ ଏବଂ ଲିଥିୟମ ଆୟନ ବ୍ୟାଟେରି ସହ ଆସୁଛି। ଲିଥିୟମ ଆୟନ ବ୍ୟାଟେରି ମଡେଲର ବଜାର ଦର ୫୫-୬୫ ହଜାର ଏବଂ ଲିଡ୍ ଏସିଡ ମଡେଲର ବଜାର ଦର ୪୫-୫୦ ହଜାର ଟଙ୍କା ରହିବ ବୋଲି ଅନୁମାନ କରାଯାଉଛି। ନୂଆ ମଡେଲଗୁଡିକ ଦ୍ୱାରା ଗ୍ରାହକ ବାର୍ଷିକ ୩୦ ହଜାର ଟଙ୍କା ସଞ୍ଚୟ କରିପାରିବେ। ଏହାର ମେଣ୍ଟେନାନ୍ସ ଖର୍ଚ୍ଚ ମଧ କମ୍ ବୋଲି ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ କମ୍ପାନୀର ନିର୍ଦ୍ଦେଶକ ଜୟପ୍ରକାଶ ଦିଦ୍ୱାନିଆ ଉପସ୍ଥିତ ଥିଲେ।



- ଓମ୍ ଜୟ ଇଭିର ୨୦୦ କୋଟି ଟଙ୍କାର ନିବେଶ ଯୋଜନା
- ସୃଷ୍ଟି ହେବ ୪୫୦ ପ୍ରତ୍ୟକ୍ଷ ନିଯୁକ୍ତି

**କମ୍ପାନୀର ବିଭିନ୍ନ ମଡେଲ...**

**ଫୋରଜୁ**
ମୋଟର ୨୫୦ ୱାଟ, ୬୦ ଭୋଲଟ ୨୦ ଏଏଚ୍ ଲିଥିୟମ ବ୍ୟାଟେରି, ଟପ୍ ସ୍ପିଡ ୨୫ କିମି, ରେଞ୍ଜ ୬୦-୭୦ କିମି; ଚାର୍ଜିଂ ସମୟ ୪ରୁ ୬ ଘଣ୍ଟା, ବୋସ୍ ମୋଟର, କିଲେସ୍ ଏଣ୍ଟ୍ରି, ଆଣ୍ଟି ଥେପ୍ଟ ଲକ୍, ୟୁଏସ୍‌ବି ପୋର୍ଟ, ଡିଟାଚେବଲ ବ୍ୟାଟେରି, ଏଚ୍ଏଲ୍ ଏଲ୍ଇଡି ଲାଇଟିଂ, ଡୁଆଲ ଡିସ୍କ ବ୍ରେକ।

**ଜେନିଆ**
ବୋସ ମୋଟର, କିଲେସ ଏଣ୍ଟ୍ରି, ଆଣ୍ଟି ଥେପ୍ଟ ଲକ୍, ୟୁଏସ୍‌ବି ପୋର୍ଟ, ଡିଟାଚେବଲ ବ୍ୟାଟେରି, ଏଚ୍ଏଲ୍ ଏଲଇଡି ଲାଇଟିଂ, ଡୁଆଲ ଡିସ୍କ ବ୍ରେକ,ମୋଟର ୨୫୦ ୱାଟ, ୬୦ ଭୋଲଟ ୨୦ ଏଏଚ୍ ଲିଥିୟମ ବ୍ୟାଟେରି, ଟପ୍ ସ୍ପିଡ ୨୫ କିମି, ରେଞ୍ଜ ୬୦-୭୦ କିମି; ଚାର୍ଜିଂ ସମୟ ୪ରୁ ୬ ଘଣ୍ଟା।

**ୱିଣ୍ଡ୍**
ମୋଟର ୨୫୦ ୱାଟ, ୬୦ ଭୋଲଟ ୨୦ ଏଏଚ୍ ଲିଡ ଏସିଡ, ଟପ୍ ସ୍ପିଡ ୨୫ କିମି, ରେଞ୍ଜ ୫୦-୬୦ କିମି; ଚାର୍ଜିଂ ସମୟ ୭ରୁ ୮ ଘଣ୍ଟା, କିଲେସ ଏଣ୍ଟ୍ରି, ଆଣ୍ଟି ଥେପ୍ଟ ଲକ୍, ୟୁଏସ୍‌ବି ପୋର୍ଟ, ଡିସ୍କ ବ୍ରେକ, ଏଚ୍ଏଲ୍ ଏଲ୍ଇଡି ଲାଇଟିଂ।

**ୟୋର୍**
କିଲେସ ଏଣ୍ଟ୍ରି, ଆଣ୍ଟି ଥେପ୍ଟ ଲକ୍, ୟୁଏସ୍‌ବି ପୋର୍ଟ, ଡିସ୍କ ବ୍ରେକ, ଏଚ୍ଏଲ୍ ଏଲ୍ଇଡି ଲାଇଟିଂ, ମୋଟର-୨୫୦ ୱାଟ, ୬୦ ଭୋଲଟ ୨୦ ଏଏଚ୍ ଲିଡ ଏସିଡ ବ୍ୟାଟେରି, ଟପ୍ ସ୍ପିଡ ୨୫ କିମି, ରେଞ୍ଜ ୫୦-୬୦ କିମି; ଚାର୍ଜିଂ ସମୟ ୭ରୁ ୮ ଘଣ୍ଟା।

"ପ୍ରିମିୟର ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ପ୍ରଥମ ଥର 'ଭିଡିଓ ରେଫରି ସିଷ୍ଟମ' ବ୍ୟବହାର ବେଳେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପରେ ।

**-ରିଚାର୍ଡ ମାଷ୍ଟର୍ସ, ପ୍ରିମିୟର ଲିଗ୍‌ର କାମଚଳା ମୁଖ୍ୟ କାର୍ଯ୍ୟନିର୍ବାହୀ**



"ଗତ ସିଜନରେ ନୈରାଶ୍ୟଜନକ ପ୍ରଦର୍ଶନକୁ ଭୁଲି ଏଥର କିପରି ବିଜୟ ମନୋଭାବ ନେଇ ଖେଳିବାକୁ ହେବ ତାହାର ପନ୍ଥା ଆମକୁ ବାହାର କରିବାକୁ ହେବ ।

**-ଏଡ୍ରୁ, ଆର୍ସେନାଲ ଫୁଟ୍‌ବଲ କ୍ଲବ ବୈଷୟିକ ନିର୍ଦ୍ଦେଶକ**



## ସଂକ୍ଷେପରେ

### ପେସ୍-ଡାନିଏଲ୍ ସେମିଫାଇନାଲରେ

**ନ୍ୟୁପୋର୍ଟ, ୨୦।୭ (ପି.ଟି.):** ଭାରତର ଭେଟେରାନ ଟେନିସ ଖେଳାଳି ଲିଆଣ୍ଡର ପେସ୍ ଏଟିପି ହଲ୍ ଅଫ୍ ଫେମ୍ ଓପନ ଟେନିସ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପେସ୍ ଓ ତାଙ୍କ ନ୍ୟୁଜିଲାଣ୍ଡ ପାର୍ଟନର ମାର୍କସ ଡାନିଏଲ୍ ୬-୪, ୫-୭, ୧୪-୧୨ ସେଟ୍‌ରେ ଅଷ୍ଟ୍ରେଲିଆ-ସ୍ୱିଡେନ ଯୋଡ଼ି ମାଥ୍ୟୁ ଏବ୍‌ଡେନ୍ ଓ ରବର୍ଟ ଲ୍ୟାଣ୍ଡଷ୍ଟେଡ୍ ଯୋଡ଼ିଙ୍କୁ ହରାଇ ଦେଇଛନ୍ତି। ୪୬ ବର୍ଷୀୟ ପେସ୍ ୧୯୯୫ରେ ପ୍ରଥମ ଥର ହଲ୍ ଅଫ୍ ଫେମ୍ ଓପନ୍‌ରେ ଖେଳିଥିଲେ। ଏଠାରେ କ୍ୱାର୍ଟର ଫାଇନାଲ ଜିତିବା ପରେ ୨୦୦୬ରେ ସାନ୍‌ଜୋସ୍‌ଠାରେ ଜନ୍ ମ୍ୟାକନୋର (୪୭ବର୍ଷ)ଙ୍କ ପରେ ସେ ସବୁଠାରୁ ବୟୋଜ୍ୟେଷ୍ଠ ଏଟିପି ଟୁର୍ ସେମିଫାଇନାଲିଷ୍ଟ ବିବେଚିତ ହୋଇଛନ୍ତି। ପେସ୍ କହିଛନ୍ତି, କଠିନ ପରିଶ୍ରମ ଯୋଗୁ ଏ ବୟସରେ ମଧ ମୁଁ ଖେଳରେ ତିଷ୍ଠି ରହିପାରିଛି। ଜ୍ୱରରେ ପୀଡ଼ିତ ଥିବା ଅବସ୍ଥାରେ ମୁଁ ଖେଳିଛି। ଯେଉଁ ସମୟରେ ଜଣେ ଚାହିଁବ ନାହିଁ ସେ ସମୟରେ ମୁଁ ଜିମ୍‌କୁ ଯାଇଛି।

### ବିଜେନ୍ଦରଙ୍କୁ ନୀରଜ ଓ ବିକାଶଙ୍କ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୨୦।୭(ପି.ଟି.):** ଆମେରିକାର ମାଇକ ସ୍ନିଡରଙ୍କୁ ପରାସ୍ତ କରି ଭାରତର ଷ୍ଟାର ବକ୍ସର ବିଜେନ୍ଦର ସିଂ କ୍ରମାଗତ ୧୧ତମ ପେସାଦାର ସର୍କିଟ୍‌ରେ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ ପାକିସ୍ତାନରେ ଜନ୍ମିତ ବ୍ରିଟିଶ ବକ୍ସର ଅମୀର ଖାନ ଭାରତର ଅନ୍ୟତମ ବକ୍ସର ନୀରଜ ଗୋୟାତଙ୍କ ସହ ଲଢ଼ିବାକୁ ଥିଲା। ଦୁର୍ଘଟଣାରେ ନୀରଜ ଆହତ ହେବାରୁ ଏହି ଲଢ଼େଇ ବନ୍ଦ ରହିଥିଲା। ତେବେ ବିଜେନ୍ଦର ଗୁରୁବାର କହିଥିଲେ ଯେ ଅମୀର କିଡ୍‌ଙ୍କ ସହ ଲଢ଼ିବା ବନ୍ଦ କରନ୍ତୁ, ମୋ ସହ ଲଢ଼େଇ କରନ୍ତୁ। ବିଜେନ୍ଦରଙ୍କ ଏହି ମନ୍ତବ୍ୟ ନୀରଜଙ୍କର ହଜମ ହୋଇ ନ ଥିଲା। 'ମୋତେ କିଡ୍ କହୁଛ, ମୁଁ ପ୍ରଥମ ଭାରତୀୟ ଭାବେ ଜଣେ ବିଶ୍ୱ ଚାମ୍ପିୟନଙ୍କୁ ତାଙ୍କ ଦେଶରେ ପରାସ୍ତ କରିଛି, ମୁଁ ଚାହୁଁଛି ତୁମେ ଆସନ୍ତା ନଭେମ୍ବରରେ ବିକାଶ କ୍ରିଷନ ଓ ମୋତେ ସାମ୍ନା କର' ବୋଲି ନୀରଜ ଟ୍ୱିଟ୍ କରିଛନ୍ତି। ସେହିପରି ଚଳିତ ଜାନୁୟାରୀରେ ପେସାଦାର ବକ୍ସର ପାଲଟିଥିବା ବିକାଶ ମଧ ନୀରଜଙ୍କ ଏହି ଚ୍ୟାଲେଞ୍ଜକୁ ସ୍ୱୀକାର କରିଛନ୍ତି। 'ନୀରଜ ଏବଂ ଅମୀର ସମାନ ଓଜନ ବର୍ଗର। ତେଣୁ ସେମାନଙ୍କୁ ଲଢ଼ିବାକୁ ଦିଅ ବୋଲି ବିକାଶ କହିଛନ୍ତି।

### ଆଲଜେରିଆକୁ ଦ୍ୱିତୀୟ ଆଫ୍ରିକାନ କପ୍

**କାଇରୋ,୨୦।୭(ଏଏଫ୍‌ପି):** ଦୀର୍ଘ ୨୯ ବର୍ଷ ପରେ ଆଲଜେରିଆ ପ୍ରଥମ ଥର ପାଇଁ ଆଫ୍ରିକାନ କପ୍ ହାତେଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ସେନେଗାଲକୁ ୧-୦ ଗୋଲରେ ହରାଇ ଆଲଜେରିଆ ଏହି ସଫଳତା ପାଇଛି। ଚାମ୍ପିୟନ ଦଳ ଲାଗି ବାଗଦାଦ ବୌନେଡଜା ଏକମାତ୍ର ଗୋଲ ଦେଇଥିଲେ। ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ହୋଇଥିବା ଗୋଲ ଫଳାଫଳ ନିର୍ଣ୍ଣୟ କରିବା ପାଇଁ ଯଥେଷ୍ଟ ସାବ୍ୟସ୍ତ ହୋଇଥିଲା। ତେବେ ଆଲଜେରିଆ ମୋଟ ଉପରେ ଦ୍ୱିତୀୟ ଓ ବିଦେଶୀ ମାଟିରେ ପ୍ରଥମ ଥର ପାଇଁ ଆଫ୍ରିକାର ସବୁଠୁ ବଡ଼ ଟୁର୍ନାମେଣ୍ଟ ଜିତିଛି। ଦଳ ପ୍ରଥମ ଥର ୧୯୯୦ରେ ଆୟୋଜକ ଦଳ ଭାବେ ଚାମ୍ପିୟନ ହୋଇଥିଲା।



ଭାରତ ଓ ସିଙ୍ଗାପୁର ମଧ୍ୟରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ମ୍ୟାଚ୍।



ମହିଳା ସିଙ୍ଗଲ୍ସରେ ଭାରତ-ସାଇପ୍ରସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

### ■ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ

# ସିଙ୍ଗଲ୍ସ ମୁଖ୍ୟ ଡ୍ର'ରେ ଭାରତର ୨୪

**କଟକ ଅଫିସ,୨୦।୭**

ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ୨୧ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶନିବାର ସିଙ୍ଗଲ୍ସ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳାଯାଇଛି। ଆୟୋଜକ ଭାରତର ମୋଟ ୨୪ଜଣ ଖେଳାଳି ମୁଖ୍ୟ ଡ୍ର'କୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିମଧ୍ୟରୁ ୮ଜଣ ସିଡେଡ୍ ଖେଳାଳି ସିଧାସଳଖ ମୁଖ୍ୟ ଡ୍ର'ରେ ସାମିଲ ହୋଇଥିବା ବେଳେ ୧୬ଜଣ ବିଜୟୀ ହୋଇ ଯୋଗ୍ୟତା ହାସଲ କରିଛନ୍ତି। ପୂଜା ସହସ୍ରବୁଦ୍ଧି, ରୀଥ ସିୟା, ସୁରଭି ପଟୱାରୀ ଭଳି ପ୍ରମୁଖ ଖେଳାଳି ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ପରାଜୟବରଣ କରି ଭାରତ ପାଇଁ ନିରାଶାଜନକ ସ୍ଥିତି ସୃଷ୍ଟି କରିଛନ୍ତି। କିନ୍ତୁ ଡବଲ୍ସ ଇଭେଣ୍ଟରେ ଏମାନଙ୍କ ପାଇଁ ଏବେ ବି ସୁଯୋଗ ରହିଛି। ରୀଥ ସିୟା ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାର ଚାମଥସାରାଙ୍କୁ ୧୧-୪, ୧୧-୭, ୧୧-୯ ଗେମରେ ପରାସ୍ତ କରିଥିଲେ। ମାତ୍ର ଦ୍ୱିତୀୟ ଗେମରେ ସିଙ୍ଗାପୁରର ଜୋଇ ଲିମଙ୍କଠାରୁ ୧୧-୯, ୧୦-୧୨, ୧୧-୭, ୯-୧୧, ୧୩-୧୫ରେ ପରାସ୍ତ ହୋଇଥିଲେ।



ସାଇପ୍ରସ୍ ବିପକ୍ଷ ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ରିଟର୍ନ ଶଟ୍ ଖେଳୁଛନ୍ତି ଭାରତୀୟ ପ୍ରତିଯୋଗୀ।

ସେହିପରି ପୂଜା ସହସ୍ରବୁଦ୍ଧି ସ୍କଟଲ୍ୟାଣ୍ଡର ଲାରା ଷ୍ଟିରଲିଂଙ୍କୁ ୧୧-୫, ୧୧-୮, ୧୧-୮ରେ ହରାଇଥିବା ବେଳେ ନାଇଜେରିଆର ଆଜୋକ ଓଜୋମୁଙ୍କ ଠାରୁ ୬-୧୧, ୭-୧୧, ୧୧-୧୩ରେ ଓ ସିଙ୍ଗାପୁରର ଟ୍ୟାନଲିନ ଜେସିଙ୍କ ଠାରୁ ୩-୧୧, ୧୩-୧୧, ୫-୧୧, ୧୨-୧୦, ୭-୧୧ ଗେମରେ ପରାସ୍ତ ହୋଇଥିଲେ। ସୁରଭି ପଟୱାରୀ ମାଲେସିଆ ବିପକ୍ଷରେ ବିଜୟୀ ହୋଇଥିବା ବେଳେ ସିଙ୍ଗାପୁରର ଖେଳାଳିଙ୍କଠାରୁ ପରାସ୍ତ ହୋଇଛନ୍ତି। ଯୋଗ୍ୟତା ହାସଲ କରିଥିବା ଖେଳାଳିମାନେ ହେଲେ ସାନିଲ ସେଠୀ, ସୁସ୍ମିତ ଶର୍ମା, ମାନୁଷ ସାହା, ଜିତ ଚନ୍ଦ୍ର, ରୋନିତ ଭଞ୍ଜ, ସୁଧାଂଶୁ ଗ୍ରୋଭର, କ୍ରୀତିକା ସିହ୍ନା ରୟ, ସୁତୀର୍ଥ ମୁଖାର୍ଜୀ, ଶ୍ରୀଜା ଆକୁଲା, ମୌସୁମୀ ପଲ, ପ୍ରପତି ସେନ, ଏସ୍.ଶୈଳନ୍ଦୀପତି, ଦିବ୍ୟା ଦେଶପାଣ୍ଡେ, ସାଗରିକା ମୁଖାର୍ଜୀ ଓ କେ. ଅନୁଶା।

### ଗ୍ୟାଲେରିରେ ବସ୍ତି ପିଲା

ଚାମ୍ପିୟନଶିପର ପ୍ରଚାର, ପ୍ରସାର କରାଯିବା ପାଇଁ ରାଜ୍ୟ ସଂଘ ପକ୍ଷରୁ ଅନେକ ବ୍ୟବସ୍ଥା କରାଯାଇଛି। ଶନିବାର ବସ୍ତିର ୫୦ଜଣ ପିଲାଙ୍କୁ ଖେଳ ଦେଖିବାର ସୁଯୋଗ ଦିଆଯାଇଥିଲା। ହମାରା ବଚପନ ସଙ୍ଗଠନ ପକ୍ଷରୁ ବସ୍ତି ପିଲାଙ୍କ ନିମନ୍ତେ ସମସ୍ତ ସୁବିଧା ସୁଯୋଗ କରି ଦିଆଯାଇଥିଲା। ଅପରାହ୍ନ ୩ଟାରେ ପିଲାମାନେ ଲାଇନ କରି ଷ୍ଟାଡିୟମ ଭିତରକୁ ପ୍ରବେଶ କରିଥିଲେ। ଖେଳାଳିଙ୍କୁ ଉତ୍ସାହିତ କରିବାରେ ଏହି ପିଲାମାନେ ହିଁ ମୁଖ୍ୟ ଭୂମିକା ପାଳୁଥିବା ଦେଖିବାକୁ ମିଳିଥିଲା।

### ଟିଟି ନୁହେଁ ଫୁଟବଲ, ବାସ୍କେଟବଲ ଖେଳାଳି

ଟିଟି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଦେଖିବାକୁ ଗ୍ୟାଲେରିରେ କିଛି ଜୁନିୟର ବର୍ଗର ଖେଳାଳି ଶନିବାର ଉପସ୍ଥିତ ଥିଲେ। ହେଲେ ଏମାନେ ଟିଟି ଖେଳାଳି ନୁହନ୍ତି ବରଂ, ଫୁଟବଲ ଓ ବାସ୍କେଟବଲର ଖେଳାଳି ଥିବା ଜଣାପଡ଼ିଥିଲା। କଟକ ସାଇ ହଷ୍ଟେଲର ଅନ୍ତେବାସୀଙ୍କୁ ଆମନ୍ତ୍ରଣ କରାଯାଇ ଗ୍ୟାଲେରି ଭର୍ତ୍ତି କରାଯାଉଥିବା ଜଣାପଡ଼ିଛି।

### ସେଲ୍‌ଫି ଜୋନ୍ ଷ୍ଟାଡିୟମ ଅଞ୍ଚଳ

ଷ୍ଟାଡିୟମ ପରିସର ଓ ସନ୍ନିକଟ ରାସ୍ତାକୁ ଆଲୋକମାଳାରେ ସଜା ଯାଇଥିବାରୁ ଏହା ଏବେ ସେଲଫି ଜୋନ ଭାବେ ସହରରେ ପରିଚୟ ପାଇଛି। ଅନେକ ଯୁବପିଢ଼ି ଏଠାକୁ ଖେଳ ଦେଖି ଆସିବା ସହ ସେଲଫି ନେବାର ମଜା ଉଠାଉଛନ୍ତି। ଏପରିକି ପ୍ରଥମଥର ନିମନ୍ତେ ଏହି ଅଞ୍ଚଳ ଏପରି ସୁନ୍ଦର ଦେଖାଯାଉଥିବା ସାଧାରଣରେ ମତ ପ୍ରକାଶ ପାଇଛି।

### 'ଓପନ' ହିଅରିଂ ଦାବି କଲେ ସନ୍

**ବେଜିଂ, ୨୦।୭ (ଏଏଫ୍‌ପି):** ସୁଇମିଂ ସୁପରଷ୍ଟାର ସନ୍ ୟାଙ୍ଗ୍ ତାଙ୍କ ଡୋପିଂ ମାମଲାର ଶୁଣାଣି ସର୍ବସାଧାରଣରେ କରିବା ଲାଗି ନିବେଦନ କରିଛନ୍ତି। ସନ୍ ଏକମାତ୍ର ସନ୍ତରଣକାରୀ ଭାବେ ୨୦୦, ୪୦୦ ଏବଂ ୧,୫୦୦ ମିଟର ଅଲିମ୍ପିକ ସ୍ୱର୍ଣ୍ଣ ଜିତିଛନ୍ତି। ସେ ତାଙ୍କ କ୍ୟାରିୟରରେ ଅନେକ ବିବାଦରେ ଛନ୍ଦି ହୋଇପଡ଼ିଛନ୍ତି। ବିଶ୍ୱ ସନ୍ତରଣ ପରିଚାଳନା ପରିଷଦ (ଫିନା) ଦ୍ୱାରା ଲିକ୍ ହୋଇଥିବା ଏକ ରିପୋର୍ଟ ଅନୁସାରେ ସନ୍ ଗତ ସେପ୍ଟେମ୍ବରରେ ଏକ ହାମରରେ ପ୍ରହାର କରି ନିଜ ବ୍ଲଡ ସାମ୍ପଲକୁ ନଷ୍ଟ କରିଦେଇଥିଲେ। ଏହା ସତ୍ତ୍ୱେ ଫିନା ସନ୍‌ଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଅନୁମତି ଦେଇଥିଲା। କିନ୍ତୁ ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ଏହି ନିଷ୍ପତ୍ତି ବିରୋଧରେ ସୁଇଜରଲାଣ୍ଡର ଲାଉସାନେସ୍ଥିତ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ରେ ଅପିଲ କରିଥିଲା। ମାମଲାର ଶୁଣାଣି ଆସନ୍ତା ସେପ୍ଟେମ୍ବରରେ ହେବ। ସନ୍‌ଙ୍କ ଆଇନ ପରାମର୍ଶଦାତାମାନେ ମାମଲାର ଶୁଣାଣି ସର୍ବସାଧାରଣରେ କରିବା ଲାଗି ଦାବି କରିଛନ୍ତି। ଏହାଦ୍ୱାରା ସନ୍‌ଙ୍କୁ ପ୍ରକୃତ ନ୍ୟାୟ ମିଳିବ ବୋଲି ସେମାନେ କହିଛନ୍ତି। ଫିଫା ରିପୋର୍ଟରେ ସ୍ଥାନ ପାଇଥିବା ଏହି ବିସ୍ଫୋରକ ବିଷୟ ଅଷ୍ଟ୍ରେଲିଆର ସଣ୍ଡେ ଟେଲିଗ୍ରାଫ୍‌ରେ ପ୍ରକାଶ ପାଇଥିଲା। ସନ୍‌ଙ୍କ ଓକିଲମାନେ ଅଭିଯୋଗ କରିଛନ୍ତି ଖବରକାଗଜଟିରେ ଅସମ୍ପୂର୍ଣ୍ଣ ରିପୋର୍ଟ ପ୍ରକାଶ ପାଇଛି। ସନ୍ତରଣକାରୀଙ୍କୁ ବଦନାମ କରିବା ଲାଗି ଏହା କରାଯାଇଛି।

### ଏଏଫ୍‌ସି ଯୋଗ୍ୟତା ପ୍ରଥମ ଲକ୍ଷ୍ୟ: ମେମୋଲ

**ନୂଆଦିଲ୍ଲୀ,୨୦।୭(ପି.ଟି.):** ଭାରତୀୟ ମହିଳା ଫୁଟବଲ ଟିମ୍ ଆଗାମୀ ଏଏଫ୍‌ସି କ୍ୱାଲିଫାୟର୍ସ ଉପରେ ଅଧିକ ଗୁରୁତ୍ୱ ଦେଉଛି ବୋଲି ମୁଖ୍ୟ କୋଚ୍ ମେମୋଲ ରକି ଶନିବାର କହିଛନ୍ତି। ଏହି ପ୍ରତିଯୋଗିତା ଭାରତୀୟ ଦଳକୁ ଆଗକୁ ଯିବା ଲାଗି ସହାୟତା କରିବ। ଏବେ ଆମକୁ ଏକ ହୋଇ ଆଗକୁ ବଢ଼ିବାକୁ ପଡ଼ିବ। ଆମେ ଅଲିମ୍ପିକ କ୍ୱାଲିଫାୟର୍ସର ଦ୍ୱିତୀୟ ରାଉଣ୍ଡରେ ପହଞ୍ଚି ମଧ ବିଫଳ ହୋଇଛୁ। ମାତ୍ର ଆମର ପରବର୍ତ୍ତୀ ଲକ୍ଷ୍ୟ ଏଏଫ୍‌ସି କ୍ୱାଲିଫାୟର୍ସ ଉପରେ ରହିବ। ଏସିଆନ ଚାମ୍ପିୟନଶିପ ଲାଗି ଯୋଗ୍ୟତା ହାସଲ କରିବା ଦଳ ପାଇଁ ବଡ଼ ସଫଳତା ହେବ। ଏଥିଲାଗି ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି ମେମୋଲ କହିଛନ୍ତି। ଶନିବାର ଭାରତୀୟ ଦଳ କୋଟିଫ କପ୍‌ରେ ଅଂଶଗ୍ରହଣ କରିବାକୁ ସ୍ପେନ ଅଭିମୁଖେ ଯାତ୍ରା କରିଛି। ଟୁର୍ନାମେଣ୍ଟରେ ଭାରତ ପ୍ରଥମ ମ୍ୟାଚରେ ଅଗଷ୍ଟ ୧ରେ ଗିନିକୁ ଭେଟିବ। **ଭାରତୀୟ ଦଳ:** ଲିନ୍ଥୋଇନଗାମ୍ବି ଦେବୀ, ଅଦିତି ଚୌହ୍ୱାନ, ସୌମ୍ୟା ନାରାୟଣସ୍ୱାମୀ(ସମସ୍ତେ ଗୋଲକିପର), ସ୍ୱିଟି ଦେବୀ, ଯବାମଣି ଟୁଡୁ, ଆଶାଲତା ଦେବୀ, ମିଚେଲ କାଷ୍ଟାହ୍ନା, ପାକପି ଦେବୀ(ସମସ୍ତେ ଡିଫେଣ୍ଡର), ସଂଗୀତା ବାସଫୋର, ସଞ୍ଜୁ ଯାଦବ, ରତ୍ନବାଳା ଦେବୀ, ମନିଷା, ରିତୁ ରାଣୀ, ଗ୍ରେସ ଲାଲରାମପରି, ରଞ୍ଜନା ଚାନୁ(ସମସ୍ତେ ମିଡଫିଲ୍ଡର), ଅନୁଷ୍କା ସାମୁଏଲ, ଡାଙ୍ଗମେୟୀ ଗ୍ରେସ, ଅଞ୍ଜୁ ତମାଙ୍ଗ, ବାଲା ଦେବୀ, ରେଣୁ, ରୋଜା ଦେବୀ ଓ ଦୟା ଦେବୀ(ସମସ୍ତେ ଫରୱାର୍ଡ)।



ତେଲୁଗୁ ଟାଇଟାନ୍ସ ଓ ୟୁ ମୁମ୍ବା ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍।

## ଉଦ୍‌ଘାଟନୀ ଜିତିଲା ୟୁ ମୁମ୍ବା

**ହାଇଦ୍ରାବାଦ,୨୦।୭**

**ପ୍ରୋ-କବାଡ଼ି ଲିଗ ସିଜନ-୭**

ସ୍ଥାନୀୟ ଗୋଚିବାଓ୍ୱଲି ଇନ୍‌ଡୋର ଷ୍ଟାଡ଼ିୟମରେ ପ୍ରୋ-କବାଡ଼ି ଲିଗ୍‌ର ସିଜନ-୭ ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚରେ ୟୁ ମୁମ୍ବା ୬ ପଏଣ୍ଟରେ ତେଲୁଗୁ ଟାଇଟାନ୍ସକୁ ପରାସ୍ତ କରି ବିଜୟରୁ ଅଭିଯାନ ଆରମ୍ଭ କରିଛି। ଫାଜଲ ଆଟ୍ରାଚାଲିଙ୍କ ନେତୃତ୍ୱାଧୀନ ୟୁ ମୁମ୍ବା ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରିଥିଲା। ଶେଷରେ ୟୁ ମୁମ୍ବା ଟିମ ୩୧-୨୫ ପଏଣ୍ଟରେ ତେଲୁଗୁ ଟାଇଟାନ୍ସକୁ ପରାସ୍ତ କରିବାରେ ସମର୍ଥ ହୋଇଥିଲା। ଅଭିଷେକ ସିଂ ଦଳ ଲାଗି ସର୍ବାଧିକ ୧୦ ପଏଣ୍ଟ ହାସଲ କରିଥିଲେ। ଅଭିଷେକ ସମସ୍ତ ପଏଣ୍ଟ ରେଡ୍ କରି ହାସଲ କରିଥିଲେ। ଅନ୍ୟପକ୍ଷରେ ଗତଥର ୟୁ ମୁମ୍ବାରୁ ଖେଳୁ ଥିବା ସିଦ୍ଧାର୍ଥ ଦେଶାଇ ଚଳିତ ଥର ତେଲୁଗୁ ଟାଇଟାନ୍ସ ପକ୍ଷରୁ ଖେଳିଥିଲେ ମଧ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ପ୍ରତିଯୋଗିତାର ଦ୍ୱିତୀୟ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ବେଙ୍ଗାଲୁରୁ ବୁଲ୍ସ ପାଟନା ପାଇରେଟ୍ସକୁ ମାତ୍ର ୨ ପଏଣ୍ଟରେ ପରାସ୍ତ କରିଛି। ଉଭୟ ଦଳ ମଧ୍ୟରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ବେଙ୍ଗାଲୁରୁ ୩୪-୩୨ ପଏଣ୍ଟରେ ବିଜୟୀ ହୋଇଥିଲା। ବେଙ୍ଗାଲୁରୁ ପକ୍ଷରୁ ପୱନ କୁମାର ଓ ପାଟନା ପକ୍ଷରୁ ପ୍ରଦୀପ ନରୱାଲ ଦଳ ଲାଗି ୧୦-୧୦ ପଏଣ୍ଟ ଅର୍ଜନ କରିଥିଲେ।

## ବୟସାଧିକ ଆଥଲେଟ୍ ଧରାପଡ଼ିଲେ ରାଜ୍ୟ ସଂଘ ସମ୍ପାଦକ ନିଲମ୍ବିତ ହେବେ

**ଆଗ୍ରା,୨୦।୭(ପି.ଟି.)**

ଜାତୀୟ ପ୍ରତିଯୋଗିତାରେ ଗୋଟିଏ ବର୍ଷରେ ୨ରୁ ଅଧିକ ବୟସାଧିକ ଅଥଲେଟ ଧରାପଡ଼ିଲେ ସେହି ରାଜ୍ୟ ସଂଘର ସମ୍ପାଦକ ନିଲମ୍ବନ ହେବେ ବୋଲି ଭାରତୀୟ ଆଥଲେଟିକ ମହାସଂଘ(ଏଏଫ୍‌ଆଇ) ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ବର୍ଷ ବର୍ଷ ଧରି ବୟସ ଜାଲିଆତି ସମସ୍ୟା ରହି ଆସିଥିବା ବେଳେ ସମ୍ପୃକ୍ତ ରାଜ୍ୟ ସଂଘର ମୁଖ୍ୟଙ୍କୁ ଏଥିଲାଗି ଉତ୍ତରଦାୟୀ କରିବା ପାଇଁ ଏଠାରେ ଅନୁଷ୍ଠିତ ଏଫ୍‌ଆଇର ବାର୍ଷିକ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ନିକଟରେ ରାଜ୍ୟ ସଂଘ ପକ୍ଷରୁ ଜାତୀୟ ପ୍ରତିଯୋଗିତାରେ ବୟସ ଜାଲିଆତି କରିଥିବା କେତେଜଣ ଆଥଲେଟ୍‌ଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ନିଲମ୍ବନ କରାଯାଇଥିଲା। ମାତ୍ର ବର୍ଷ ବର୍ଷ ଧରି ବୟସ ଜାଲିଆତି ବନ୍ଦ ହେଉ ନାହିଁ କି କମୁ ନାହିଁ। ତେବେ ଏଏଫ୍‌ଆଇ ଏହି ଜାଲିଆତି ରୋକିବା ଲାଗି କଡ଼ା ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଛି। ଏହି କ୍ରମରେ ଯଦି ଗୋଟିଏ ବର୍ଷରେ କୌଣସି ରାଜ୍ୟ ସଂଘର ୨ଜଣରୁ ଅଧିକ ଖେଳାଳି ବୟସ ଜାଲିଆତିରେ ଧରାପଡ଼ନ୍ତି ତେବେ ସମ୍ପୃକ୍ତ ରାଜ୍ୟ ସଂଘର ସମ୍ପାଦକଙ୍କୁ ଗୋଟିଏ ବର୍ଷ ନିଲମ୍ବନ କରାଯିବ ବୋଲି ଏଏଫ୍‌ଆଇ ସଭାପତି ଆଦିଲ ସୁମାରିୱାଲା କହିଛନ୍ତି। ସେହିପରି ଏଏଫ୍‌ଆଇ ପ୍ଲାନିଂ କମିଶନ ଅଧକ୍ଷ ଲଳିତ ଭାନତ କହିଛନ୍ତି ଯେ, ଏହି ନିଷ୍ପତ୍ତି ଅନୁଯାୟୀ ମହାସଂଘ ସମ୍ବିଧାନ ପରିବର୍ତ୍ତନ କରାଯିବ।

A.F.I. ATHLETICS FEDERATION OF INDIA

## ସ୍ୱର୍ଣ୍ଣ ଜିତିବାରେ ଶିବ ପ୍ରଥମ ଭାରତୀୟ

**ନୂଆଦିଲ୍ଲୀ, ୨୦।୭**

**ପ୍ରେସିଡେଣ୍ଟ୍ସ କପ୍ ବକ୍ସିଂ**

ଚାରିଥର ଏସିଆନ ପଦକ ବିଜେତା ଶିବ ଥାପ୍ପା ପ୍ରଥମ ଭାରତୀୟ ବକ୍ସର ଭାବେ କାଜାଖସ୍ତାନର ଅଷ୍ଟାନାଠାରେ ଚାଲିଥିବା ପ୍ରେସିଡେଣ୍ଟ୍ସ କପ୍ ବକ୍ସିଂ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ନୂତନଭାବେ ପ୍ରଚଳିତ ଅଲିମ୍ପିକ୍ସ କାଟେଗୋରି ୬୩ କେଜିରେ ତାଙ୍କ ପ୍ରଥମ ପଦାର୍ପଣରେ ସେ ଏହି ସଫଳତା ହାସଲ କରିଛନ୍ତି। ଥାପ୍ପା ଫାଇନାଲ ମୁକାବିଲା ଜାକିର ସାଫିଲୁଦ୍ଦିନଙ୍କ ସହିତ କରିଥାନ୍ତେ। ମାତ୍ର ଆହତ ଯୋଗୁ ଏହି ବକ୍ସର ଜଣକ ଲଢେଇରୁ ଓହରିଯାଇଥିଲେ। ଫଳରେ ୱାକଓଭର ଭିତ୍ତିରେ ଥାପ୍ପା ବିଜୟୀ ହୋଇଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ଏସିଆନ ଚାମ୍ପିୟନଶିପ୍ ସେମିଫାଇନାଲରେ ଥାପ୍ପା କିନ୍ତୁ ସାଫିଲୁଦ୍ଦିନଙ୍କଠାରୁ ହାରିଯାଇଥିଲେ। ଅନ୍ୟ ଭାରତୀୟ ପ୍ରତିଯୋଗୀଙ୍କ ମଧ୍ୟରେ ମହିଳା ବକ୍ସର ପରବିନ୍ (୬୦କେଜି) ତାଙ୍କ ଫାଇନାଲ ବାଉଟରେ ସ୍ଥାନୀୟ ଆଶାୟୀ ରିମା ଭୋଲୋସୋଙ୍କୋଙ୍କ ନିକଟରୁ ପରାଜିତ ହୋଇ ରୌପ୍ୟ ପାଇଛନ୍ତି। ଅଲିମ୍ପିକ ଡିଭିଜନରେ ପ୍ରବେଶ କରିବା ପୂର୍ବରୁ ଥାପ୍ପା ଜଣେ ୬୦ କେଜି କାଟେଗୋରି ବକ୍ସର ଥିଲେ। ସେ କହିଛନ୍ତି ନୂଆ ୱେଟ୍ କାଟେଗୋରି ସହ ଖାପ ଖୁଆଇବା ତାଙ୍କ ପକ୍ଷେ କଷ୍ଟକର ହୋଇ ନ ଥିଲା। ସୂଚନାଯୋଗ୍ୟ, ଟ୍ରାଏଲ୍‌ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା ମନୀଷ କୌଶିକ୍‌ଙ୍କଠାରୁ ହାରିଯିବା ଯୋଗୁ ଥାପ୍ପା ଗତ ସେପ୍ଟେମ୍ବରରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିପାରି ନ ଥିଲେ। ଏଠାରେ ସେମିଫାଇନାଲ ପର୍ଯ୍ୟାୟରେ ସେ ଆର୍ଗନ କାଡିରିବେକୁଲୁଙ୍କୁ ୪-୧ରେ ପରାସ୍ତ କରିଥିଲେ। ପୂର୍ବରୁ ସ୍ୱିଟି ବୋରା (୮୧କେଜି) ଏବଂ ଦୁର୍ଯ୍ୟୋଧନ ସିଂ ନେଗି (୬୯କେଜି) ସେମାନଙ୍କ କାଟେଗୋରିରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି।



ପଦକ ସହ ଶିବ ଥାପ୍ପା।

## ସଂକ୍ଷେପରେ

### ବଦଳିପାରେ ଓଭରଥ୍ରୋ ନିୟମ

**ଲଣ୍ଡନ,୨୦।୭(ପି.ଟି.):** କ୍ରିକେଟ ନିୟମ ପ୍ରସ୍ତୁତକାରୀ ମାର୍ଲେବର୍ନ କ୍ରିକେଟ କ୍ଲବ (ଏମ୍‌ସିସି) ଓଭରଥ୍ରୋ ନିୟମରେ ପରିବର୍ତ୍ତନ କରିପାରେ। ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ବିଶ୍ୱକପ୍ ଫାଇନାଲରେ ଓଭରଥ୍ରୋ ବିବାଦ ଉପୁଜିବା ପରେ ଏହି ନିୟମ ଉପରେ ବିଚାର କରାଯିବା ନେଇ ଏକ ଖବରକାଗଜ ରିପୋର୍ଟରେ ପ୍ରକାଶ ପାଇଛି। ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ର ଅନ୍ତିମ ଓଭରରେ ହୋଇଥିବା ଓଭରଥ୍ରୋ ନ୍ୟୁଜିଲାଣ୍ଡର ଦୁର୍ଭାଗ୍ୟଜନକ ପରାଜୟର କାରଣ। ମାର୍ଟିନ ଗୁପ୍‌ଟିଲଙ୍କ ଥ୍ରୋ ବେନ ଷ୍ଟୋକ୍ସଙ୍କ ବ୍ୟାଟ୍‌ରେ ବାଜିବା ପରେ ବଲ ବାଉଣ୍ଡରି ସୀମା ଅତିକ୍ରମ କରିଯାଇଥିଲା। ଅନ୍‌ଫିଲ୍ଡ ଅମ୍ପାୟର କୁମାର ଧର୍ମସେନା ଓ ମାରିଅସ ଇରାସମୁସ ଏହାକୁ ଚୌକା ବୋଲି ଘୋଷଣା କରିଥିଲେ। ଯାହାଫଳରେ ମ୍ୟାଚ୍‌ର ଫଳାଫଳ ପାଇଁ ସୁପର ଓଭର ଖେଳାଯାଇଥିଲା ଓ ପରେ ଇଂଲଣ୍ଡ ଟ୍ରଫି ହାତେଇ ନେଇଥିଲା। କିନ୍ତୁ ଆଇସିସି ଏଲାଇଟ ପ୍ୟାନେଲ ଅମ୍ପାୟର ସାଇମନ ଟଫେଲ କହିଛନ୍ତି, ନିୟମ ଅନୁଯାୟୀ ଅମ୍ପାୟରମାନେ ଇଂଲଣ୍ଡକୁ ୬ ରନ୍ ପରିବର୍ତ୍ତେ ୫ ରନ୍ ଦେବା କଥା। କାରଣ ଡିପ୍ ଅଞ୍ଚଳରୁ ଗୁପ୍‌ଟିଲ ଥ୍ରୋ କରିବା ପୂର୍ବରୁ ବ୍ୟାଟ୍ସମ୍ୟାନମାନେ ଦ୍ୱିତୀୟ ରନ୍ ପୂରଣ କରି ନ ଥିଲେ।

### ଭାରତ ଏ' ହାରିଲା



**ଆଣ୍ଟିଗୁଆ, ୨୦।୭:** ଭାରତୀୟ ଅଲରାଉଣ୍ଡର ଅକ୍ଷର ପଟେଲଙ୍କ ବିସ୍ଫୋରକ ୮୧ ରନ୍‌ର ଇନିଂସ ବେକାର ସାବ୍ୟସ୍ତ ହୋଇଛି। ୱେଷ୍ଟଇଣ୍ଡିଜ ଏ' ଦ୍ୱାରା ଧାର୍ଯ୍ୟ ୨୯୯ ରନ୍‌ର ବିଜୟଲକ୍ଷ୍ୟ ପିଛା କରୁଥିବା ଭାରତ ଏ' ୨୯୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ୫ ମ୍ୟାଚ୍ ବିଶିଷ୍ଟ ଅନ୍‌ଅଫିସିଆଲ ସିରିଜ୍‌ରେ ଭାରତ ଏ' ପ୍ରଥମ ପରାଜୟ ବରଣ କରିଛି। ଆଉ ଏକ ମ୍ୟାଚ୍ ବଳକା ଥିବାବେଳେ ଭାରତ ଏ' ୩-୧ ବ୍ୟବଧାନରେ ସିରିଜ୍‌ରେ ଆଗୁଆ ରହିଛି। ଅନ୍ତିମ ମ୍ୟାଚ୍ ୨୧ ତାରିଖରେ ଖେଳାଯିବ। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ୫୦ ଓଭରରେ ୯ ଉଇକେଟ ହରାଇ ୨୯୮ ରନ୍ କରିଥିଲା। ଦଳ ଲାଗି ରୋଷ୍ଟନ ଚେଜ ୮୪ ଓ ଜୋନାଥନ କାର୍ଟର ୫୦ ରନ୍ କରିଥିଲେ। ଭ୍ରମଣକାରୀ ଦଳ ପାଇଁ ଖଲିଲ ଅହମ୍ମଦ ୪ ଓ ଅଭେଷ ଖାନ ୩ ଉଇକେଟ ନେଇଥିଲେ। ଜବାବରେ ଭାରତ ଏ' ଦଳ ଇନିଂସ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଏକଦା ୩୨ତମ ଓଭର ସୁଦ୍ଧା ଭାରତୀୟ ଦଳ ୬ ଉଇକେଟ ହରାଇ ୧୬୦ ରନ୍ କରିଥିଲା। ଅକ୍ଷର ଓ ୱାଶିଂଟନ ସୁନ୍ଦର ୭ମ ଉଇକେଟ ଲାଗି ୬୦ ରନ୍ କରିଥିଲେ। ୱାଶିଂଟନ ୪୫ ରନ୍ କରି ଆଉଟ ହୋଇଥିଲେ। ଏହାପରେ ଅକ୍ଷର ଏକାକୀ ଘରୋଇ ବୋଲରଙ୍କୁ ଆକ୍ରମଣ କରି ଭାରତ ଏ' ଲାଗି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ହେଲେ ସଫଳ ହୋଇ ପାରି ନ ଥିଲେ। ଫଳରେ ଭାରତ ଏ' ବିଜୟଠାରୁ ୬ ରନ୍ ଦୂରରେ ରହିଯାଇଥିଲା।

### ରଷିଆନ ଓପନ ବ୍ୟାଡ୍‌ମିଣ୍ଟନ
### ଭାରତର ଅଭିଯାନ ଶେଷ

**ଭ୍ଲାଡିଭୋଷ୍ଟକ (ରୁଷିଆ), ୨୦।୭ (ପି.ଟି.):** ଏଠାରେ ଚାଲିଥିବା ରଷିଆନ ଓପନ୍ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଟୁର୍ନାମେଣ୍ଟରେ ଭାରତର ଅଭିଯାନ ଶେଷ ହୋଇଯାଇଛି। ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ମେଘନା ଜାକାମ୍ପୁଡିଙ୍କ ପାଇଁ ଶନିବାର ଥିଲା ଖରାପ ଦିବସ। ସେ ତାଙ୍କର ଉଭୟ ମିକ୍ସଡ ଏବଂ ମହିଳା ଡବଲ୍ସ ମ୍ୟାଚରେ ହାରିଯାଇଛନ୍ତି। ପ୍ରତିଯୋଗିତାର ମିକ୍ସଡ ଡବଲ୍ସ ସେମିଫାଇନାଲରେ ୮ମ ସିଡ୍ ମେଘନା ଓ ଧ୍ରୁବ କପିଲା ୭ମ ସିଡ୍ ଆଦନାନ୍ ମୌଲାନା ଓ ମିଚେଲି ଖ୍ରିଷ୍ଟିନେ ବାନ୍ଦାସୋଙ୍କଠାରୁ ୬-୨୧, ୧୫-୨୧ରେ ପରାସ୍ତ ହୋଇଯାଇଛନ୍ତି। ଏହି ମ୍ୟାଚ ମାତ୍ର ୨୭ ମିନିଟରେ ଶେଷ ହୋଇଥିଲା। ୭୫,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏହି ଟୁର୍ନାମେଣ୍ଟର ମହିଳା ଡବଲ୍ସ ସେମିଫାଇନାଲରେ ମେଘନା ଓ ତାଙ୍କ ପାର୍ଟନର ପୂର୍ବିଶା ଏସ୍.ରାମ୍ ଚତୁର୍ଥ ସିଡ୍ ଜାପାନର ମିକି କଶିହାରା ଏବଂ ମିୟୁକି କାଟୋଙ୍କଠାରୁ ୧୦-୨୧, ୮-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ୩୩ ମିନିଟ୍‌ରେ ଶେଷ ହୋଇଯାଇଥିଲା।



> ବିଜେନ୍ଦର ସିଂ ମୋତେ ଛୋଟ ପିଲା ବୋଲି କହୁଛନ୍ତି, କିନ୍ତୁ ନଭେମ୍ବରରେ ତାଙ୍କ ସହିତ ଫାଇଟ୍ କରିବା ଲାଗି ଆହ୍ୱାନ ଦେଉଛି।
> —ନୀରଜ ଗୋୟତ୍, ଭାରତୀୟ ବକ୍ସର



> ପୂର୍ବରୁ ମୁଁ ସିନିୟର ଖେଳାଳିଙ୍କଠାରୁ ଶିଖିବାକୁ ଚେଷ୍ଟା କରୁଥିଲି, କିନ୍ତୁ ବର୍ତ୍ତମାନ ଜୁନିୟରଙ୍କଠାରୁ ଶିଖିବାକୁ ଚେଷ୍ଟା କରୁଛି।
> —ଲିଆଣ୍ଡର ପେସ୍,ଭାରତୀୟ ଟେନିସ ଖେଳାଳି

# ୱେଷ୍ଟଇଣ୍ଡିଜ ଗସ୍ତରୁ ଓହରିଲେ ଧୋନୀ

## ■ସୈନିକଙ୍କ ସହ ରହିବେ ୨ ମାସ ■ଆଜି ଦଳ ଚୟନ

**ନୂଆଦିଲ୍ଲୀ,୨୦।୭ (ପି.ଟି.)**

ଆଗାମୀ ୱେଷ୍ଟଇଣ୍ଡିଜ ଗସ୍ତରୁ ଓହରି ଯାଇଛନ୍ତି ଅଭିଜ୍ଞ ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀ। ରବିବାର ଏହି ଗସ୍ତ ପାଇଁ ମୁମ୍ବାଇରେ ଚୟନକର୍ତ୍ତା ବୈଠକରେ ବସି ଦଳ ଚୟନ କରିବେ। ଏପରିସ୍ଥଳେ ଧୋନୀ ଗସ୍ତରୁ ଓହରିବା ବିଶେଷ ଭାବେ ମହତ୍ତ୍ୱ ରଖୁଛି। ବିଶ୍ୱକପ୍‌ରେ ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେବା ପରେ ତାଙ୍କ ଅବସର ନେଇ ଚର୍ଚ୍ଚା ଚାଲିଥିବା ବେଳେ ଧୋନୀ ଏପରି ନିଷ୍ପତ୍ତି ନେଇଛନ୍ତି। ପାରାମିଲିଟାରୀ ରେଜିମେଣ୍ଟରେ ନିଯୁକ୍ତି ପାଇଥିବାର ଧୋନୀ ସୈନିକଙ୍କ ସହ ୨ ମାସ ସମୟ ବିତାଇବେ। ଏ ନେଇ ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଜଣାଇଛନ୍ତି। ଧୋନୀ ପାରଚ୍ୟୁଟ୍ ରେଜିମେଣ୍ଟ ଅଫ୍ ଦି ଟେରିଟୋରିଆଲ ଆର୍ମିରେ ସମ୍ମାନଜନକ ଲ୍ୟୁଟନାଣ୍ଟ କୋଲୋନେଲ ଭାବେ ନିଯୁକ୍ତି ପାଇଥିଲେ।

ବର୍ତ୍ତମାନ ଧୋନୀ କ୍ରିକେଟରୁ ଅବସର ନେଉନାହାନ୍ତି ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ସ୍ପଷ୍ଟ କରିଛନ୍ତି। ପାରାମିଲିଟାରୀ ରେଜିମେଣ୍ଟରେ କାର୍ଯ୍ୟ କରିବାକୁ ସେ ଦୁଇମାସ ପାଇଁ ବିଶ୍ରାମ ନେଉଛନ୍ତି। ଏ ସଂକ୍ରାନ୍ତରେ ଧୋନୀ ଅଧିନାୟକ ବିରାଟ କୋହଲି ଓ ମୁଖ୍ୟ ଚୟନକର୍ତ୍ତା ଏମ୍.ଏସ୍.କେ. ପ୍ରସାଦଙ୍କୁ ଅବଗତ କରାଇଛନ୍ତି ବୋଲି ଅଧିକାରୀ ଜଣକ କହିଛନ୍ତି। ୩୮ ବର୍ଷରେ ପଦାର୍ପଣ କରିଥିବା ଧୋନୀ ଏବେ ଅବସର ନେବେ ନାହିଁ ବୋଲି କହିଛନ୍ତି। ୱେଷ୍ଟଇଣ୍ଡିଜ୍ ଗସ୍ତରୁ ଓହରିଯାଇଥିବାରୁ ଧୋନୀ ଘୋଷିତ ହେବାକୁ ଥିବା ଦଳରେ ସ୍ଥାନ ନ ପାଇବା ସ୍ୱାଭାବିକ୍। ଏହି ଗସ୍ତରେ ଭାରତ ୩ଟି ଟି୨୦, ୩ଟି ଦିନିକିଆ ଓ ୨ଟି ଟେଷ୍ଟ ଖେଳିବ।

ଭବିଷ୍ୟତକୁ ଦୃଷ୍ଟିରେ ରଖି ଦଳ ଚୟନ କରାଯିବ ବୋଲି ଆଶା କରାଯାଉଛି। ତେବେ ଧୋନୀଙ୍କ ସମ୍ପର୍କରେ ଅଧିନାୟକ କୋହଲିଙ୍କ ଅଭିମୁଖ୍ୟ ସ୍ପଷ୍ଟ ହେବା ପରେ ଯାଇ ଚୟନ କମିଟି ଯାହା ନିଷ୍ପତ୍ତି ନେବ। କେଉଁ ଖେଳାଳି ଅବସର ନେବେ ସେ ସମ୍ପର୍କରେ ଚୟନକମିଟିର କିଛି କହିବାର ଅଧିକାର ନାହିଁ। ତେବେ ଦଳ ଚୟନ କରିବାରେ କମିଟିର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି ବୋର୍ଡ ଅଧିକାରୀ କହିଛନ୍ତି। ଧୋନୀ ଓହରିଯିବା ଫଳରେ ରିଷଭ ପନ୍ତ ପ୍ରଥମ ଉଇକେଟ କିପର ଭାବେ ଦଳରେ ସ୍ଥାନ ପାଇବା ଆଶା କରାଯାଉଛି। ଟେଷ୍ଟ ପାଇଁ ଉଇକେଟ କିପିଂ ଦୌଡ଼ରେ ଅଭିଜ୍ଞ ରିଦ୍ଧିମାନ ଶାହ ଦୌଡ଼ରେ ରହିଛନ୍ତି। ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଫଳରେ ଏବେ ଟି୨୦ ଫର୍ମାଟ ଉପରେ ଫୋକସ୍ କରାଯିବ ବୋଲି ଆଶା କରାଯାଉଛି।

ବିଶ୍ୱକପ୍ ପୂର୍ବରୁ ଆଗକୁ ଭାରତ ଏକାଧିକ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ପୁଣି ଧୋନୀ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଆଉ ଗୋଟିଏ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସେସନ ଖେଳିବା ଆଶା କରାଯାଉଛି। ଏପରିସ୍ଥଳେ ଚୟନକର୍ତ୍ତାମାନେ କେତୋଟି ପ୍ରଶ୍ନର ସମ୍ମୁଖୀନ ହେବା ସ୍ୱାଭାବିକ୍। ଧୋନୀ ଟି୨୦ ବିଶ୍ୱକପ୍ ଖେଳିବେ କି? ଯଦି ହଁ ତେବେ ଧୋନୀଙ୍କୁ କିପର- ବ୍ୟାଟ୍ସମ୍ୟାନ ଭାବେ ଅତିକମ୍‌ରେ ୧୫ରୁ ୧୮ଟି ଟି୨୦ ମ୍ୟାଚ୍ ଖେଳାଇବାର ଯଥାର୍ଥତା ରହିଛି।

ଚୟନ କମିଟିର କାର୍ଯ୍ୟକାଳ ଆସନ୍ତା ଅକ୍ଟୋବରରେ ଶେଷ ହେବାକୁ ଯାଉଛି। ଯଦି ଧୋନୀ ଅବସର ନ ନିଅନ୍ତି ତେବେ ବିସିସିଆଇ ନିର୍ବାଚନ ପରେ ନବନିଯୁକ୍ତ ବୋର୍ଡ ସଦସ୍ୟ ଧୋନୀଙ୍କୁ ନେଇ ସ୍ପଷ୍ଟ ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। ଫଳରେ ଆଗାମୀ କିଛମାସରେ ଏ ନେଇ କିଛି ନାଟକୀୟ ପରିସ୍ଥିତି ସୃଷ୍ଟି ହେବା ନିଶ୍ଚିତ ମନେହେଉଛି। ତେବେ ବର୍ତ୍ତମାନ ଚୟନ କମିଟି ଉପରେ ସମସ୍ତଙ୍କ ନଜର ରହିଛି। ଦଳରେ କାହାକୁ ସ୍ଥାନ ମିଳିବ ଓ ନ ମିଳିବ ସେ ନେଇ ସମସ୍ତଙ୍କର ଉତ୍କଣ୍ଠା ରହିଛି। ଉଲ୍ଲେଖଥାଉ କି, ପ୍ରଥମ ଚୟନ କମିଟି ବୈଠକ ଶୁକ୍ରବାର ବସିବାର ଥିଲା। ତେବେ କ୍ରିକେଟ ପ୍ରଶାସକ କମିଟି (ସିଓଏ) ବୋର୍ଡ ସମ୍ପାଦକଙ୍କ ବଦଳରେ ଚୟନ କମିଟି ମୁଖ୍ୟ ବୈଠକ ଡାକିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ଫଳରେ ଏହି ବୈଠକ ରବିବାରକୁ ଘୁଞ୍ଚାଇ ଦିଆଯାଇଥିଲା।






### କେମିତି ବିଦା ହୋଇଥିଲେ ଗାଙ୍ଗୁଲି, ଦ୍ରାବିଡ୍, ସେହ୍ୱାଗ, ଗମ୍ଭୀର

ମହେନ୍ଦ୍ର ସିଂ ଧୋନୀ ୱେଷ୍ଟଇଣ୍ଡିଜ୍ ଗସ୍ତରେ ଯିବେ ନାହିଁ ବୋଲି ନିଜ ଆଡୁ ଘୋଷଣା କରିଛନ୍ତି। ଜଣେ ଅଧିନାୟକ ଭାବେ ଧୋନୀ ବହୁ କଠିନ ନିଷ୍ପତ୍ତି ନେଇଥିଲେ, ଯାହାକି ତାଙ୍କ ସମୟରେ ଖେଳୁଥିବା କିଛି କିମ୍ବଦନ୍ତୀ ଖେଳାଳିଙ୍କ ବିପକ୍ଷରେ ଯାଇଥିଲା। ୨୦୦୮ ଅଷ୍ଟ୍ରେଲିଆରେ ଟ୍ରାଇ ସିରିଜ୍ ପୂର୍ବରୁ ଧୋନୀ ଚୟନକର୍ତ୍ତାଙ୍କୁ କହିଥିଲେ, ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାବିଡ୍ ଭଲ ଫିଲ୍ଡର ନୁହନ୍ତି। ଏଣୁ ଦୁଇଜଣଙ୍କୁ ଦିନିକିଆ ଦଳରୁ ବାଦ୍ ଦେଇଥିଲେ। ଭାରତୀୟ ଦଳ ଉକ୍ତ ସିରିଜ୍ ଜିତିବା ସହ ୨୦୧୧ ବିଶ୍ୱକପ୍ ଲାଗି ମୂଳଦୁଆ ରଖିଥିଲା। ଦଳରେ ସୁରେଶ ରାଇନା ଓ ଗୌତମ ଗମ୍ଭୀର ନିୟମିତ ସ୍ଥାନ ପାଇଥିଲେ। ଏହା ପରେ ଧୋନୀ ୨୦୧୨ ସିବି ସିରିଜ୍‌ରେ ବୀରେନ୍ଦ୍ର ସେହ୍ୱାଗ, ସଚିନ ତେନ୍ଦୁଲକର ଓ ଗୌତମ ଗମ୍ଭୀରଙ୍କ ମଧ୍ୟରେ ଦୁଇଜଣଙ୍କୁ ଓପନର ଭାବେ ଖେଳାଇଥିଲେ। ଏମାନଙ୍କ ବୟସ ୩୦ରୁ ଊର୍ଦ୍ଧ୍ୱ ଓ ଫିଲ୍ଡରେ ଧିମା ଯୋଗୁ ପରବର୍ତ୍ତୀ ସମୟରେ ଦଳରୁ ବାଦ୍ ପଡ଼ିଥିଲେ। ଏ ସମ୍ପର୍କରେ ଧୋନୀ ସେତେବେଳେ କହିଥିଲେ, ଆମେ ସେହି ଖେଳାଳିଙ୍କୁ ସୁଯୋଗ ଦେଉଛୁ, ଯେଉଁମାନେ ୨୦୧୫ ବିଶ୍ୱକପ୍ ଲାଗି ନିଶ୍ଚିତ ଅଷ୍ଟ୍ରେଲିଆ ଫେରିବେ। ପରବର୍ତ୍ତୀ ବିଶ୍ୱକପ୍ ବେଳକୁ ସଚିନ, ସେହ୍ୱାଗ କିମ୍ବା ଗୌତମ ଦଳରେ ଉପଲବ୍ଧ ଥିବେ କି ନାହିଁ କହିହେବ ନାହିଁ। କାରଣ ସମସ୍ତେ ୩୦ରୁ ଊର୍ଦ୍ଧ୍ୱ ବୟସ୍କ। ଏଠାକାର ଆଉଟ୍ ଫିଲ୍ଡ ମଧ୍ୟ ବଡ଼। ଏଣୁ ଯୁବ ଖେଳାଳିଙ୍କୁ ସୁଯୋଗ ଦେଉଛୁ। ତେବେ ଭାରତୀୟ ଦଳ ୨୦୧୫ ବିଶ୍ୱକପ୍ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା।

## ଫାଇନାଲର ଫଳାଫଳ ନ୍ୟାୟୋଚିତ ନ ଥିଲା

**ଲଣ୍ଡନ,୨୦।୭**

ଇଅନ ମୋର୍ଗାନଙ୍କ ନେତୃତ୍ୱରେ କ୍ରିକେଟ୍‌ର ଜନକ ଇଂଲଣ୍ଡ ଦୀର୍ଘ ୪୪ ବର୍ଷ ପରେ ପ୍ରଥମ ବିଶ୍ୱକପ ଟାଇଟଲ୍ ଜିତିଛି। ବିଶ୍ୱକପ ଫାଇନାଲ ଲଢ଼େଇରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ସାମାନ୍ୟତମ ପ୍ରଭେଦ ରହି ନ ଥିଲା ବୋଲି ମୋର୍ଗାନ ମତ ଦେଇଛନ୍ତି। ଲର୍ଡ୍ସରେ ଅନୁଷ୍ଠିତ ଫାଇନାଲ ମ୍ୟାଚର ୫୦-୫୦ ଓଭର ଟାଇ ରହିଥିଲା। ସେହିପରି ଫଳାଫଳ ନିର୍ଣ୍ଣୟ ପାଇଁ ସୁପର ଓଭରର ଖେଳା ଯାଇଥିଲେ ବି ଏହା ମଧ୍ୟ ଟାଇରେ ଶେଷ ହୋଇଥିଲା। ଫଳରେ ସୁପର ଓଭର ନିୟମାନୁଯାୟୀ ଅଧିକ ବାଉଣ୍ଡ୍ରୀ ହାସଲ କରିଥିବା ଇଂଲଣ୍ଡକୁ ଶେଷରେ ବିଜେତା ଘୋଷଣା କରାଯାଇଥିଲା। ଯାହା ବିଶ୍ୱକପ ଫାଇନାଲର ପରିଣାମକୁ ବିବାଦୀୟ କରିଥିଲା। ଏଥିଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଟାଇ-ବ୍ରେକର ନିୟମକୁ ପୁନଃ ସମୀକ୍ଷା କରିବା ଲାଗି କ୍ରିକେଟ କମିଟିକୁ କହିଛି। ଏକ ଗଣମାଧମକୁ ମୋର୍ଗାନ କହିଛନ୍ତି ଯେ, ବିଶ୍ୱକପ ଫାଇନାଲରେ ଉଭୟ ଦଳ ମଧ୍ୟରେ କୌଣସି ତଫାତ ନ ଥିଲା। ତେଣୁ ଏଭଳି ପରିଣାମ ତାଙ୍କ ମତରେ ଆଦୌ ନ୍ୟାୟୋଚିତ ନୁହେଁ। ଏହି ମ୍ୟାଚ ସମ୍ପୂର୍ଣ୍ଣ ଭାବେ ସମାନ୍ତରାଳ ରହିଥିଲା। କେଉଁ ସ୍ଥାନରେ ଆମେ ଜିତିଲୁ କି ହାରିଲୁ ତାହା କେହି ନିର୍ଦ୍ଦିଷ୍ଟ ଭାବେ କହିପାରିବେ ନାହିଁ। ତେବେ ଅନ୍ତିମ ଓଭରରେ ମ୍ୟାଚ ବଡ଼ ମୋଡ ନେଇଥିଲା। ନ୍ୟୁଜିଲାଣ୍ଡ ଜିତିବାର ସମ୍ଭାବନା ରହିଥିବାବେଳେ ମାର୍ଟିନ ଗପ୍ଟିଲଙ୍କ ଥ୍ରୋ ବେନ ଷ୍ଟୋକ୍ସଙ୍କ ବ୍ୟାଟରେ ବାଜି ବାଉଣ୍ଡ୍ରି ବାହାରକୁ ଚାଲି ଯାଇଥିଲା ଯାହା ଆୟୋଜକ ଦଳକୁ ଆଗକୁ ନେଇ ଯାଇଥିଲା। ଏହି ମ୍ୟାଚରେ ଆମେ କୌଣସି ସ୍ଥାନରେ କହିପାରିବୁ ନାହିଁ ଯେ, 'ହଁ ଆମେ ଜିତିବାକୁ ହକ୍‌ଦାର ଥିଲୁ'।



ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ।

### ହିମାଙ୍କ ସ୍ୱର୍ଣ୍ଣିମ ସଫଳତା ଜାରି

**ନୋଭେ ମେଷ୍ଟୋ (ଚେକ୍ ରିପବ୍ଲିକ), ୨୦।୭ (ପି.ଟି.):** ତାରକା ଭାରତୀୟ ମହିଳା ସ୍ପ୍ରିଣ୍ଟର ହିମା ଦାସ ସ୍ୱର୍ଣ୍ଣିମ ସଫଳତା ଧାରା ଜାରି ରଖିଛନ୍ତି। ଶନିବାର ଅନୁଷ୍ଠିତ ଏକ ପ୍ରତିଯୋଗିତାର ୪୦୦ ମିଟର ରେସ୍‌ରେ ହିମା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ଦୂରତାକୁ ହିମା ୫୨.୦୯ ସେକେଣ୍ଡରେ ଶେଷ କରିଥିଲେ। ହିମା ଯଦି ୫୧.୮୦ ସେକେଣ୍ଡରେ ଏହି ଦୂରତାକୁ ଅତିକ୍ରମ କରିଥାନ୍ତେ ତେବେ ବିଶ୍ୱ ଚାମ୍ପିୟନଶିପ୍‌କୁ ଯୋଗ୍ୟତା ଅର୍ଜନ କରିଥାନ୍ତେ। ଗତ ଏକମାସ ମଧ୍ୟରେ ହିମାଙ୍କର ଏହା ୫ମ ସ୍ୱର୍ଣ୍ଣ ପଦକ। ପୂର୍ବରୁ ସେ ଜୁଲାଇ ୨ରେ ୟୁରୋପରେ ଅନୁଷ୍ଠିତ ପୋଜନାନ ଗ୍ରାଁପ୍ରି, ଜୁଲାଇ ୭ରେ ପୋଲାଣ୍ଡରେ ହୋଇଥିବା କୁଣ୍ଟୋ ଆଥ୍‌ଲେଟିକ୍ସ ମିଟ୍‌ରେ, ଜୁଲାଇ ୧୩ରେ ଚେକ୍ ରିପବ୍ଲିକରେ କ୍ଲାଡନୋ ଆଥ୍‌ଲେଟିକ ମିଟ୍ ଓ ବୁଧବାର ଅନୁଷ୍ଠିତ ଟାବୋର୍ ଆଥ୍‌ଲେଟିକ୍ସ ମିଟ୍‌ରେ ସେ ପ୍ରଥମ ହୋଇଥିଲେ।

## ନଜରରେ ଭାରତୀୟ ବରିଷ୍ଠ କ୍ରିକେଟର

**ନୂଆଦିଲ୍ଲୀ,୨୦।୭ (ପି.ଟି.)**

ବିଶ୍ୱକପ୍ ଖେଳିବା ଅବସରରେ ଜଣେ ବରିଷ୍ଠ ଭାରତୀୟ କ୍ରିକେଟର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର 'ଫ୍ୟାମିଲି କ୍ଲଜ୍' ବା ପରିବାର ଅନୁଚ୍ଛେଦ ଉଲ୍ଲଂଘନ କରି ନଜରକୁ ଆସିଛନ୍ତି। ସେମିଫାଇନାଲରେ ଭାରତ ପରାସ୍ତ ହୋଇ ବିଶ୍ୱକପ୍‌ରୁ ବିଦାୟ ନେଇଥିଲା। ଖେଳାଳି ଜଣକ ନିଜ ପତ୍ନୀଙ୍କୁ ସାଥିରେ ରହିବା ପାଇଁ ଅନୁରୋଧ କରିଥିଲେ। ନିୟମ ଦୃଷ୍ଟିରୁ ୧୫ଦିନ ରହିଥିବା ବେଳେ ସେ ଅଧିକ ଦିନ ପାଇଁ ପତ୍ନୀଙ୍କୁ ସାଥିରେ ରଖିବା ପାଇଁ ଅନୁରୋଧ କରିଥିଲେ ଓ ରଖିଥିଲେ ମଧ୍ୟ। ପ୍ରଶାସକ କମିଟି (ସିଓଏ) ଏ ନିୟମ ଲାଗୁ କରିଥିଲା।

ସମ୍ପୃକ୍ତ ଖେଳାଳି ଜଣକ ବିନା ଅନୁମତିରେ ପୂରା ୭ ସପ୍ତାହ ପତ୍ନୀଙ୍କୁ ସାଥିରେ ରଖିଥିଲେ। ଅଧିକ ଦିନ ରହିବା ପାଇଁ ସେ ଅଧିନାୟକ କିମ୍ବା କୋଚ୍‌ଙ୍କଠାରୁ ଅନୁମତି ନେଇ ନ ଥିଲେ। ମେ ୩ ତାରିଖରେ ଅନୁଷ୍ଠିତ ବୈଠକରେ ସିଓଏ ଅଧିକ ଦିନ ପତ୍ନୀଙ୍କୁ ସାଥିରେ ରଖିବାର ନିୟମକୁ ବାତିଲ କରିଥିଲା। ଏହି ବୈଠକରେ ସମ୍ପୃକ୍ତ ଖେଳାଳିଙ୍କ ଅନୁରୋଧକୁ ସିଓଏ ପ୍ରତ୍ୟାଖ୍ୟାନ କରିଥିଲା। ଏପର୍ଯ୍ୟନ୍ତ ଏ ନେଇ ଘଟଣା ସମ୍ପର୍କରେ ସିଓଏକୁ ଅବଗତ କରାଯାଇ ନାହିଁ। ଏ ସଂକ୍ରାନ୍ତରେ ପ୍ରଶାସନିକ ପ୍ରବନ୍ଧକ ବା ଆଡମିନିଷ୍ଟ୍ରେଟିଭ୍ ମ୍ୟାନେଜର ସୁନୀଲ ସୁବ୍ରମନିୟମ୍ କାହିଁକି ଉଚିତ୍ ପଦକ୍ଷେପ ଗ୍ରହଣ କଲେ ନାହିଁ ବୋଲି ପ୍ରଶ୍ନ ଉଠିଛି। ଏ ନେଇ ସିଓଏ ସୁବ୍ରମନିୟମ୍‌ଙ୍କଠାରୁ ରିପୋର୍ଟ ମାଗିବ ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି। ତେବେ ସୁବ୍ରମନିୟମ ଏ ନେଇ ଏପର୍ଯ୍ୟନ୍ତ କିଛି ମନ୍ତବ୍ୟ ଦେଇନାହାନ୍ତି।

## ସୋହିନୀଙ୍କୁ ଟାଇଟଲ୍

**ଭୁବନେଶ୍ୱର, ୨୦।୭ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର ଉଦୀୟମାନ ଟେନିସ ଖେଳାଳି ତଥା ସର୍ବଭାରତୀୟସ୍ତରରେ ୩ୟ ର୍‍ୟାଙ୍କ ମାନ୍ୟତା ପାଇଥିବା ସୋହିନୀ ଏସ୍ ମହାନ୍ତି ଆସାମର

**ଏଆଇଟିଏ ସୁପର୍ ସିରିଜ**

ଗୁଆହାଟୀରେ ଅନୁଷ୍ଠିତ ବାଳିକା ୧୨ ବର୍ଷରୁ କମ୍ ଏଆଇଟିଏ ସୁପର୍ ସିରିଜ ଟେନିସ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ଟୁର୍ନାମେଣ୍ଟରେ ଏକ ନମ୍ବର ସିଡ୍ ମାନ୍ୟତା ପାଇଥିବା ସୋହିନୀ ଫାଇନାଲରେ ୭-୬ (୩), ୩-୬, ୬-୩ ସେଟ୍‌ରେ ତେଲେଙ୍ଗାନା ପ୍ରତିଯୋଗୀ ଟି. ସାରାଇ ଗୋଗୁଲମଣ୍ଡାଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହ ସୋହିନୀ ଟୁର୍ନାମେଣ୍ଟରୁ ୫୦ ଏଆଇଟିଏ ପଏଣ୍ଟ ଅର୍ଜନ କରିଛନ୍ତି।



## ଇଣ୍ଡୋନେସିଆ ଓପନ୍ ବ୍ୟାଡମିଣ୍ଟନ୍
# ଫାଇନାଲରେ ସିନ୍ଧୁ

**ଜାକର୍ତ୍ତା, ୨୦।୭ (ପି.ଟି.)**

ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ୍ ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦୦ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ୍‌ରେ ସେ ଅଲ ଇଂଲଣ୍ଡ ଚାମ୍ପିୟନ ଚାଇନାର ଚେନ୍ ୟୁଫେଇଙ୍କୁ ପରାସ୍ତ କରି ପ୍ରଥମ ଖେଳାଳି ଭାବେ ଫାଇନାଲକୁ ଉଠିଛନ୍ତି। ବିଶ୍ୱର ୩ ନମ୍ବର ଖେଳାଳି ଚେନ୍‌ଙ୍କୁ ହରାଇବା ପାଇଁ ସିନ୍ଧୁଙ୍କୁ ବେଶ୍ କଷ୍ଟ କରିବାକୁ ପଡିଥିଲା। ସିନ୍ଧୁ ୨୧-୧୯, ୨୧-୧୦ରେ ବିଜୟୀ ହୋଇ ଚଳିତ ସେସନର ପ୍ରଥମ ଫାଇନାଲକୁ ଉଠିଛନ୍ତି। ବିଶ୍ୱର ୫ ନମ୍ବର ଖେଳାଳି ସିନ୍ଧୁ ସିଙ୍ଗାପୁର ଟୁର୍ନାମେଣ୍ଟ ଓ ଇଣ୍ଡିଆନ ଓପନ୍‌ର ସେମି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ସିନ୍ଧୁ ଏବେ ଚତୁର୍ଥ ସିଡ ଖେଳାଳି ଜାପାନର ଅକେନ୍ ୟାମାଗୁଚିଙ୍କୁ ଭେଟିବେ। ଚେନ୍ ଚଳିତବର୍ଷ ଅଷ୍ଟ୍ରେଲିଆ, ସୁଇସ୍ ଓ ଅଲ୍ ଇଂଲଣ୍ଡ ଟାଇଟଲ ହାସଲ କରିଥିଲେ। ଚଳିତ ସେସନରେ ସେ ଅସାଧାରଣ ସଫଳତା ହାସଲ କରିଥିଲେ। ପ୍ରଥମ ଗେମ୍‌ରେ ସେ ଭଲ ଲଢ଼େଇ କରିଥିଲେ। ତେବେ ଦ୍ୱିତୀୟ ଗେମ୍‌ରେ ସିନ୍ଧୁ ସହଜରେ ବିଜୟ ହାସଲ କରିନେଇଥିଲେ। ଅପରପକ୍ଷରେ ଦ୍ୱିତୀୟ ସେମିଫାଇନାଲରେ ବିଶ୍ୱର ୪ ନମ୍ବର ଖେଳାଳି ୟାମାଗୁଚି ବିଶ୍ୱର ୧ ନମ୍ବର ଖେଳାଳି ତାଇ ଜୁ ୟିଙ୍ଗଙ୍କୁ ୨୧-୯,୨୧-୧୫ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ୟାମାଗୁଚିଙ୍କ ବିପକ୍ଷରେ ସିନ୍ଧୁଙ୍କ ରେକର୍ଡ ଭଲ ରହିଛି। ଉଭୟ ଖେଳାଳି ଏପର୍ଯ୍ୟନ୍ତ ୧୪ଥର ପରସ୍ପରକୁ ଭେଟିଥିବା ବେଳେ ସିନ୍ଧୁ ୧୦ର ବାଜି ମାରିଛନ୍ତି। ଗତ ୪ଟି ମ୍ୟାଚ୍‌ରେ ସିନ୍ଧୁ କ୍ରମାଗତ ଭାବେ ୟାମାଗୁଚିଙ୍କୁ ହରାଇଛନ୍ତି। ଏଥିସହିତ ସିନ୍ଧୁ କ୍ୟାରିୟରର ୩୧ତମ ଫାଇନାଲ ଖେଳିବାକୁ ଯାଉଛନ୍ତି। ତେବେ ସୁପର ୧୦୦୦ ଇଭେଣ୍ଟରେ ଏହା ତାଙ୍କର ପ୍ରଥମ ଫାଇନାଲ। ବିଜୟୀ ହେଲେ ସିନ୍ଧୁ ପ୍ରଥମଥର ପାଇଁ ଏଭଳି ଟୁର୍ନାମେଣ୍ଟର ଟାଇଟଲ ହାସଲ କରିବେ।



ବିଜୟ ହାସଲ ପରେ ଖୁସି ମନାଉଛନ୍ତି ପି.ଭି. ସିନ୍ଧୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଜୁଲାଇ ୨୧/୨୦୧୯ Bhubaneswar, Sunday, July 21/ 2019

## ସଂକ୍ଷେପରେ

### ୨.୪୦ କୋଟିର ଠକେଇ ଗିରଫ ହେଲେ ଡିଆର୍‌ଏମ୍ ଇନ୍‌ଫ୍ରାଷ୍ଟ୍ରକଚର ଏମ୍‌ଡି

ଭୁବନେଶ୍ୱର, ୨୦।୭(ବ୍ୟୁରୋ)- ପାର୍ଟନରଙ୍କୁ ନ ଜଣାଇ ୨କୋଟି ୪୦ଲକ୍ଷ ଟଙ୍କାରେ ଫ୍ଲାଟ୍ ବିକିବା ଘଟଣାରେ ଇଓଡବ୍ଲୁ(ଅର୍ଥନୈତିକ ଅପରାଧ ଶାଖା) ଡିଆରଏମ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ୍ ସଂସ୍ଥା ଏମ୍‌ଡି ଧ୍ରୁତି ରଞ୍ଜନ ମହାନ୍ତିଙ୍କୁ ଶୁକ୍ରବାର କଲିକତାରୁ ଗିରଫ କରିଛି। ତାଙ୍କୁ ସେଠାକାର କୋର୍ଟରେ ହାଜର କରିବାପରେ ଶନିବାର ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଇଥିଲା। ତାଙ୍କ ନାମରେ କେସ୍ ନଂ-୧୯/୧୮ ଦଫା ୪୬୭,୪୬୮,୪୭୧,୪୨୦,୪୦୬ ଓ ୧୨୦(ବି) ଲଗାଇ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଧ୍ରୁତି ରାଜଧାନୀର ବିଭିନ୍ନ ସ୍ଥାନରେ ପ୍ରୋଜେକ୍ଟ ଆରମ୍ଭ କରି ଫ୍ଲାଟ୍ ଦେବାକୁ ବିଜ୍ଞାପନ ଦେଇଥିଲେ। ଶୈଳଶ୍ରୀବିହାର ଅଞ୍ଚଳର ବିଜୟ ମିଶ୍ର ନାମକ ବ୍ୟକ୍ତି ଫ୍ଲାଟ୍ କିଣିବା ପାଇଁ ସଂସ୍ଥାର ଏମ୍‌ଡି ଧ୍ରୁତି ଙ୍କ ସହ ଯୋଗାଯୋଗ କରିଥିଲେ। ପରେ ଧ୍ରୁତି ତାଙ୍କୁ ପାର୍ଟନର ରଖିବା ସହ କମ୍ପାନୀର ୩୫ ପ୍ରତିଶତ ଶେୟାର ପ୍ରଦାନ କରିଥିଲେ। ମାତ୍ର ଧ୍ରୁତି ତାଙ୍କୁ ନ ଜଣାଇ ୬ଜଣଙ୍କୁ ୨କୋଟି ୪୦ଲକ୍ଷରେ ୬ଟି ଫ୍ଲାଟ ବିକ୍ରି କରିଥିଲେ। ବିଜୟ ଏ ସମ୍ପର୍କରେ ଇଓଡବ୍ଲୁରେ ଅଭିଯୋଗ କରିବାପରେ ଧ୍ରୁତିରଞ୍ଜନ ଫେରାର ହୋଇଯାଇଥିଲେ।

### ୫ ଜଣ ବ୍ରାଉନସୁଗାର ବ୍ୟବସାୟୀ ଅଟକ

ଖୋର୍ଦ୍ଧା ଅଫିସ/ ଜଟଣୀ, ୨୦।୭ (ଡି.ଏନ.ଏ.): ୧୬ ନଂ. ଜାତୀୟ ରାଜପଥର ଗଙ୍ଗପଡା ଟୋଲଗେଟ ନିକଟରେ ଶନିବାର ୩ ଜଣ ଓ ଜଟଣୀ ଅଞ୍ଚଳରେ ୨ ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଏସ୍‌ଟିଏଫ୍ ଓ ପୋଲିସ ମିଳିତ ଭାବେ ଚଢ଼ାଉ କରି ଅଟକ ରଖି ପଚରାଉଚୁରା କରୁଛନ୍ତି। ତଦନ୍ତରେ ବ୍ୟାଘାତ ହେବ ଦର୍ଶାଇ ଜଟଣୀ ଥାନା ପୋଲିସ କୌଣସି ତଥ୍ୟ ଦେଉନାହିଁ। ତେବେ ୫ ଜଣଙ୍କଠାରୁ ବ୍ରାଉନସୁଗାର ଜବତ ହୋଇଥିବା ଜଣାପଡିଛି।

### ଚତୁର୍ଥ ଶନିବାର ଖୋଲା ରହିବ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୨୦।୭(ବ୍ୟୁରୋ)- ପ୍ରତି ମାସର ଚତୁର୍ଥ ଶନିବାରକୁ ସରକାର ଛୁଟିଦିନ ଭାବେ ଘୋଷଣା କରିବା ପରେ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିବ କି ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। କିନ୍ତୁ ବିଦ୍ୟାଳୟ ଓ ଗଣଶିକ୍ଷା ଅଧୀନରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିବ ନାହିଁ। ଯେଉଁଭଳି ଭାବେ କାର୍ଯ୍ୟ ଚାଲୁଥିଲା ସେହିଭଳି ଚାଲିବ ବୋଲି ଶନିବାର ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏ ନେଇ ସମସ୍ତ ବିଭାଗୀୟ ନିର୍ଦ୍ଦେଶକ ଓ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଥିବା ସୂଚନା ମିଳିଛି।

### ୮ ବାଇକ୍ ଜବତ, ୨ ଗିରଫ

ଭୁବନେଶ୍ୱର, ୨୦।୭(ବ୍ୟୁରୋ)- ଫାଟକ ତାଲା ତାଡି ବାଇକ ଚୋରି କରୁଥିବା ଗ୍ୟାଙ୍ଗର ୨ଜଣଙ୍କୁ ଖଣ୍ଡଗିରି ପୋଲିସ ଶନିବାର ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ୮ଟି ଚୋରି ବାଇକକୁ ଜବତ କରିଛି। ସେମାନେ ହେଲେ ପୁରୀ ଜିଲା ବିନ୍ଧିପୁର ଗ୍ରାମର ପ୍ରଦୀପ ପାଇକରାୟ(୨୧) ଓ ଡେଲାଙ୍ଗର ସୁମନ୍ତ ମଲିକ(୨୦)। ଆଇପିସି ଦଫା ୩୮୦ ଓ ୩୪ ଲଗାଯିବା ସହ ୩୫୧/୧୯ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କ ନାମରେ ଖଣ୍ଡଗିରି, ତମାଣ୍ଡୋ, ଖୋର୍ଦ୍ଧା, ବାଦାମବାଡି, ମଧୁପାଟଣା, ପୁରୀଘାଟ, କଟକ ସଦର ଆଦି ଥାନାରେ ଏକାଧିକ ମାମଲା ରହିଛି। ସୂଚନା ଅନୁଯାୟୀ, କଳିଙ୍ଗନଗର ପ୍ଲଟ୍ ନଂ-୧୦୭୧ କେ-୩ଏରେ ରହୁଥିବା ରବୀନ୍ଦ୍ର କୁମାର ମହାନ୍ତିଙ୍କ ବାଇକ୍‌କୁ ଗତ ୪ ତାରିଖ ରାତିରେ ଦୁଇ ଲୁଟେରା ଗେଟ୍ ତାଲା ଭାଙ୍ଗି ଚୋରି କରି ନେଇଥିଲେ। ପୋଲିସ ସିସିଟିଭି ଫୁଟେଜ ଆଧାରରେ ଘଟଣାର ତଦନ୍ତ କରି ପ୍ରଦୀପ ଓ ସୁମନ୍ତଙ୍କୁ ଗିରଫ କରିଥିଲା। ଏହିପରି ସେମାନେ ପଞ୍ଚଶଖା ନଗରରୁ ଏକ ପଲସର୍, ତମାଣ୍ଡୋ ବିଜିପୁର ଏବଂ କଳିଙ୍ଗନଗର ଜିଏ କଲୋନୀରୁ ମଧ ଗାଡ଼ି ଚୋରି କରିଥିବା ପଚରାଉଚରା ପରେ ଜଣାପଡ଼ିଥିଲା।

# ମାଷ୍ଟରକ୍ୟାଣ୍ଟିନ ଛକରେ ଆତଙ୍କ

## ଅଟୋରୁ ମିଳିଲା ୪ ବୋମା ଓ ବନ୍ଧୁକ, ଜଣେ ଗିରଫ

## ଅଜଣା ନମ୍ବରରୁ ପୋଲିସକୁ ଯାଇଥିଲା ଫୋନ



ଭୁବନେଶ୍ୱର, ୨୦।୭(ବ୍ୟୁରୋ)

ଚାଲିଛି ବିଧାନସଭା ଅଧିବେଶନ। ମାଷ୍ଟରକ୍ୟାଣ୍ଟିନ ଛକରୁ ପିଏମ୍‌ଜି ଛକ ଯାଏ ପୋଲିସ ଛାଉଣୀ। ଏପରିକି ପିଏମ୍‌ଜିରେ ପ୍ରତିଦିନ ଏକାଧିକ ସଂଗଠନ ବିଭିନ୍ନ ଦାବି ନେଇ ଧାରଣାରେ ବସିଛନ୍ତି। ସେମାନଙ୍କୁ ମଧ୍ୟ ପୋଲିସ ଜଗିଛନ୍ତି। ଏତେ ସୁରକ୍ଷା ମଧ୍ୟରେ ମାଷ୍ଟରକ୍ୟାଣ୍ଟିନ ଛକରେ ଶନିବାର ଅପରାହ୍ନରେ ଆତଙ୍କ ଖେଳିଯାଇଥିଲା। କାରଣ କଂଗ୍ରେସ ଭବନ ନିକଟରୁ ଏକ ନମ୍ବର ବିହୀନ ଅଟୋରୁ ୪ଟି ବୋମା, ଗୋଟିଏ ବନ୍ଧୁକ ଜବତ କରାଯାଇଛି। ଏଥିସହ କ୍ରିଷ୍ଣା ରାଓ ନାମକ ଜଣେ ଯୁବକକୁ କ୍ୟାପିଟାଲ ଥାନା ପୋଲିସ ଅଟକ ରଖିଛି। ଯୁବକ ଜଣକ ଅଟୋରେ ବୋମାକୁ କୁଆଡ଼େ ନେଉଥିଲେ। ପିଏମ୍‌ଜି ଛକରେ କିଛି ଅଘଟଣା ଘଟାଇଥାନ୍ତେ କି। ଏନେଇ ବିଭିନ୍ନ ପ୍ରଶ୍ନ ଉଠୁଛି। ଏସବୁ ପ୍ରଶ୍ନର ଉତ୍ତର ଜାଣିବା ପାଇଁ ପୋଲିସ ଉକ୍ତ ଯୁବକକୁ ପଚରାଉଚରା କରୁଛି। ଏହାସହ ଜବତ ଅଟୋଟି କାହାର ତାହାର ମଧ ପୋଲିସ ଖୋଳତାଡ କରୁଛି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟା ସମୟରେ ମାଷ୍ଟରକ୍ୟାଣ୍ଟିନ ଛକର ଗ୍ରୀନ୍ ଚିଲି ନିକଟରେ ଏକ ନମ୍ବର ବିହୀନ ଅଟୋରେ ବୋମା ଓ ବନ୍ଧୁକ ଥିବା ନେଇ କେହି ଜଣେ ପୋଲିସକୁ ଫୋନରେ କହିଥିଲା। ତୁରନ୍ତ ଏକ ପୋଲିସ ଟିମ୍ ସେଠାରେ ପହଞ୍ଚି ଅଟୋକୁ ଖୋଜିବାରେ ଲାଗିଥିଲେ। ଶେଷରେ ଅଟୋକୁ ପାଇବା ପରେ ସେଥିରୁ ବୋମା ଓ ବନ୍ଧୁକ ଜବତ କରାଯାଇଥିଲା। ଏହାସହ ଅଟୋ ନିକଟରେ ଥିବା କ୍ରିଷ୍ଣାଙ୍କୁ ପୋଲିସ କାବୁ କରି ନେଇଥିଲା। ସେ ଏସବୁ ବୋମା ଆଣିଥିବା ସ୍ୱୀକାର କରିଥିବା କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି। କ୍ରିଷ୍ଣାଙ୍କ ନାମରେ ଏକାଧିକ ମାମଲା ରହିଥିବା ପୋଲିସ ଅନୁମାନ କରି ଖୋଳତାଡ କରୁଛି। ଅନ୍ୟପଟେ ଫୋନ୍ ଖବର ଦେଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି। ତଦନ୍ତରେ ବାଧା ସୃଷ୍ଟିହେବା ଆଶଙ୍କା ଥିବାରୁ କ୍ରିଷ୍ଣା ଓ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ଦେବାକୁ ଥାନା ଅଧିକାରୀ ଚକ୍ରବର୍ତ୍ତୀ ମନା କରିଥିଲେ। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

### ନୂଆ ମୁହାଁଣ



ପୁରୀଠାରେ ସମୁଦ୍ରରେ ମିଶିଥିବା ମଙ୍ଗଳା ନଦୀର ଏକ ନୂଆ ମୁହାଣ ଖୋଲିଥିବା ଶନିବାର ଦେଖିବାକୁ ମିଳିଛି।

ADMISSION OPEN - 2019
BSC ITM
Duration-3Yr's : ₹. 15,000/-(Per Semester)
BSC with COMP. SC. HONOURS
Duration-3Yr's : ₹. 25,000/-(Per Semester)
Under Utkal University, Govt of Odisha
FACILTIES
- Special Coaching for Banking, Railway, SSC & others.
- Same Campus for Hostel & College.
- Highly Experienced faculty with PHd Qualification.
- A/C Class Rooms & well equipped Laboratory.
- Separate Hostel for Boy's & Girl's.
- Transport facility from door step.
SARASWATI
DEGREE SCIENCE COLLEGE (+3 SCIENCE)
ARUNODOYA MARKET (NEAR CAC), LINK ROAD, CUTTACK-753012
PH.: 0671-2321011, 7609091224, 9437025754

■ ୨ଜଣଙ୍କୁ ଅଟକ ପରେ କୋର୍ଟ ଚାଲାଣରେ ବିଳମ୍ବ

# ଏସ୍‌ଟିଏଫ୍, ଖୋର୍ଦ୍ଧା ଏସ୍‌ପିଙ୍କ ସମେତ ୫ ଜଣଙ୍କ ନାଁରେ ସର୍ଚ୍ଚ ୱାରେଣ୍ଟ

ଖୋର୍ଦ୍ଧା ଅଫିସ,୨୦।୭

ଖୋର୍ଦ୍ଧା ଜବଦସ୍ତପାଟଣାର ୨ ଜଣଙ୍କୁ ଅଟକ ପରେ କୋର୍ଟ ଚାଲାଣରେ ବିଳମ୍ବ, ମହିଳାଙ୍କୁ ମାଡ ମାରିବା ପରି ଅଭିଯୋଗ ଏସଟିଏଫ୍ ଓ ପୋଲିସ ନାଁରେ ରହିଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଏସ୍‌ପି.ପି.ଆର. ରାହୁଲ, ଇନ୍ସପେକ୍ଟର ଆଲୋକ ଜେନା ଓ ପ୍ରଜ୍ଞାପରମିତା ଦାସ, ଖୋର୍ଦ୍ଧା ଏସ୍‌ପି ଅମୂଲ୍ୟ ଦାସ ଓ ଆଇଆଇସି ଉମାଶଙ୍କର ସିଂ ପ୍ରମୁଖଙ୍କ ନାଁରେ ସର୍ଚ୍ଚ ୱାରଣ୍ଟ କୋର୍ଟ ପକ୍ଷରୁ ଜାରି ହୋଇଛି। ଆଇନଜୀବୀ ପ୍ରଭାତ ଦାଶଙ୍କ ସୂଚନା ଅନୁସାରେ, ଖୋର୍ଦ୍ଧା ଜବରଦସ୍ତପୁରର ରମେଶ ପୃଷ୍ଟି ଓ ଜ୍ୱାଇଁ ତପନ ସାହୁଙ୍କୁ ଏସ୍‌ଟିଏଫ୍ ଅଟକ ରଖିଛି। ତେବେ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ କୋର୍ଟ ଚାଲାଣ କରୁନାହିଁ। ଯାହାକି ନିୟମର ବରୋଧାଚରଣ କରୁଛି। ଅନ୍ୟପକ୍ଷେ ଧରପଗଡ ବେଳେ ଏସ୍‌ଟିଏଫ୍ ଓ ପୋଲିସ ରମେଶଙ୍କ ସ୍ତ୍ରୀଙ୍କୁ ମାଡ ମାରିବା ସହ ଗର୍ଭବତୀ ଝିଅଙ୍କ ପେଟକୁ ଗୋଇଠା ମାରିଛି। ଏ ନେଇ କୋର୍ଟରେ ନଂ. ୬/୨୦୧୯ରେ ମିସ୍ କେସ ଦାଖଲ ହୋଇଛି। ସୋମବାର ସର୍ଚ୍ଚ ୱାରେଣ୍ଟର କାରଣ ନ ଦର୍ଶାଇଲେ ଅଦାଲତ ପରବର୍ତ୍ତୀ ପଦକ୍ଷେପ ନେବ ବୋଲି ସୂଚନା ଦେଇଛନ୍ତି।

### କାର ଧକ୍କାରେ ବାଇକ୍ ଚାଳକ ମୃତ

ଖୋର୍ଦ୍ଧା ଅଫିସ/ ନିରାକାରପୁର, ୨୦।୭(ଡି.ଏନ.ଏ.)

୧୬ ନଂ. ଜାତୀୟ ରାଜପଥର ବଡପୋଖରିଆ ଛକ ନିକଟରେ ଶନିବାର ପୂର୍ବାହ୍ନ ସାଢ଼େ ୧୦ଟାରେ କାର ଧକ୍କାରେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ରବୀନ୍ଦ୍ର ଦାସ(୫୮)। ଘର ଟାଙ୍ଗୀ ଥାନା ବଡପାରୀ ପଞ୍ଚାୟତ ପଥରବନ୍ଧ ଗାଁରେ। ରବୀନ୍ଦ୍ର ବାଇକ ଯୋଗେ ଭୁବନେଶ୍ୱର ଯାଉଥିଲେ। ବଡପୋଖରିଆ ଛକ ନିକଟରେ ଏକ ଗାଈ ବାଇକ୍ ଆଗରେ ଅତିକ୍ରମ କରିଥିଲା। ଗାଈକୁ ରକ୍ଷା କରିବାବେଳେ ପଛ ପାଖରୁ କାର ଧକ୍କା ଦେଇଥିଲା। ରବୀନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




■ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶିଶୁକନ୍ୟାର ଆଖି ଗାଏବ ଘଟଣା

# କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ଏଚ୍‌ଆରସିରେ ଅଭିଯୋଗ

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ବ୍ୟବଛେଦ ପୂର୍ବରୁ ସଂରକ୍ଷଣ ଗୃହରେ ରଖାଯାଇଥିବା ଶିଶୁ କନ୍ୟାର ଦୁଇ ଆଖି ଗାଏବ ହୋଇଯାଇଥିଲା। ଏହି ଘଟଣା ରାଜ୍ୟରେ ଆଲୋଡନ ସୃଷ୍ଟି କରିବା ସହ ସ୍ୱାସ୍ଥ୍ୟ ବିଭାଗର ଚରମ ଅବହେଳା ସାମ୍ନାକୁ ଆସିଥିଲା। ଜଣେ ମୃତ ଶିଶୁର ଆଖି ହସ୍ପିଟାଲରୁ କିଭଳି ଗାଏବ ହେଲା ଓ ଏ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ କିଛି ଜାଣିପାରିଲେ ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏହି ଘଟଣାକୁ ନେଇ ଶନିବାର ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଏହି ଅଭିଯୋଗ କରିଛନ୍ତି। ମୃତ ଶିଶୁର ପରିବାର ଲୋକଙ୍କୁ ମୁଖ୍ୟ ଶାସନ ସଚିବ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ ବିରୋଧରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କମିଶନ ନିର୍ଦ୍ଦେଶ ଦେବା ପାଇଁ ସେ ତାଙ୍କ ପିଟିସନରେ ଉଲ୍ଲେଖ କରିଛନ୍ତି। ଏହି ସଙ୍ଗୀନ ମାମଲାକୁ କମିଶନଙ୍କ କାର୍ଯ୍ୟାଳୟ ଗୁରୁତର ସହ ନେଇ ପରବର୍ତ୍ତି ବିଚାର ପାଇ ପଞ୍ଜୀକୃତ କରିଛନ୍ତି।

ସୂଚନାଯୋଗ୍ୟ, ବଅଁରପାଳ ଥାନା ନୂଆହତା ଗ୍ରାମର ଅଞ୍ଜନ ଗୋଛାୟତ ଗୁରୁବାର ରାତି ସାଢେ ୯ଟାରେ ତାଙ୍କର ୪ ବର୍ଷର ଝିଅ ପ୍ରୀତିଙ୍କୁ ଅନୁଗୋଳ ମେଡିକାଲ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ବ୍ୟବଛେଦ କରାଯିବ ବୋଲି କହି ଡାକ୍ତର ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖିଥିଲେ। ଶୁକ୍ରବାର ମଧ୍ୟାହ୍ନରେ ଶବ ସଂରକ୍ଷଣ ଗୃହ ଖୋଲାଯାଇ ମୃତଦେହ ବାହାର କରାଯିବାରୁ ପ୍ରୀତିଙ୍କ ୨ଆଖି ନ ଥିବା ଦେଖିବାକୁ ମିଳିଥିଲା। ଝିଅର ଆଖି ଚୋରି କରାଯାଇଥିବା ନେଇ ବାପା ଅଞ୍ଜନ ଅଭିଯୋଗ କରିଥିଲେ।

# ସେବାଶ୍ରମ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ବାଙ୍କୀ,୨୦।୭(ସ୍ୱ.ପ୍ର./ବି.ପ୍ର.)

ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ଗୟଳବାଙ୍କ ସେବାଶ୍ରମ ବିଦ୍ୟାଳୟର ଜଣେ ୨ୟ ଶ୍ରେଣୀ ଛାତ୍ରୀଙ୍କ ଶନିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ମୟୂରଭଞ୍ଜ ଜିଲା ଅସୁର ଖାଲ ଗ୍ରାମର ନାଣ୍ଡି ତିୟୁ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ନାନା କଳ୍ପନା ଜଳ୍ପନା ଲାଗିରହିଛି। ସୂଚନାଅନୁସାରେ, ଛାତ୍ରୀ ଜଣଙ୍କ ମଧ୍ୟାହ୍ନ ଭୋଜନ ଖାଉଥିବା ସମୟରେ ହଠାତ୍ ଟଳିପଡିଥିଲେ। ଅନ୍ୟ ସହପାଠୀ ପାଟିତୁଣ୍ଡ କରିବାରୁ ବିଦ୍ୟାଳୟର ଆଟେଣ୍ଡାଣ୍ଟ ଏବଂ ଶିକ୍ଷକ ତାଙ୍କୁ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଏ ସଂକ୍ରାନ୍ତରେ ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପରିବାର ଲୋକଙ୍କୁ ଖବର ଦିଆଯାଇଛି। ସେମାନେ ଆସି ନ ଥିବାରୁ ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ପାରିନାହିଁ। ଅନ୍ୟପକ୍ଷରେ ଉପଖଣ୍ଡ ଚିକିତ୍ସାଳୟ ଶବ ସଂରକ୍ଷଣ ଯନ୍ତ୍ର ଖରାପ ହୋଇଥିବାରୁ ମୃତଦେହକୁ ବରଫ ଦିଆଯାଇ ମେଶିନ୍‌ରେ ରଖାଯାଇଛି। ଏଡିଏମ୍ ବିଜୟ ଖଣ୍ଡାୟତ ରାୟ, ଏସଏସ୍‌ଡି ନିର୍ଦ୍ଦେଶକ ରାଜାପରିଜା, ଉପଜିଲାପାଳ ଅରୁଣ ବିଶ୍ୱାଳ, ଡମପଡ଼ା ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା ମେଡିକାଲ୍‌ରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ରେଡକ୍ରସ ପାଣ୍ଠିରୁ ୨୫ ହଜାର ଟଙ୍କା ଦେବାପାଇଁ ଘୋଷଣା କରିଛନ୍ତି। ଏସ୍‌ଏସ୍‌ଡି ନିର୍ଦ୍ଦେଶକ ପରିଜା ସରକାରୀ ନିୟମ ଅନୁଯାଇ ମୃତକଙ୍କ ପରବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି। କେଉଁ କାରଣରୁ ଛାତ୍ରୀଙ୍କ ମୃତ୍ୟୁ ହୋଇଛି ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ପୋଲିସ କହିଛି।

### ହାଇଟେକ୍ ମେଡିକାଲ କଲେଜକୁ ସ୍ୱାସ୍ଥ୍ୟ ବିଭାଗର କଡ଼ା ଚେତାବନୀ

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

ହାଇଟେକ୍ ମେଡିକାଲ କଲେଜରେ ନାମଲେଖାକୁ ନେଇ ଅଭିଯୋଗ ହେବାପରେ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ୨୦୧୯-୨୦ ଶିକ୍ଷା ବର୍ଷରେ ନାମଲେଖା ପାଇଁ ଓଜେଇଇର ନିୟମାବଳୀକୁ ପାଳନ କରିବା, ନାମଲେଖା କିମ୍ବା ରିପୋର୍ଟିଂ ସମୟରେ ଫି’ ବୃଦ୍ଧି ନେଇ ଛାତ୍ରୀଛାତ୍ର କିମ୍ବା ଅଭିଭାବକଙ୍କଠାରୁ କୌଣସି ଅଣ୍ଡରଟେକିଂ ନ ରଖିବା ଓ ରାଜ୍ୟ ସରକାରଙ୍କ ଫି’ ଷ୍ଟ୍ରକ୍‌ଚରକୁ ପାଳନ କରିବା ପାଇଁ ବିଭାଗ କଡ଼ା ନିର୍ଦ୍ଦେଶ ଦେଇଛି। ଏଥିରେ ଖିଲାପ କରାଯାଇଥିବା ପ୍ରମାଣିତ ହେଲେ ଶିକ୍ଷାନୁଷ୍ଠାନର ଏନ୍‌ଓସିକୁ ପ୍ରତ୍ୟାହାର କରିଦିଆଯିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ଶନିବାର ବିଭାଗ ପକ୍ଷରୁ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ସୂଚନାଯୋଗ୍ୟ, କଲେଜରେ ନାମଲେଖା ସମୟରେ ଫି’ ବୃଦ୍ଧି ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କଠାରୁ ଏକ ଅଣ୍ଡରଟେକିଂ ରଖିବା ପାଇଁ ବାଧ କରାଯାଉଥିଲା। ଏନେଇ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।



### ମହାନଦୀରୁ ୭୦ କିଲୋର ମାଛ ଉଦ୍ଧାର

ବାଙ୍କୀ,୨୦।୭(ସ୍ୱ.ପ୍ର.)

ବାଙ୍କୀ ଏନ୍‌ଏସି ନିକଟବର୍ତ୍ତୀ ଚକାପଦାଠାରେ ଶନିବାର ମହାନଦୀରୁ ମାଛ ଧରାଳିମାନେ ଏକ ବିରାଟକାୟ ମାଛକୁ ଜାଲଦ୍ୱାରା ଧରିଥିଲେ। ସେହି ମାଛଟିକୁ ବାଙ୍କୀ ମାଛମାର୍କେଟକୁ ଅଣାଯାଇଥିଲା। ମାଛଟିକୁ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ମାଛଟିର ଓଜନ ପ୍ରାୟ ୭୦କେ.ଜିରୁ ଊର୍ଦ୍ଧ୍ୱ ହୋଇଥିଲା। ଏଭଳି ମାଛ କେବେ ମହାନଦୀରୁ ଧରା ହୋଇ ନ ଥିବା ମାଛଧରାଳି ପ୍ରକାଶ କରିଛନ୍ତି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଭୋକ ହେଲେ ଖାଇବା ହେଉଛି ପ୍ରକୃତି, ଅନ୍ୟର ଖାଦ୍ୟ ପଦାର୍ଥକୁ ଛଡ଼ାଇ ଖାଇବା ବିକୃତି ଏବଂ ନିଜର ଭାଗକୁ ଦୀନ, ଦୁଃଖୀ, ଭୋକିଲାଙ୍କୁ ବାଣ୍ଟି ଦେବା ହେଉଛି ସଂସ୍କୃତି। -ଦୀନ ଦୟାଲ



## ସଂକ୍ଷେପରେ

### ରାଜସ୍ୱ ନିରୀକ୍ଷକଙ୍କୁ ହତ୍ୟା ଧମକ, ଜଣେ ଗିରଫ

**ସାଲେପୁର,୨୦।୭(ଡି.ଏନ.ଏ.):** ସାଲେପୁର ଥାନା ତଥା ଜପକୁଦ ଫାଣ୍ଡି ଅଧୀନ ଜାଗୁଲାଇପଡ଼ା ରାଜସ୍ୱ ନିରୀକ୍ଷକ ସାରଦା ପ୍ରସନ୍ନ ସାହୁଙ୍କୁ ଶୁକ୍ରବାର କେତେଜଣ ଅସାମାଜିକ ଯୁବକ ତାଙ୍କ କାର୍ଯ୍ୟାଳୟରେ ପଶି ଠେଲାପେଲା କରିବା ସହ ହତ୍ୟା ଧମକ ଦେଇଥିଲେ। ଘଟଣା ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ସାହୁ ଜପକୁଦ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣ କବାଟ ମାମଲା ନଂ-୧୭୫/୧୯ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଘଟଣାରେ ସମ୍ପୃକ୍ତ ଥିବା ବୈରାଗୀ ପଡ଼ା ଗ୍ରାମର ଆଲୋକ ଜେନା(୩୨)କୁ ଶନିବାର ପୋଲିସ ଗିରଫ କରିଥିଲା। ପରେ ଦଫା ୪୪୮, ୩୪୧, ୨୯୪, ୫୦୬, ୩୫୩, ୪୨୭, ୩୪ ଆଇ.ପି.ସିରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଯୁବକଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଫାଣ୍ଡି ଅଧିକାରୀ କବାଟ କହିଛନ୍ତି।

### ଦାଦାଙ୍କୁ ମାଡ଼ମାରି ପୁତୁରା ଗିରଫ

**ସାଲେପୁର,୨୦।୭(ଡି.ଏନ.ଏ.):** ଜମି ବିବାଦକୁ ନେଇ ଶୁକ୍ରବାର ଦାଦା ପୁତାରଙ୍କ ମଧରେ ଗଣ୍ଡଗୋଳ ଘଟିଛି। ଫଳରେ ଦାଦାଙ୍କୁ ପୁତୁରା ଆକ୍ରମଣ କରିଛନ୍ତି। ଏନେଇ ସାଲେପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ପୁତୁରାଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ ସଉରୀ ପଞ୍ଚାୟତ ସାରଦା ଗ୍ରାମର ତପନ ରାଉତରାୟ(୫୫)ଙ୍କୁ ତାଙ୍କ ପୁତୁରା ନାରାୟଣ ରାଉତରାୟ(୩୫)ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ ତପନଙ୍କ ସ୍ତ୍ରୀ ଲତିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୧୭୨/୧୯ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଏଏସଆଇ ନିମାଇଁ ଚରଣ ମହାପାତ୍ର ସୂଚନା ଦେଇଛନ୍ତି।

### ନାବାଳିକା ଅପହରଣ ଅଭିଯୋଗ

**ନିଶ୍ଚିନ୍ତକୋଇଲି,୨୦।୭(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟକରପଡ଼ା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଛି। ପଡ଼ୋଶୀ ଗ୍ରାମର ଜଣେ ଯୁବକ ତାଙ୍କୁ ଅପହରଣ କରିଥିବା ନାବାଳିକାଙ୍କ ବାପା ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ-୭୪।୧୯ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଗତ ୧୮ ତାରିଖ ଦିନ ନାବାଳିକା ଜଣଙ୍କ କମ୍ପ୍ୟୁଟର ଶିକ୍ଷା ପାଇଁ ନିଶ୍ଚିନ୍ତକୋଇଲି ବଜାରକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜିବା ଆରମ୍ଭ କରିଥିଲେ। ହେଲେ କୌଣସି ସୂଚନା ପାଇ ନ ଥିଲେ। ଶେଷରେ ବାଧହୋଇ ସେହିଦିନ ଥାନାରେ ଅଭିଯୋଗ କରିଥିଲେ। ଅପହରଣ କରିଥିବା ସମ୍ପୃକ୍ତ ଯୁବକ ଶନିବାର ସୋସିଆଲ୍ ମିଡିଆରେ ନାବାଳିକାଙ୍କ ସହ ଯୋଡ଼ା ଫଟୋ ଅପ୍‌ଲୋଡ୍ କରିବା ପରେ ଘଟଣା ଅଧିକ ଭାଇରାଲ ହୋଇଛି। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଖୁବ୍‌ଶୀଘ୍ର ଅପହରଣକାରୀଙ୍କୁ ଗିରଫ କରାଯିବା ସହ ଅପହର୍ତ୍ତାଙ୍କୁ ଉଦ୍ଧାର କରାଯିବ ବୋଲି ଥାନା ଅଧିକାରୀ ଶୁଭ୍ରାଂଶୁ ପରିଡ଼ା ପ୍ରକାଶ କରିଛନ୍ତି।

■ ସଫେଇ ହେଉନି ଡ୍ରେନ୍

# ରାସ୍ତାରେ ଭାସୁଛି ନର୍ଦ୍ଦମା ପାଣି, ଆବର୍ଜନା

**ନରସିଂହପୁର,୨୦।୭(ସ୍ୱ.ପ୍ର.)**



ରାସ୍ତାରେ ନଳା ପାଣି ଭାସୁଛି।

■ବାଧାପ୍ରାପ୍ତ ହେଉଛି ଯାତାୟାତ
■ବର୍ଷ ବର୍ଷ ଧରି ସଫେଇ ହେଉ ନ ଥିବା ଅଭିଯୋଗ
■ଶୀଘ୍ର ସମାଧାନ କରିବାକୁ ବିଡିଓଙ୍କ ପ୍ରତିଶ୍ରୁତି

ନରସିଂହପୁର ବ୍ଲକ ସଦର ମହକୁମାରେ ଥିବା ଡ୍ରେନଗୁଡ଼ିକର ସଫେଇ କରାଯାଉନି। ଫଳରେ ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମା ପାଣି ଓ ଆବର୍ଜନା ରାସ୍ତାରେ ଭାସୁଛି। ଏଥିଯୋଗୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ରାସ୍ତାରେ ଯାତାୟାତ କରିବା ବାଧାପ୍ରାପ୍ତ ହେଉଛି। ସଦର ମହକୁମାର ଦୋଳବେଦୀ ଛକଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ୨ କଡ଼ର ଡ୍ରେନ ବର୍ଷ ବର୍ଷ ଧରି ସଫା ନ ହେବା କାରଣରୁ ଡ୍ରେନଟି ମାଟି ଓ ଜରି ପଲିଥିନ ଆଦି ଆବର୍ଜନାରେ ପୋତି ହୋଇ ପଡିଛି। ସେହିପରି ଡେଲି ମାର୍କେଟଠାରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷ ତମାମ ଘରୋଇ ବ୍ୟବହାର ଆବର୍ଜନା ପାଣି ଜମା ହୋଇ ରହୁଛି। କ୍ଲବ ଛକଠାରୁ କଚେରି, ବ୍ଲକ, କୋର୍ଟ ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟକୁ ଯାଇଥିବା ରାସ୍ତାର ସବଜେଲ ନିକଟରେ ଡ୍ରେନଟି ପୋତି ହୋଇଯାଇଥିବାରୁ ଏଠାରେ ମଧ ଆବର୍ଜନା ପାଣି ଜମି ରହି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ, ଜନସାଧାରଣ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରତ୍ୟହ ଯିବା ଆସିବା କରୁଥିଲେ ହେଁ ଡ୍ରେନଟିର ମରାମତି ହୋଇପାରୁନାହିଁ।

ପାଦ ଚାଲି ଯାଉଥିବା ଜନସାଧାରଣ ଏହି ଆବର୍ଜନା ପାଣିରେ ଚାଲିବାରୁ ଗୋଡ଼ କୁଣ୍ଡାଇ ହେଉଥିବା ଅଭିଯୋଗ କରିଛନ୍ତି। ଡ୍ରେନ ସଫା କରିବା ପଞ୍ଚାୟତିରାଜ ବିଭାଗର ହୋଇଥିବା ବେଳେ ପାଇକପଡ଼ାପାଟଣା ଓ ନିଜିଗଡ଼ ଗ୍ରାମପଞ୍ଚାୟତ ଏହି କାର୍ଯ୍ୟ କରିବା କଥା। ମାତ୍ର ଉଭୟ ପଞ୍ଚାୟତ ତରଫରୁ ଡ୍ରେନ ସଫା କରାଯାଉ ନ ଥିବା ସାଧାରଣରେ ଅଭିଯୋଗ ହେବା ସହ ଅସନ୍ତୋଷ ବଢିବାରେ ଲାଗିଛି। ସଦର ମହକୁମାରେ ଥିବା ନିଜିଗଡ଼ ସରପଞ୍ଚ ପ୍ରଭାକର ମିଶ୍ର ଓ ପାଇକପଡ଼ାପାଟଣା ସରପଞ୍ଚ ବୀଣାପାଣି ବେହେରାଙ୍କୁ ଡ୍ରେନ ସଫା କରା ନ ଯିବା ସମ୍ପର୍କରେ ପଚାରିବାରୁ ସେମାନେ କହିଥିଲେ, ଗତବର୍ଷ ଡ୍ରେନ ସଫା କରାଯାଇଥିଲା।

ସଚେତନତା ଅଭାବରୁ ଲୋକମାନେ ଡ୍ରେନ ଭିତରେ ଘର ଆବର୍ଜନା ଓ ମାଟି ପକାଉଥିବାରୁ ଡ୍ରେନ ପୋତି ହୋଇଯାଉଛି। ଚଳିତ ବର୍ଷ ତୁରନ୍ତ ଡ୍ରେନ ସଫା କରାଯିବ ବୋଲି ପ୍ରତିକ୍ରିୟା ଦେଇଥିଲେ। ଏ ସମ୍ପର୍କରେ ବିଡିଓ ପ୍ରଶାନ୍ତ କୁମାର ତରାଇ କହିଛନ୍ତି, ଡ୍ରେନ୍ ସଫା ହେଉ ନ ଥିବା ନେଇ ଜନସାଧାରଣ ଅଭିଯୋଗ କରିଛନ୍ତି। ରବିବାର ସମ୍ପୃକ୍ତ ଅଞ୍ଚଳକୁ ଯାଇ ଏହାର ସ୍ଥିତି ସମୀକ୍ଷା କରିବି। ଏହାପରେ ସ୍ଥାନୀୟ ସରପଞ୍ଚମାନଙ୍କ ସହ ଅଲୋଚନା କରାଯାଇ ଶୀଘ୍ର ସମସ୍ୟାର ସମାଧାନ କରାଯିବ। ତେବେ କେବେ ଏହାର ସ୍ଥାୟୀ ସମାଧାନ କରାଯାଉଛି ତାହା ଦେଖିବାକୁ ବାକି ରହିଲା।

ଋଣ କରାଇ ଦେବା ନାଁରେ ୧୦ ଲକ୍ଷ ଠକେଇ

## ଯୁବକଙ୍କୁ ଉଠାଇନେଲା ତିଗିରିଆ ପୋଲିସ

**ମାହାଙ୍ଗା/ତିଗିରିଆ,୨୦।୭ (ସ୍ୱ.ପ୍ର./ଡି.ଏନ.ଏ.)**

ଜଣେ ଯୁବକଙ୍କୁ ଋଣ କରାଇଦେବା ନାଁରେ ୧୦ ଲକ୍ଷ ଟଙ୍କା ଠକେଇ ହୋଇଛି। ଏ ନେଇ ତିଗିରିଆ ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାରେ ସମ୍ପୃକ୍ତ ଥିବା ମାହାଙ୍ଗା ଥାନା ହଳଦିଆ ପଞ୍ଚାୟତ ସଏମ ଗ୍ରାମର ମଦନ ମୋହନ ଗିରି(୩୫)ଙ୍କୁ ଶୁକ୍ରବାର ରାତିରେ ଉଠାଇ ଆଣି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ମଦନମୋହନ ତିଗିରିଆ ଥାନା ଗୋଡିଝରିଆ ଗାଁର ଜିତେନ୍ଦ୍ର କୁମାର ସାହୁଙ୍କୁ ଋଣ କରାଇ ଦେବା ପାଇଁ ବିଭିନ୍ନ ଆଳ ଦେଖାଇ ତାଙ୍କଠାରୁ ୧୦ ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ ଋଣ କରାଇ ଦେଇ ପାରି ନ ଥିଲେ। ଏପରି କି ତାଙ୍କୁ ଧରାଛୁଆଁ ମଧ ଦେଇ ନ ଥିଲେ। ଶେଷରେ ନିରାଶ ହୋଇ ଜିତେନ୍ଦ୍ର ୨୦୧୮ ଫେବୃୟାରୀ ୧୨ରେ ତିଗିରିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୨୦/୧୮ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିଦିନଠାରୁ ଅଭିଯୁକ୍ତ ଫେରାର ଥିଲେ। ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ ରବୀନ୍ଦ୍ର ଭୂଜବଳ ମାମଲାର ତଦନ୍ତ କରିବା ସହ ବିଶେଷ ସୂତ୍ରରୁ ଖବର ପାଇ ମାହାଙ୍ଗା ପୋଲିସ ସହାୟତାରେ ମଦନମୋହନଙ୍କୁ ତାଙ୍କଘରୁ ଉଠାଇ ନେଇଛନ୍ତି। ଏ ନେଇ ଥାନା ଅଧିକାରୀ ଭୂଜବଳଙ୍କୁ ପଚାରିବାରୁ ସେ କହିଥିଲେ, ଘଟଣାର ତଦନ୍ତ ଚାଲିଛି। ରବିବାର ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ।

## ଅବକାରୀ ଚଢ଼ାଉ, ୪ ଗିରଫ



ଅବକାରୀ ବିଭାଗ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ।

**ଆଠଗଡ଼,୨୦।୭(ସ୍ୱ.ପ୍ର.)**

ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ରାତି ଓ ଶନିବାର ସକାଳୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫୧ ଲିଟର ଚୋରା ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ଗୁରୁଡ଼ିଝାଟିଆ ଥାନା କୁଶପଙ୍ଗୀ ଗ୍ରାମର କୃଷ୍ଣଚନ୍ଦ୍ର ଦଳେଇଙ୍କଠାରୁ ୧୫ ଲିଟର, ଆଠଗଡ଼ ଥାନା ଦୋରଡ଼ ଗ୍ରାମର କୃଷ୍ଣ ବେହେରାଙ୍କଠାରୁ ୬ ଲିଟର, ତିଗିରିଆ ଥାନା ଭିରୁଡ଼ା ଗ୍ରାମର ପବିତ୍ର ନାଏକଙ୍କଠାରୁ ୧୫ ଲିଟର ଓ ପ୍ରକାଶ ନାଏକଙ୍କଠାରୁ ୧୫ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଏଥିସହିତ ସମସ୍ତଙ୍କୁ ଗିରଫ କରାଯାଇଛି।

ସୂଚନାଯୋଗ୍ୟ, ଆଠଗଡ ଅଞ୍ଚଳରେ ବ୍ୟାପକ ଚୋରା ମଦ କାରବାର ହେଉଥିବାରୁ ଜିଲା ପ୍ରଶାସନ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଏଥିପ୍ରତି ଅଙ୍କୁଶ ଲଗାଇବାକୁ ବାରମ୍ବାର ତାଗିଦ୍ କରାଯାଇଛି। ବହୁବାର ଚଢ଼ାଉ କରାଯାଇ ବିପୁଳ ମଦ ଜବତ, ଚୋରା ମଦ ପରିବହନ କରୁଥିବା ଗାଡି ଜବତ, ମଦ ପ୍ରସ୍ତୁତି ପାଇଁ ଗଚ୍ଛିତ ଥିବା ପୋଚ ନଷ୍ଟ କରାଯିବା ସହ ବହୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏସବୁ ସତ୍ତ୍ୱେ ଅଞ୍ଚଳରେ ଚୋରା ମଦ କାରବାର ପୂର୍ବବତ୍ ଜାରି ରହିଥିବା ଅଭିଯୋଗ ହୋଇଆସୁଛି। ଲାଇସେନ୍ସ ପ୍ରାପ୍ତ ଦୋକାନଗୁଡିକ ଚୋରା କାରବାର ହେତୁ ଧାର୍ଯ୍ୟ ଲକ୍ଷ ପରିମାଣର ବ୍ୟବସାୟ କରିବା ସମ୍ଭବ ହେଉ ନ ଥିବା ଅଭିଯୋଗ କରିଛନ୍ତି। ଅବକାରୀ ନିରୀକ୍ଷକ ସଞ୍ଜିତ ବାର୍ଲାଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ସହକାରୀ ନିରୀକ୍ଷକ ତଥା ଭାରପ୍ରାପ୍ତ ଅଧିକାରୀ ବିଜୟ ଭଞ୍ଜ, ଏଏସ୍‌ଆଇ ନିରଞ୍ଜନ ସାହୁ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ପାଣିପାଗ ନିର୍ଣ୍ଣୟ, ବୃଷ୍ଟିମାପକ ଯନ୍ତ୍ର ଅଚଳ

**ଟାଙ୍ଗୀ(କଟକ),୨୦।୭(ଡି.ଏନ୍.ଏ.)**

ରାଜ୍ୟ ସରକାର କୃଷି ଓ କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବ୍ଲକରେ ସ୍ୱୟଂଚାଳିତ ପାଣିପାଗ ନିର୍ଣ୍ଣୟ ଯନ୍ତ୍ର ଏବଂ ପ୍ରତ୍ୟେକ ପଞ୍ଚାୟତରେ ସ୍ୱୟଂଚାଳିତ ବୃଷ୍ଟି ମାପକ ଯନ୍ତ୍ର ଲଗାଇବାକୁ ସ୍ଥିର କରିଥିବା ଜଣାପଡିଛି। ଏଥି ନିମନ୍ତେ ୧୦କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ସାଧାରଣରେ ଆଗୁଆ ସତର୍କ କରିବା ତଥା କୃଷି ଓ କୃଷକଙ୍କ ସ୍ୱାର୍ଥରେ ଏହି ବ୍ୟବସ୍ଥା କରାଯାଉଥିବା ଗୁରୁବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି। କିନ୍ତୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ପରିସରରେ ଆଗୁଆ ସ୍ଥାପିତ ଏହି ଦୁଇଟି ସ୍ୱୟଂଚାଳିତ ଯନ୍ତ୍ର ଅଚଳ ହୋଇପଡିଛି। ଦୀର୍ଘ ଦୁଇବର୍ଷ ତଳେ ସ୍ଥାପନା କରାଯାଇଥିଲେ ମଧ ଏହା ଦୁଇ ମାସ ଚାଲିବା ପରେ ଅଚଳ ହୋଇପଡିଥିବା ସହକାରୀ କୃଷି ଅଧିକାରୀ କୁଳମଣି ବାରିକ କହିଛନ୍ତି। ପାଣିପାଗ ସଂକ୍ରାନ୍ତ ସୂଚନା ପ୍ରଦାନ ନିମନ୍ତେ ମିନି ଅଟୋମେଟିକ୍ ୱେଦର ଷ୍ଟେଶନ(ଛୋଟ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର) ସ୍ଥାପିତ ହୋଇଥିଲେ ମଧ ଏହାର ରକ୍ଷଣାବେକ୍ଷଣ ଦିଗରେ କାହାରି ନଜର ନାହିଁ। ସେହିପରି ବ୍ଲକ ପକ୍ଷରୁ ଲାଗିଥିବା ପାଗ ନିର୍ଣ୍ଣୟ ଯନ୍ତ୍ର ଲତାଗୁଳ୍ମରେ ପରିପୂର୍ଣ୍ଣ ହୋଇ ନଷ୍ଟ ହୋଇଯାଇଥିବା ବେଳେ ଏହା ଠିକ୍ ଥିବା ବିଡିଓ ବିନୋଦ କୁମାର ସେନାପତି କହିଛନ୍ତି।





ଅଚଳ ଅବସ୍ଥାରେ ବୃଷ୍ଟି ମାପକ ଓ ପାଣିପାଗ ନିର୍ଣ୍ଣୟ ଯନ୍ତ୍ର ।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଆଠଗଡ଼,୨୦।୭(ସ୍ୱ.ପ୍ର.)**

ବଡ଼ମ୍ବା ଥାନା କଦନା ଗ୍ରାମରେ ଶନିବାର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର କୁଳମଣି ନାୟକଙ୍କ ପୁଅ ଦୀପୁ(୨୫)। ରାତି ପ୍ରାୟ ୮ଟାରେ ବିଦ୍ୟୁତ୍ ଆଘାତ ଲାଗି ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ପଙ୍ଖା ଚାଲୁ ନ ଥିବାରୁ ଦୀପୁ ତାଜାରେ ଚଢ଼ି ପଙ୍ଖାକୁ ବୁଲାଉଥିଲେ। ପଙ୍ଖା ତାର କଟି ଯାଇଥିବାରୁ ଚାର୍ଜ ହୋଇ ଯାଇଥିଲା। ଏହି ସମୟରେ କରେଣ୍ଟ ଲାଗିବାରୁ ଦୀପୁ ତଳେ ପଡ଼ିଯାଇଥିଲେ। ତାଙ୍କୁ ପରିବାରବର୍ଗ ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ଆଠଗଡ଼ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ରବିବାର ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ସରକାରୀ ଖାତାକୁ ଜମି ଫେରସ୍ତ ପାଇଁ ଦାବିପତ୍ର

**କଟକ ସଦର,୨୦।୭(ଡି.ଏନ୍.ଏ.)**

କିଶନନଗର ତହସିଲ ପ୍ରହରାଜପୁର ରାଜସ୍ୱ ସର୍କଲର ଶିଉଳି ମୌଜାରେ ସରକାରୀ ଜମିକୁ କେତେଜଣ ବ୍ୟକ୍ତି ବେଆଇନଭାବେ ପଟ୍ଟା କରିନେଇଛନ୍ତି। ଏହି ଜମିକୁ ସରକାରୀ ଖାତାକୁ ଫେରାଇ ଆଣିବା ପାଇଁ ସ୍ଥାନୀୟ ବାସିନ୍ଦା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୧୯୩୦ ମସିହା ପଟ୍ଟାରେ ଜମିଗୁଡ଼ିକ ସରକାରୀ ଖାତାରେ ଥିବାବେଳେ ୧୯୭୪ରେ ସ୍ଥିତିବାନ ହୋଇଥିଲା। ତେଣୁ ସରଜମିନ ତଦନ୍ତ କରି ଜମିକୁ ଫେରାଇ ଅଣାଗଲେ ସର୍ବସାଧାରଣଙ୍କ ଉପକାର ହେବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା। ଏ ସମ୍ପର୍କରେ ତହସିଲଦାର ସୁଚେତା ମହାପାତ୍ର କୁହନ୍ତି, ତଦନ୍ତ ପାଇଁ ଆରଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ରାସ୍ତା ଖୋଳି ସାଇନ୍ ବୋର୍ଡ ଭାଙ୍ଗିଲା ନେଟଓ୍ୱର୍କିଂ ସଂସ୍ଥା

**ରଘୁନାଥପୁର, ୨୦।୭ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ତାରପୁର ବାଇପାସଠାରୁ ମାହାଳହାଟ ପର୍ଯ୍ୟନ୍ତ ମହାନଦୀ ଆପ୍ରୋଚ ରୋଡ ରାସ୍ତା ଖୋଳି ଉଭୟ ପାର୍ଶ୍ୱରେ ଲଗାଯାଇଥିବା ସାଇନ୍ ବୋର୍ଡକୁ ଭାଙ୍ଗି ଦେଇଛି ଏକ ମୋବାଇଲ ନେଟଓ୍ୱର୍କିଂ ସଂସ୍ଥା। ତାହାର ଏଭଳି କାମ ଉପରେ ବର୍ଷିଛନ୍ତି ଆରଆଣ୍ଡବି ଯନ୍ତ୍ରୀ। ବିନା ପରମିଶନରେ ଉକ୍ତ ସଂସ୍ଥା ନଦୀ ବ୍ରିଜକୁ ଲାଗିଥିବା ଆପ୍ରୋଚ ରୋଡ ପାର୍ଶ୍ୱ ଖୋଳି କୂଅ ନନ୍ଦ ବସାଇ ମହାନଦୀ ବ୍ରିଜ୍‌ର ଉଭୟପାର୍ଶ୍ୱକୁ ସଂଯୋଗ କରିଛି। ଏହାଛଡା ରାସ୍ତାପାର୍ଶ୍ୱରେ ଲଗାଯାଇଥିବା ଦୁର୍ଘଟଣା ନିରୋଧ ସୂଚନା ବୋର୍ଡକୁ ମଧ ମେଶିନ ଦ୍ୱାରା ଭାଙ୍ଗି ଦିଆଯାଇଥିଲା। ଏ ସମ୍ପର୍କରେ ଖବରପାଇ କନିଷ୍ଠ ଯନ୍ତ୍ରୀ ବିନୟ କୁମାର ସାହୁ କାର୍ଯ୍ୟ ନ କରିବାକୁ ସମ୍ପୃକ୍ତ ସଂସ୍ଥାକୁ କହିଥିଲେ। ତେବେ ଯନ୍ତ୍ରୀ ଚାଲିଯିବା ପରେ ସମ୍ପୃକ୍ତ ସଂସ୍ଥା କାର୍ଯ୍ୟ କରାଇ ନେଇଥିଲେ।

ସୂଚନାଯୋଗ୍ୟ, ବର୍ଷାଦିନେ ଆପ୍ରୋଚ ରୋଡ ଉପର ଦେଇ ବର୍ଷାପାଣି ନିର୍ଗତ ହେବା ସମୟରେ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ରାସ୍ତା ଭୁଶୁଡି ପଡିଥାଏ। ବର୍ତ୍ତମାନ ଉକ୍ତ ସଂସ୍ଥା ରାସ୍ତାପାର୍ଶ୍ୱକୁ ଖୋଳିବା ଦ୍ୱାରା ଉକ୍ତ ସ୍ଥାନଟି ଦୁର୍ବଳ ହୋଇଯିବା ଏବଂ ଅଧିକ ବର୍ଷା ହେଲେ ରାସ୍ତା ଭୁଶୁଡି ପଡିବାର ଯଥେଷ୍ଟ ସମ୍ଭାବନା ରହିଥିବା ଯନ୍ତ୍ରୀ ସାହୁ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସେ ଏସ୍‌ଡିଓଙ୍କୁ ଅବଗତ କରିଥିବା ଏବଂ ଅଧିକାରୀଙ୍କ ପରାମର୍ଶକ୍ରମେ ରଘୁନାଥପୁର ଥାନାରେ ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି।

## ଦୁଇଦିନିଆ ଅନସାରୁଲ୍ଲା ଇଜତମା ଆରମ୍ଭ

**ତିଗିରିଆ,୨୦।୭(ଡି.ଏନ.ଏ.)**

ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା କରଡ଼ାପଲ୍ଲୀ ଜାମା ମସଜିଦ୍‌ଠାରେ ଶନିବାର ଦୁଇ ଦନିଆ ଅନସାରୁଲ୍ଲା ଅହମ୍ମଦିୟା ଇଜତମା ଆରମ୍ଭ ହୋଇଛି। ଗ୍ରାମ୍ୟ କମିଟି ସଭାପତି ସେକ ଅବଦ୍ଦୁଲ ମାଲିକ ମୁଖ୍ୟଅତିଥି ରୂପେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ଆୟୋଜିତ ପ୍ରତିଯୋଗିତାରେ ସଭାପତିତ୍ୱ କରିଥିଲେ। ଏଥିରେ ୪୦ବର୍ଷରୁ ଊର୍ଦ୍ଧ୍ୱ ଅହମ୍ମଦିୟା ସମ୍ପ୍ରଦାୟର ପୁରୁଷଙ୍କୁ ନେଇ ବିଭିନ୍ନ ଧର୍ମୀୟ ଓ ଖେଳକୁଦ ପ୍ରତିଯୋଗିତା କରାଯିବ। ପ୍ରତିଯୋଗିତା ପ୍ରାରମ୍ଭରେ ସେକ ସୋଲେମାନ ପବିତ୍ର କୋରାନ ଶ୍ଳୋକ ପାଠ କରିଥିବା ବେଳେ ସେକ ମନାନ ଉର୍ଦ୍ଦୁ କବିତା (ନଜମ) ପାଠ କରିଥିଲେ। ଚଳିତ ମାସ ୨୭ ଓ ୨୮ତାରିଖରେ ଜମାତ ଅହମ୍ମଦିୟା ସୋରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଅନସାରୁଲ୍ଲା ପ୍ରତିଯୋଗିତାରେ କରଡ଼ାପଲ୍ଲୀର ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଗ୍ରାମ୍ୟ କମିଟି ସଭାପତି ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧରେ ମୌଲାନା ହଲିମ୍ ଖାଁ, ମୌଲାନା ସେକ ନାସିରୁଦ୍ଦିନ, ମୌଲାନା ଅବଦୁଲ ଅସଲାମ ଉପସ୍ଥିତ ଥିଲେ। ଜମାତ ଅହମ୍ମଦିୟା ଶପଥ ପାଠ ଜଲୁ ଖାଁ କରାଇଥିଲେ। ରବିବାର ଏହାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ।

## ଅପହରଣ ହୋଇଥିବା ଯୁବକ ଖୁଣ୍ଟୁଣୀରୁ ଉଦ୍ଧାର

**ନରାଜ,୨୦।୭(ଡି.ଏନ୍.ଏ.)**

ବାରଙ୍ଗ ଥାନା ଅଞ୍ଚଳରୁ ଶନିବାର ଅପହରଣ ହୋଇଥିବା ଜଣେ ଯୁବକଙ୍କୁ ପୋଲିସ ଖୁଣ୍ଟୁଣୀରୁ ଉଦ୍ଧାର କରିଛି। ସେ ହେଲେ ଏହି ଥାନା ଅଧୀନ ବଡମୁଣ୍ଡଳୀ ଗ୍ରାମର ନିରଞ୍ଜନ ନାଥ(୩୮)। ଏହି ଅପରହଣ ଘଟଣାରେ ପୋଲିସ ଜଣକୁ ଅଟକ ରଖି ପଚରାଉଚରା କରିଛି। ସୂଚନାଯୋଗ୍ୟ ପ୍ରତିଦିନ ଭଳି ଶନିବାର ସକାଳେ ମୁଣ୍ଡଳୀ ବାଶେଳୀ ଗଡାକୁ କେନାଲକୁ ଗାଧୋଇବା ପାଇଁ ନିଜ ମଟର ସାଇକେଲ ଯୋଗେ ନିରଞ୍ଜନ ଯାଇଥିଲେ। ସେ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ବାଶେଳୀ ଗଡା ନିକଟରେ ଯାଇ ଖୋଜାଖୋଜି କରିଥିଲେ। ସେଠାରେ ନିରଞ୍ଜନଙ୍କ ବାଇକର ଯନ୍ତ୍ରାଂଶ ଖୋଲାଖୋଲି ହୋଇ ପଡିଥିବା ସହ ସେ ପିନ୍ଧିଥିବା ଚପଲ ପଡିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସନ୍ଦେହ ହେବାରୁ ପରିବାର ଲୋକେ ତାଙ୍କ ପୁଅଙ୍କୁ କେହି ଅପହରଣ କରି ନେଇଥିବା ନେଇ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଭିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ବିଶେଷ ସୂତ୍ରରୁ ଖବରପାଇ ଖୁଣ୍ଟୁଣୀ ଥାନା ଅଞ୍ଚଳରେ ଅପହରଣ ହୋଇଥିବା ଜାଣି ଚଢ଼ାଉ କରି ଜଣେ ଦୁର୍ବୃତ୍ତଙ୍କୁ ଧରିବା ସହ ନିରଞ୍ଜନଙ୍କୁ ଉଦ୍ଧାର କରିଛନ୍ତି। ଅଭିଯୁକ୍ତକୁ ପୋଲିସ ଥାନାରେ ଅଟକ ରଖି ଅପହରଣର କାରଣ ଜାଣିବା ପାଇଁ ପଚରା ଉଚରା କରୁଥିବା ବେଳେ ଏଥିରେ ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି।

## ପ୍ରତିଯୋଗିତା ମାଧମରେ ସଡ଼କ ସୁରକ୍ଷା ସଚେତନତା

**ବାଙ୍କୀ,୨୦।୭(ସ୍ୱ.ପ୍ର.)**

ବାଙ୍କୀ ଓ ବୋଲଗଡ଼ ବ୍ଲକର ଛାତ୍ରୀଛାତ୍ରଙ୍କ ମଧରେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ପାଇଁ ଏକ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଠଣାପଲ୍ଲୀ ଯୁବକ ସଂଘ ଆନୁକୂଲ୍ୟରେ ଧଳାପଥର-କଳାପଥର ବାଳିକା ହାଇସ୍କୁଲ ପରିସରରେ ଏହି ବକ୍ତୃତା, ପ୍ରବନ୍ଧଲେଖା ଓ ଜଣାଅଜଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କଳାପଥର, ଧଳାପଥର, ଜଗନ୍ନାଥପୁର, କେନ୍ଦୁପଲ୍ଲୀ, ଲୁହାଗୋଡି ପାଟଣା, ଆରିକିମା, ଅଶରଡା ଉଚ୍ଚ ବାଳିକା ବିଦ୍ୟାଳୟ ଓ ଶିଶୁ ମନ୍ଦିର ପ୍ରମୁଖ ୧୫ ଶିକ୍ଷା ଅନୁଷ୍ଠାନରୁ ପ୍ରାୟ ୧ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କଲ୍ୟାଣୀ ସାହୁଙ୍କ ସଭାପତିତ୍ୱରେ କଳାପଥର-ଧଳାପଥର ଆଞ୍ଚଳିକ ମହାବିଦ୍ୟାଳୟ ଅଧକ୍ଷା ଗୀତା ଦୀକ୍ଷିତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ସିଆରସିସି ରତ୍ନପ୍ରଭା ସାହୁ, ମୁଖଶାଳା ପତ୍ରିକା ସମ୍ପାଦକ ବଂଶୀଧର ପଣ୍ଡା ଯୋଗଦାନ କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ କବି ଶ୍ରୀନିବାସ ପାଣି, କବୟିତ୍ରୀ ପୁଷ୍ପଲତା ମହାପାତ୍ର, ସାହିତ୍ୟିକ ପ୍ରଫୁଲ୍ଲ ହୋତା, ଠଣାପଲ୍ଲୀ ଜାଭିୟର ପବ୍ଲିକ ସ୍କୁଲ ଅଧକ୍ଷ ସୂର୍ଯ୍ୟକାନ୍ତ ପ୍ରଧାନ ପ୍ରମୁଖ ଯୋଗଦାନ କରି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଯୁବକ ସଂଘ ସମ୍ପାଦକ ଭାଗିରଥି ଦାସ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମନ୍ତବ୍ୟ ପ୍ରଦାନ କରିଥିଲେ। ଉପସ୍ଥିତ ଅତିଥି ସଡ଼କ ସୁରକ୍ଷା ଜୀବନ ରକ୍ଷା, ଦ୍ରୁତ ଗତି ମହାବିପତ୍ତି ଉପରେ ଆଲୋଚନା କରି ଗାଡି ଚଳାଇବା ବେଳେ ହେଲମେଟ୍ ପିନ୍ଧିବା, ସିଟ୍ ବେଲ୍ଟ ବାନ୍ଧିବା, ମୋବାଇଲ ବ୍ୟବହାର ନ କରିବା, ନିଶା ସେବନ ନ କରିବା, ରାସ୍ତାର ନିୟମ ମାନିବା ଉପରେ ଗୁରୁତ୍ୱ ଦେଇଥିଲେ। ଅଧକ୍ଷା ଦୀକ୍ଷିତ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ଯୁବକ ସଂଘ କାର୍ଯ୍ୟକାରୀ ସଭାପତି ନବ କିଶୋର ମହାରଣା, ସ୍ୱେଚ୍ଛାସେବୀ ଦାସରଥି ସାହୁ, ନବକିଶୋର ମିଶ୍ର ଓ ଶିକ୍ଷକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ସୁଦର୍ଶନ ସାହୁ ଧନ୍ୟବାଦ ଦେଇଥିଲେ।




ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।



ଭୋକ ହେଲେ ଖାଇବା ହେଉଛି ପ୍ରକୃତି, ଅନ୍ୟର ଖାଦ୍ୟ ପଦାର୍ଥକୁ ଛଡ଼ାଇ ଖାଇବା ବିକୃତି ଏବଂ ନିଜର ଭାଗକୁ ଦୀନ, ଦୁଃଖୀ, ଭୋକିଲାଙ୍କୁ ବାଣ୍ଟି ଦେବା ହେଉଛି ସଂସ୍କୃତି। -ଦୀନ ଦୟାଲ

## ସଂକ୍ଷେପରେ

### ଦୁର୍ବୃତ୍ତ ମହିଳାଙ୍କଠାରୁ ନେଇ ଗଲେ ୨ ସୁନା ହାର

**ଝାଁଳା,୨୦।୭(ଡି.ଏନ.ଏ.):**ଜଟଣୀ ଥାନା ଅନ୍ତର୍ଗତ ଝାଁଳା ଫାଣ୍ଡି ଅଧୀନ ୧୬ ନଂ. ଜାତୀୟ ରାଜପଥରେ ପ୍ରାୟ ସବୁଦିନ ଲୁଟ୍‌ପାଟ ଚାଲିଛି। ଶନିବାର ରାତି ୮ଟାରେ ପୁରୁଣା ଭୁବନେଶ୍ୱରରୁ ସଙ୍ଗୀତା ପାଣିଗ୍ରାହୀ ତାଙ୍କ ଭିଣୋଇଙ୍କ ସହ ନିଜ ଘର କାଇମାଟିଆକୁ ଆସୁଥିବା ବେଳେ ଜାତୀୟ ରାଜପଥ ଗୋହିରା ଛକ ପାଖରେ ରାସ୍ତା ପାରି ହେବାକୁ ଅପେକ୍ଷା କରିଥିଲେ। ଏହି ସମୟରେ ବାଇକ୍‌ରେ ୨ ଜଣ ଦୁର୍ବୃତ୍ତ ଆସି ସଙ୍ଗୀତାଙ୍କ ଭ୍ୟାନିଟ ଝାମ୍ପି ନେଇ ଯାଇଥିଲେ। ଲୁଟେରାମାନଙ୍କ ଭୟରେ ସଙ୍ଗୀତା ତାଙ୍କ ଭ୍ୟାନିଟରେ ୨ଟି ସୁନା ହାର ନ ପିନ୍ଧି ରଖିଥିଲେ। ହାର ଦୁଇଟିର ଓଜନ ପ୍ରାୟ ୬ ଭରି ହେବ ବୋଲି ସଙ୍ଗୀତା କହିଛନ୍ତି। ଏ ନେଇ ସେ ଝାଁଳା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ

**ଟାଙ୍ଗୀ (ଖୋର୍ଦ୍ଧା), ୨୦।୭ (ଡି.ଏନ.ଏ.):** ୧୬ନଂ. ଜାତୀୟ ରାଜପଥ ବଡପୋଖରିଆ ଛକଠାରେ ଶନିବାର କାର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରବୀନ୍ଦ୍ର କୁମାର ଦାସ (୫୩) ଓ ତାଙ୍କ ଘର ଟାଙ୍ଗୀ ଥାନା ପଥରବନ୍ଧ ଗ୍ରାମରେ। ରବୀନ୍ଦ୍ର ବାଇକ୍‌ରେ ଭୁବନେଶ୍ୱର ଯାଉଥିବା ବେଳେ ବଡପୋଖରିଆ ଛକ ନିକଟରେ ପଛପଟୁ ଏକ କାର ଆସି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଜଙ୍କିଆ ଥାନା ପୋଲିସ ପହଞ୍ଚି ଦର୍ଘଟଣାଗ୍ରସ୍ତ ଗାଡି ଜବତ କରି ତଦନ୍ତ ଚଳାଇଛି।

### ଓଷ୍ଟାର କାର୍ଯ୍ୟକାରିଣୀ ବୈଠକ

**ଖୋର୍ଦ୍ଧା ଅଫିସ,୨୦।୭:**ଚିଲିକା ବ୍ଲକ ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା)ର କାର୍ଯ୍ୟକାରିଣୀ ବୈଠକ ନାଚୁଣୀ ନିକଟସ୍ଥ ନୀଳକଣ୍ଠେଶ୍ୱର ମନ୍ଦିରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ବ୍ଲକ ସମ୍ପାଦକ ଆଶିଷ କୁମାର ପତିଙ୍କ ଆବାହକତ୍ୱ ଓ ହରିପୁରଶାସନ ଲକ୍ଷ୍ମୀଧର ନୋଡାଲ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପ୍ରମୋଦ ପଣ୍ଡାଙ୍କ ପୌରୋହିତ୍ୟରେ ବ୍ଲକର ଦିବଂଗତ କର୍ମଚାରୀଙ୍କ ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଓଷ୍ଟାର ଜିଲା କାର୍ଯ୍ୟକାରୀ ସଦସ୍ୟ ପ୍ରମୋଦ କୁମାର ସ୍ୱାଇଁ ଯୋଗ ଦେଇ ୨୮ ତାରିଖରେ ହେବାକୁ ଥିବା ଜିଲା ସାମ୍ବିଧାନିକ ସମ୍ମିଳନୀ ସମ୍ପର୍କରେ ଅବଗତ କରାଇଥିଲେ। ସ୍କୁଲର ସମସ୍ୟା ଏଥିରେ ଉଠିଥିଲା। ବିଭିନ୍ନ ସ୍କୁଲରେ ପ୍ରଧାନ ଶିକ୍ଷକ, ବିଜ୍ଞାନ ଶିକ୍ଷକ, କଳା ଶିକ୍ଷକ ପଦବୀ ଖାଲି ପଡିଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି। ଏଣୁ ବିଭିନ୍ନ ସମୟରେ ଅଭିଭାବକମାନେ ବିଦ୍ୟାଳୟ ପରିଚାଳନା, ଉନ୍ନତି ପରିଷଦ ବୈଠକରେ କ୍ଷୋଭ ପ୍ରକାଶ କରିଛନ୍ତି। ସେହିଭଳି ସ୍କୁଲର ଆଜବେଷ୍ଟସ ଛପର, ଶ୍ରେଣୀଗୃହ ରହିଥିଲେ ମଧ ମରାମତି କରାଯାଉନି। ପାନୀୟ ଜଳ ମଧ ଠିକ୍‌ରେ ମିଳୁନି। କମ୍ପ୍ୟୁଟର ଶିକ୍ଷକ ନ ଥିବାରୁ ପିଲାମାନେ କମ୍ପ୍ୟୁଟର ବିଷୟରେ କିଛି ଜାଣି ପାରୁନାହାନ୍ତି। ସ୍କୁଲର ସମସ୍ୟା ବିଷୟରେ ବିଧାୟକଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ହୋଇଛି।

# ରିମାଣ୍ଡ ଶେଷ, ଜେଲକୁ ଫେରିଲେ ଛୋଟା

**ଖୋର୍ଦ୍ଧା ଅଫିସ,୨୦।୭**

ରିମାଣ୍ଡ ଶେଷ ହେବା ପରେ ବ୍ରାଉନସୁଗାର କାରବାରର ମାଷ୍ଟର ମାଇଣ୍ଡ, ଖୋର୍ଦ୍ଧା ପଥର ଖଣି କାରବାରରେ ରାଜ କରୁଥିବା ସୁଧାଂଶୁ ପରିଡା ଓରଫ ଛୋଟାଙ୍କୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଖୋର୍ଦ୍ଧା ଏସଡିଜେଏମ୍‌ଙ୍କ କୋର୍ଟରେ ଶନିବାର ହାଜର କରାଇଥିଲା। ପରେ ଏସ୍‌ଡିଜେଏମ୍ ଛୋଟାଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦେଇଛନ୍ତି। ତେବେ ଛୋଟାଙ୍କୁ ପୁଣି ରିମାଣ୍ଡରେ ନେବା ପାଇଁ ଏସ୍‌ଟିଏଫ୍ ଏସଡିଜେଏମ୍‌ଙ୍କ ନିକଟରେ ଆବେଦନ କରି ନାହିଁ। ଛୋଟା ଏସ୍‌ଟିଏଫ୍ ଟିମ୍‌କୁ ବ୍ରାଉନସୁଗାର ଓ ଖଣି ବ୍ୟବସାୟର ଗୁମର ଖୋଲିଛନ୍ତି ନା ଚକମା ଦେଖାଇ ଚୁପ ରହିଛନ୍ତି ତାହା ଜଣାପଡିନାହିଁ। ହେଲେ ଏନ୍‌କାଉଣ୍ଟରରୁ ରକ୍ଷା ପାଇଁ ଏସ୍‌ଟିଏଫ୍‌କୁ ଚକମା ଦେଖାଇବା ପାଇଁ ଛୋଟା ଆତ୍ମସମର୍ପଣ କରିଥିଲେ। ରିମାଣ୍ଡରେ ନେଲେ ଚତୁରତାର ସହ କିଛି ନ କହିବାକୁ ତାଲିମ ନେଇଥିଲେ ବୋଲି ଜଣେ ସହଯୋଗୀ ନାଁ ଗୋପନ ରଖି ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି ଗୁରୁବାର ଏସ୍‌ଟିଏଫ୍ ଛୋଟାଙ୍କୁ ୩ ଦିନ ପାଇଁ ରିମାଣ୍ଡରେ ନେଇଥିଲେ। ଅନ୍ୟପକ୍ଷେ ଛୋଟାଙ୍କୁ ପୁଣିଥରେ ରିମାଣ୍ଡରେ ଅଣାଯିବ କି ନାହିଁ ଆଲୋଚନା ଜାରି ରହିଛି ବୋଲି ଏସ୍‌ଟିଏଫ୍‌ର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

### ଛୋଟାଙ୍କୁ ଜମି ବିକ୍ରି କରି ଚିନ୍ତାରେ ଶିକ୍ଷକ

ଛୋଟାଙ୍କୁ ସରକାରୀ ଜମି ବିକ୍ରି କରି ଗୁରୁଜଙ୍ଗର ଜଣେ ଶିକ୍ଷକ ଚିନ୍ତାରେ ରହିଛନ୍ତି। ଗୁରୁଜଙ୍ଗ ଜବରଦସ୍ତପୁର ଦ୍ୱାରିକାନଗରରେ ଛୋଟା ଯେଉଁ ସରକାରୀ ଜମି ମାଡି ବସି ବେଆଇନ ପ୍ରାସାଦ ନିର୍ମାଣ କରିଥିଲେ ସେଥିରେ ଶିକ୍ଷକଙ୍କର ଅଂଶ ଥିଲା। ୮୦ ହଜାର ଟଙ୍କାରେ ଶିକ୍ଷକ କିଛି ଜମି ବିକ୍ରି କରିଥିଲେ। ତେବେ ସରକାରୀ ଜମି ବିକ୍ରି ଶିକ୍ଷକଙ୍କ ପରିବାର ଓ ଚାକିରିରେ କିପରି ଆଞ୍ଚ ନ ଆଣିବ ସେଥିପାଇଁ ଚିନ୍ତିତ। ଏସ୍‌ଟିଏଫ୍ କିପରି ଏହା ନ ଜାଣୁ ସେନେଇ ଶିକ୍ଷକ ପୋଲିସ, ଓକିଲ, ଗଣମାଧ୍ୟମର ପ୍ରତିନିଧିଙ୍କ ସମେତ ଅନ୍ୟମାନଙ୍କ ସହ ଆଲୋଚନା କରି ଖସିବାର ମାର୍ଗ ପଚାରୁଛନ୍ତି।

### ଅଟୋ ଚୋରାଇ ନେଲେ

ମଠସାହିରେ ବ୍ରାଉନସୁଗାର ବିରୋଧୀ ଅଭିଯାନ ଚାଲୁ ରହିଛି। ବ୍ରାଉନସୁଗାର ଖାଅ ନାହିଁ କି ବିକ୍ରି କର ନାହିଁ ବୋଲି ସ୍ଥାନୀୟ ଅଞ୍ଚଳରେ ସଚେତନତା ଚାଲିଛି। ସେବନକାରୀ ଓ ବ୍ୟବସାୟୀମାନେ ସ୍ଥାନୀୟ ଅଞ୍ଚଳରେ ଦେଖା ଦେଲେ ମାରପିଟ୍ କରି ଗାଁ ଲୋକେ ଘଉଡାଇ ଦେଉଛନ୍ତି। ଏଭଳିସ୍ଥଳେ ମଠସାହିର ଗୋବର୍ଦ୍ଧନ ସାହୁଙ୍କର (ନଂ. ଓଆର୦୨ଏଫ ୪୪୦୭) ଅଟୋ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଅଟୋ ଚୋରି ପଛରେ ବ୍ରାଉନସୁଗାର ବିରୋଧୀ ଅଭିଯାନ ଏକ କାରଣ ବୋଲି ସନ୍ଦେହ କରାଯାଉଛି। କେତେଜଣ ବ୍ରାଉନସୁଗାର ସେବନକାରୀ ଓ ବ୍ୟବସାୟୀ ପ୍ରତିଶୋଧ ନେଇଥିବା କୁହାଯାଉଛି। ତେବେ ଗୋବର୍ଦ୍ଧନଙ୍କର ଏହି ଅଭିଯାନ ସହ ନେଣଦେଣ ନ ଥିବା ଜଣାପଡିଛି। ଘରେ ସ୍ତ୍ରୀ ଜଣେ କ୍ୟାନସର ରୋଗୀ । ଅଟୋ ଚୋରି ହୋଇଯାଇଥିବାରୁ ଘରେ ଚୁଲି ଜଳୁନି।

### ବ୍ରାଉନସୁଗାର ବିକ୍ରି ମନା

ଖୋର୍ଦ୍ଧାର ଉପରସାହିରେ ସ୍ଥାନୀୟ ବାସିନ୍ଦା ବ୍ରାଉନସୁଗାର କାରବାର ବନ୍ଦ କରାଇଛନ୍ତି। ଲୋକଙ୍କ କଥା ନମାନି ଯେଉଁମାନେ ବ୍ରାଉନସୁଗାର ବିକୁଛନ୍ତି, ଅଥବା ସେବନ କରିବାକୁ ଆସୁଛନ୍ତି ମାଡ ଖାଇ ଫେରିବାକୁ ପଡୁଛି। ଲୋକଙ୍କ କଥା ନମାନି ୬ ଜଣ ପ୍ରବେଶ କରିବା ପରେ ଶୁକ୍ରବାର ମାଡ ଖାଇ ଫେରିଛନ୍ତି। ସେହିପରି ସ୍ୱପ୍ନେଶ୍ୱରସାହିର ମହିଳାମାନେ ୩ ଜଣଙ୍କୁ କାବୁ କରି ଖୋର୍ଦ୍ଧା ପୋଲିସ ଜିମା ଦେଇଛନ୍ତି। ଖୋର୍ଦ୍ଧା ସହରରେ ପୋଲିସ ଓ ଅବକାରୀ ବିଭାଗ ବ୍ରାଉନସୁଗାର ଧରପଗଡ ନେଇ ନୀରବତା ଅବଲମ୍ବନ କରୁଥିବାରୁ ସ୍ଥାନୀୟ ଲୋକ ନିଶା ବିରୋଧରେ ଏକାଠି ହୋଇଛନ୍ତି।





(ଉପର) ବେଗୁନିଆ ବିଡିଓଙ୍କୁ ସ୍ଥାନୀୟ ଖବରଦାତାମାନେ କେନ୍ଦ୍ରାପଡାରେ ଖବରଦାତାଙ୍କୁ ଆକ୍ରମଣ ପ୍ରତିବାଦରେ ଦାବିପତ୍ର ପ୍ରଦାନ କରୁଛନ୍ତି । (ତଳ) ନିରାକାରପୁର ଖବରଦାତା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି ।

# ଦିବ୍ୟାଙ୍ଗଙ୍କ ଅଧିକାର ନେଇ ଅନ୍ତର୍ଜାତୀୟ ଅଭିଯାନ ଆରମ୍ଭ



କର୍ମଶାଳାରେ ଉପସ୍ଥିତ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ଦିବ୍ୟାଙ୍ଗଙ୍କ ଅଧିକାର ନିମନ୍ତେ ବିଶ୍ୱସ୍ତରରେ ଏକ ଅନ୍ତର୍ଜାତୀୟ ଅଭିଯାନର ଶୁଭାରମ୍ଭ କରାଯାଇଛି। ସାଇଟସେଭର୍ସ ପକ୍ଷରୁ ଶନିବାର ଏ ନେଇ ସ୍ଥାନୀୟ ଏକ ହୋଟେଲରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସାଇଟ ସେଭର୍ସର ଆଡଭୋକେସି ମ୍ୟାନେଜର କେତନ କୋଠାରୀ ଏହି ଅବସରରେ ଯୋଗଦେବା ସହ ଏହି ଅଭିଯାନର ଗୁରୁତ୍ୱ ବିଷୟରେ ଉପସ୍ଥିତ ଦିବ୍ୟାଙ୍ଗଙ୍କୁ ଅବଗତ କରାଇଥିଲେ। ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ବସବାସ କରୁଥିବା ୮୦ କୋଟି ଦିବ୍ୟାଙ୍ଗଙ୍କ ଅଧିକାର ସଂପୃକ୍ତ ରାଷ୍ଟ୍ର ଦ୍ୱାରା ଯେପରି ସୁରକ୍ଷିତ ଏବଂ ପ୍ରଚାରିତ ହେବ ତାହା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ଏହି ଅବସରରେ ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସନ୍ୟାସୀ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ ଦାଶ ଯୋଗ ଦେଇଥିବା ବେଳେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ୬୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଯୋଗ ଦେଇଥିଲେ। ସାଇଟ ସେଭର୍ସର ପ୍ରୋଗ୍ରାମ ମ୍ୟାନେଜର ଆକବର ମେହଫୁଜ୍ ଆଲାମ ଏବଂ ପ୍ରକଳ୍ପ ଅଧିକାରୀ ଜଗନ୍ନାଥ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଅଙ୍ଗନୱାଡି କେନ୍ଦ୍ର ତଦନ୍ତ ବେଳେ ଉତ୍ତେଜନା ଘଟଣା

## ଥାନାରେ ମାମଲା ରୁଜୁ, ଜଣେ ଅଟକ

**ବ୍ରହ୍ମଗିରି,୨୦।୭(ଡି.ଏନ.ଏ):**

ବ୍ରହ୍ମଗିରି ଥାନା ଅନ୍ତର୍ଗତ ମନାପୁର ଗ୍ରାମରେ ଶୁକ୍ରବାର ଏକ ଅଙ୍ଗନୱାଡି କେନ୍ଦ୍ରର ତଦନ୍ତ ବେଳେ ଦୁଇଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇ ଜଣେ ଆହତ ହେବାରୁ ଅଭିଯୋଗ ପରେ ମାମଲା ରୁଜୁ ହେବା ସହ ପୋଲିସ ଜଣଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ମନାପୁରସ୍ଥିତ ଅଙ୍ଗନୱାଡି କେନ୍ଦ୍ରରେ ପ୍ରାୟ ଏକ ସପ୍ତାହ ଧରି ରୋଷଇ କି ଶିଶୁଙ୍କୁ ରନ୍ଧାଖାଦ୍ୟ ଦିଆଯାଇ ନାହିଁ। ପୁରୀ ଜିଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ଶୁକ୍ରବାର ସିଡିପିଓ ସଂଯୁକ୍ତା ମହାରଣାଙ୍କ ନିର୍ଦ୍ଦେଶରେ ସୁପରଭାଇଜର ଓ କେତେଜଣ କର୍ମଚାରୀ ଏହାର ତଦନ୍ତ ପାଇଁ ଉକ୍ତ ଗ୍ରାମକୁ ଯାଇଥିଲେ। ତଦନ୍ତ ବେଳେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ହେବାରୁ ଏକ ଗୋଷ୍ଠୀର ଆକ୍ରମଣରେ ଅଭିଭାବକ ବିକ୍ରମ ସାହୁ ଆହତ ହୋଇଥିଲେ। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୋଗକ୍ରମେ ପୋଲିସ ନଂ. ୧୦୬/୧୯ରେ ଏକ ମାମଲା ରୁଜୁ କରିବା ସହ ଦୀପକ ମାହାପତ୍ରଙ୍କୁ ଥାନାରେ ଅଟକ ରଖିଛି ।

# ୫ ବର୍ଷର ଶିଶୁକନ୍ୟାକୁ ଛାଡ଼ି ପ୍ରେମିକ ସହ ମା ଫେରାର

**ବ୍ରହ୍ମଗିରି,୨୦।୭(ଡି.ଏନ.ଏ)**

ପରାକୀୟା ପ୍ରତି ଯୋଗୁ ଜଣେ ମା ତା'ର ଜନ୍ମ କଲା ଛୁଆର ମୁହଁକୁ ମଧ ଚାହିଁ ନାହିଁ। ନିଜ ପ୍ରେମକୁ ଚରିତାର୍ଥ କରିବା ପାଇଁ ୫ ବର୍ଷର ଶିଶୁକନ୍ୟାକୁ ରାଜରାସ୍ତାରେ ଛାଡିଦେଇ ମା ପ୍ରେମିକ ସାଙ୍ଗରେ ଚମ୍ପଟ ମାରିଛି। ଶେଷରେ ବେସାହାରା ଝିଅକୁ ଜିଲା ଶିଶୁ ମଙ୍ଗଳ କମିଟି ସାହାରା ଦେଇଛି। ଏହି ଘଟଣା ଏବେ ବ୍ରହ୍ମଗିରି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ, ଜଣେ ବିବାହିତା ମହିଳା ତାଙ୍କ ସ୍ୱାମୀ ସହ ସମ୍ପର୍କ ଛିନ୍ନ କରି ବ୍ରହ୍ମଗିରି ଅଞ୍ଚଳରେ ଦିର୍ଘ ଦିନ ଧରି ରହୁଥିଲେ। ଇତି ମଧ୍ୟରେ ଉକ୍ତ ଅଞ୍ଚଳର ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଏହି ସମ୍ପର୍କକୁ ସାକାର କରିବା ପାଇଁ ଶୁକ୍ରବାର ନିଜ ଝିଅକୁ ଛାଡି ଉକ୍ତ ଯୁବକଙ୍କ ସହ ଫେରାର ହୋଇଯାଇଥିଲେ। ଝିଅଟି ନିଜର ମାକୁ ହରାଇ ବେସାହାରା ହୋଇ ବୁଲୁଥିବା ସମୟରେ ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ବ୍ରହ୍ମଗିରି ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ କାହାର ସନ୍ଧାନ ନ ପାଇ ପୁରୀ ଶିଶୁ ଯତ୍ନ ଅନୁଷ୍ଠାନରେ ଝିଅଟିକୁ ଛାଡି ଦେଇଛି । ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କୁହନ୍ତି ଶିଶୁଟି ଏବେ ସୁରକ୍ଷିତ ଅବସ୍ଥାରେ ଅଛି। ତା'ର ପରିବାର ସମ୍ପର୍କରେ ଜାଣିବା ପରେ ହସ୍ତାନ୍ତର କରାଯିବ । ନଚେତ ଉକ୍ତ ଶିଶୁଟିର ଥଇଥାନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ।

### ■ବିଏମ୍‌ସିର ଚଢାଉ, ଜରିମାନା ଆଦାୟ

# ୨୫ କେଜି ପଲିଥିନ ଜବତ, ୪,୬୦୦ ଜରିମାନା ଆଦାୟ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହରର ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଘର ଆଗରେ ଗଦା କରିଥିବା ବାଲିଗୋଡିଠାରୁ ଆରମ୍ଭ କରି ପଲିଥିନ ବ୍ୟବହାର କରିବାକୁ ଦୃଢ ଭାବେ ବିରୋଧ କରିବା ସହ ଜରିମାନା ଆଦାୟ କରିଛି। ଶନିବାର ହୋଇଥିବା ଦୈନିକ ଚଢାଉରେ ମୋଟ ୨୫ କେଜି ପଲିଥିନ ଜବତ ହୋଇଥିବା ବେଳେ ୪ହଜାର ୬ଶହ ଟଙ୍କାର ଜରିମାନା ଆଦାୟ କରିଥିବା ବେଳେ ଏ ନେଇ ୭ଟି ମାମଲା ରୁଜୁ କରାଯାଇଛି। ପ୍ଲାଷ୍ଟିକ୍ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଏହା ପ୍ରକାଶ କରାଯାଇଛି। ଅନ୍ୟପକ୍ଷେ ରାସ୍ତାରେ ବାଲି ଗୋଡି ଗଦା କରିବା ନେଇ ବିଏମ୍‌ସି ପକ୍ଷରୁ ଚଢାଉ କରାଯାଇଛି। ରାସ୍ତାରେ ପଡ଼ିଥିବା ବାଲିଗୋଡିଗୁଡ଼ିକୁ ହଟାଇବା ସହିତ ସେନେଇ ୫ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ସୂଚନାଯୋଗ୍ୟ, ପ୍ଲାଷ୍ଟିକ୍ ଓ ପଲିଥିନ୍ ଧରିବାକୁ ଭୁବନେଶ୍ୱର ମହାନଗର ନିଗମର ଜୋନାଲ୍ ଡେପୁଟି କମିଶନର୍‌ମାନଙ୍କ ଅଧୀନରେ ସ୍ୱତନ୍ତ୍ର ସ୍କ୍ୱାଡ ଗଠିତ ହୋଇଥିବା ବେଳେ ସହରକୁ ମୁକ୍ତ ଓ ସ୍ୱଚ୍ଛ ରଖିବାକୁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଚଢାଉକୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦିନ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି।

# ଡକାୟତି ଉଦ୍ୟମ: ଜେଲ ଗଲେ ୧୫ ଡକାୟତ

**ଖୋର୍ଦ୍ଧା ଅଫିସ,୨୦।୭**

ଖୋର୍ଦ୍ଧା ପୋଲିସ ଜିଲାର ଜଙ୍କିଆ ଓ ବାଘମାରୀ ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ୨ଟି ଡକାୟତି ଦଳର ଡକାୟତ ଉଦ୍ୟମକୁ ପଣ୍ଡ କରିଛି। ଦୁଇ ଥାନାର ପୋଲିସ ୧୫ ଜଣ ଡକାୟତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ୧୫ ଜଣ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି।

ପ୍ରାପ୍ତ ସୂଚନା ଅନୁସାରେ, ଜଙ୍କିଆ ଥାନା ପୋଲିସ ଖୋର୍ଦ୍ଧା ଆଦର୍ଶ ଥାନା ଖୋର୍ଦ୍ଧା ଉପରସାହି ଶିବ ପ୍ରସାଦ ଦଳେଇ(୨୬), ଗୁରୁଜଙ୍ଗର ସନାତନ ସାହୁ (୩୦), ମୁକୁନ୍ଦପ୍ରସାଦର ନସିମୁଦ୍ଦିନ ସା (୨୬), ନୟାଗଡ ଜିଲା ରଣପୁର ଥାନା ବାମଡାର ଏସ.କେ. ଜାଫର (୨୨), ଅନୁଗୋଳ ଥାନା କୋମଣ୍ଡ ଗାଁର କାଳନ୍ଦୀ ସାହୁ(୪୨) ଓ ଶ୍ରୀକ୍ଷେତ୍ର ନାୟକ(୨୮), ଜଙ୍କିଆ ଥାନା ଛଣଗିରିର ପ୍ରକାଶ ମହାପାତ୍ର (୪୮), ପ୍ରମୋଦ କୁମାର ବେହେରା(୪୦), ସଞ୍ଜୟ ମହାପାତ୍ର(୩୨) ଓ ପ୍ରଶାନ୍ତ ବଇରୀଗଞ୍ଜନ(୪୦)ଙ୍କୁ ଶୁକ୍ରବାର ରାତିରେ ଗିରଫ କରିଥିଲା। ଏମାନଙ୍କଠାରୁ ୬୨ ହଜାର ଟଙ୍କା, ଗୋଟିଏ ଭୁଜାଲି, ଏକ ଫାର୍ସା, ହୋଣ୍ଡା ଆକ୍ଟିଭା, ଲୁହା ରଡ ଜବତ କରି ଦଫା ୩୯୯, ୪୦୨ରେ ନଂ. ୧୧୨/୧୯ରେ ମାମଲା ରୁଜୁ କରିଛି। ସେହିପରି ବାଘମାରୀ ଥାନା ପୋଲିସ ଅତ୍ରି ପଣସବସ୍ତର ବୀରେନ ସାମନ୍ତରାୟ(୨୭), କଟକ ସଦର ଥାନା ଗୋପାଳପୁରର ଶୀକୋରଣା ଗାଁର ବାଦଲ କୁମାର ଦାସ( ୩୨), ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଚକେଇସିଆଣିର ସନ୍ତୋଷ ବେହେରା(୨୨), ଚିନ୍ମୟ ପାଢ଼ୀ(୨୨), ଖଣ୍ଡଗିରି ଥାନା ବରମୁଣ୍ଡା ପାଇକନଗରର ଜୁନେଦ୍ ଖାଁ(୨୪) ପ୍ରମୁଖ ଗିରଫ ହୋଇଛନ୍ତି। ଏମାନଙ୍କଠାରୁ ଲୁହା ରଡ, କାତି, କଟୁରି, ମଦ ବୋତଲ, ଲଙ୍କାଗୁଣ୍ଡ ଜବତ ହୋଇଛି। ବାଘମାରୀ ବଜାରରୁ ଡକାୟତି କରିବାକୁ ଡକାୟତମାନେ ଏକତାଳ ପୋଖରୀ ନିକଟରେ ଏକାଠି ହୋଇଥିଲେ। ପୋଲିସ ଦଫା ୩୯୯, ୪୦୨ ଆଇପିସିରେ ନଂ. ୨୯/୧୯ରେ ମାମଲା ରୁଜୁ କରି ଗିରଫ କରି ଘଟଣାର ତଦନ୍ତ କରିଥିଲା।

# ବାଳିକା ଉଚ୍ଚ ବିଦ୍ୟାଳୟରେ ସଡ଼କ ସୁରକ୍ଷା ଶୀର୍ଷକ ପ୍ରତିଯୋଗିତା




ପୁରସ୍କାର ବିତରଣ ସଭାରେ ମଞ୍ଚାସୀନ ଅତିଥି।

**ବୋଲଗଡ଼,୨୦।୭(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଧଳାପଥରସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ସଡକ ସୁରକ୍ଷା ଶୀର୍ଷକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଠଣାପଲ୍ଲୀ ମିଳିତ ଯୁବକ ସଂଘ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ବୋଲଗଡ ଏବଂ ବାଙ୍କୀ ବ୍ଲକ ଅଞ୍ଚଳରୁ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଏଥିରେ ପ୍ରବନ୍ଧ ଲିଖନ,କୁଇଜ୍ ଏବଂ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ କଳାପଥର ଧଳାପଥର ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷା ଗୀତା ଦୀକ୍ଷିତ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ରତ୍ନପ୍ରଭା ସାହୁ,ଶିକ୍ଷାବିତ୍ ଶ୍ରୀନିବାସ ପାଣି,ସାମାଜିକ କର୍ମୀ ପୁଷ୍ପଲତା ମହାପାତ୍ର ପ୍ରମୁଖ ଯୋଗଦେଇ ସଡକ ସୁରକ୍ଷା ବିଷୟରେ ଛାତ୍ରୀଛାତ୍ରଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଆୟୋଜକ ଅନୁଷ୍ଠାନର ସମ୍ପାଦକ ଭାଗୀରଥି ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲା ବେଳେ ଶିକ୍ଷକ ସୁଦର୍ଶନ ସାହୁ ଧନ୍ୟବାଦ ଦେଇଥିଲେ।

### ■ ଖଣ୍ଡଗିରି-ଉଦୟଗିରି ପାହାଡ଼ରେ ଐତିହ୍ୟ ପଦଯାତ୍ରା

# ଖାରବେଳ, ଜୈନଙ୍କ ଗାଥାରେ ପର୍ଯ୍ୟଟକ ମୁଗ୍ଧ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ଶନିବାର ୭୬ ତମ ହେରିଟେଜ୍ ଟ୍ରେଲ୍‌ର ପର୍ଯ୍ୟଟକମାନେ ମଜା ନେଇଛନ୍ତି। ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ବିଷୟରେ ଜାଣିବା ସହ ଇତିହାସରେ ଲିପିବଦ୍ଧ କଳିଙ୍ଗର ବିଭିନ୍ନ ଗାଥା ଜାଣିବା ସହ ରାଜା ଖାରବେଳ ଓ ମହାବୀର ଜୈନଙ୍କ ବିଷୟ ସେମାନଙ୍କୁ ବିମୁଗ୍ଧ କରିଛି। ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ଖଣ୍ଡଗିରି ଓ ଉଦୟଗିରି ପାହାଡରେ ମହାବୀର ଜୈନଙ୍କ ଅହିଂସା ଶିକ୍ଷା କାହାଣୀ, ଇତିହାସରେ ଲିପିବଦ୍ଧ କଳିଙ୍ଗର ବୀର ରାଜା ଖାରବେଳଙ୍କ କୀର୍ତ୍ତି ଆଦିକୁ ଶୁଣିଛନ୍ତି। ପର୍ଯ୍ୟଟକମାନେ ରାଣୀ ଗୁମ୍ଫା ବୁଲି ରାଜା ଖାରବେଳ କିପରି ଶିକାର କରିବାକୁ ଆସିଥିବା ବେଳେ ସେଠାରେ ତାଙ୍କ ରାଣୀଙ୍କୁ ଭେଟିଥିଲେ ସେସବୁ ବିଷୟରେ ଜାଣିବାକୁ ପାଇଛନ୍ତି। ଯାତ୍ରାଟି ପାଖାପାଖି ୨ଘଣ୍ଟାର ହୋଇଥିବା ବେଳେ ଏଥିରେ ଖଣ୍ଡଗିରି ଓ ଉଦୟଗିରି ପାହାଡ ଉପରେ ମଧ ପଥପ୍ରଦର୍ଶକ ସୂଚନା ଦେଇଥିଲେ। ଯେତେବେଳେ ଉଦୟଗିରି ପାହାଡ ଉପରକୁ ସମସ୍ତ ପର୍ଯ୍ୟଟକ ପହଞ୍ଚି ଥିଲେ, ସହରର ସୌନ୍ଦର୍ଯ୍ୟ ଦୃଶ୍ୟ ସମସ୍ତଙ୍କୁ ହତବାକ କରି ଦେଇଥିଲା।



ଖଣ୍ଡଗିରି ଓ ଉଦୟଗିରିର ଗୁମ୍ଫା ବୁଲି ଦେଖୁଛନ୍ତି ପର୍ଯ୍ୟଟକମାନେ ।

ଏହି ଅବସରରେ ପର୍ଯ୍ୟଟକ ବିଷ୍ଣୁ କହିଥିଲେ, ପଦଯାତ୍ରା ବହୁତ ଭଲ ଥିଲା। ମୁଁ ବିଶେଷ ଭାବେ ଏହି ଦୁଇ ପାହାଡର ସୌନ୍ଦର୍ଯ୍ୟରେ ବିମୋହିତ ହୋଇଛି। ମୁଁ ଅନ୍ୟ ସମସ୍ତଙ୍କୁ ଏହି ପଦଯାତ୍ରାରେ ଯୋଗ ଦେବା ଲାଗି ଉତ୍ସାହିତ ନିଶ୍ଚୟ କରିବି। ରାଜା ଖାରବେଳ ଓ ଓଡ଼ିଶାର ଇତିହାସ ବିଷୟରେ ଜାଣି ମୋତେ ବହୁତ ଖୁସି ଲାଗୁଛି। ଭୁବନେଶ୍ୱରର ଇତିହାସକୁ ଲୋକଲୋଚନକୁ ଆଣିବାକୁ ଏହି ହେରିଟେଜ୍ ଟ୍ରେଲ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ପର୍ଯ୍ୟଟକମାନେ ଏହାର ସମ୍ପୂର୍ଣ୍ଣ ଲାଭ ଉଠାଉଛନ୍ତି ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟ ପର୍ଯ୍ୟଟନ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଯେଉଁଥିରେ ପର୍ଯ୍ୟଟକ, ସ୍ଥାନୀୟ ବାସିନ୍ଦା ଓ ଛାତ୍ରୀଛାତ୍ରମାନେ କାହାଣୀ ଓ କଳିଙ୍ଗ ଗାଥା ଶୁଣିବାକୁ ଯୋଗ ଦେଉଛନ୍ତି, ଯାହାକି ଶନିବାର ଓ ରବିବାର ଦୁଇଦିନ ସକାଳୁ ଆୟୋଜିତ ହେଉଛି।



ଭୋକ ହେଲେ ଖାଇବା ହେଉଛି ପ୍ରକୃତି, ଅନ୍ୟର ଖାଦ୍ୟ ପଦାର୍ଥକୁ ଛଡ଼ାଇ ଖାଇବା ବିକୃତି ଏବଂ ନିଜର ଭାଗକୁ ଦୀନ, ଦୁଃଖୀ, ଭୋକିଲାଙ୍କୁ ବାଣ୍ଟି ଦେବା ହେଉଛି ସଂସ୍କୃତି।
-ଦୀନ ଦୟାଲ



## ସଂକ୍ଷେପରେ

### ୫ ବର୍ଷର ଶିଶୁକନ୍ୟାକୁ ଛାଡ଼ି ପ୍ରେମିକ ସହ ମା’ ଫେରାର

**ବ୍ରହ୍ମଗିରି,୨୦।୭(ଡି.ଏନ.ଏ):** ପରାକୀୟା ପ୍ରତି ଯୋଗୁ ଜଣେ ମା ତା’ର ଜନ୍ମ କଲା ଛୁଆର ମୁହଁକୁ ମଧ ଚାହିଁ ନାହିଁ। ନିଜ ପ୍ରେମକୁ ଚରିତାର୍ଥ କରିବା ପାଇଁ ୫ ବର୍ଷର ଶିଶୁକନ୍ୟାକୁ ରାଜରାସ୍ତାରେ ଛାଡିଦେଇ ମା ପ୍ରେମିକ ସାଙ୍ଗରେ ଚମ୍ପଟ ମାରିଛି। ଶେଷରେ ବେସାହାରା ଝିଅକୁ ଜିଲା ଶିଶୁ ମଙ୍ଗଳ କମିଟି ସାହାରା ଦେଇଛି। ଏହି ଘଟଣା ଏବେ ବ୍ରହ୍ମଗିରି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ, ଜଣେ ବିବାହିତା ମହିଳା ତାଙ୍କ ସ୍ୱାମୀ ସହ ସମ୍ପର୍କ ଛିନ୍ନ କରି ବ୍ରହ୍ମଗିରି ଅଞ୍ଚଳରେ ଦିର୍ଘ ଦିନ ଧରି ରହୁଥିଲେ। ଇତି ମଧରେ ଉକ୍ତ ଅଞ୍ଚଳର ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହି ସମ୍ପର୍କକୁ ସାକାର କରିବା ପାଇଁ ଶୁକ୍ରବାର ନିଜ ଝିଅକୁ ଛାଡି ଉକ୍ତ ଯୁବକଙ୍କ ସହ ଫେରାର ହୋଇଯାଇଥିଲେ। ଝିଅଟି ନିଜର ମାକୁ ହରାଇ ବେସାହାରା ହୋଇ ବୁଲୁଥିବା ସମୟରେ ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ବ୍ରହ୍ମଗିରି ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ କାହାର ସନ୍ଧାନ ନ ପାଇ ପୁରୀ ଶିଶୁ ଯତ୍ନ ଅନୁଷ୍ଠାନରେ ଝିଅଟିକୁ ଛାଡି ଦେଇଛି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କୁହନ୍ତି ଶିଶୁଟି ଏବେ ସୁରକ୍ଷିତ ଅବସ୍ଥାରେ ଅଛି। ତା’ର ପରିବାର ସମ୍ପର୍କରେ ଜାଣିବା ପରେ ହସ୍ତାନ୍ତର କରାଯିବ। ନଚେତ ଉକ୍ତ ଶିଶୁଟିର ଥଇଥାନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ।

### ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ହେବ

**ନିମାପଡ଼ା,୨୦।୭(ଡି.ଏନ୍.ଏ):** ନିମାପଡ଼ା ସହରକୁ ସୌନ୍ଦର୍ଯ୍ୟକରଣ ଓ ଆକର୍ଷଣୀୟ ସହରରେ ପରିଣତ କରାଯିବା ସହ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇ ଏନ୍ଏସି ଅଞ୍ଚଳରେ ନୂତନ ସରକାରୀ କାର୍ଯ୍ୟାଳୟ ନିର୍ମାଣ କରାଯିବ ବୋଲି ତହସିଲଦାର କମଲଜିତ ଦାସ କହିଛନ୍ତି। ନିମାପଡ଼ା ଏନ୍ଏସି ଅଞ୍ଚଳରେ ନୂତନଭାବେ ଅବକାରୀ ଅଫିସ, ମାଲଖାନା, ଆଦର୍ଶ ବିଦ୍ୟାଳୟ ଓ ସିଭିଲ କୋର୍ଟ କ୍ୱାର୍ଟର ନିର୍ମାଣ କରାଯିବ। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଜମି ଯୋଗାଇ ଦିଆଯିବ ବୋଲି ଜଣାପଡିଛି। ଖୁବ୍‌ଶୀଘ୍ର ନିମାପଡ଼ା ଅଞ୍ଚଳରେ ସରକାରୀ ଜମିରେ ଜବରଦଖଲ ହୋଇଥିବା କେତେକ ଅସ୍ଥାୟୀ ନିର୍ମାଣକୁ ଉଚ୍ଛେଦ କରାଯିବ ବୋଲି ଦାସ କହିଛନ୍ତି। ଅନ୍ୟପକ୍ଷରେ ଶନିବାର ବର୍ଷାଜଳ ନିଷ୍କାସନ ପାଇଁ ଏନ୍ଏସି ପକ୍ଷରୁ ଡ୍ରେନ ସଫେଇ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଛି। ଆଗାମୀ ଦିନରେ ଡ୍ରେନଗୁଡିକରେ କେହି ଅଳିଆ, ଆବର୍ଜନା ପକାଇଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ମ୍ୟୁନିସିପାଲିଟି ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାରୀ ଜାଗା ଜବରଦଖଲ କରିଥିବା ବ୍ୟକ୍ତିମାନେ ତୁରନ୍ତ ଏଥିରୁ ନିବୃତ୍ତ ରହିବା ସହ ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ସହଯୋଗ କରିବାକୁ ଏନ୍ଏସି ପକ୍ଷରୁ କୁହାଯାଇଛି।

### ବଡ଼ଗୋଠ ବିକାଶ ପରିଷଦ ବୈଠକ

**କଣାସ,୨୦।୭(ଡି.ଏନ୍.ଏ):** ଶ୍ରାବଣ ମାସ ପ୍ରଥମ ସୋମବାର ପାଇଁ କାଉଡିଆମାନେ ଜଳଭାର ଉଠାଇବା ପାଇଁ ବଡଗୋଠଠାରେ କାଉଡିଆମାନେ ପହଞ୍ଚିଛନ୍ତି। ଏ ନେଇ ଶନିବାର ଅନନ୍ତ ନାରାୟଣ ପୀଠରେ ବଡ଼ ଗୋଠ ବିକାଶ ପରିଷଦର ଏକ ବୈଠକ ପରିଷଦର ସଭାପତି କବି ବୈକୁଣ୍ଠ ନାଥ ନରେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶ୍ରାବଣ ମାସରେ କାଉଡିଆମାନେ ଘାଟରେ ଜଳଭାର ଉଠାଇବା ପାଇଁ ଆସିବାକୁ ଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ସେମାନଙ୍କ ପାଇଁ ସମସ୍ତ ଶୃଙ୍ଖଳିତ ବ୍ୟବସ୍ଥା କରାଯିବା ସହିତ ପ୍ରସାଦ ସେବନ ବ୍ୟବସ୍ଥା କରାଯିବା ଉପରେ ନିଷ୍ପତ୍ତି ହୋଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ପରେ ପୀଠରେ କଲ୍ୟାଣ ମଣ୍ଡପ ନିର୍ମାଣ, ରାସ୍ତା କଂକ୍ରିଟ୍‌କରଣ, ବିପର୍ଯ୍ୟସ୍ତ ବିଜୁଳି ବ୍ୟବସ୍ଥାକୁ ସଜାଡିବା ଓ ଜଳ ଘାଟରେ ତୁଠ ନିର୍ମାଣ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା ହୋଇଥିଲା। ବୈଠକରେ ପରିଷଦର ସମ୍ପାଦକ ହେମନ୍ତ ପ୍ରଧାନ, କଣାସ ବିକାଶ ପରିଷଦର ସମ୍ପାଦକ ସମାଜସେବୀ ଲିଙ୍ଗରାଜ ପରିଡା, କ୍ୟାପ୍‌ଟେନ୍ ପ୍ରସନ୍ନ ପଟ୍ଟନାୟକ, ପ୍ରାକ୍ତନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ଯୁବ ସଙ୍ଗଠକ ବସନ୍ତ ଜେନା, କୈଳାସ ଚନ୍ଦ୍ର ମାନସିଂହ, ପୂଜକ କେଶବ ଚନ୍ଦ୍ର ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

■ ନୋ ପାର୍କିଂ, ନୋ ଭେଣ୍ଡିଂଜୋନ ପ୍ରସଙ୍ଗ

# ଅମୃତସର ଢାଞ୍ଚାରେ ଥଇଥାନ ହେବେ ଉଠାଦୋକାନୀ

**ପଞ୍ଜାବ ଗଲେ ଜିଲାପାଳ ଓ ଏସ୍‌ପି**

ପୁରୀ ଅଫିସ, ୨୦।୭

ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି। ତେଣୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଯିବା ଆସିବା ଲାଗି ଜିଲା ପ୍ରଶାସନ ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ନୋ ପାର୍କିଂ ଓ ନୋ ଭେଣ୍ଡିଂ ଜୋନ ଏବଂ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ୱାନ୍ ୱେ ଟ୍ରାଫିକ ବ୍ୟବସ୍ଥା କାର୍ଯ୍ୟକାରୀ କରିଛି। ପ୍ରଶାସନର ଏହି ନିଷ୍ପତ୍ତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଉଠାଦୋକାନୀ। ସେମାନେ ତାଙ୍କ ପରିବାର କିପରି ପ୍ରତିପୋଷଣ କରିବେ ସେହି ଚିନ୍ତାରେ ଥିବାବେଳେ ଏ ନେଇ ପ୍ରଶାସନିକ ଅଧିକାରୀଙ୍କୁ ଗୁହାରି ଜଣାଇଛନ୍ତି। ତେବେ ଉଠାଦୋକାନୀଙ୍କୁ ଥଇଥାନ ଏବଂ ପର୍ଯ୍ୟଟନ ସହର ପୁରୀରେ ଏଭଳି ଏକ ସଂସ୍କାରକୁ ସୁବ୍ୟବସ୍ଥିତ କରିବା ଉପରେ ପ୍ରାଥମିକତା ଦେଇଛନ୍ତି ଜିଲାପାଳ ଏବଂ ଏସ୍‌ପି। ଶନିବାର ଜିଲାପାଳ ସେମାନଙ୍କ ସହ ଆଲୋଚନା କରିବା ପରେ ଥଇଥାନ ନେଇ ଉଠାଦୋକାନୀ ଆଶାବାଦୀ ହୋଇଛନ୍ତି। ଅନ୍ୟପକ୍ଷରେ ପଞ୍ଜାବ ଅମୃତସରରେ ଉଠାଦୋକାନୀଙ୍କୁ ଯେଉଁଭଳି ଭାବେ ଥଇଥାନ କରାଯାଇଛି ସେହିଭଳି ଢାଞ୍ଚାରେ ପୁରୀ ବଡ଼ଦାଣ୍ଡର ଉଠାଦୋକାନୀଙ୍କୁ ଥଇଥାନ କରାଯିବ। ଏଥିପାଇଁ ଶନିବାର ଜିଲାପାଳ ବଲୱନ୍ତ ସିଂ ଏବଂ ଏସ୍‌ପି ଉମାଶଙ୍କର ଦାଶ ପଞ୍ଜାବ ଯାତ୍ରା କରିଛନ୍ତି।

ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ବୈଠକ ହୋଇଥିଲା। ଏଥିରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ପୁରୀ ହେଉଛି ଏକ ପର୍ଯ୍ୟଟନ ସହର। ଆମେ ସହରକୁ ଯେତେ ସୁନ୍ଦର ଏବଂ ପରିଷ୍କାର ରଖିବା ସହ ପର୍ଯ୍ୟଟକଙ୍କୁ ଆତିଥେୟତା ଦେବା ତେବେ ସେମାନଙ୍କ ଆଗମନ ମଧ ବୃଦ୍ଧି ପାଇବ। ବଡ଼ଦାଣ୍ଡକୁ ସୁବ୍ୟବସ୍ଥିତ କରିବାକୁ ପଡିବ। କୌଣସି ପର୍ଯ୍ୟଟକ ହୁଅନ୍ତୁ ବା ଶ୍ରଦ୍ଧାଳୁ ସେମାନେ ଫେରିବା ବେଳେ ଯେପରି ସୁଖଦ ଅନୁଭୂତି ସାଉଣ୍ଟି ଫେରିବେ ସେଥିପ୍ରତି ଆମ ସମସ୍ତଙ୍କୁ ଧ୍ୟାନ ଦେବାକୁ ହେବ ବୋଲି ଜିଲାପାଳ କହିଥିଲେ। ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳିତ ଦର୍ଶନ କରି ଫେରିବେ ତାହା ଉପରେ ପ୍ରାଥମିକତା ରହିବ। ସେହିପରି ସେବାୟତ ଏବଂ ସ୍ଥାନୀୟ ବ୍ୟବସାୟୀଙ୍କ ପାର୍କିଂ ଲାଗି ସୁବିଧା କରାଯିବ। ତେବେ ଉଠାଦୋକାନୀଙ୍କ ସ୍ଥାୟୀ ସମାଧାନ ଏବଂ ଥଇଥାନ ଲାଗି ଅଧିକ ସମୟ ଦରକାର ଓ ସେଥିପାଇଁ ଆପଣମାନେ ସହଯୋଗ କରନ୍ତୁ ବୋଲି ଜିଲାପାଳ କହିଥିଲେ। ମାତ୍ର ଏତେଦିନ ଆମେ କିପରି ଚଳିବୁ ବୋଲି ଉଠାଦୋକାନୀ କହିବାରୁ କୌଣସି କ୍ଷେତ୍ରରେ ସଂସ୍କାର ଆଣିଲେ ସାମାନ୍ୟ କଷ୍ଟ କରିବାକୁ ପଡେ। ତେଣୁ ଆପଣମାନେ ଧୈର୍ଯ୍ୟ ଧରନ୍ତୁ ବୋଲି ଜିଲାପାଳ କହିଥିଲେ। ତେବେ ସ୍ଥାୟୀ ସମାଧାନ ପର୍ଯ୍ୟନ୍ତ ଉଠାଦୋକାନୀମାନେ ବଡ଼ଦାଣ୍ଡରେ କେଉଁଠି କିପରି ଆଡଜଷ୍ଟ ହେବେ ତାହାର ଦାୟିତ୍ୱ ଉପଜିଲାପାଳଙ୍କୁ ଦିଆଯାଇଥିଲା। ଅନ୍ୟପକ୍ଷରେ ଜିଲାପାଳଙ୍କୁ ଦିଆ ଯାଇଥିବା ଉଠାଦୋକାନୀଙ୍କ ତାଲିକା ସମ୍ପର୍କରେ ଜିଲାପାଳ ମଧ କେତେକ ପ୍ରଶ୍ନ ଉଠାଇଥିଲେ। କାହାର ଏକାଧିକ ଦୋକାନ ରହିଛି, କାହା ନାମରେ ମାମଲା ଅଛି କି ଏମିତି ପଚାରି ବୁଝିଥିଲେ। ଏହି ବୈଠକରେ ଉପଜିଲାପାଳ ଭବତାରଣ ସାହୁ, ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ସମେତ ପ୍ରଭାବିତ ଉଠା ଦୋକାନୀମାନେ ଯୋଗଦେଇଥିଲେ।



ପୁରୀ ଲୋକନାଥ ପୀଠରେ କାଉଡିଆଙ୍କ ଶୃଙ୍ଖଳିତ ଜଳଲାଗି ପାଇଁ ପାର୍ବତୀ ସାଗରରେ ହୋଇଥିବା ବ୍ୟାରିକେଡ୍।

■ ବର୍ତ୍ତମାନ ଓ ପୂର୍ବତନ ଜିଲା ମୁଖିଆଙ୍କ ରୁଦ୍ଧଦ୍ୱାର ବୈଠକ

# ବଡ଼ଧରଣର ସଂସ୍କାରକୁ ନେଇ ଚର୍ଚ୍ଚା

ପୁରୀ ଅଫିସ, ୨୦।୭

ପୁରୀ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ବର୍ତ୍ତମାନର ମିଶନ ଶକ୍ତି ନିର୍ଦ୍ଦେଶକ ତଥା ପୂର୍ବତନ ପୁରୀ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଏବଂ ଏସ୍‌ଟିଏଫ୍ ଡିଆଇଜି, ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ପୂର୍ବତନ ପୁରୀ ଏସ୍‌ପି ଆଶିଷ ସିଂହଙ୍କୁ ଗୋଟିଏ ପ୍ରକୋଷ୍ଠରେ ଦେଖିବାକୁ ମିଳିଛି। ତାହା ପୁଣି ପୁରୀରେ ନୁହେଁ, ରାଜଧାନୀରେ। ଗତ ବୁଧବାର ସଚିବାଳୟ ତୃତୀୟ ମହଲାରେ ଥିବା ଆଶିଷ ସିଂଙ୍କ ଚାମ୍ବରରେ ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା, ଯାହାକି ଏବେ ପୁରୀରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। କୌଣସି ପ୍ରସଙ୍ଗରେ ବଡ଼ଧରଣର ସଂସ୍କାର ପାଇଁ ବର୍ତ୍ତମାନ ଏବଂ ପୂର୍ବତନ ଜିଲା ମୁଖିଆ ଏକାଠି ହୋଇଥିବା ମଧ ଶୁଣିବାକୁ ମିଳୁଛି। ବୁଧବାର ଅପରାହ୍ନରେ ପ୍ରାୟ ୧ ଘଣ୍ଟା ଧରି ହୋଇଥିଲା ଏହି ରୁଦ୍ଧଦ୍ୱାର ବୈଠକ। କିନ୍ତୁ ବାହାରକୁ ଆସିବା ପରେ କେହି କିଛି କହି ନ ଥିଲେ। ହେଲେ ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ବର୍ତ୍ତମାନର ଜିଲାପାଳ ପୁରୀରେ କେତେକ କ୍ଷେତ୍ରରେ ସଂସ୍କାର ଆଣିବା ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି। ଉଭୟ ଜିଲାପାଳ ଏବଂ ଏସ୍‌ପି ହେଉଛନ୍ତି ପୁରୀ ପାଇଁ ନୂଆ। ତେଣୁ କେଉଁ କେଉଁ କ୍ଷେତ୍ରରେ କି ପ୍ରକାର ସଂସ୍କାର ଅଣାଯାଇପାରିବ ସେ ନେଇ ଜିଲାପାଳ ପୂର୍ବରୁ ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ ଏବଂ ବିଭାଗୀୟ ଅଧିକାରୀଙ୍କଠାରୁ ମତାମତ ନେଇସାରିଛନ୍ତି। ତେବେ କେତେକ ପୁରୁଣା ପ୍ରସଙ୍ଗ ରହିଛି ଯାହାକି ତାଙ୍କ ବିକାଶ ଚିନ୍ତାଧାରାରେ ବାଧକ ସାଜିପାରେ। ତେଣୁ ପୂର୍ବରୁ ଏହିସବୁ ପ୍ରସଙ୍ଗ ଉପରେ ଅଭିଜ୍ଞତା ରଖିଥିବା ଜିଲାପାଳ ଏବଂ ଏସ୍‌ପିଙ୍କୁ ସାକ୍ଷାତ୍ କରିବାକୁ ଉଭୟେ ମନସ୍ଥ କରିଥିଲେ, ଯାହାକି ଏହି ରୁଦ୍ଧଦ୍ୱାର ଆଲୋଚନାର ମୂଳ ଲକ୍ଷ୍ୟ ହୋଇଥାଇପାରେ ବୋଲି ସମ୍ପୃକ୍ତ ଅଧିକାରୀ କହିଛନ୍ତି।

ପୂର୍ବତନ ଜିଲାପାଳ ଏବଂ ଏସ୍‌ପି ଅନେକ କ୍ଷେତ୍ରରେ ବିକାଶ ଯୋଜନା କରି ବିବାଦୀୟ ହୋଇପଡିଥିଲେ। ଯେଉଁ କ୍ଷେତ୍ରରେ ସଫଳତା ପାଇଥିଲେ ସେଥିରୁ ସେମାନଙ୍କୁ ବେଶ୍ ସମାଲୋଚନା ଏବଂ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିଥିଲା। ହେଲେ ଯେଉଁ ସବୁ ବିକାଶ ଯୋଜନା ଅଟକିଛି ତାକୁ ପୁଣି କାର୍ଯ୍ୟକାରୀ କରାଯିବ। ବଡ଼ଦାଣ୍ଡର ସୌନ୍ଦର୍ଯ୍ୟକରଣ ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଆହୁରି ପ୍ରଶସ୍ତ କରାଯିବ। ଏମିତି କି ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ରାସ୍ତା ସଳଖ ହେବ। ଜଣେ ସିଂହଦ୍ୱାରରେ ଥାଇ ଯେପରି ଗୁଣ୍ଡିଚା ମନ୍ଦିରକୁ ଦେଖିପାରିବେ ସେହି ଯୋଜନା ବି କରିଥିଲେ ପୂର୍ବତନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ। ହେଲେ ତାହା ଫଳପ୍ରଦ ହୋଇପାରିନି। ସେହିପରି ସାହିଗଳି ରାସ୍ତା ବି ଚଉଡା ହେବ। ସ୍ୱର୍ଗଦ୍ୱାରରେ ଶୋଷଣକୁ ନେଇ ସବୁବେଳେ ଅଭିଯୋଗ ହେଉଛି। ତା’ର ସ୍ଥାୟୀ ସମାଧାନ କରାଯିବ। ସେହିପରି ସହରର ଆଇନଶୃଙ୍ଖଳା ନେଇ ମଧ ରୁଦ୍ଧଦ୍ୱାର ବୈଠକରେ ଆଲୋଚନା ହୋଇଥିବା କୁହାଯାଉଛି। ଉଭୟେ ପୂର୍ବତନ ଜିଲାପାଳ ଏବଂ ଏସ୍‌ପି ବର୍ତ୍ତମାନର ଜିଲା ମୁଖିଆଙ୍କୁ କେତେକ ଟିପ୍ସ ମଧ ଦେଇଥିବା କୁହାଯାଉଛି। ତେବେ ଏ ସମ୍ପର୍କରେ ଏସ୍‌ପି ଉମାଶଙ୍କର ଦାଶଙ୍କୁ ପଚାରିବାରୁ ସେମିତି କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଆଲୋଚନା ହୋଇ ନ ଥିଲା। କିଛି କହିବାର ଯଦି ହୋଇଥାନ୍ତା ତେବେ କହିଥାନ୍ତି ବୋଲି ମତ ଦେଇଥିଲେ।

### ମୋବାଇଲ ଚୋରି ଅଭିଯୋଗରେ ୫ଗିରଫ

ପୁରୀଅଫିସ, ୨୦।୭

ମୋବାଇଲ ଚୋରି ଅଭିଯୋଗରେ ପୁରୀ ପୋଲିସ ଶନିବାର ୫ଜଣଙ୍କୁ ଗିରଫ କରିଛି। ବେଳାଭୂମିରେ ପର୍ଯ୍ୟଟକଙ୍କ ଠାରୁ ମୋବାଇଲ ଚୋରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଦ୍ୱାରା ଗିରଫ ମାନେ ହେଲେ ପେଣ୍ଟକଟାର ଗଣେଶ ବେହେରା(୨୮) ଓ କଟକର କୁଞ୍ଜ ବେହେରା(୨୮)। ଗତ ୧୪ତାରିଖରେ ବେଳାଭୂମିରେ ଜଣେ ପର୍ଯ୍ୟଟକଙ୍କ ପ୍ୟାଣ୍ଟ ପକେଟରୁ ମୋବାଇଲ ଚୋରି କରି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ସେମାନଙ୍କ ଠାରୁ ମୋବାଇଲ ଜବତ କରିଛି। ଶୁକ୍ରବାର ରାତିରେ ବେଳାଭୂମି ସ୍ଥିତ ଏକ ହୋଟେଲ ପରିସରରୁ ଜଣେ ପର୍ଯ୍ୟଟକଙ୍କ ମୋବାଇଲ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗରେ ପୋଲିସ ତିଆଡି ସାହିର ଲକ୍ଷ୍ମୀଧର ମହାପାତ୍ର(୩୫)ଙ୍କୁ ଗିରଫ କରିଥିଲା। ସେହିପରି ରଥଯାତ୍ରା ସମୟରେ ପର୍ଯ୍ୟଟକଙ୍କଠାରୁ ମୋବାଇଲ ଚୋରି ଅଭିଯୋଗରେ ଦୁଇ ଜଣ ଗିରଫ୍ ହୋଇଛନ୍ତି। ଗିରଫ ଦ୍ୱୟ ହେଲେ ଶିବଚନ୍ଦ୍ର ସାଲୁଜା ଓ ତାଳଚେର ଗିରି।

### ୨ ନିଶା ବେପାରୀ ଗିରଫ

ପୁରୀଅଫିସ, ୨୦।୭

ନିଶା କାରବାର ଅଭିଯୋଗରେ କୁମ୍ଭାର ପଡ଼ା ପୋଲିସ ଶନିବାର ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଘୋଡାବଜାର ଅଞ୍ଚଳର ଲିପୁନ ମହାପାତ୍ର ଓ କୃପାସିନ୍ଧୁ ପ୍ରଧାନ। ଶୁକ୍ରବାର ବିଳମ୍ବିତ ରାତିରେ ଘୋଡାବଜାର ଅଞ୍ଚଳରେ ବେଆଇନ ଭାବେ କୋରେକ୍ସ, ମଦ ବିକ୍ରି କରୁଥିବା ନେଇ ପୋଲିସ ଦୁହିଁଙ୍କୁ ଧରିଥିଲା।



୪ ରୋଟାରୀ କ୍ଲବର ସଦସ୍ୟଙ୍କ ଗହଣରେ ସୌର ଲଣ୍ଠନ ପାଇଥିବା ହିତାଧିକାରୀ।

### ବାତ୍ୟା ପ୍ରପୀଡ଼ିତଙ୍କୁ ସୌର ଲଣ୍ଠନ ବଣ୍ଟନ

ପୁରୀ ଅଫିସ, ୨୦।୭

ରୋଟାରୀ ଜିଲା-୩୨୬୨ ଅନ୍ତର୍ଗତ ପୁରୀର ୪ଟି ରୋଟାରୀ କ୍ଲବ (ରୋଟାରୀ କ୍ଲବ, ଶ୍ରୀଜଗନ୍ନାଥ ଧାମ, ଶ୍ରୀକ୍ଷେତ୍ର ଓ ନୀଳାଚଳ) ପକ୍ଷରୁ ରବିବାର ସଦର ବ୍ଲକର ବାତ୍ୟା ପ୍ରପୀଡ଼ିତ ତଡ଼ାସ ରାମହଂସପୁର ଗାଁରେ ସୌର ଲଣ୍ଠନ ବଣ୍ଟନ କରାଯାଇଛି। ଏଥିରେ ରୋଟାରୀ ଜିଲା ଗଭର୍ଣ୍ଣର ରୋଟାରିଆନ ଦେବାଶିଷ ମିଶ୍ର, ଜିଲା ପ୍ରଶିକ୍ଷିକା ଜୟଶ୍ରୀ ମହାନ୍ତି, ରୋଟାରିଆନ ସମରେନ୍ଦ୍ର ପରିଜା, ଅପର୍ଣ୍ଣା ମିଶ୍ର, ପ୍ରଭୁଦତ୍ତ ସୁବୁଦ୍ଧି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ୪ କ୍ଲବ ସଭାପତି ପ୍ରଦୀପ ନାୟକ, ରବିନାରାୟଣ ମିଶ୍ର, ବିରଜା ଧଳ, ବିମଳ ପଟ୍ଟନାୟକଙ୍କ ସମେତ ସଦସ୍ୟ ମନୋଜ ତ୍ରିପାଠୀ, ଦେବରାଜ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

■ଗୋପ ବ୍ଲକରେ ଭତ୍ତା ଟଙ୍କା ସୁଧ ଲାଗିବା ଘଟଣା

### ୩ ଦିନ ମଧ୍ୟରେ ଟଙ୍କା ଫେରାଇବାକୁ ବିଡିଓଙ୍କ ନିର୍ଦ୍ଦେଶ

ଗୋପ,୨୦।୭(ଡି.ଏନ୍.ଏ.)

ଗୋପ ବ୍ଲକ୍‌ରେ ଭତ୍ତା ଟଙ୍କା ବଣ୍ଟନ ପରେ ବଳକା ଟଙ୍କାକୁ ସୁଧରେ ଲାଗିବା ଘଟଣାରେ ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଛି। ତେବେ ଶନିବାର ଗୋପ ବିଡିଓ ଦୀପ୍ତିରାଣୀ ଦାସ ଏକ ବୈଠକ କରି ବଳକା ଭତ୍ତା ଟଙ୍କା ନେଇଥିବା ବ୍ଲକ୍ କର୍ମଚାରୀମାନଙ୍କୁ ୩ଦିନ ମଧ୍ୟରେ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ଗୋପ ବ୍ଲକ୍‌ର କେତେକ ଭିଏଲ୍‌ଡବ୍ଲ୍ୟୁଙ୍କ ସହ ଅନ୍ୟ କର୍ମଚାରୀମାନେ ଭତ୍ତା ଟଙ୍କା ବଣ୍ଟନ ପରେ ବଳକା ଟଙ୍କା ନ ଫେରାଇ ତାକୁ ସୁଧ ଲଗାଇଥିବା ଘଟଣା ଜଣାପଡ଼ିଥିଲା। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଶୁକ୍ରବାର ପୁରୀ ଭିଜିଲାନ୍ସ ବିଭାଗ ପକ୍ଷରୁ ଏ ନେଇ ତଥ୍ୟ ମଗାଯାଇଥିଲା। ବ୍ଲକ୍ ପକ୍ଷରୁ ଭିଜିଲାନ୍ସ ବିଭାଗକୁ କେତେକ ତଥ୍ୟ ଦିଆଯାଇଥିବାବେଳେ ବାକି କେତେକ ତଥ୍ୟ ଲୁଚାଯାଇଥିବା ଜଣାପଡ଼ିଛି। ଅପରପକ୍ଷେ ପୂର୍ବରୁ ଏହି ବ୍ଲକ୍‌ରେ ଥିବା କେତେକ କର୍ମଚାରୀ ବଦଳି ହୋଇ ଅନ୍ୟ ବ୍ଲକ୍‌ରେ ଥିବାବେଳେ ସେମାନଙ୍କ ଉପରେ ମଧ ଲକ୍ଷ ଲକ୍ଷ ଟଙ୍କା ବଳକା ଭତ୍ତା ଟଙ୍କା ଥିବା ଜଣାପଡ଼ିଥିବାବେଳେ ସେମାନଙ୍କ ବିରୋଧରେ ମଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଜିଲାପାଳଙ୍କୁ ଚିଠି ଲେଖାଯିବ ବୋଲି କହିଛନ୍ତି।

■ପଟ୍ଟନାୟିକିଆ ଟ୍ରିପଲ ମର୍ଡର ଘଟଣା

### ଫେରାର ଅଭିଯୁକ୍ତଙ୍କ ପତ୍ତା ପାଉନି ପୋଲିସ

ପୁରୀଅଫିସ, ୨୦।୭

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ସତ୍ୟବାଦୀ ଥାନା ପଟ୍ଟନାୟିକିଆ ଛକରେ ଗତ ୧୪ତାରିଖରେ ଘଟିଥିଲା ଟ୍ରିପଲ ମର୍ଡର। ଦୁର୍ବୃତ୍ତମାନେ ସଦାନନ୍ଦପୁର ଗ୍ରାମର ଦୁଇ ଭାଇ ପୂର୍ଣ୍ଣ, କୃଷ୍ଣ ଓ ଦାଦା ପୁଅ ଭାଇ ପଞ୍ଚୁଆଙ୍କୁ ଗୋଡାଇ ହାଣି ହତ୍ୟା କରିଥିଲେ। ପ୍ରଶାନ୍ତ ବେହେରାଙ୍କ ଅଭିଯୋଗ କ୍ରମେ ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି। ଗିରଫ ଅଭିଯୁକ୍ତଙ୍କଠାରୁ ପୋଲିସ ବ୍ୟବହୃତ ମାରଣାସ୍ତ୍ର ଜବତ କରିଛି। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅନ୍ୟ ୭ ଜଣ ଫେରାର ଅଛନ୍ତି। ଅଭିଯୁକ୍ତମାନେ ବାହାର ରାଜ୍ୟକୁ ଚାଲିଯାଇଛନ୍ତି। ସେମାନଙ୍କୁ ଧରିବା ଲାଗି ଦୁଇଟି ଟିମ୍ ବାହାର ରାଜ୍ୟରେ ଡେରା ପକାଇଛି ବୋଲି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ଅନ୍ୟପଟେ ଫେରାର ଅଭିଯୁକ୍ତମାନେ ବାହର ରାଜ୍ୟ ନୁହଁ ନିକଟ ଜଙ୍ଗଲ ଅଥବା ସୁରକ୍ଷିତ ସ୍ଥାନରେ ଲୁଚିଛନ୍ତି। ପୋଲିସ କେବଳ ଅନ୍ଧାରରେ ବାଡି ବୁଲାଉଛି ବୋଲି ପରିବାର ଲୋକେ ଗଣମାଧ୍ୟମକୁ କହିଛନ୍ତି। ୨୦୧୮ ସେପ୍ଟେମ୍ବର ୧୧ତାରିଖରେ ସଦାନନ୍ଦପୁର ରେଳ ଲାଇନ କଡରୁ ସରପଞ୍ଚ ଅଜୟ ବେହେରାଙ୍କ କ୍ଷତବିକ୍ଷତ ମୃତଦେହ ମିଳିଥିଲା। ସେତେବେଳେ ଜିଆରପି ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଘଟଣା ସମ୍ବେଦନଶୀଳ ରହିଥିବାରୁ ପୁରୀ ଜିଆରପି ପୋଲିସ ଏହି କେସ୍‌କୁ ରି-ଓପନ କରିଛି। ଟ୍ରିପଲ ମର୍ଡର ମାମଲାରେ ସଂପୃକ୍ତଥିବା ଅଭିଯୁକ୍ତମାନେ ତାଙ୍କ ସ୍ୱାମୀଙ୍କୁ ମାରି ରେଳଧାରଣା ନିକଟରେ ଫୋପଡି ଦେଇଥିବା ନେଇ ମୃତ ଅଜୟଙ୍କ ସ୍ତ୍ରୀ ଦୀପା ବେହେରା ଅଭିଯୋଗ କରିଛନ୍ତି। ଅଜୟ ମୃତ୍ୟୁ ଘଟଣାରେ ଅଭିଯୁକ୍ତମାନଙ୍କ ହାତ ରହିଛି କି ସେନେଇ ସତ୍ୟବାଦୀ ପୋଲିସ ଖୋଳତାଡ ଆରମ୍ଭ କରିଛି।



କାକଟପୁର ନିକଟସ୍ଥ ମଙ୍ଗଳପୁର ଗ୍ରାମରେ ଜନସାଧାରଣଙ୍କ ଦ୍ୱାରା ଚାରାରୋପଣ କରାଯାଉଛି।

### ଦକ୍ଷିଣଚଣ୍ଡୀ ମନ୍ଦିର ସମ୍ମୁଖରେ ଆରମ୍ଭ ହେଲା ସ୍ମୃତି ବନ ପ୍ରକଳ୍ପ

କାକଟପୁର,୨୦।୭(ଡି.ଏନ୍.ଏ)

କାକଟପୁର ନିକଟସ୍ଥ ମଙ୍ଗଳପୁର ଗ୍ରାମର ଦକ୍ଷିଣ ଚଣ୍ଡୀଙ୍କ ମନ୍ଦିର ସମ୍ମୁଖରେ ଆରମ୍ଭ ହୋଇଛି ସ୍ମୃତି ବନ ପ୍ରକଳ୍ପ। ସୂଚନାଥାଉକି, ସାମୁଦ୍ରିକ ଝଡ ଫନୀ ଏହି ମନ୍ଦିର ପରିସର ଓ ସମ୍ମୁଖରେ ଥିବା ଘଞ୍ଚ ଜଙ୍ଗଲକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲା। ଏଠାରେ ପୁଣି ସବୁଜିମା ଫେରାଇ ଆଣିବା ପାଇଁ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଦେବାଶିଷ ଦୀକ୍ଷିତ ଆରମ୍ଭ କରିଛନ୍ତି ଏକ ନିଆରା ପ୍ରୟାସ। ଦେବାଶିଷଙ୍କ ଆହ୍ୱାନରେ ଶନିବାର ୪୨ଜଣ ବୃକ୍ଷପ୍ରେମୀ ଆମ୍ବ, ପଣସ, ଲିଚୁ, ଅମୃତଭଣ୍ଡା, ବେଲ, ଡାଳିମ୍ବ ପ୍ରଭୃତି ଚାରା ରୋପଣ କରିଛନ୍ତି। ଏହି ଫଳ ବଗିଚାର ନାମ ସ୍ମୃତି ବନ ପ୍ରକଳ୍ପ ରଖାଯାଇଛି। ଦୁଇ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ଯାତ୍ରୀ, ପର୍ଯ୍ୟଟକଙ୍କୁ ବିଭିନ୍ନ କିସମର ଫଳ ଯୋଗାଇବା ସହ ଗ୍ରୀଷ୍ମ ଋତୁରେ ଫଳ ଗଛର ଛାଇ ମିଳିପାରିବ। ଦେବାଶିଷଙ୍କ ଏହି କାର୍ଯ୍ୟକୁ ସମସ୍ତେ ଅନୁକରଣ ଆବଶ୍ୟକ ବୋଲି ସାମାଜିକ କର୍ମୀ ସମରେନ୍ଦ୍ର ଦୀକ୍ଷିତ କହିଛନ୍ତି। ପ୍ରତ୍ୟେକ ବୃକ୍ଷ ଚତୁଃପାର୍ଶ୍ୱରେ ମଣ୍ଡପ, ଦାତାଙ୍କ ନାମ ଓ କାହା ସ୍ମୃତିରେ ଏହି ଚାରା ରୋପଣ ହୋଇଛି ସମସ୍ତ ତଥ୍ୟ ରଖାଯାଇଥିବାରୁ ଦେବାଶିଷଙ୍କ ଏହି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

■ ପ୍ରତ୍ୟେକ ଘରୁ ବର୍ଜ୍ୟବସ୍ତୁ ସଂଗ୍ରହ କରିବ ପୌରସଂସ୍ଥା

# ପରିବା ଚୋପାରୁ ତିଆରି ହେବ କମ୍ପୋଷ୍ଟ ଖତ

**ପ୍ଲାଷ୍ଟିକ, କାଚ ବିକ୍ରି କରାଯିବ**

ପୁରୀ ଅଫିସ, ୨୦।୭

ଆଜିକାଲି ବିଭିନ୍ନ ସହରରୁ ପ୍ରତ୍ୟହ କୁଢ଼ କୁଢ଼ ଅଳିଆ ଆବର୍ଜନା ବାହାରୁଛି। ଏମିତି କି ବିଭିନ୍ନ ସ୍ଥାନରେ ଆବର୍ଜନାର ପାହାଡ଼ ମଧ ଦୃଷ୍ଟିଗୋଚର ହେଉଛି। କୌଣସି ସହରକୁ ଗଲେ ଆଗନ୍ତୁକମାନଙ୍କ ସ୍ୱାଗତ ଆବର୍ଜନାର ସ୍ତୂପ ଜରିଆରେ କରାଯିବା ପରି ବି ମନେହୁଏ। ଇତସ୍ତତଃ ଭାବେ ପଡି ରହିଥିବା ଆବର୍ଜନା ପରିମାଣ ଦିନକୁ ଦିନ ବୃଦ୍ଧି ପାଉଛି ସିନା କମିବାର ନାଁ ଧରୁନି। ପରିଣାମ ସ୍ୱରୂପ ପ୍ରାୟ ସବୁ ସହରରେ କୁଢ କୁଢ ଅଳିଆ ଆବର୍ଜନା ମଣିଷ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱର ସମସ୍ୟା ପାଲଟିବାରେ ଲାଗିଛି। ଏହି ଆବର୍ଜନାକୁ କିପରି ସରଳ ଉପାୟରେ ନଷ୍ଟ କରାଯିବ ସେ ନେଇ ବିଭିନ୍ନ ପ୍ରକାର ଉଦ୍ୟମ କରାଯାଉଛି। ପୁରୀ ସହରରୁ ମଧ ପ୍ରତ୍ୟହ ବାହାରୁଥିବା କଠିନ ବର୍ଜ୍ୟବସ୍ତୁର ପରିଚାଳନା ଲାଗି ଉଦ୍ୟମ ଆରମ୍ଭ କରିଛି ଜିଲା ପ୍ରଶାସନ। ପୌରସଂସ୍ଥା ଅଧୀନ ପ୍ରତ୍ୟେକ ଘରୁ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ଏହାର ସୁପରିଚାଳନା କରାଯିବ। ଶୁକ୍ରବାର ପୌରସଂସ୍ଥା ସମ୍ମେଳନ କକ୍ଷରେ ଅନୁଷ୍ଠିତ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଘର ଘର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ କରାଯିବ। ଏହି ବର୍ଜ୍ୟବସ୍ତୁ ମଧ୍ୟରୁ ପ୍ଲାଷ୍ଟିକ, କାଚ, ପଲିଥିନ ଇତ୍ୟାଦିକୁ ବିକ୍ରି କରାଯିବ ଏବଂ ପରିବା ଚୋପାରୁ କମ୍ପୋଷ୍ଟ ତିଆରି କରାଯିବାକୁ ଯୋଜନା କରାଯାଉଛି।

ପର୍ଯ୍ୟଟନ ସହର ପୁରୀ। ଏଠାକୁ ପ୍ରତ୍ୟହ ଦେଶ ବିଦେଶରୁ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ଆସୁଛନ୍ତି। ତେଣୁ ସହରକୁ ସ୍ୱଚ୍ଛ ରଖିବାକୁ ହେବ। ରାସ୍ତାଘାଟ, ଡ୍ରେନ ଆଦି ସଫା ରହିଲେ ପୁରୀ ପ୍ରତି ପର୍ଯ୍ୟଟକଙ୍କ ଆକର୍ଷଣ ଆହୁରି ବଢ଼ିବ। ଏହାକୁ ଉପଲବ୍ଧି କରି ସ୍ୱଚ୍ଛତା କ୍ଷେତ୍ରରେ ଆଉ ପାଦେ ଆଗକୁ ବଢିଛି ଜିଲା ପ୍ରଶାସନ। ଏ ସମ୍ପର୍କରେ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି, ବର୍ତ୍ତମାନ ପୌରସଂସ୍ଥା ଅଧୀନ ବିଭିନ୍ନ ୱାର୍ଡରୁ ଦୈନିକ ୧୧୦ ଟନ୍ କଠିନ ବର୍ଜ୍ୟବସ୍ତୁ ବାହାରୁଛି। ଲୋକ ଘର ସମ୍ମୁଖରେ ଅଳିଆ ଆବର୍ଜନା ଜମା କରୁଥିବାରୁ ଅନେକ ସମୟରେ ଏହା ଡ୍ରେନ୍‌ରେ ମଧ ପଡୁଛି। ଫଳରେ ପଲିଥିନ, ପ୍ଲାଷ୍ଟିକ ଜରି ଡ୍ରେନ୍‌କୁ ଚୋକ୍ କରୁଛି, ଯାହାଦ୍ୱାରା ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଏତଦ୍‌ବ୍ୟତୀତ ବାହାରେ ଅଳିଆ ଆବର୍ଜନା ଗଦା କରିବା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଥିବା ବେଳେ ବିଭିନ୍ନ ସମୟରେ ଉଡ଼ି ଏଣେତେଣେ ମଧ ପଡୁଛି। ତେଣୁ ଏ ସବୁର ସମାଧାନ ଲାଗି ଯୋଜନା ହେଉଛି। ପ୍ରଥମେ ପ୍ରତ୍ୟେକ ପରିବାରଙ୍କୁ ସଚେତନ କରାଯିବ। ସେମାନଙ୍କ ଘରୁ ବାହାରୁଥିବା କଠିନ ବର୍ଜ୍ୟବସ୍ତୁକୁ ୨ ଭାଗରେ ଅର୍ଥାତ୍ ପଲିଥିନ, ପ୍ଲାଷ୍ଟିକ ବୋତଲ, କାଚ ଇତ୍ୟାଦିକୁ ଗୋଟିଏ ଜାଗାରେ ଏବଂ ପରିବା ଚୋପା, ଛିଣ୍ଡା କାଗଜପତ୍ରକୁ ଅନ୍ୟ ଏକ ଜାଗାରେ ରଖିବେ। ପୌରସଂସ୍ଥା ପକ୍ଷରୁ ବିଭିନ୍ନ ୱାର୍ଡରେ ଗାଡି ବୁଲିବ। ପ୍ରତ୍ୟେକ ଗାଡିରେ ଦୁଇଟି କ୍ୟାବିନ ରଖାଯିବ। ଗୋଟିଏରେ ଲୋକେ ପଲିଥିନ, ପ୍ଲାଷ୍ଟିକ ବୋତଲ, କାଚ ଇତ୍ୟାଦି ପକାଇବେ ଏବଂ ଅନ୍ୟଟିରେ ପରିବା ଚୋପା, ଛିଣ୍ଡା କାଗଜପତ୍ରକୁ ପକାଇବେ। ପ୍ଲାଷ୍ଟିକ, କାଚକୁ ବିକ୍ରି କରାଯିବ ଏବଂ ପରିବା ଚୋପା, ଛିଣ୍ଡା କାଗଜପତ୍ରକୁ କମ୍ପୋଷ୍ଟ କରାଯାଇ ଖତ ତିଆରି ହେବ। ଏହି ଖତକୁ ଲୋକେ କିଣି ନେଇପାରିବେ। ତେବେ ଏଥିପାଇଁ ବିଭିନ୍ନ ୱାର୍ଡରେ କମ୍ପୋଷ୍ଟ ପ୍ଲାଣ୍ଟ ତିଆରି ହେବ। ୫୦୦ରୁ ୧୦୦୦ ଘର ପାଇଁ ଗୋଟିଏ କମ୍ପୋଷ୍ଟ ପ୍ଲାଣ୍ଟ ତିଆରି କରାଯିବାକୁ ଯୋଜନା କରାଯାଉଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି।

ତେବେ ଆସନ୍ତା ଅଗଷ୍ଟ ୨୦ ତାରିଖ ସୁଦ୍ଧା ପରୀକ୍ଷାମୂଳକ ଭାବେ ଗୋଟିଏ କମ୍ପୋଷ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏଥିରୁ କିପରି ଖତ ହେଉଛି ଏବଂ ଲୋକମାନଙ୍କ ଏହି ଯୋଜନା ପ୍ରତି କେତେ ଆଗ୍ରହ ରହିଛି ତାହା ଦେଖାଯିବ। ସେପ୍ଟେମ୍ବର ସୁଦ୍ଧା ଏହି ଯୋଜନାକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଯିବା ଲାଗି ବୈଠକରେ ଆଲୋଚନା କରାଯାଇଛି। ଏହା କାର୍ଯ୍ୟକାରୀ ହେଲେ ଲୋକେ ମଧ ଧୀରେ ଧୀରେ ଅଳିଆ ଆବର୍ଜନା ଏଣେତେଣେ ପକାଇବାରୁ ନିବୃତ୍ତ ରହିବେ। ପୌରସଂସ୍ଥା ଗାଡିରେ ଆବର୍ଜନା ଦେବା ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଯିବ। ଏହାଦ୍ୱାରା ସହର ସ୍ୱଚ୍ଛ ରହିବ। ଡ୍ରେନ୍‌ଗୁଡ଼ିକରେ ଲୋକେ ଅଳିଆ ଆବର୍ଜନା ପକାଇବେ ନାହିଁ। ତେବେ ଜିଲା ପ୍ରଶାସନର ସ୍ୱଚ୍ଛତା କ୍ଷେତ୍ରରେ ଏହି ଯୋଜନା କେତେଦୂର ଫଳପ୍ରଦ ହେଉଛି ତାହା ଦେଖିବାକୁ ରହିଲା।